# ଏହି ମନ୍ଦ ଯୁଗର ଈଶ୍ୱର

[ଭାଇ ଓର୍ମାନ୍ ନେଭିଲ କୁହନ୍ତି:]

[ଏହି ରିପୋର୍ଟଟି, ଶୁକ୍ରବାର ରାତି ହୋଇଥିବା ଆରାଧନାଳୟର ଦୀକନ ଏବଂ ଟ୍ରଷ୍ଟି ବୋର୍ଡର ମିଳିତ ବୈଠକ ପରେ, ଆମେ ଏହି ପ୍ରସ୍ତାବଗୁଡିକ ପାଠ କରୁଅଛୁ ଯାହାକି ପ୍ରତ୍ୟେକ ପୁରୁଷ, ପ୍ରତ୍ୟେକ ସ୍ତ୍ରୀଲୋକଙ୍କ ସହିତ ସମ୍ବନ୍ଧିତ ହେବ, ଯିଏକି ଏହି ସେବାକାର୍ଯ୍ୟର ଏକ ଅନୁମୋଦିତ ଅନୁକାରୀ ଅଟନ୍ତି, ବୋର୍ଡ, ପାଳକ ଏବଂ ସହଯୋଗୀ ପାଳକଙ୍କର ମନ୍ତବ୍ୟ ଜାଣିବାକୁ ଇଚ୍ଛା କରନ୍ତି । ମୁଁ ଆଜି ସକାଳେ ଏହି ପ୍ରସ୍ତାବଗୁଡିକୁ ପାଠ କରେ । ସମସ୍ତେ ଏହା ପ୍ରତି ଯଥାସମ୍ଭବ ଧ୍ୟାନ ଦିଅନ୍ତୁ ଏବଂ ମନୋଯୋଗ କରନ୍ତୁ ।]

**[ଏହି ପ୍ରସ୍ତାବଗୁଡିକ ଟ୍ରଷ୍ଟି ବୋର୍ଡଙ୍କ ଦ୍ୱାରା ନିଆଯାଇଥିଲା ଏବଂ ପାରିତ କରାଯାଇଥିଲା, ପୁଣି ପାଳକ ଏବଂ ସହକାରୀ ପାଳକଙ୍କ ସହିତ ଦୀକନମାନଙ୍କର ସମ୍ପୂର୍ଣ୍ଣ ସହମତିରେ ନିଆଯାଇଥିଲା ।]**

[ରେଭ. ୱିଲିୟମ୍ ବ୍ରାନ୍‌ହାମ୍‌ଙ୍କର ସମସ୍ତ ଟେପ୍‌ଗୁଡିକ ଫ୍ରେଡ୍ ସୋଥମ୍ୟାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯିବାକୁ ଅଛି, ଯେପର୍ଯ୍ୟନ୍ତକି ଆଉ ଆଗକୁ ବୋର୍ଡ ଦ୍ୱାରା କୌଣସି ସୂଚନା ନ ଦିଆଯାଏ । ଆମେ ଏହି ସମୟରେ କୌଣସି ମାଗଣା ଟେପ୍ ସେବାକାର୍ଯ୍ୟକୁ ଅନୁମୋଦନ କରୁ ନାହୁଁ । ଏହି ଟେପ୍‌ଗୁଡ଼ିକ ଅଧିକୃତ ଅଟେ, ଏବଂ ଫ୍ରେଡ୍ ସୋଥମ୍ୟାନ୍‌ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ତାଙ୍କର ଲିଖିତ ଅନୁମତି ବିନା ପୁନଃପ୍ରକାଶିତ କରାଯାଇପାରେ ନାହିଁ ।]

[ଦୁଇ ନମ୍ବର । କୌଣସି ବ୍ୟକ୍ତି ଯିଏକି ସଭା ଆୟୋଜନ କରନ୍ତି, ବହି କିମ୍ବା ଟେପ୍ ବିକ୍ରୟ କରନ୍ତି, ଟ୍ରାକ୍ଟ ପୁସ୍ତିକା ଲେଖନ୍ତି, ପ୍ରାର୍ଥନା କପଡା କିମ୍ବା କୌଣସି ପ୍ରକାରର କାର୍ଡ ବିତରଣ କରନ୍ତି, କିଅବା କୌଣସି ଉପହାର ମାଗନ୍ତି, ତାହା ଏହି ମଣ୍ଡଳୀ କିମ୍ବା ଏହାର ପାଳକଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନୁହେଁ । ସେମାନେ ଏହାକୁ ମିଥ୍ୟା ବାହାନାରେ କରୁଛନ୍ତି, ଏବଂ ଏପରି କରିବା ପାଇଁ ସେମାନଙ୍କୁ ଅଧିକାର ଦିଆଯାଇ ନାହିଁ ।]

[ତିନି । ଏହି ମଣ୍ଡଳୀ ଏହାର ପାଳକ, ରେଭ. ୱିଲିୟମ୍ ବ୍ରାନ୍‌ହାମ୍‌ଙ୍କ ବ୍ୟତୀତ ଅନ୍ୟ କୌଣସି ସେବକଙ୍କୁ ଅନ୍ୟତ୍ର ସେବା କରିବା ପାଇଁ, ପ୍ରେରଣ କରେ ନାହିଁ ।]

[ଏହି ପ୍ରସ୍ତାବଗୁଡ଼ିକୁ ଆଣିବାର କାରଣଗୁଡ଼ିକ ନିମ୍ନଲିଖିତ ଅଟେ:]

[ଏହା ଆମର ଧ୍ୟାନକୁ ଅଣାଯାଇଅଛି ଯେ ସେବକମାନେ ଦେଶ ପାର କରି ଅନ୍ୟ ସହଭାଗୀତା ମଧ୍ୟକୁ ପ୍ରବେଶ କରୁଛନ୍ତି, ଏହା କହି ଯେ ସେମାନେ ଏହି ମଣ୍ଡଳୀ ସହିତ ଜଡିତ ଅଟନ୍ତି, ଏବଂ ଏହି ସଭାଗୁଡ଼ିକୁ କରିବା ପାଇଁ ଏହି ମଣ୍ଡଳୀ ଦ୍ୱାରା ପଠା ଯାଇଅଛନ୍ତି ।]

[ଏହା ମଧ୍ୟ ଆମର ଧ୍ୟାନକୁ ଅଣାଯାଇଛି ଯେ ଲୋକମାନେ କାର୍ଡ ଏବଂ ଟ୍ରାକ୍ଟ ଛପାଉଛନ୍ତି, ପ୍ରାର୍ଥନା କପଡାମାନ ପଠାଉଛନ୍ତି ଏବଂ ଇତ୍ୟାଦି କରୁଛନ୍ତି। ସତେ ଯେପରି ସେମାନେ ଏହି ମଣ୍ଡଳୀ ଏବଂ ଏହାର ପାଳକଙ୍କ ଦ୍ୱାରା ତାହା କରିବା ପାଇଁ ଅନୁମତିପ୍ରାପ୍ତ ହୋଇଛନ୍ତି, ଯାହାକି ସତ୍ୟ ନୁହେଁ। ଯଦି ଆପଣ ଏହା କରୁଥିବା କୌଣସି ବ୍ୟକ୍ତିଙ୍କ ବିଷୟରେ ମଣ୍ଡଳୀକୁ ଜଣାଇବେ ତେବେ ଏହା ପ୍ରଶଂସାର ବିଷୟ ହେବ।]

[ଏହି ପ୍ରସ୍ତାବଗୁଡିକ ପାଳକ, ରେଭ. ୱିଲିୟମ୍ ବ୍ରାନହାମ୍‌ଙ୍କ ଦ୍ୱାରା, ସହଯୋଗୀ ପାଳକ ରେଭ. ଓର୍ମାନ ନେୱିଲ, ଏବଂ ଟ୍ରଷ୍ଟି ଏବଂ ଡିକନ୍ ବୋର୍ଡଙ୍କ ଦ୍ୱାରା ପାଠ କରାଯାଇଅଛି ଏବଂ ଅନୁମୋଦିତ ହୋଇଅଛି।]

["ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।"—ସମ୍ପା।]

[ସନ୍ଧ୍ୟାକାଳୀନ ସେବା, 65-0801E ରେ, ଭାଇ ବ୍ରାନହାମ୍ କୁହନ୍ତି ଯେ କିପରି ମଣ୍ଡଳୀ ବୋର୍ଡ ଏହି ନିଷ୍ପତ୍ତିଗୁଡିକ ନେଇଥିଲା। ଟେପ୍‌ରେ ରିକ୍ତ ସ୍ଥାନ।]

…ବିଷୟ ସମ୍ଭବ, କେବଳ ବିଶ୍ୱାସ କର;
କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,
ସମସ୍ତ ବିଷୟ ସମ୍ଭବ, କେବଳ…

ଆସନ୍ତୁ ଆମର ମସ୍ତକଗୁଡିକୁ ନତ କରିବା।

ପ୍ରିୟ ସ୍ୱର୍ଗସ୍ଥ ପିତା, ଆମେ ଆଜି ସକାଳରେ କୃତଜ୍ଞ ଅଟୁ ଯେ ଆମେ ବିଶ୍ୱାସ କରିପାରୁଛୁ। ଏହା ତୁମର ପୁତ୍ର, ଯୀଶୁଙ୍କ, ପାତିତ ରକ୍ତ ଦ୍ୱାରା ସମ୍ଭବ ହୋଇପାରିଛି ଯେ ଆମେ ତାହାଙ୍କ ଅନୁଗ୍ରହର ଅଂଶୀଦାର ହେବା; ଏବଂ କ୍ରୁଶର ମୃତ୍ୟୁ ପ୍ରତି ଆଜ୍ଞାବହ ହେବା ଦ୍ୱାରା, ପରମେଶ୍ୱରଙ୍କ ପୁତ୍ର ଓ ପୁତ୍ରୀ ହୋଇପାରିବା, ତାହାଙ୍କ ଉପରେ ଏବଂ ତାହାଙ୍କ ପୁନରୁତ୍ଥାନ ଉପରେ ବିଶ୍ୱାସ କରି ଧାର୍ମିକ ହୋଇପାରିବା, ଆଉ ବର୍ତ୍ତମାନ ପବିତ୍ରଆତ୍ମା ଆମମାନଙ୍କ ହୃଦୟରେ ବିସ୍ତାରିତ ହୋଇଅଛନ୍ତି।

2 ଆମେ ଏହି ସୁଯୋଗ ପାଇଁ କୃତଜ୍ଞ ଅଟୁ ଯେ ଆମେ ଏହି ସକାଳରେ ଆମର ବିଚାରଧାରାଗୁଡିକୁ ଏବଂ ଆମର ପ୍ରଶଂସାଗୁଡିକୁ, ଗୀତର ଅଭିବ୍ୟକ୍ତି ଦ୍ୱାରା, ସାକ୍ଷ୍ୟଗୁଡିକ ଦ୍ୱାରା, ଗୀତସଂହିତା ପାଠ କରିବା ଦ୍ୱାରା, ତୁମର ବାକ୍ୟ ପାଠ କରିବା ଦ୍ୱାରା ବାଣ୍ଟିବା ହେତୁ ଆସିଅଛୁ, ଏବଂ ଏହି ସମୟ ପାଇଁ ନିଯୁକ୍ତ ବାର୍ତ୍ତାକୁ ଆମଠାରେ ପ୍ରଦାନ କରିବା ପାଇଁ ପବିତ୍ରଆତ୍ମା ଉପରେ ସମ୍ପୂର୍ଣ୍ଣ ଅପେକ୍ଷା କରି ରହିଅଛୁ। ହେ ପ୍ରଭୁ, ଏହା ପ୍ରଦାନ କର। ଆଜି ଆମେ ଏଠାରେ ରହିବା ଦ୍ୱାରା ଲାଭବାନ ହେଉ। ଆଉ ଯେତେବେଳେ ଆମେ ଭବନକୁ ଛାଡୁ, ଏପରି ହେଉ ଯେ ଇମ୍ମାୟୁରୁ ଆସୁଥିବା ଲୋକମାନଙ୍କ ପରି ଆମେ କହୁ, "ଆଜି ସକାଳେ ସେ ଆମ ସହିତ କଥାବାର୍ତ୍ତା କଲାବେଳେ କଅଣ ଆମର ହୃଦୟଗୁଡିକ ଉତ୍ତପ୍ତ ହୋଇ ନ ଥିଲା

କି?" ଅନନ୍ତଜୀବୀ ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହିସବୁ ବିଷୟ ପ୍ରଦାନ କର। ଆମେନ୍।

ବସି ଯାଆନ୍ତୁ।

3 ବନ୍ଧୁଗଣ, ଆପଣମାନଙ୍କୁ ଶୁଭ ସକାଳ, ଏଠାରେ, ଆରାଧନାଳୟରେ ଏବଂ ସମଗ୍ର ଦେଶରେ ଥିବା ଆମର ବନ୍ଧୁମାନେ, ଆଜି ସକାଳେ, ଟେଲିଫୋନ୍ ସଂଯୋଗରେ ରହିଥିବା ପଶ୍ଚିମ ତଟରୁ ନେଇ, ପୂର୍ବ ତଟ ପର୍ଯ୍ୟନ୍ତ, ଏବଂ ଉତ୍ତର ଓ ଦକ୍ଷିଣ ସମସ୍ତେ।

4 ଏଠାରେ ଇଣ୍ଡିୟାନାରେ ଏହା ଏକ ସୁନ୍ଦର ଦିନ, ଅଳ୍ପ ଟିକିଏ, ସାମାନ୍ୟ ମେଘୁଆ, ଥଣ୍ଡା, ବହୁତ ଭଲ ଅଟେ। ଆରାଧନାଳୟଟି ଜନ ଗହଳିରେ ପୂର୍ଣ୍ଣ ଅଟେ, ପ୍ରାଙ୍ଗଣରେ ଏବଂ କାନ୍ଥ ଚାରିଆଡେ ଲୋକମାନେ ରହିଛନ୍ତି। ଆମେ ପ୍ରଭୁଙ୍କଠାରୁ ଅତ୍ୟଧିକ ଆଶାରେ ଅଛୁ ଯେ ସେ ଆଜି ଆମକୁ ସାକ୍ଷାତ କରିବେ। ଏବଂ ଆମେ ଆଶା କରୁଛୁ ଯେ ପରମେଶ୍ୱର ଆପଣଙ୍କୁ ଏକ ଅତି ସୁନ୍ଦର ଦିନ ଦେଇଛନ୍ତି ଆପଣ ଯେଉଁଠାରେ ବି ଅଛନ୍ତି। ଆଉ ଏହା ଏକ ଭଲ ଦିନ ଅଟେ, କାରଣ ପ୍ରଭୁ ଏହାକୁ ଦେଇଛନ୍ତି। ଏଥିରେ କିଛି ଯାଏ ଆସେ ନାହିଁ ଯେ ପାଗ କେମିତି ଅଟେ, ଏହା ଏକ ଭଲ ଦିନ ଅଟେ। ଆମେ ଏଠାରେ ରହିଥିବାରୁ ଖୁସି ଅଟୁ, ତଥାପି ଏଇଥି ପାଇଁ ଖୁସି ଯେ ଆମ ପାଖରେ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଥିବା ଆମର ବିଶ୍ୱାସକୁ ଅଭିବ୍ୟକ୍ତି କରିବାର ଏକ ସୁଯୋଗ ଅଛି। ଆଉ ଆମେ ତାହାଙ୍କର ପ୍ରେମ ଏବଂ ସେ ଆମ ପାଇଁ କରିଥିବା ବିଷୟର ଅଭିବ୍ୟକ୍ତିକୁ ପ୍ରଦାନ କରିବା ହେତୁ ସେହି ପ୍ରତ୍ୟେକ ସୁଯୋଗ ଯାହା ଆମେ ନେଇପାରୁ ନେବାକୁ ଚାହୁଁ। ଆଜି ଆମେ…

5 ଅଳ୍ପ କିଛି ସମୟ ପୂର୍ବରୁ, ମୋତେ ଏକ—ଏକ ଘୋଷଣା କରିବାକୁ ଦିଆଯାଇଥିଲା, ଆଉ ତାହାପରେ ମୋ ପାଖରେ ଏଠାରେ କେତେକ ବିଷୟଗୁଡିକ ଅଛି ଯାହା ମୁଁ କହିବାକୁ ଚାହେଁ। ଏବଂ ସେଥି ମଧ୍ୟରୁ ଗୋଟିଏ ହେଉଛି, ମୋତେ ଦିଆଯାଇଥିବା ସେହି ଘୋଷଣାଟି ଏକ ବୋର୍ଡ ବୈଠକ ସମ୍ବନ୍ଧରେ ଥିଲା ଯାହାକି ଅନ୍ୟ ରାତିରେ ହୋଇଥିଲା। ଏବଂ ମଣ୍ଡଳୀରୁ ଜଣେ ଦୀକନ ଅଛନ୍ତି ଯିଏକି ଏରିଜୋନାରେ ବାସିନ୍ଦା ଗ୍ରହଣ କଲେ, ଯାହାକି ଆମ ପ୍ରିୟ ଭାଇ, ଭାଇ କଲିନ୍ସ ଅଟନ୍ତି। ଏବଂ ଯେତେବେଳେ ସେ ଦୂରରେ ଥାଆନ୍ତି, ସେମାନେ, ବୋର୍ଡ, ସେ ନ ଥିବା ବେଳେ ଭାଇ ଚାର୍ଲି କକ୍ସଙ୍କୁ ତାଙ୍କର ସ୍ଥାନ ନେବା ପାଇଁ ନିଯୁକ୍ତ କରିଛନ୍ତି। ଏବଂ ଭାଇ ଚାର୍ଲି କକ୍ସ ଏହି ମଣ୍ଡଳୀର ଟ୍ରଷ୍ଟି ଦ୍ୱାରା…କିମ୍ବା ଦୀକନ୍ ବୋର୍ଡ ଦ୍ୱାରା ଆଧିକାରିକ ଭାବେ ନିଯୁକ୍ତ ହୋଇଛନ୍ତି, ଯେ ସେ ଭାଇ କଲିନ୍ସଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟକୁ ଗ୍ରହଣ କରିବେ।

6 ଏବଂ ଗୋଟିଏ ବିଷୟ ଯାହା ମୁଁ କହିବାକୁ ଚାହେଁ, ପୁନର୍ବାର, ମୁଁ ଆପଣ ସମସ୍ତ ଲୋକମାନଙ୍କୁ ଧନ୍ୟବାଦ ଦେବାକୁ ଚାହେଁ, ସେହି ସୁନ୍ଦର ଛୋଟ ଉପହାର, ଟୋକନ୍‌ଗୁଡିକ ପାଇଁ,'କାରଣ ଆପଣମାନଙ୍କ ମଧ୍ୟରୁ କେତେକେ ଆଜି ରାତିରେ ସୁସ୍ଥୀକରଣ ସେବା ପୂର୍ବରୁ ହିଁ ଘରକୁ ଚାଲିଯିବେ। ଆମେ ଏଠାରେ ରହିବା ପରଠାରୁ ଆମ ପାଖକୁ ଅନେକ ଖାଦ୍ୟ ପଦାର୍ଥ ଅଣାଯାଇଅଛି। ଏବଂ ମୋ'ର ପତ୍ନୀ ଓ ମୁଁ, ପୁଣି ମୋ' ପରିବାର ତରଫରୁ, ଆମେ ନିଶ୍ଚିତ

ଭାବରେ ଏହାକୁ ପ୍ରଶଂସା କରୁ। ବେଳେବେଳେ ମୁଁ ଏହି ବିଷୟରେ କିଛି କହିବାକୁ ମଧ୍ୟ ଭୁଲିଯାଏ। ଏହା ଅତ୍ୟନ୍ତ ବ୍ୟସ୍ତ ଅଟେ, ଆପଣ ଜାଣନ୍ତି। ମୋ' ମନ ସବୁବେଳେ ଏପରି ଘୂରି ରହୁଥାଏ। ଆପଣ କଳ୍ପନା କରିପାରନ୍ତି ଯେ ଏହା କ'ଣ ଅଟେ, ଲୋକମାନଙ୍କ ବିଷୟରେ, କେବଳ ଠିକ ଏଠାରୁ ଏହି ମଣ୍ଡଳୀରୁ ନୁହେଁ, ବରଂ ସମଗ୍ର ବିଶ୍ୱରୁ। ବୁଝିଲେ? ଏବଂ ଏହା ମୋତେ ସବୁବେଳେ ଏକ ପ୍ରକାର ଘୂର୍ଣ୍ଣୟନରେ ରଖିଥାଏ।

7 କେହି ଜଣେ ଶିଶୁମାନଙ୍କର ଉତ୍ସର୍ଗୀକରଣ, ଏବଂ ବାପ୍ତିସ୍ମ ସେବାମାନ, ଇତ୍ୟାଦି ବିଷୟରେ କହୁଥିଲେ। ତାହା ବହୁତ ଉତ୍ତମ ଅଟେ। ମୋ'ର ଇଚ୍ଛା ଯେ ମୁଁ ଏହା କରିପାରେ, କିନ୍ତୁ ଏଥିରେ ଏତେ ଜଟିଳତା ଅଛି, ମୋ—ମୋ ପାଖରେ କ୍ୱଚିତ୍ ହିଁ ସମୟ ରହିଥାଏ। ମୋତେ ମୋ'ର ମନକୁ ଠିକ୍ ଏହି, ଏହି ବାର୍ତ୍ତା ଉପରେ ରଖିବାକୁ ଅଛି। ଆପଣ ଜାଣନ୍ତି ଯେ ବାଇବଲ ପ୍ରେରିତମାନଙ୍କୁ କୁହେ, କିମ୍ବା...ପ୍ରେରିତମାନେ, ବରଂ, ବାଇବଲରେ, କହିଥିଲେ, "ଯାଅ, ନିଜ ମଧ୍ୟରେ, ଏପରି ପୁରୁଷମାନଙ୍କୁ ବାଛ, ଯେଉଁମାନେକି ଉତ୍ତମ ଖ୍ୟାତିସମ୍ପନ୍ନ, ଏବଂ ସଚ୍ଚୋଟ ଓ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି, ଯେପରିକି ସେମାନେ ସମସ୍ତ କାର୍ଯ୍ୟରେ ଯୋଗଦାନ ଦିଅନ୍ତି।" ଆଉ ମୁଁ ବିଲିକୁ କହିଲି...

ସେ କହିଲା, "ବାପା, ଆପଣ ଏଥର ଶିଶୁ ଉତ୍ସର୍ଗ କରିବାକୁ ଯାଉଛନ୍ତି?"

ମୁଁ କହିଲି, "ଓଃ, ମୋ'ର ପ୍ରଭୁ!" ବୁଝିଲେ? ଯଦି...ଆମ ପାଖରେ ସେମାନଙ୍କ ମଧ୍ୟରୁ ଅନେକେ ଉତ୍ସର୍ଗୀକୃତ ହେବା ଅପେକ୍ଷାରେ ଅଛନ୍ତି, ଏବଂ ତାହା ଠିକ୍ ଅଟେ, ମୋତେ କେବଳ ଫେରି ଆସି ଶିଶୁମାନଙ୍କ ଉତ୍ସର୍ଗ ନିମନ୍ତେ ଏକ ବିଶେଷ ଦିନ ନେବାକୁ ହେବ। ତେଣୁ ମୁଁ ବର୍ତ୍ତମାନ, ତାହା କରିବାକୁ ଚାହିଁବି।

8 ମାତ୍ର ଆମେ ପ୍ରତ୍ୟେକଙ୍କୁ ଆମର ହୃଦୟରୁ ଧନ୍ୟବାଦ ଦେବାକୁ ଚାହୁଁଛୁ; ପତ୍ନୀ, ମୁଁ, ଏବଂ ଆମର ପରିବାର। ଲୋକମାନେ ଆମକୁ ଡବା ବନ୍ଦ ସାମଗ୍ରୀ, ତାଜା ବଟରବିନ୍, ତରଭୁଜ, କଣ୍ଟାଲୁପ୍ ଫଳ, ଓଃ, ଷ୍ଟ୍ରବେରି ଆଣି ଦେଇଥା'ନ୍ତି। ଯେକୌଣସି ବିଷୟ କେବଳ ଚିନ୍ତା କରାଯାଇପାରେ, ସେମାନେ ତାହା ଆଣି ଦେଇଥା'ନ୍ତି।

9 ଅନ୍ୟ ଏକ ଦିନ, ଜଣେ ମୂଲ୍ୟବାନ ଭାଇ ଏବଂ ତାଙ୍କ ଭଉଣୀ, ଆମକୁ ଏକ ବଡ ଟର୍କୀ କୁକୁଡା ଆଣି ଦେଇଥିଲେ। ମୁଁ ଏବେବି ତାହା ଖାଉଅଛି। ଏବଂ ତେଣୁ କେବଳ...ଓଃ, ଆଉ ମୋତେ ଯିବା ପୂର୍ବରୁ ଏହାକୁ ସଫା କରିବାକୁ ପଡିବ, ମୁଁ ଅନୁମାନ କରେ। ତେବେ ଯଦି ମୁଁ ତାହା କରେ ନାହିଁ, ସେ ଏହାକୁ ଆମ ସହିତରେ ନେଇଯିବେ। ଆଉ ତେଣୁ—ତେଣୁ ଆମେ କରିବୁ...ଆମେ ନିଶ୍ଚିତ ଭାବରେ ଏହି ବିଷୟଗୁଡ଼ିକ ପାଇଁ ପ୍ରଶଂସା କରୁ। ମୁଁ ଅନେକ ଲୋକମାନଙ୍କୁ ଜାଣେ; ସେମାନଙ୍କ ମଧ୍ୟରୁ କେତେକଙ୍କୁ ମୁଁ ଜାଣେ ନାହିଁ। ଆମେ ଭିତରକୁ ଆସିବାବେଳେ ସେମାନେ ବାରଣ୍ଡାରେ ଶୋଇ ରହିଥିବେ। ଆଉ ତେଣୁକରି ମୁଁ ନିଶ୍ଚିତ ଭାବେ ଏହାକୁ ପ୍ରଶଂସା କରେ।

ଏବଂ ଅନେକଙ୍କୁ ମୁଁ ଜାଣେ। ମୁଁ ପାଇଛି...ମୁଁ ଅନେକଙ୍କୁ ଦେଖିଛି, ଆଉ ଏପରି ଅନେକେ ଅଛନ୍ତି ଯାହାଙ୍କୁ ମୁଁ ଦେଖିବାକୁ ପାଏ ନାହିଁ। ମୁଁ—ମୁଁ ସୁନିଶ୍ଚିତ ଯେ ସମସ୍ତେ ବୁଝନ୍ତି ଯେ ମୁଁ—ମୁଁ ପ୍ରତ୍ୟେକଙ୍କ ନିକଟକୁ ଯିବାକୁ ଚାହେଁ ଯଦି ମୁଁ ତାହା କରିପାରେ, ମାତ୍ର ମୁଁ କେବଳ ଜଣେ ଅଟେ। ବୁଝିଲେ? କୁ...ମୁଁ ସମସ୍ତଙ୍କ ପାଖକୁ ଯାଇପାରେ ନାହିଁ। ମୁଁ ତାହା ସବୁକିଛି କରୁଛି ଯାହା ମୁଁ ଜାଣେ ଯେ ତାହା କିପରି କରିବାକୁ ଅଛି।

10 ତେଣୁ, ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ। ମୁଁ ସୁନିଶ୍ଚିତ ଅଟେ ଯେ ଜଣେ ଅଛନ୍ତି ଯିଏକି ଆପଣଙ୍କ ସହିତରେ ରହିବେ; ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ଏବଂ ସେ ରହିପାରନ୍ତି। ସେ ହିଁ ଏକମାତ୍ର ବ୍ୟକ୍ତି ଯିଏକି ସର୍ବବ୍ୟାପୀ ଅଟନ୍ତି। ଏବଂ ସେ ସର୍ବଶକ୍ତିମାନ ମଧ୍ୟ, ତେଣୁ ସେ ପ୍ରତ୍ୟେକ ଆବଶ୍ୟକତାକୁ ଯୋଗାଇ ପାରନ୍ତି। ଏବଂ, ସର୍ବଜ୍ଞାନୀ ଅଟନ୍ତି, ଆପଣଙ୍କର ଆବଶ୍ୟକତାଗୁଡିକୁ ମଧ୍ୟ ଜାଣନ୍ତି, ଯେ ଆପଣଙ୍କର କଅଣ ଆବଶ୍ୟକତା ଅଛି।

11 ମୁଁ ସମସ୍ତଙ୍କୁ ଆଦେଶ ଦେଉଅଛି ଯେ ମୁଁ କରିବି ନାହିଁ...ମୁଁ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର କରି ଆସୁଛି, ଯେତେବେଳଠୁଁ ମୁଁ ଆଜି ସକାଳେ ଏଠାରେ ଅଛି, ଏବଂ ମୁଁ ଯେସମସ୍ତଙ୍କୁ ପାରିବି ସେସମସ୍ତଙ୍କ ପାଖକୁ ଯିବି। ଏବଂ ଯଦି...ମୁଁ ଯାହା କରି ନ ପାରିବି, ସର୍ବଶକ୍ତିମାନ ପରମେଶ୍ୱର ମହିମାରେ ତାହାଙ୍କର ଧନ ଅନୁଯାୟୀ ଆପଣଙ୍କର ସମସ୍ତ ଆବଶ୍ୟକତାକୁ ଯୋଗାଇ ଦେବେ—ଦେବେ।

12 (ମୁଁ ତାହା ସେତେ ଭଲ ଭାବରେ ପଢ଼ିପାରୁ ନାହିଁ। ଆପଣ ଏହାକୁ ପଢ଼ିବେ କି?) ଏହା କୌଣସି ପ୍ରକାରର ଏକ ବିଶେଷ ଘୋଷଣା ଅଟେ। ଆଉ ମୁଁ ଭାବୁଛି ଯେ ବିଲି ପଲ୍ ଏହାକୁ ନିଶ୍ଚିତରେ ଲେଖିଥିବ। ତେଣୁ ସେ ମୋ' ପରି ଅଟେ; ମୁଁ ମୋ'ର ନିଜ ଲେଖା ମଧ୍ୟ ପଢ଼ିପାରେ ନାହିଁ। ଆଉ ତେଣୁକରି ମୋ'ର ନିଜସ୍ୱ ଏକ ଚଞ୍ଚଳ ଲେଖିବାର ଶର୍ଟହାଣ୍ଡ ଶୈଳୀ ଅଛି। ଆଉ ଯଦି ଆପଣ ମୋ'ର ଏଠାରେ ଲେଖା ହୋଇଥିବାର, ଏଠାରେ କିଛି ପାଠ୍ୟାଂଶଗୁଡିକୁ ଦେଖନ୍ତି, କଅଣ ଆପଣ ଭାବୁଛନ୍ତି ଯେ ଆପଣ ତାହା କେବେ ବୁଝିପାରିବେ? ମୋ'ର ଏକ ତାରା ଭଳି, ଏକ ପୋଲକୁ ଅତିକ୍ରମ କରୁଥିବା ପରି ଅକ୍ଷର ଅଟେ, ଏବଂ ସେହିପରି ପ୍ରଭୃତି, କେବଳ ସମସ୍ତ...

[ଭାଇ ନେଭିଲ୍ ପଢ଼ନ୍ତି, "ଆରକାନ୍‌ସାସରୁ ଭାଇ ଆଡାୟରଙ୍କୁ କୁହନ୍ତୁ ଯେ ସେ ଭାଇ ପିୟେରୀ ଗ୍ରୀନ୍‌କୁ ତୁରନ୍ତ ଗୀର୍ଜାଘର ପଛ ପଟରେ ଦେଖା କରନ୍ତୁ।"—ଅନୁ।] ଭାଇ ଆଡାୟର, ଆରକାନ୍‌ସାସର ଭାଇ ଆଡାୟର, ସଙ୍ଗେ ସଙ୍ଗେ ଗୀର୍ଜାଘର ପଛ ପଟରେ ରେଭ. ପିୟେରୀ ଗ୍ରୀନ୍ ସହ ଦେଖା କରନ୍ତୁ। ଠିକ୍ ଅଛି।

13 ବର୍ତ୍ତମାନ, ଆଉ ଏକ ବିଷୟ ଯାହା ମୁଁ ଏଠାରେ—ଏଠାରେ ଘୋଷଣା କରିବାକୁ ଚାହେଁ ତାହା—ତାହା ହେଉଛି, ସୁସ୍ଥୀକରଣର ସେବା ଆଜି ରାତିରେ ହେବ। ଆମେ ଆଜି ରାତିରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ, ଆଉ ତେଣୁକରି ମୁଁ—ମୁଁ ଭରସା କରେ ଯେ ଆପଣ ଏଠାରେ ରହିବେ।

14 ଏବଂ ଆମେ ସେଠାରେ ସମଗ୍ର ଦେଶରେ ଥିବା ସମସ୍ତ ଲୋକମାନଙ୍କୁ ଶୁଭେଚ୍ଛା ପଠାଉଅଛୁ, ପ୍ରଭୁ ଯୀଶୁଙ୍କ ନାମରେ, ଯେ ଆଜି ସକାଳେ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ। ଆପଣଙ୍କ ମଧ୍ୟରୁ କେତେକଙ୍କର ମଧ୍ୟାହ୍ନ ହେଉଥିବ। ଉପରେ ନ୍ୟୁୟର୍କରେ, ଏହା ପ୍ରାୟଃ ମଧ୍ୟାହ୍ନ ସମୟ ଅଟେ। ଏବଂ ପଶ୍ଚିମ ତଟ, ବାହାରେ ଏରିଜୋନାରେ, ଏହା ପ୍ରାୟଃ କେବଳ ସାତ ଘଟିକା ଅଟେ। ତେଣୁ ସେଠାରେ…ଏବଂ ଆମେ ଏଠାରେ ଠିକ୍ ମଝିରେ ଅଛୁ। ତେଣୁ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ଯେତେବେଳେ ଆପଣ ଶୁଣନ୍ତି। ବର୍ତ୍ତମାନ ହୋଇପାରେ ଏହା…

ଏଠାରେ ଥିବାବେଳେ, ମୁଁ ଏହାକୁ ମୋ' ହୃଦୟରେ ନେଇଅଛି…

15 ଏବଂ ପ୍ରେକ୍ଷାଳୟ ପାଇବା ହେତୁ ଅନୁମତି ନ ଥିଲା, ଏବଂ ଅବଶେଷରେ ସେମାନେ ଏକ ପ୍ରକାର ଆମକୁ ଅନୁମତି ଦେଲେ; ଆମେ ଗୋଟିଏ ସେବା କରିପାରୁ, ମାତ୍ର ଆମେ କୌଣସି ରୋଗୀଙ୍କ ପାଇଁ ପ୍ରାର୍ଥନା ନ କରୁ। ମୁଁ—ମୁଁ ନୁହେଁ…ତାହା ମୋ'ର ସେବାକାର୍ଯ୍ୟ ଅଟେ। ମୋତେ ତାହା କରିବାକୁ ଅଛି ଯାହା ପବିତ୍ରଆତ୍ମା ମୋତେ କରିବାକୁ କୁହନ୍ତି। ତେଣୁ ମୁଁ—ମୁଁ ଏହାକୁ ମନା କରିଦେଲି, କାରଣ ପବିତ୍ରଆତ୍ମା ଯାହା କରିବାକୁ କୁହନ୍ତି ମୁଁ ତାହା କରିବା ହେତୁ ସ୍ୱାଧୀନତାରେ ରହିବାକୁ ଚାହେଁ। ବୁଝିଲେ? ଏଣୁ ମୁଁ ଭାବିଲି ଯେ ଆମେ, ଯେପରି ଭାବରେ ବି, ଆରାଧନାଳୟରେ ଆଉ ଗୋଟିଏ ଦିନ ସହ୍ୟ କରିପାରିବା। ଏବଂ ଆଜି ସକାଳେ ଏହା ଥଣ୍ଡା ପାଗ ଅଛି। ପ୍ରଭୁ ଏଠାରେ ଆମ ପାଇଁ ଏକ ଉତ୍ତମ ଦିନ କରିଛନ୍ତି, ତେଣୁ ଆମେ ଧନ୍ୟବାଦୀ ଅଟୁ।

16 ତେବେ, ଏହା କରିବାରେ, ମୁଁ ଏଠାକୁ ଶେଷ ପାତ୍ରଗୁଡିକ, ଶେଷ ସପ୍ତ ପାତ୍ରଗୁଡିକ ବିଷୟରେ, ଏବଂ ପ୍ରକାଶିତ ବାକ୍ୟ ପୁସ୍ତକର ଶେଷ ସପ୍ତ ତୂରୀଧ୍ୱନି, ଏବଂ ଶେଷ ସପ୍ତ ଗର୍ଜନ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଆସିଅଛି, ସେଗୁଡିକୁ ଏହି ସମୟରେ ଏକତ୍ର ମିଶାଉଅଛି ଯେଉଁ ଘଟିକାରେକି ଆମେ ବର୍ତ୍ତମାନ ରହୁଅଛୁ; ଯାହାକି ସପ୍ତ ମୁଦ୍ରାର ଫିଟାଯିବାକୁ, ସପ୍ତ ମଣ୍ଡଳୀ ଯୁଗକୁ ଅନୁସରଣ କରେ। ତେଣୁ, ଆମେ ଏହା କରିବା ପାଇଁ ସ୍ଥାନ ପାଇଲୁ ନାହିଁ। ତେଣୁ ମୁଁ—ମୁଁ ଆଶା କରେ ଯେ, ଯେତେ ଶୀଘ୍ର ସମ୍ଭବ, ଆମେ…ତାହା ପାଇଁ ପର୍ଯ୍ୟାପ୍ତ ଏକ ସ୍ଥାନ ପାଇପାରିବା, ଏଠାରେ କିମ୍ବା ଲୁଇସଭିଲେ, ନ୍ୟୁ ଆଲବାନିରେ, ଅଥବା ଏକ ତମ୍ବୁ ଟାଣିବା, ଯେପରିକି ଆମେ ସେଥିରେ ସେପର୍ଯ୍ୟନ୍ତ ରହିପାରିବା ଯେପର୍ଯ୍ୟନ୍ତକି ପ୍ରଭୁ ଆମକୁ ତାହା କରିବା ପାଇଁ ଆଗେଇ ନେଉଥିବେ।

17 କିନ୍ତୁ ଏହି ସବୁରେ ବର୍ତ୍ତମାନ, ମୁଁ ଏହି ସୁଯୋଗ ନେଇ ପରମେଶ୍ୱରଙ୍କଠାରେ ଥିବା ମୋ'ର ବିଶ୍ୱାସ ଏବଂ ଭରସାକୁ ଲୋକମାନଙ୍କ ନିକଟରେ ପ୍ରକାଶ କରିବାକୁ ଚାହେଁ, ଏବଂ ତା'ପରେ ସେହି ସମୟକୁ ଆଣିବାକୁ ଚାହେଁ ଯେଉଁଥିରେକି ଆମେ ବସବାସ କରୁଅଛୁ। ଏବଂ ଏହା ଦ୍ୱାରା, ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ମତବାଦ ନିମନ୍ତେ ନିଯୁକ୍ତ ନୁହେଁ, କିଅବା ଏହା ଯାହାକିଛି ବି ହୋଇପାରେ; ଏହା ତ କେବଳ ତାହା ଅଟେ ଯେପରି ମୁଁ ପରମେଶ୍ୱରଙ୍କ ବାକ୍ୟକୁ ଦେଖେ। ଏବଂ ଗତ ରବିବାର ଆମ ପାଖରେ ବାକ୍ୟ ଉପରେ ଆତ୍ମାଙ୍କର ଏକ

ଅତି ଉତ୍ତମ ଢ଼ଙ୍କାଯିବା ବିଷୟ ରହିଥିଲା । ଏହା ବହୁତ ଲମ୍ବା ଥିଲା, ଏବଂ ମୁଁ ସେତେ ଲମ୍ବା ରହିବାକୁ ଘୃଣା କରିଥିଲି; କିନ୍ତୁ ତଥାପି ଆମେ ଜାଣିନାହୁଁ ଯେ କେଉଁ ସମୟରେ ଆମେ ଆମର ଶେଷ ଥର ପାଇଁ ଭେଟିବାକୁ ଯାଉଅଛୁ । ଆଉ ଆମେ ନିଶ୍ଚୟ, ଯେପରି...ହେବାକୁ ଚାହୁଁ । ମୁଁ ତ ବରଂ, ପୁରାତନ ସମୟର ପାଉଲ ପରି ହେବାକୁ ଚାହିଁବି, ଯିଏକି କହିଥିଲେ, "ମୁଁ ତୁମକୁ ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ନିଗୂଢ଼ ବିଷୟ ଘୋଷଣା କରିବାରୁ କ୍ଷାନ୍ତ ହୋଇନାହିଁ ।" ଯୀଶୁ କହିଥିଲେ ଯେ ସେ ନିଜ ଶିଷ୍ୟମାନଙ୍କଠାରୁ କିଛି ହେଲେ ଲୁଚାଇ ରଖିଲେ ନାହିଁ ।

ଏବଂ ମୁଁ ଯେପରିକି, ପବିତ୍ରଆତ୍ମାଙ୍କ ଅଭିଷେକ ଅଧୀନରେ ରହିବାର ପ୍ରଚେଷ୍ଟାରେ ବ୍ୟସ୍ତ ଥାଏ, ଏହା ଜାଣିବା ହେତୁ ଯେ ସେହି—ସେହି ସମୟଟି କଅଣ ଅଟେ, ସେହି ସମୟର ବାର୍ତ୍ତାଟି କଅଣ ଅଟେ, ବେଳେବେଳେ ମୁଁ ଖ୍ରୀଷ୍ଟଙ୍କ ଏକ ଦାସ, ଜଣେ ସେବକ, ଭାବରେ ବାହାରକୁ ଯାଇ ମୋ'ର କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଥାଏ । ମାତ୍ର ମୋ' ପାଖରେ ଅନେକ ପୁରୁଷମାନେ ଅଛନ୍ତି ଯେଉଁମାନେକି ମୋତେ ଏହା କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି, ଯେଉଁଥିପାଇଁ ମୁଁ ମୋ'ର ସମସ୍ତ ସେବକ ଭାଇମାନଙ୍କ, ପ୍ରତି କୃତଜ୍ଞ ଅଟେ ।

18 ତେବେ, ମୋ'ର କହିବାର ଅର୍ଥ ନୁହେଁ ଯେ ଲୋକମାନଙ୍କୁ ରଖିବାକୁ ଚେଷ୍ଟା କରେ । ଯଦି ଆପଣ, ସମଗ୍ର ସେହି ଦେଶରେ ଯେଉଁଠାରେକି ଏହି ବାର୍ତ୍ତା ଯାଉଅଛି, ଆଜି ସକାଳେ ଛିଡ଼ା ହୋଇ ଏହି ଗୀର୍ଜାଘରର ଚାରିପାଖରେ ଦେଖିପାରନ୍ତେ, ଗଳିରାସ୍ତାରେ, ନର୍ସରୀଗୁଡିକ, ବାହାରେ, ରେଡିଓ ଚାଲିଛି, ବସ୍, ଟ୍ରେଲର୍ ଗାଡ଼ି, ଏବଂ ପ୍ରଭୃତିରେ, ଓ ମୋଟରଗାଡିରେ, ଆପଣ ଦେଖିବେ ଯେ ସମସ୍ୟାଟି କ'ଣ ଅଟେ । ଏବଂ ତା'ପରେ ପ୍ରତ୍ୟେକ ସେବା, ଅନେକେ, ଅନେକେ ଗାଡି ଚଲାଉଛନ୍ତି; ଆଉ ଫୋନ୍ କରନ୍ତି, ଓ ପ୍ରଭୃତି ସବୁ, ସେମାନେ ଭିତରକୁ କିମ୍ବା ଚାରିପାଖକୁ ଆସିପାରନ୍ତି ନାହିଁ । ଏବଂ ଆମକୁ ଆହୁରି ଅଧିକ କୋଠରୀ ଦରକାର ଯେପରିକି ଲୋକମାନେ ବସିପାରିବେ ଏବଂ ଆରାମଦାୟକ ହୋଇପାରିବେ ।

ଆଉ ତା'ପରେ ଏକ—ଏକ ବାର୍ତ୍ତାକୁ ନେଇକି ଆସିବା ଯାହା ମୁଁ ଭାବେ ଯେ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ, ମୁଁ ଅନୁଭବ କରେ ଯେ ଆମେ, ପ୍ରତ୍ୟେକ ଜଣ, ଆରାମଦାୟକ ହୋଇ ବସିବା ଉଚିତ୍, ଆଉ ଯେଣୁ ଆମେ ଶୁଣିପାରିବା; ପୁଣି ସେହି—ସେହି ଟିପ୍ପଣୀଗୁଡିକୁ ଲେଖିବା ପାଇଁ, ଆମର ପେନ୍‌ସିଲ୍ ଏବଂ କାଗଜ, ଆଉ ନୋଟ ଓ ବାଇବଲ, ଇତ୍ୟାଦି ସହିତରେ ରଖିଥିବା ଉଚିତ୍ । ମାତ୍ର ଏହି ଉପାୟରେ ମୁଁ ଭାବିଲି ଯେ ମୁଁ ସେହି ସମୟକୁ ଫେରିଯିବି ଯାହା ଆମ ପାଖରେ ରହିଛି, ଯେଉଁଥିରେ ଆମେ ବସବାସ କରୁଅଛୁ, ଏବଂ ଏହି ବିଷୟଗୁଡିକ ମଧ୍ୟରୁ କିଛି ଆଣିବାକୁ ଚେଷ୍ଟା କରିବି ଯାହାକୁ ଆପଣମାନେ ସାକ୍ଷାତ କରିବାକୁ ଯାଉଛନ୍ତି । ଏବଂ ଆପଣଙ୍କୁ ସେଗୁଡିକର ଆବଶ୍ୟକ ରହିବାକୁ ଯାଉଅଛି ।

19 ଯଦି ମୁଁ ଆଜି, କିମ୍ବା ଅନ୍ୟ କୌଣସି ଦିନ ଏଠାକୁ ଆସି, କିଅବା ଅନ୍ୟ କୌଣସି ସେବକ ଆସି, ଏପରି ଏକ ଲୋକମାନଙ୍କ ନିକଟକୁ ଏକ ବାର୍ତ୍ତା ଆଣିବାକୁ ଚେଷ୍ଟା କରନ୍ତି, ଏକ ମରୁଥିବା ଲୋକ ଯେପରିକି ଆମେ ଅଟୁ, ଏବଂ ସମୟ ଏତେ ସନ୍ନିକଟ, ଯେପରିକି ମୁଁ ଏହି ଦିନ

ପାଇଁ ବିଶ୍ୱାସ କରେ; ତେବେ ଏପରି କିଛି ବିଷୟକୁ ଆଣିବା ହେତୁ ଚେଷ୍ଟା କରିବା ପାଇଁ ମୁଁ ଜଣେ କପଟୀ ହେବି ଯାହା ମୁଁ ଜାଣେ ଯେ ଆପଣ ତାହା ଦ୍ୱାରା ସନ୍ତୁଷ୍ଟ ହେବେ ଏବଂ ଏହା ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ହେବ, କିମ୍ବା ଏକ ଭିଡ଼କୁ ଟାଣିବା ପାଇଁ କିଛି କରିବି, ଅବା—ଅବା ସେପରି କିଛି ବିଷୟ କରିବି; ମୁଁ—ମୁଁ ହେବି ନାହିଁ...ମୁଁ ତାହା ହେବି ନାହିଁ ଯାହା ପାଇଁ ମୁଁ—ମୁଁ ଏଠାରେ ଅଛି, ଖ୍ରୀଷ୍ଟଙ୍କର ଜଣେ ସେବକ ହେବା ନିମନ୍ତେ। ମୁଁ ଏପରି କିଛି ବିଷୟ ଆଣିବାକୁ ଚାହେଁ ଯାହା ମୁଁ ଭାବେ ଯେ ଆପଣଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉପଯୋଗୀ ହେବ, କେବଳ ଦେଖାଯିବା ନିମନ୍ତେ ନୁହେଁ; ମାତ୍ର ଏହା ଭାବିବା ନିମନ୍ତେ ଯେ ଏହା ଏପରି କିଛି ଅଟେ ଯଦି ମୁଁ ଆଜି ମରିଯାଏ, ଆସନ୍ତାକାଲି ଏହା ଆପଣଙ୍କ ହୃଦୟରେ ଲଙ୍ଗର ହେବ ଯେ ଆପଣ ବାହାରି ଯାଇ ପରମେଶ୍ୱରଙ୍କ ସେବା କରନ୍ତି।

20 ତେବେ ମୁଁ କହିବାକୁ ଚାହେଁ ଯେ କିଛି ଗୋଟାଏ ବିଷୟ ଠିକ ଘଟିବା ପାଇଁ ପ୍ରସ୍ତୁତ ହେଉଅଛି। ମୁଁ ଏହା ଜାଣେ। ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ତାହା ମନେ ଥିବ ଯେତେବେଳେ ଭାଇ ଜୁନିଅର ଜ୍ୟାକସନ ମୋ' ପାଖକୁ ଆସିଥିଲେ ଏରିଜୋନା ଆଡକୁ ଯିବାର ଠିକ୍ ପୂର୍ବରୁ ଟିକିଏ, ଏକ ସ୍ୱପ୍ନ ବିଷୟରେ ଯାହା ସେ ଦେଖିଥିଲେ। ବିଚିତ୍ର ବିଷୟ! କେତେଜଣକୁ ଏହା ମନେ ଅଛି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ଏବଂ ପ୍ରଭୁ ଆମକୁ ବ୍ୟାଖ୍ୟା ପ୍ରଦାନ କଲେ, ଏବଂ ଏହା ଅକ୍ଷରେ ଅକ୍ଷରେ ସାଧିତ ହେଲା। ବର୍ତ୍ତମାନ, ସେ ଆଉ ଏକ ସ୍ୱପ୍ନ, ସେପରି କିଛି ଗୋଟାଏ ଦେଖିଛନ୍ତି।

21 ଆଉ ଆଶ୍ଚର୍ଯ୍ୟର କଥା, ଓରେଗନ୍‌ରୁ, ଜଣେ ବ୍ୟକ୍ତି ଅନ୍ୟ ଦିନ ଏଠାରେ ଥିଲେ। ମୋତେ ଜାଣନ୍ତି ସୁଦ୍ଧା ନାହିଁ, ଏବଂ ଥିଲା...ଠିକ ସେହି ସମାନ ସ୍ୱପ୍ନକୁ ଦେଖିଲେ, ଯାହା ଜୁନିଅର ଜ୍ୟାକସନ୍ ଦେଖିଥିଲେ, ଏବଂ—ଏବଂ ଆସି ମୋତେ କହିଲେ। ମୁଁ—ମୁଁ ତାହାର ବ୍ୟାଖ୍ୟା ଜାଣେ ନାହିଁ; ମୁଁ ପ୍ରଭୁଙ୍କଠାରେ ଅପେକ୍ଷା କରିଛି। କିନ୍ତୁ ମୁଁ ଜାଣେ ଯେ ଏହା ପରମେଶ୍ୱରଙ୍କଠାରୁ କିଛି ହେବାକୁ ଯାଉଅଛି। କେବଳ ତାହା ମନେରଖନ୍ତୁ। ଏହା ହେଉଛି **ସଦାପ୍ରଭୁ ଏହି କଥା କୁହନ୍ତି**। ଏହା ପରମେଶ୍ୱରଙ୍କଠାରୁ କିଛି ଆସୁଅଛି। ମୁଁ ଜାଣେ ନାହିଁ ଯେ ଏହା କ'ଣ ଅଟେ? ପ୍ରକୃତରେ ଚମତ୍କାର, ବହୁତ ଚମତ୍କାର ଅଟେ! ସତ କହିବାକୁ ଗଲେ, ସେହି—ସେହି ସ୍ୱପ୍ନ ଅନୁସାରେ ଯାହା ଉଭୟ ପୁରୁଷ...ସେମାନଙ୍କ ମଧ୍ୟରୁ ଜଣେ ମୁଁ ଭାବେ...ସେ ହୁଏତ ଜଣେ ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍ ହୋଇଥିବେ। ସେ—ସେ ହୁଏତ ଆଜି ସକାଳେ ଏଠାରେ ବସି ଥାଇପାରନ୍ତି। ମୁଁ ଜାଣେ ନାହିଁ। ସେ ଅନ୍ୟ ଦିନ ଏଠାରେ ଥିଲେ। ମୁଁ ସେହି ବ୍ୟକ୍ତିଙ୍କୁ ଜାଣେ ନାହିଁ।

22 କିନ୍ତୁ ଆଖିରେ ଲୁହ ଥାଇ, ସେ ସ୍ୱପ୍ନକୁ କହିଥିଲେ। ଏବଂ ଏହା ତାଙ୍କୁ ହଲାଇ ଦେଇଥିଲା। ସେ ଏହାକୁ ପ୍ରକାଶ କରିବାକୁ, ସମଗ୍ର ଦୂର ଓରେଗନ୍‌ଠାରୁ ଏଠାକୁ ଆସିଥିଲେ। ଭାଇ ଜ୍ୟାକସନ ମଧ୍ୟ ସେହି ଭାବରେ, ଆଜି ସକାଳେ ଆସିଥିଲେ। ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଜାଣନ୍ତି ନାହିଁ; ଜଣେ, ଅନ୍ୟଠାରୁ ହଜାର ହଜାର ମାଇଲ ବାଟ ଦୂରରେ ଥାଆନ୍ତି, ଏବଂ ଉଭୟ ଠିକ୍ ସେହି ସମାନ ବିଷୟ ଉପରେ ସ୍ୱପ୍ନ ଦେଖନ୍ତି। ତେବେ ପବିତ୍ରଆତ୍ମା ମୋ'ଠାରୁ ଏହାର

ବ୍ୟାଖ୍ୟାକୁ ଉଇହ୍ୟ କରି ରଖିଛନ୍ତି । ମୁଁ ଜାଣେ ନାହିଁ ଯେ ସେହି ବ୍ୟକ୍ତିଙ୍କୁ କଅଣ କହିବି । ମାତ୍ର ମୁଁ ଜାଣେ ଯେ ପରମେଶ୍ୱର କିଛି କରିବାକୁ ସ୍ଥିର କରୁଛନ୍ତି, ଏବଂ ଏହା ଆମ ଚକ୍ଷୁରେ ଗୌରବମୟ ହେବ ।

23 ତେବେ, ଆଜି ସକାଳର ବାର୍ତ୍ତା, ମୁଁ ଗାଲାତୀୟ ପୁସ୍ତକରୁ ପାଠ କରିବାକୁ ଚାହେଁ । ମୁଁ ପ୍ରଚାର କରେ ନାହିଁ କିମ୍ବା କେବଳ...ଏହା ଏକ ରବିବାର ଶ୍ରେଣୀର ଶିକ୍ଷା ଅଟେ । ଏବଂ ବର୍ତ୍ତମାନ, ଆପଣ ପୁରୁଷ ଏବଂ ମହିଳାମାନେ ଯେଉଁମାନେକି କାନ୍ଥରେ ଆଉଜି ହୋଇ ଛିଡ଼ା ହୋଇଛନ୍ତି, ଏବଂ କେହି ଯଦି ଅଦଳବଦଳ କରିବାକୁ ଚାହାଁନ୍ତି ଏବଂ ଆପଣଙ୍କୁ କିଛି ସମୟ ବସିବାକୁ ଦିଅନ୍ତୁ, କିମ୍ବା ସେପରି କିଛି, ତେବେ, ଆପଣ ମୋତେ ବ୍ୟଥିତ କରିବେ ନାହିଁ; କେବଳ ଭକ୍ତି ସହକାରେ ରୁହନ୍ତୁ । ଏବଂ ଯଦି ମାଆମାନେ, ସେମାନଙ୍କର ସାନ ପିଲାମାନେ କାନ୍ଦନ୍ତି କିମ୍ବା ସେପରି କିଛି ହୁଏ, କେହି ଜଣେ ନର୍ସରୀରୁ ବାହାରି ଯିବେ ଯେପରିକି ସେମାନଙ୍କ ପାଖରେ ସାନ ପିଲାମାନଙ୍କ ପାଇଁ ସ୍ଥାନ ରହିପାରେ ।

24 ଏବଂ ବର୍ତ୍ତମାନ ଆପଣ ନିଜର ପେନ୍‌ସିଲ୍, ବାଇବଲ ନିଅନ୍ତୁ, ଓ କେତେକ ଶାସ୍ତ୍ରାଂଶକୁ ଲେଖିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ଯାହା ଆମେ ପାଠ କରିବା । ମୁଁ ଚାହେଁ ନାହିଁ ଯେ ଆପଣ ବନ୍ଧା ହୋଇଥିବା ଅନୁଭବ କରନ୍ତୁ । ମୁଁ ଚାହେଁ ଯେ ଆପଣ ଅନୁଭବ କରନ୍ତୁ—ମୁଁ ଚାହେଁ ଯେ ଆପଣ ବସିବାକୁ ଓ ଅଧ୍ୟୟନ କରିବାକୁ ସ୍ୱାଧୀନତା ଅନୁଭବ କରନ୍ତୁ । ଏବଂ ଆପଣ ଅସହମତ ହୋଇପାରନ୍ତି, ଯାହାକି ଠିକ ଅଟେ । ମାତ୍ର ମୁଁ ଆଜି ସକାଳେ ଏହାକୁ ସମଗ୍ର ଦେଶରେ କେବଳ କହୁଅଛି, ଯେପରିକି ସେହି ଲୋକମାନେ ଯେଉଁମାନେକି ଏହି ବାର୍ତ୍ତାକୁ ବିଶ୍ୱାସ କରିଛନ୍ତି ଯାହାକି ପ୍ରଭୁ ଯୀଶୁ ମୋତେ ଏହି ସମୟ ପାଇଁ ଦେଇଛନ୍ତି, ଏହା ଜାଣିପାରନ୍ତି ଯେ କ'ଣ ଘଟୁଅଛି, ଏବଂ ଏହାକୁ ଶାସ୍ତ୍ରରେ ସ୍ଥାପନ କରିପାରନ୍ତି ।

25 ଗତ ରବିବାର ଆମେ *ଅନ୍ତିମ ଦିନରେ ଅଭିଷିକ୍ତଜନ* ବିଷୟରେ କହିଥିଲୁ । ଏବଂ ଯଦି ଆପଣ, ଆପଣଙ୍କ ମଧ୍ୟରୁ କେହି, ଟେପ୍ ଶ୍ରୋତା ଅଟନ୍ତି, ତେବେ ସେହି ଟେପ୍ ପାଇବାରେ ସୁନିଶ୍ଚିତ ହୁଅନ୍ତୁ । ଏହା ନୁହେଁ ଯେ ଆମେ ଟେପ୍ ବିକ୍ରୟ କରିବାକୁ ଚାହୁଁଛୁ; ତାହା ସେହି ବିଚାର ନୁହେଁ । ଏହା ତ ସେହି ବାର୍ତ୍ତାକୁ ଅତ୍ୟଧିକ ପ୍ରସାର କରିବାର ଧାରଣା ଅଟେ । ବୁଝିଲେ? ବୁଝିଲେ? ଯଦି ଆପଣଙ୍କ ପାଖରେ ଏକ ଟେପ୍ ଯନ୍ତ୍ର ଅଛି, ଲୋକମାନଙ୍କର ଏକ ଗୋଷ୍ଠୀକୁ ଏକାଠି କରନ୍ତୁ, ଏବଂ ଏହାକୁ ଚଲାନ୍ତୁ, ଏବଂ ଧ୍ୟାନର ସହ ଶୁଣନ୍ତୁ । "ସେହି ଅଭିଷିକ୍ତଜନ ।"

26 ଆପଣ ଲୋକମାନଙ୍କୁ ଛିଡ଼ା ହୋଇ ଏହା କହୁଥିବାର ଶୁଣିଥା'ନ୍ତି, "ଓଃ, ବାଇବଲ କୁହେ, 'ଅନ୍ତିମ ଦିନରେ, ଭଣ୍ଡ ଭାବବାଦୀମାନେ ଉଠି ଏହିସବୁ ଚିହ୍ନମାନ ସାଧନ କରିବେ ।'" ଅବିକଳ ତାହାହିଁ ଶାସ୍ତ୍ର ଅଟେ । ତେବେ ତାହା କେଉଁଠାରେ ପ୍ରଯୁଜ୍ୟ ହୁଏ? ଏହାକୁ ଠିକ୍ ଭାବରେ ପ୍ରୟୋଗ ହେବାକୁ ଅଛି ।

ଆଜି ରାତିରେ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ମୁଁ ଏହା ବିଷୟରେ କହିବାକୁ ଚାହେଁ: *ପରମେଶ୍ୱର ଆପଣା ବାକ୍ୟରେ ପ୍ରକଟିତ ହୁଅନ୍ତି,* କିପରି ଭାବରେ ସେହି ଆଖି ସେହି ସ୍ଥାନରେ

ପ୍ରୟୋଗ ହୋଇପାରେ ନାହିଁ ଯେଉଁଠାରେ ସେହି କାନକୁ ପ୍ରୟୋଗ ହେବା ଉଚିତ୍ । ବୁଝିଲେ? ଯେପରିକି ସମ୍ପୂର୍ଣ୍ଣ ବାଇବଲକୁ ଛାପିବା, ଏବଂ, ସମ୍ପୂର୍ଣ୍ଣ ବାଇବଲରେ, ଯୀଶୁ ଖ୍ରୀଷ୍ଟଙ୍କୁ ଚିତ୍ରିତ କରିଥାଏ । ଏଣୁ ପ୍ରଭୁଙ୍କ ଇଚ୍ଛା ହେଲେ, ମୁଁ ଆଜି ରାତି ସେହି ବିଷୟ ଉପରେ କହିବାକୁ ଚାହେଁ । ଏବଂ ଯଦି, ବର୍ତ୍ତମାନ ନୁହେଁ, ତେବେ ପରବର୍ତ୍ତୀ ଅନ୍ୟ କୌଣସି ତାରିଖରେ ।

27 ତେବେ ଗାଲାତୀୟ ପୁସ୍ତକରେ । ଏବଂ ଦ୍ୱିତୀୟ କରିନ୍ଥୀୟ ପୁସ୍ତକ 4:1 ରୁ 6, ତା'ପରେ ଗାଲାତୀୟ 1:1 ରୁ 4, ମୁଁ କିଛି ଶାସ୍ତ୍ର ପାଠ କରିବାକୁ ଇଚ୍ଛା କରେ । ତେବେ ଗାଲାତୀୟ 1:1 ରୁ 4 ରେ, "ପାଉଲ, ଜଣେ ପ୍ରେରିତ," ସେହି ବିରତିକୁ ଶୀଘ୍ର ଦେଖନ୍ତୁ । ପ୍ରେରିତର ଅର୍ଥ "ଜଣେ ପଠାଯାଇଥିବା," କିମ୍ବା, "ଜଣେ ମିଶନାରୀ ।"

*ମୁଁ ପାଉଲ, ଜଣେ ପ୍ରେରିତ, (ମନୁଷ୍ୟଠାରୁ ନୁହେଁ, କି ମନୁଷ୍ୟ ଦ୍ୱାରା ନୁହେଁ, କିନ୍ତୁ…ଯୀଶୁ ଖ୍ରୀଷ୍ଟ, ଏବଂ ଯେଉଁ ପିତା ପରମେଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ ଦ୍ୱାରା;)*

*ଆଉ ମୋହର ସାଙ୍ଗରେ ଥିବା ଭାଇସମସ୍ତେ ଗାଲାତୀୟ ମଣ୍ଡଳୀସମୂହକୁ ଲେଖୁଅଛୁ:*

*ଆମ୍ଭମାନଙ୍କ ପରମପିତା ପରମେଶ୍ୱର, ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ,*

*ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ଇଚ୍ଛାନୁସାରେ, ଏହି ବର୍ତ୍ତମାନ ଜଗତରୁ ଆମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ, ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ… ପ୍ରଦାନ କଲେ;*

*ଯୁଗେ ଯୁଗେ ତାହାଙ୍କର ଗୌରବ ହେଉ । ଆମେନ୍ ।*

28 ବର୍ତ୍ତମାନ ଦ୍ୱିତୀୟ କରିନ୍ଥୀୟର ପୁସ୍ତକରେ, ତା'ର 4ର୍ଥ ପର୍ବରେ, ଏବଂ ଆମେ 1 ରୁ 6 ପର୍ଯ୍ୟନ୍ତ, ପଦଗୁଡ଼ିକ ପାଠ କରିବାକୁ ଯାଉଅଛୁ ।

*ଅତଏବ, ଆମ୍ଭେମାନେ ଅନୁଗ୍ରହ ପ୍ରାପ୍ତ ହୋଇ ଏହି ସେବକପଦ ପାଇବାରୁ, ସାହାସବିହୀନ ନୋହୁଁ;*

*ମାତ୍ର ଆମ୍ଭେମାନେ ଲଜ୍ଜାଜନକ ଗୁପ୍ତ ବିଷୟସବୁ ପରିତ୍ୟାଗ କରିଅଛୁ, ଏଣୁ ଆମ୍ଭେମାନେ ଧୂର୍ତ୍ତତାରେ ଆଚରଣ କରୁ ନାହୁଁ, ଅବା ପରମେଶ୍ୱରଙ୍କ ବାକ୍ୟ ଛଳରେ ବ୍ୟବହାର କରୁ ନାହୁଁ; କିନ୍ତୁ ସତ୍ୟ ପ୍ରକାଶ ଦ୍ୱାରା ପରମେଶ୍ୱରଙ୍କ ସାକ୍ଷାତରେ ପ୍ରତ୍ୟେକ ମନୁଷ୍ୟର ବିବେକ ନିକଟରେ ଆପଣା ଆପଣାକୁ ଯୋଗ୍ୟ ଦେଖାଇଅଛୁ ।*

*କିନ୍ତୁ ଯଦ୍ୟପି ଆମ୍ଭମାନଙ୍କ ସୁସମାଚାର ଆଚ୍ଛାଦିତ ଥାଏ, ତାହା ବିନାଶପ୍ରାପ୍ତମାନଙ୍କ ପକ୍ଷରେ ଆଚ୍ଛାଦିତ:*

ଯଦି ତାହା ପୂର୍ବନିରୂପଣ ବିଷୟକୁ ନେଇ ଆସେ ନାହିଁ, ତେବେ ମୁଁ ଜାଣେ ନାହିଁ ଯେ କ'ଣ ନେଇକି ଆସିବ ।

*ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାରର ଆଲୋକ ଯେପରି, ଏହିପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥିନିମନ୍ତେ ଏହି ଜଗତପତି ଅବିଶ୍ୱାସୀମାନଙ୍କର ଜ୍ଞାନଚକ୍ଷୁ, ଅନ୍ଧ କରିଅଛି ।*

ଠିକ ଯେପରି ସମାନ ଭାବରେ ଏହା ଏଦନ ଉଦ୍ୟାନରେ ଥିଲା, "ସେମାନଙ୍କୁ ବାହାର କରି ଦେଲେ, ଯେପରି ସେମାନେ ସେହି ବୃକ୍ଷକୁ ଛୁଇଁ ନ ପକାନ୍ତି ।"

*କାରଣ ଆମ୍ଭେମାନେ ଆପଣା ଆପଣାକୁ ପ୍ରଚାର କରୁ ନାହୁଁ, ମାତ୍ର ଖ୍ରୀଷ୍ଟ ଯୀଶୁ ଯେ ପ୍ରଭୁ;...*ଖ୍ରୀଷ୍ଟଙ୍କ *ସକାଶେ ଆମ୍ଭେମାନେ ଯେ ତୁମ୍ଭମାନଙ୍କର ସେବକ ଏହା ପ୍ରଚାର କରୁ ।*

*ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ, ଯେଉଁ ପରମେଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ପରମେଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ, ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି ।*

29 ଆମେନ୍! ତେଣୁ ବାକ୍ୟ ତାହା ପାଠ କରେ! ତେବେ, ଆଜି ସକାଳେ ମୋ'ର ମୂଳପାଠ ହେଉଛି: *ଏହି ମନ୍ଦ ଯୁଗର ଈଶ୍ୱର ।* ଯେପରି ଆମେମାନେ ଶାସ୍ତ୍ରରେ ପାଠ କରିଅଛୁ, "ଏହି ଜଗତର, ଏହି ମନ୍ଦ ଯୁଗର ଈଶ୍ୱର ।" ବର୍ତ୍ତମାନ, ଏହି ବାର୍ତ୍ତା ଏହି ମନ୍ଦ ଯୁଗର ମନ୍ଦତାକୁ ସୂଚିତ କରେ, ଏବଂ ଏହି ମନ୍ଦ ଯୁଗ ପାଇଁ ଭବିଷ୍ୟତବାଣୀ କରିବା ଯୁକ୍ତିଯୁକ୍ତ ଅଟେ ।

ଏବଂ ଏହା ମୋ'ର ବିଶ୍ୱାସ ଯେ ପ୍ରତ୍ୟେକ...ଯେ ବାଇବଲରେ ପ୍ରତ୍ୟେକ ଯୁଗ ନିମନ୍ତେ ପ୍ରତ୍ୟେକ ଉତ୍ତର ଅଛି, ଯାହାକି ସେହି ଯୁଗର ବିଶ୍ୱାସୀଙ୍କ ପାଇଁ, ବାଇବଲରେ ପୂର୍ବରୁ ଲେଖାଯାଇଅଛି । ମୁଁ ବିଶ୍ୱାସ କରେ ଯେ ଆମେ ଆବଶ୍ୟକ କରୁଥିବା ସମସ୍ତ ବିଷୟମାନ ଠିକ୍ *ଏଠାରେ* ଲେଖା ହୋଇଛି, କେବଳ ପବିତ୍ରଆତ୍ମାଙ୍କ ଦ୍ୱାରା ବ୍ୟାଖ୍ୟା କରାଯିବା ଆବଶ୍ୟକ ଅଟେ । ମୁଁ ବିଶ୍ୱାସ କରେ ନାହିଁ ଯେ ପୃଥିବୀରେ କୌଣସି ବ୍ୟକ୍ତିଙ୍କଠାରେ ତାଙ୍କର ନିଜର ବ୍ୟାଖ୍ୟାକୁ ବାକ୍ୟ ସହିତରେ ଯୋଗ କରିବାର ଏକ ଅଧିକାର ଅଛି । ପରମେଶ୍ୱର ତାହାଙ୍କର ବାକ୍ୟକୁ ବ୍ୟାଖ୍ୟା କରିବା ପାଇଁ କାହାରିକୁ ଆବଶ୍ୟକ କରନ୍ତି ନାହିଁ । ସେ ତାହାଙ୍କର ନିଜର ଅନୁବାଦକ ଅଟନ୍ତି । ସେ ଏହାକୁ କରିବେ ବୋଲି କହିଥିଲେ, ଏବଂ ସେ ଏହା କରନ୍ତି ।

30 ଯେପରି ମୁଁ ଅନେକ ଥର କହିଛି । ସେ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ," ସେ ଏହାକୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଓଠ ଦ୍ୱାରା କହିଥିଲେ, ଏବଂ ସେ ତାହା କଲେ । କାହାରିକୁ ତାହାର ବ୍ୟାଖ୍ୟା କରିବାକୁ ପଡିଲା ନାହିଁ । ଆରମ୍ଭରେ, ସେ କହିଥିଲେ, "ଦୀପ୍ତି ହେଉ," ଆଉ ସେଠାରେ ତାହା ହେଲା । କାହାରିକୁ ତାହାର ବ୍ୟାଖ୍ୟା କରିବାକୁ ପଡିଲା ନାହିଁ । ସେ କହିଲେ, "ଶେଷ ଦିନମାନଙ୍କରେ, ସେ ନିଜର ଆତ୍ମାକୁ ସମସ୍ତ ମର୍ତ୍ତ୍ୟ ଉପରେ ଢାଳିବେ," ଆଉ ସେ

ତାହା କଲେ । ଏହାକୁ ବ୍ୟାଖ୍ୟା କରିବାର କୌଣସି ଆବଶ୍ୟକତା ନାହିଁ । ସେ କହିଥିଲେ, "ଶେଷ ଦିନମାନଙ୍କରେ, ଏହି ବିଷୟଗୁଡ଼ିକ" (ଯାହାକି ଆମେମାନେ ବର୍ତ୍ତମାନ ଘଟୁଥିବାର ଦେଖୁଅଛୁ) "ଏଠାରେ ରହିବ ।" ଏହା କୌଣସି ବ୍ୟାଖ୍ୟା ଆବଶ୍ୟକ କରେ ନାହିଁ । ଏହା ପୂର୍ବରୁ ବ୍ୟାଖ୍ୟା ହୋଇସାରିଛି । ବୁଝିଲେ?

31 ତେବେ, ଧ୍ୟାନ ସହକାରେ ଶୁଣନ୍ତୁ ଯେତେବେଳେ ଆମେ ବର୍ତ୍ତମାନ ବାକ୍ୟ ଅଧ୍ୟୟନ କରୁଅଛୁ । *ଏହି ମନ୍ଦ ଯୁଗର ଈଶ୍ୱର,* ଯେଉଁ ଯୁଗରେ ଆମେ ବର୍ତ୍ତମାନ ରହୁଛୁ । ବିଚିତ୍ର ଲାଗିପାରେ, ଏକ ଅତି ବିଚିତ୍ର ବିଷୟ, ଅନୁଗ୍ରହର ଏହି ଯୁଗରେ, ଯେତେବେଳେ, "ପରମେଶ୍ୱର ଆପଣା ନାମ ସକାଶେ ଏକ ଲୋକଙ୍କୁ ଗ୍ରହଣ କରୁଛନ୍ତି," ଯାହାକି ତାହାଙ୍କର କନ୍ୟା ଅଟେ, ଏହି ମନ୍ଦ ଯୁଗରେ ଯାହାକି ମନ୍ଦ ଯୁଗ ବୋଲି କୁହାଯିବା ଉଚିତ୍ । ଠିକ ସେହି ଯୁଗ ଯେତେବେଳେ "ପରମେଶ୍ୱର ଆପଣା ନାମ ସକାଶେ ଏକ ଲୋକଙ୍କୁ ଡାକୁଛନ୍ତି," ଅନୁଗ୍ରହ ଦ୍ୱାରା, ବାହାରକୁ, ଏବଂ ଏକ ମନ୍ଦ ଯୁଗ ବୋଲି କୁହାଯାଏ । ତେବେ, ଆମେ ବାଇବଲ ଦ୍ୱାରା ପ୍ରମାଣ କରିବା ଯେ ଏହାହିଁ ହେଉଛି ସେହି ଯୁଗ ଯାହା ବିଷୟରେ ସେ କହୁଥିଲେ । ତାହା ଭାବିବା ଅତ୍ୟନ୍ତ ବିଚିତ୍ର ବିଷୟ ଯେ, ଯେ ଏହିପରି ଏକ ମନ୍ଦ ଯୁଗରେ, ଯେ ପରମେଶ୍ୱର ତେବେ ତାହାଙ୍କର କନ୍ୟାକୁ ଡାକୁଥିବେ ।

32 ଆପଣ ଧ୍ୟାନ ଦିଅନ୍ତୁ, ସେ "ଏକ ଲୋକ," କହିଲେ, "ଏକ ମଣ୍ଡଳୀ" ନୁହେଁ । କାହିଁକି? ତଥାପି, ଏହା ମଣ୍ଡଳୀ ବୋଲି କୁହାଯାଏ, ମାତ୍ର ସେ "ଏକ ଲୋକଙ୍କୁ" ଡାକିବେ । ତେବେ, ଏକ ମଣ୍ଡଳୀ ସମସ୍ତ ପ୍ରକାରର ଭିନ୍ନ ଭିନ୍ନ ଗଠନ ଥିବା ଅନେକ ଲୋକମାନଙ୍କର ଏକ ସମାବେଶ ଅଟେ । ମାତ୍ର ପରମେଶ୍ୱର ଏଠାରେ ଜଣକାକୁ ଡାକୁଛନ୍ତି…ସେ କହିଲେ ନାହିଁ ଯେ, "ମୁଁ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପେଣ୍ଟିକଷ୍ଟାଲ୍ କୁ ଡାକିବି ।" ସେ କହିଲେ ଯେ ସେ ଏକ ଲୋକଙ୍କୁ ଡାକିବେ । କି ସକାଶେ? ତାହାଙ୍କର ନାମ ସକାଶେ । ଦେଖନ୍ତୁ, ଏକ ଲୋକ; ଜଣେ ମେଥୋଡିଷ୍ଟରୁ, ଜଣେ ବାପ୍‌ଟିଷ୍ଟରୁ, ଜଣେ ଲୁଥରାନରୁ, ଜଣେ କ୍ୟାଥୋଲିକରୁ । ବୁଝିଲେ?

ମାତ୍ର ସେ ଡାକୁଛନ୍ତି, ଏକ ମଣ୍ଡଳୀ ଗୋଷ୍ଠୀ ନୁହେଁ, କିନ୍ତୁ "ତାହାଙ୍କର ନାମ ସକାଶୁ ଏକ ଲୋକଙ୍କୁ," ଯିଏକି ତାହାଙ୍କର ନାମକୁ ଗ୍ରହଣ କରେ, ତାହାଙ୍କର ନାମରେ ନିର୍ବନ୍ଧିତ ହୋଇଥାଏ, ତାହାଙ୍କୁ ବିବାହ କରିବା ପାଇଁ, ତାହାଙ୍କର ଅଂଶ ହେବା ପାଇଁ, ଦେଖନ୍ତୁ, ଏକ ପୂର୍ବନିରୂପଣ ଦ୍ୱାରା ଏକ ବିବାହକୁ ଯାଉଅଛି । ଠିକ ଯେପରିକି ଜଣେ ପୁରୁଷ ଯିଏକି ଜୀବନରେ ଏକ ସଠିକ୍ ପତ୍ନୀ ବାଛିଥା'ନ୍ତି, ତାଙ୍କ ଶରୀରର ଏକ ଅଂଶ ହେବା ନିମନ୍ତେ ନିରୂପିତ ହୋଇଥାଏ । ଅତଏବ, ଅର୍ଥାତ୍, ଖ୍ରୀଷ୍ଟଙ୍କର କନ୍ୟା ହେବ, ଓ ବର୍ତ୍ତମାନ ଅଟେ, ପୁରାତନ ସମୟରୁ, ପରମେଶ୍ୱରଙ୍କ ଦ୍ୱାରା ସେହି ଶରୀରର ଏକ ଅଂଶ ହେବା ପାଇଁ ନିରୂପିତ ଅଟେ । ବୁଝିଲେ? ଓଃ, ଶାସ୍ତ୍ରଗୁଡ଼ିକ ଏତେ ସମ୍ପନ୍ନ, ମଧୁରେ ପରିପୂର୍ଣ୍ଣ ଅଟେ!

33 ଧ୍ୟାନ ଦିଅନ୍ତୁ, ଯେ କିଏ କଅଣ କହିଛନ୍ତି ତାହା ନୁହେଁ, କିଏ କଅଣ ଡାକିଛନ୍ତି ତାହା ନୁହେଁ; ମାତ୍ର ଜଗତ ସୃଷ୍ଟି ହେବା ପୂର୍ବରୁ ପରମେଶ୍ୱର ଯାହା ବାଛିଥିଲେ, ଏବଂ ଏହି ଶେଷ

ଦିନରେ ଏହି ଲୋକମାନଙ୍କୁ ଡାକୁଛନ୍ତି; ଏକ ସଙ୍ଗଠନକୁ ନୁହେଁ। "ତାହାଙ୍କ ନାମ ସକାଶେ ଏକ ଲୋକଙ୍କୁ।" ଏବଂ ଏହି ମନ୍ଦ ଯୁଗଟି ସେତେବେଳେ ଅଟେ ଯେତେବେଳେ ସେ ଏହା କରୁଛନ୍ତି, ଠିକ ପ୍ରତାରଣାର ଏହି ଯୁଗଟି।

34 ଗତ ସପ୍ତାହ, ମାଥିଉ 24 ରେ, ଏହା ସେହି ସମସ୍ତ ଯୁଗଗୁଡିକଠାରୁ ସବୁଠୁ ପ୍ରତାରଣାକାରୀ ଯୁଗ ଥିଲା। ସମସ୍ତ ପ୍ରତାରଣାର ଯୁଗମାନ, ଏଦନ ଉଦ୍ୟାନରୁ ଆରମ୍ଭ କରି, ସବୁ ଯୁଗ ଦେଇ, କଦାପି ଏହି ଯୁଗ ସଦୃଶ ପ୍ରତାରଣାକାରୀ ଯୁଗ ଆଉ କେବେ ହୋଇନାହିଁ। "ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ଉଠିବେ ଏବଂ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମମାନ ଦେଖାଇବେ, ଯଦି ସମ୍ଭବ ହୁଏ ତେବେ ମନୋନୀତମାନଙ୍କୁ ସୁଦ୍ଧା ପ୍ରତାରଣା କରିବେ।" ବୁଝିଲେ? ତେବେ, ମନୁଷ୍ୟ-କୃତ ଈଶ୍ୱର ତତ୍ତ୍ୱବିଦ ଶିକ୍ଷାର, କେବଳ ଏକ ଶୀତଳ, ଆନୁଷ୍ଠାନିକ, ଟାଣୁଆ ମଣ୍ଡଳୀଗୁଡିକ, ଏବଂ ପ୍ରଭୃତି, ଯାହାକି ହେବ ନାହିଁ; ମନୋନୀତମାନେ କେବେବି ତାହା ପ୍ରତି ଧ୍ୟାନ ଦେବେ ନାହିଁ। ମାତ୍ର ଏହା ସେଠାରେ ପ୍ରାୟଃ ପ୍ରକୃତ ଜିନିଷ ପରି ହିଁ ଅଟେ। ଆପଣଙ୍କୁ ଯାହା ସବୁ କରିବାକୁ ଅଛି ତାହା ହେଲା କେବଳ ଗୋଟିଏ ବାକ୍ୟକୁ ଉଇହ୍ୟ କରିଦେବା। ଯୁଗ ନିମନ୍ତେ ପ୍ରତିଜ୍ଞା କରାଯାଇଛି; ବହୁତ ମହାନ ସମୟ! ଖ୍ରୀଷ୍ଟିଆନମାନେ, ସର୍ବତ୍ର, ଆମେ ରହୁଥିବା ସମୟ ପ୍ରତି ଧ୍ୟାନ ଦିଅନ୍ତୁ! ଚିହ୍ନ ଦେଇ ରଖନ୍ତୁ, ଏବଂ ପଢ଼ନ୍ତୁ, ଏବଂ ଧ୍ୟାନ ସହକାରେ ଶୁଣନ୍ତୁ।

35 ପରମେଶ୍ୱର ଆପଣା ନାମ ସକାଶେ, ଏହି ମନ୍ଦ ଯୁଗରୁ କାହିଁକି ଏକ ଲୋକଙ୍କୁ ଡାକିବେ? ଏହାର କାରଣ ହେଉଛି, ଯେ ତାଙ୍କୁ, ତାହାଙ୍କର କନ୍ୟାଙ୍କୁ ପରୀକ୍ଷା କରିବା। ଏହା ଏଇଥିପାଇଁ…ଯେତେବେଳେ ସେ ପରୀକ୍ଷା କରାଯାଇ, ପ୍ରମାଣିତ କରାଯାଇ, ଶୟତାନକୁ ପ୍ରମାଣିତ ହୋଇ ପ୍ରକାଶିତ ହେବ। ଯେପରିକି ଏହା ଆରମ୍ଭରେ ଥିଲା, ଶେଷରେ ମଧ୍ୟ ଠିକ ତାହାହିଁ ହେବ।

36 ଯେପରି ଗୋଟିଏ ବୀଜ ଭୂମିରେ ଆରମ୍ଭ ହୁଏ, ଏହା ବାହକମାନଙ୍କ ଦେଇ ଆସେ, ଏହାର ଜୀବନ, ମାତ୍ର ଏହା ସେହି ସମାନ ବୀଜରେ ସମାପ୍ତ ହୁଏ ଯେପରିକି ତାହା ଥିଲା ଯେତେବେଳେ ଏହା ଭୂମି ଭିତରକୁ ଯାଇଥିଲା।

ଏବଂ ଯେପରି ସମାନ ଭାବରେ, ଏଦନରେ, ପ୍ରତାରଣାର ବୀଜ ଭୂମିରେ ପଡ଼ିଥିଲା, ଠିକ ସେହି ସମାନ ଭାବରେ ଏହା ଏହି ଶେଷ ଦିନରେ ସମାପ୍ତ ହେବ।

ଠିକ୍ ଯେପରି ସୁସମାଚାର ସେତେବେଳେ ରହିଥିଲା ଯେତେବେଳେ ତାହା ରୋମ୍‌ର, ନାଇସିଆରେ ଏକ ନାମଧାରୀ ସଙ୍ଗଠନ ପ୍ରତି ପତିତ ହୋଇଥିଲା, ଏହା ଏକ ସର୍ବୋତ୍କୃଷ୍ଟ ସଙ୍ଗଠନରେ ସମାପ୍ତ ହୁଏ।

ଠିକ ଯେପରି ମଣ୍ଡଳୀର ବୀଜ ସେଠାରେ ପଶ୍ଚାତ ସମୟରେ ପଡ଼ିଥିଲା, ସେମାନଙ୍କ ମଧ୍ୟରେ ଚିହ୍ନ, ଚମତ୍କାରମାନ ଏବଂ ଜୀବନ୍ତ ଖ୍ରୀଷ୍ଟ ରହିଥିବା ସହ, ଏହା ଶେଷ ଦିନରେ ମଲାଖି

4 ର ସେବାକାର୍ଯ୍ୟ ଅଧୀନରେ ସମାପ୍ତ ହୁଏ, ଓ ସେହି ମୂଳ ବିଶ୍ୱାସକୁ ପୁଣି ଥରେ ପୁନଃସ୍ଥାପିତ କରେ ଯାହାକି ଏକାଥରକେ ପ୍ରଦାନ କରାଯାଇଥିଲା ।

37 ଆମେ ବର୍ତ୍ତମାନ ପାଉ, ଯେ ଏହି ମନ୍ଦ ଯୁଗଟି ଶୟତାନକୁ, ଏହା ପ୍ରମାଣ କରିବା ପାଇଁ ଅଟେ, ସେ ହବା ପରି ନୁହେଁ, ଯେ ସେ ସେହି ପ୍ରକାରର ସ୍ତ୍ରୀଲୋକ ନୁହେଁ । ଏବଂ ସେ, ସେହି କନ୍ୟା ତାହାଙ୍କର ବାକ୍ୟ ଦ୍ୱାରା ପରୀକ୍ଷା କରାଯିବ, ଯେପରିକି ଆଦମଙ୍କର କନ୍ୟା ବାକ୍ୟ ଦ୍ୱାରା ପରୀକ୍ଷା କରାଯାଇଥିଲା । ଏବଂ ଆଦମଙ୍କ କନ୍ୟା ବାକ୍ୟର ପ୍ରତ୍ୟେକ ଅଂଶକୁ ବିଶ୍ୱାସ କରିଥିଲା, ସବୁକିଛିକୁ, ମାତ୍ର ଗୋଟିଏ ପ୍ରତିଜ୍ଞା ଉପରେ ଭ୍ରମିତ ହୋଇଯାଇଥିଲା, ଯେ, "ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି," ଆଜି, ଦେଖନ୍ତୁ; ମାତ୍ର ଶତ୍ରୁର ପ୍ରଲୋଭନ ଅଧିନରେ, ମୁହାଁମୁହିଁ, ଗୋଟିଏ ପ୍ରତିଜ୍ଞା ଉପରେ ବିଫଳ ହୋଇଥିଲା । ଏବଂ ବର୍ତ୍ତମାନ, ଯେଉଁ ଲୋକମାନେ ତାହାଙ୍କର ନାମ ସକାଶେ ଡକାଯାଇଛନ୍ତି, ଅବଶ୍ୟ, ତାହାଙ୍କର କନ୍ୟା ଅଟନ୍ତି । ତା'କୁ ପୁନର୍ବାର ସେହି ସମାନ ବିଷୟ ଦ୍ୱାରା ସଂଯୋଗରେ ଆସିବାକୁ ଅଛି; କେବଳ କୌଣସି ନାମଧାରୀ ସତ୍ୟ କିମ୍ବା କୌଣସି ଏକ ବିଷୟ ଦ୍ୱାରା ନୁହେଁ, ବରଂ ପ୍ରତ୍ୟେକ ବାକ୍ୟ ଦ୍ୱାରା!

38 କାରଣ, ବାଇବଲର ଆରମ୍ଭରେ, ମନୁଷ୍ୟକୁ ଜୀବିତ ରହିବା ପାଇଁ ପରମେଶ୍ୱରଙ୍କ ବାକ୍ୟ ଦିଆଯାଇଥିଲା । ଗୋଟିଏ ବାକ୍ୟ, ଶୟତାନ ନାମକ ଜଣେ—ଜଣେ ମନୁଷ୍ୟ, ସର୍ପ ନାମକ ଏକ ପଶୁର ବ୍ୟକ୍ତି ଭିତରେ ରହି ତାହା ଦ୍ୱାରା ଭୁଲ ବ୍ୟାଖ୍ୟା କରାଯାଇଥିଲା । ଶୟତାନ, ଏହି ବ୍ୟକ୍ତି ଭିତରେ ରହି, ହବା ସହିତ କଥା କହିପାରୁଥିଲା, ଏବଂ ତାଙ୍କୁ ବାକ୍ୟର ଭୁଲ ବ୍ୟାଖ୍ୟା କରିପାରୁଥିଲା, ଓ ବିନଷ୍ଟ ହୋଇଯାଇଥିଲା । ଦେଖନ୍ତୁ, ଏହା ପ୍ରତ୍ୟେକ ବାକ୍ୟ ହେବା ଉଚିତ୍ ।

39 ବାଇବଲର ମଝିରେ, ଯୀଶୁ ଆସି କହିଲେ, "ମଣିଷ କେବଳ ରୋଟିରେ ବଞ୍ଚିବ ନାହିଁ, କିନ୍ତୁ ପ୍ରତ୍ୟେକ ବାକ୍ୟ ଦ୍ୱାରା," ଯେତେବେଳେ ସେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥିଲେ ।

ବର୍ତ୍ତମାନ, ଶେଷ ଦିନରେ ଏଠାରେ ପରମେଶ୍ୱର ଆମକୁ କହୁଛନ୍ତି, ଯେ, "ଏହି ଜଗତର ଈଶ୍ୱର ଶେଷ ଦିନରେ ଉଠିବ ।"

"ଏବଂ ଯିଏ କେହି ଏଥିରେ ଗୋଟିଏ ଶବ୍ଦ ଯୋଗ କରିବ, କିମ୍ବା ସେଥିରୁ ଗୋଟିଏ ଶବ୍ଦ ଲୋପ କରିବ, ତା'ର ଅଂଶ ଜୀବନ ପୁସ୍ତକରୁ କାଢି ନିଆଯିବ ।"

ପରମେଶ୍ୱର ଆମ ପ୍ରତି ଦୟାଳୁ ହୁଅନ୍ତୁ! ଏବଂ ଆସନ୍ତୁ ଆମେମାନେ ଟାଣୁଆ କାମିଜ ହୋଇ, ଛାତି ବାହାର କରି, ମୁଣ୍ଡ ଉପରକୁ କରି, ସବୁକିଛି ଜାଣିଛୁ ପରି ନ ଚାଲୁ, କାରଣ ଆମ୍ଭେମାନେ ମଧ୍ୟ ଥରେ ଅବାଧ୍ୟତାରେ ରହିଥିଲୁ । ତେବେ ଆସନ୍ତୁ ଅନୁଗ୍ରହ, ଏବଂ ଦୟା, ଓ ଆମ ହୃଦୟରେ ପରମେଶ୍ୱରଙ୍କ ପ୍ରତି ଅନୁଭୂତିକୁ ରଖି, ନମ୍ରତାର ସହ ଅନୁଗ୍ରହର ସିଂହାସନ ନିକଟକୁ ଆସିବା ।

40 ତେବେ ବିଚିତ୍ର ଲାଗେ, ପ୍ରାୟଃ ଉଣେଇଶ ଶହ ବର୍ଷର ସୁସମାଚାର ପ୍ରଚାର ପରେ, ଏବଂ ବର୍ତ୍ତମାନ ସେ, ଯାହାକି ସେହି ବିଶ୍ୱ ବ୍ୟବସ୍ଥା ଅଟେ, ସେହି ଦିନଗୁଡିକ ଅପେକ୍ଷା ଅଧିକ ମନ୍ଦ ଅଟେ, ଯେଉଁ ଦିନକି ସେ ଏଠାରେ ଥିଲେ । ବିଶ୍ୱ ବ୍ୟବସ୍ଥା ଅଧିକ ମନ୍ଦ ଅଟେ । ଜଗତ ଏକ

ବଡ଼ ଚରମ ପରାକାଷ୍ଠା ଆଡକୁ ଗତି କରୁଛି । ଆପଣ ଏହା ଜାଣନ୍ତି । ପ୍ରଭୁ ପ୍ରତ୍ୟେକ କ୍ଷେତ୍ରରେ ତାହାଙ୍କର ବାକ୍ୟକୁ ସଫଳ କରୁଛନ୍ତି ।

41 ଗତକାଲି, ଛିଡା ହୋଇଥିଲି...ମୁଁ ଆଶା କରେ ଯେ ସେହି ସାନ ବ୍ୟକ୍ତିଜଣକ କରନ୍ତି ନାହିଁ...ସେ କରିବେ ନାହିଁ । ମୁଁ ମୋ'ର ପତ୍ନୀ, ଏବଂ ଶ୍ରୀମତୀ ଉଡ଼, ଭାଇ ରୟ ରବର୍ସନଙ୍କ ସହ, ଏଠାରେ କୌଣସି ସ୍ଥାନକୁ ଆସିଥିଲୁ, ଭାଇ ଉଡ, ଭଉଣୀ ଉଡ଼ଙ୍କର ଏକ—ଏକ ପାକେଟ ନେବା ପାଇଁ, ଆମେ ଏଠାରେ ଏହି ଛୋଟ ୟଙ୍ଗଷ୍ଟାଉନ୍ ସପିଂ ସେଣ୍ଟରରେ ଅଟକି ଯାଇଥିଲୁ । ଏବଂ ଆଗକୁ...ଆମେ ସେଠାରେ ଛିଡ଼ା ହୋଇଥିବା ବେଳେ, ଜଣେ ଯୁବା ପିଲା ଚାଲି ଆସି ନିଜକୁ ପରିଚିତ କରାଇଲା, ଆଉ ମୋ' ପାଇଁ ଜଣେ ଅପରିଚିତ ଥିଲା । ଅନ୍ୟ ଜଣେ ଯୁବା ଲୋକ ଚାଲିକରି ଆସିଲା ଓ କହିଲା ଯେ ସେମାନେ ହୁଏତ ଆଲାବାମା, ଜର୍ଜ-...ମୁଁ ବିଶ୍ୱାସ କରେ ଜର୍ଜିଆ, 'କାରଣ ମୁଁ ସେମାନଙ୍କୁ ପଚାରିଲି ଯେ ସେମାନେ ଆମ ଭାଇ ୱେଲଚ ଇଭାନ୍ସଙ୍କୁ ଜାଣିଛନ୍ତି କି? ଆଉ ଆମେ କିଛି ମିନିଟ୍ କଥା ହେଲୁ । ଏବଂ ଯେତେବେଳେ ମୁଁ ଯିବାକୁ ବାହାରିଲି, ଏହି ଯୁବା ପିଲାଟି ମୋ' ଆଡକୁ ଚାହିଁଲା । ଯେତେବେଳେକି ଅନ୍ୟ ଯୁବକଜଣ ଏବଂ ତାଙ୍କର ଛୋଟ ପିଲା ଚାଲିଗଲେ, ଏହି ଯୁବା ପିଲାଟି ମୋ' ଆଡକୁ ଚାହିଁ ରହିଲା । ସେ କହିଲେ, "କେବଳ ଗୋଟିଏ କଥା ମୁଁ କହିବାକୁ ଚାହେଁ ।"

ମୁଁ ପଚାରିଲି, "କଅଣ—କଅଣ ଆପଣ ଜଣେ ବିଶ୍ୱାସୀ ଅଟନ୍ତି କି? କଅଣ ଆପଣ ଜଣେ ଖ୍ରୀଷ୍ଟିଆନ କି?"

କହିଲେ, "ନା, ଆଜ୍ଞା ।" ସେ କହିଲେ, "ମୁଁ କରିଛି..."

42 ମୁଁ ହୁଏତ ସେ ଏଠାରେ କହିଥିବା ଠିକ ସେହି ଶବ୍ଦକୁ ଉଦ୍ଧୃତ କରିପାରେ ନାହିଁ, ମାତ୍ର ସେ ହୁଏତ ଟିକେ ସନ୍ଦେହୀ ହୋଇଥାଇ ପାରନ୍ତି । ମୁଁ ତାଙ୍କୁ ପ୍ରଭୁଙ୍କର ଦୂତଙ୍କ ଆସିଥିବା ବିଷୟରେ ପଚାରିଥିଲି । ଏବଂ ସେ କହିଲେ ଯେ ସେ ଏହା ବିଷୟରେ ଶୁଣିଛନ୍ତି, କିନ୍ତୁ ସେ ପୂର୍ବରୁ ମଣ୍ଡଳୀକୁ, ଏହି ମଣ୍ଡଳୀକୁ କେବେ ଯାଇନାହାଁନ୍ତି । ମୁଁ କହିଲି, "କଅଣ ଆପଣ ଏହା ବିଶ୍ୱାସ କରନ୍ତି କି?"

କହିଲେ, "ହଁ ଆଜ୍ଞା ।" ସେ କହିଲେ, "ମୁଁ—ମୁଁ କିଛି ବିଷୟ ଲକ୍ଷ୍ୟ କରିଆସୁଛି ।" କହିଲେ, "ଲୋକମାନେ ମୋତେ ଏହି ଭବିଷ୍ୟଦବାଣୀ ଏବଂ ଜିନିଷଗୁଡ଼ିକ ବିଷୟରେ କହୁଛନ୍ତି, ଆଉ ମୁଁ ଏକ ଟେପ୍‌ରେ ଶୁଣିଥିଲି ଯେ ଆପଣ ପୂର୍ବାନୁମାନ କରିଥିଲେ ଯେ କାଲିଫର୍ଣିଆ କିପରି ସେହିପରି ଭାବରେ ଧସ୍କି ଯିବ ।" ଏବଂ କହିଲେ, "ଯେତେବେଳେ ମୁଁ ତାହା ଖବରକାଗଜରେ ଦେଖିଲି, ସେତେବେଳେ ମୁଁ ତାହା ବିଶ୍ୱାସ କଲି ।" "ମୋ'ର ପ୍ରଥମ ଥର ପାଇଁ," ସେ କହିଲେ, "ମୁଁ ଆଜି କିମ୍ବା କାଲି ଆସୁଛି," ତାହା ଆଜି ଅଟେ ।

ମୁଁ କହିଲି, "ହେ ପୁତ୍ର, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ," ଏବଂ ତା'ର ହାତ ମିଶାଇବାକୁ ଲାଗିଲି ।

ସେ କହିଲେ, "କିନ୍ତୁ ମହାଶୟ, ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ।" ସେ କହିଲେ, "ମୁଁ ସେତିକି ହଜିଯାଇଛି ଯେତିକି ହଜି ଯାଇପାରେ।" ସେ କହିଲେ, "ମୁଁ ଏକ ବାଲୁକା ଗଦାରେ ଗୋଟିଏ ମୁଦ୍ରା ସଦୃଶ, ହଜିଯାଇଛି!"

43 ମୁଁ କହିଲି, "ମାତ୍ର ଆପଣଙ୍କୁ ସେହିପରି ରହିବାକୁ ପଡିବ ନାହିଁ। ବର୍ତ୍ତମାନ ଏହିଠାରେ କେହି ଜଣେ ଛିଡ଼ା ହୋଇଛନ୍ତି ଯିଏକି ଆପଣଙ୍କୁ ସେହି ଘଡିରେ ଖୋଜିପାରନ୍ତି ଯେତେବେଳେ ଆପଣ ଖୋଜା ଯିବା ହେତୁ ପ୍ରସ୍ତୁତ ହୁଅନ୍ତି।

ସେ କହିଲେ, "ମୁଁ ପ୍ରସ୍ତୁତ ଅଟେ।"

ମୁଁ କହିଲି, "କଅଣ ଆପଣ ନିଜର ମୁଣ୍ଡ ନୁଆଁଇବେ?"

ସେ କହିଲେ, "ମୁଁ ଲଜ୍ଜିତ ନୁହେଁ।"

କେବଳ ସେତିକି ନୁହେଁ, ମାତ୍ର ସେଠାରେ ସେହି ପାର୍କିଂ ସ୍ଥାନରେ, ସମସ୍ତ ଲୋକଙ୍କ ସମ୍ମୁଖରେ, ସେ ଆଣ୍ଠୁମାଡି ପଡ଼ିଲେ। ରାସ୍ତାରେ ଲୋକମାନେ ତାଙ୍କୁ ଦେଖୁଥିଲେ। ସେଠାରେ ଆମେ ତାଙ୍କ ସହିତ ପ୍ରାର୍ଥନା କଲୁ, ଯେପର୍ଯ୍ୟନ୍ତ ସେ ପରମେଶ୍ୱରଙ୍କୁ ତାଙ୍କର ହୃଦୟ ଦେଇ ନ ଦେଲେ। ସେ ଜଣେ ପାପୀ, ଭାବରେ ଆସିଥିଲେ; ପରମେଶ୍ୱରଙ୍କର ଜଣେ ସନ୍ତାନ ହୋଇ, ଫେରିଗଲେ। ସେ କାର ପାର୍ଶ୍ୱରେ ମୃତ ଭାବରେ, ଚାଲିକରି ଆସିଥିଲେ; ଆଉ ଜୀବିତ ହୋଇ, ଫେରିଗଲେ।

44 ମୁଁ କହିଲି, "ଜଳକୁଣ୍ଡ ଆସନ୍ତାକାଲି ଖୋଲା ରହିବ।"

ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି,
ଇମ୍ମାନୁଏଲଙ୍କ ଶିରାରୁ ଯାହା ଝରିଥାଏ,
ପାପୀମାନେ ଯେଉଁଠାରେ ବନ୍ୟା ତଳେ ଡିଆଁ ମାରନ୍ତି,
ସେମାନଙ୍କର ସମସ୍ତ ଦୋଷୀ ଦାଗ ଧୋଇ ଦିଅନ୍ତି।

ମୁଁ କହିଲି, "ଉଠ ଏବଂ ପ୍ରଭୁଙ୍କ ନାମକୁ ଡାକି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ। ପରମେଶ୍ୱର ଆପଣଙ୍କୁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରିବେ, ଏବଂ ଆପଣଙ୍କୁ ଏହି ମହାନ ବିଷୟଗୁଡ଼ିକୁ ଦେବେ, ଏବଂ ଏପରି କରିବେ ଯେପରିକି ଆପଣ ଏହା ଦେଖିପାରନ୍ତି।"

45 ଏହା କଅଣ ଅଟେ? ଜଗତ ଏକ ଚରମ ପରାକାଷ୍ଠା ଆଡକୁ ଗତି କରୁଛି। କାହିଁକି? ବ୍ୟବସ୍ଥାବିହୀନର, ନୈତିକ ଅବନତିର, ବୈଜ୍ଞାନିକ ଧର୍ମର ଆତ୍ମା, ଏହାକୁ "ପ୍ରତ୍ୟେକ ଘୃଣ୍ୟ ଓ ଅଶୁଚି ପକ୍ଷୀମାନଙ୍କର ବସା" ଆଡକୁ ଆଗେଇ ନେଇଛି, ଯେପରିକି ବାଇବଲ ବ୍ୟକ୍ତ କରିଥାଏ। ଆସନ୍ତୁ ଏହାକୁ ପାଠ କରିବା, ପ୍ରକାଶିତ ବାକ୍ୟ 18 କୁ। ଠିକ୍ ଯେତେବେଳେ ଆମେ ଏହି ବିଷୟକୁ ଆରମ୍ଭ କରୁ, ଆମେ ପ୍ରକାଶିତ ବାକ୍ୟ 18:1 ରୁ 5 କୁ ପାଉ। ମୁଁ ଭାବୁଛି ମୁଁ ଏହାକୁ ଠିକ୍ ଚିହ୍ନିତ କରି ରଖିଛି।

> *ଏଥିଉତ୍ତାରେ ମୁଁ ଆଉ ଜଣେ ଦୂତଙ୍କୁ ସ୍ୱର୍ଗରୁ ଓହ୍ଲାଇଆସିବାର ଦେଖିଲି, ସେ ମହାକ୍ଷମତାପନ୍ନ; ତାହାଙ୍କ ମହିମାରେ ପୃଥିବୀ ଆଲୋକମୟ ହୋଇଗଲା ।*
>
> *ଏବଂ ସେ ମହା ଶବ୍ଦ କରି ଉଚ୍ଚ ସ୍ୱରରେ କହିଲେ,* (ତେବେ ଆପଣ ଲୋକମାନେ ଯେଉଁମାନେ ସ୍ୱପ୍ନ ଦେଖିଥିଲେ)...*କହିଲେ, ମହାନଗରୀ ବାବିଲ* ପତିତ, *ଅଧଃପତିତ ହୋଇଅଛି, ତାହା ଭୂତମାନଙ୍କ ବାସସ୍ଥାନ, ପୁଣି ଅଶୁଚି ଆତ୍ମାମାନଙ୍କର ବାସସ୍ଥାନ,...ଅଶୁଚି ଏବଂ ଘୃଣ୍ୟ ପକ୍ଷୀମାନଙ୍କର ଆଶ୍ରୟସ୍ଥାନ ହୋଇଅଛି ।*
>
> *କାରଣ ଜାତିସମୂହ ତାହାର* (ମଣ୍ଡଳୀ) *ବ୍ୟଭିଚାରର କାମରୂପ ମଦିରା ପାନ* କରିଅଛନ୍ତି, *ପୃଥିବୀର ରାଜାମାନେ ତାହା ସହିତ* ବ୍ୟଭିଚାର *କରିଅଛନ୍ତି, ଓ ପୃଥିବୀର ବଣିକମାନେ ତାହାର ବିଳାସିତାରେ ଧନୀ ହୋଇଅଛନ୍ତି ।*
>
> *ପରେ ମୁଁ ସ୍ୱର୍ଗରୁ ଆଉ ଗୋଟିଏ ସ୍ୱର ଏହା କହିବାର, ଶୁଣିଲି, ହେ ଆମ୍ଭର ଲୋକମାନେ,* ତୁମ୍ଭେମାନେ *ଯେପରି ତାହାର ପାପର ସହଭାଗୀ ନ ହୁଅ...* ତୁମ୍ଭେମାନେ *ତାହାର କ୍ଳେଶର ଅଂଶୀ ନ ହୁଅ, ଏଥିନିମନ୍ତେ ତାହାଠାରୁ ବାହାରି ଆସ ।*
>
> *କାରଣ ତାହାର* ପାପରାଶି *ସ୍ୱର୍ଗ ପର୍ଯ୍ୟନ୍ତ ସୁଦ୍ଧା ଉଠିଅଛି, ଆଉ ପରମେଶ୍ୱର ତାହାର* ଅଧର୍ମସବୁ ସ୍ମରଣ *କରିଅଛନ୍ତି ।*

46 କି ଏକ ଚେତାବନୀ ଅଟେ! ଏହା ମଣ୍ଡଳୀକୁ ଅବିକଳ ଭାବରେ ପ୍ରକାଶିତ ବାକ୍ୟ 3:14 କୁ, ଲାଅଦିକୀୟ ଯୁଗକୁ, ବ୍ୟବସ୍ଥାବିହୀନ ଅବସ୍ଥାକୁ; ପ୍ରକୃତ ଧାର୍ମିକ, କିନ୍ତୁ ବ୍ୟବସ୍ଥାବିହୀନତାକୁ ଫେରାଇ ଆଣିଥାଏ । "ତୁମ୍ଭେ, କାରଣ ତୁମ୍ଭେ ଏହା କହୁଛ, 'ଆମ୍ଭେ ଧନୀ ଅଟୁ, କିଛି ଅଭାବ ନାହିଁ,' କଅଣ ତୁମେ ଏହା ଜାଣ ନାହିଁ ଯେ ତୁମେ ଉଲଗ୍ନ, ଦୁଃଖୀ, ଅନ୍ଧ ଅଟ, ଏବଂ ଏହା ଜାଣ ନାହିଁ ।" ଏହି ଯୁଗ ନିମନ୍ତେ ଶାସ୍ତ୍ର ସହିତ ସଂପୂର୍ଣ୍ଣ ଭାବରେ ମିଶୁଛି, ଦାନିୟେଲଙ୍କ ଯୁଗର ଶାସ୍ତ୍ର ନିମନ୍ତେ ନୁହେଁ, ସେମାନଙ୍କ ନିମନ୍ତେ ନୁହେଁ ଯେଉଁମାନଙ୍କର ନାମ...ନୋହଙ୍କ ଯୁଗର, ମାତ୍ର ଏହି ଶେଷ, ମନ୍ଦ ଯୁଗରେ ଅଟେ ।

47 ଏଠାରେ ଧ୍ୟାନ ଦିଅନ୍ତୁ, "ତୁମେ ଉଲଗ୍ନ ଅଟ ।" ତାହାକୁ ପ୍ରକୃତରେ ମଜ୍ଜି ଯିବାକୁ ଦିଅନ୍ତୁ । ମୁଁ ଜାଣେ ଯେ ଏହି ଚିନ୍ତାଧାରା ଉପରେ ମୋ'ର ବହୁତ ଅଧିକ ମତଭେଦ ଥାଇପାରେ, ମାତ୍ର ଏହା ଏପରି ଏକ ସ୍ଥାନକୁ ଆସିଯାଇଛି ଯେ ଜଣେ ଖ୍ରୀଷ୍ଟିଆନ ନିଜ ଘରୁ ବଡ଼ କଷ୍ଟରେ ବାହାରକୁ ଚାଲି ଯାଇପାରନ୍ତି ଏବଂ ଅପର୍ଯ୍ୟାପ୍ତ ପୋଷାକ ପିନ୍ଧିଥିବା ସ୍ତ୍ରୀଲୋକମାନଙ୍କ ଦ୍ୱାରା, ଏହି ମନ୍ଦ ଯୁଗର ଉପସ୍ଥିତିକୁ ଅଣା ନ ଯାଆନ୍ତି ।

48 ମହିଳାମାନେ, ମୁଁ ଏହା କହିବାକୁ ଯାଉଛି, ଏବଂ ମୁଁ ଚାହୁଁଛି ଯେ ଆପଣମାନେ ଶୁଣନ୍ତୁ । ଏବଂ, ପୁରୁଷ ଏବଂ ମହିଳାମାନେ, ଆପଣ ହୁଏତ ଏଥିରେ ଅସହମତ ହୋଇପାରନ୍ତି, କିନ୍ତୁ ମୁଁ ଏହା କହିବାକୁ ବାଧ୍ୟ ହେଉଛି । କଅଣ ଆପଣ ଜାଣିଛନ୍ତି କି, ଯେ କୌଣସି ମହିଳା ଯିଏକି

ନିଜକୁ ସେହିପରି ବସ୍ତ୍ରବିହୀନ କରେ ସେ ତା'ର ସଠିକ୍ ମସ୍ତିଷ୍କରେ ନାହିଁ? କଅଣ ଆପଣ ଜାଣିଛନ୍ତି କି, ଯେ ସେ, ସେ ଏହାକୁ ବିଶ୍ୱାସ କରୁ ବା ନ କରୁ, କିମ୍ବା ଏପରି ଭାବେ ନାହିଁ, ଯେ ସେ ଜଣେ ବେଶ୍ୟା ଅଟେ? ଯଦିଓ ସେହି ମହିଳା ହୁଏତ ପରମେଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହୋଇ ଶପଥ କରିପାରେ ଯେ ସେ ତା'ର ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ପର୍ଶ କରାଯାଇ ନାହାଁନ୍ତି, ଏବଂ ତାହା ଏକ ବିଶ୍ୱାସଯୋଗ୍ୟ ସତ୍ୟ ହୋଇପାରେ, ମାତ୍ର ତଥାପି ସେ ଜଣେ ବେଶ୍ୟା ଅଟେ। ଯୀଶୁ କହିଲେ, "ଯେକେହି ଜଣେ ସ୍ତ୍ରୀଲୋକକୁ କାମ ବାସନା ଦୃଷ୍ଟିରେ ଚାହିଁଥାଏ ସେ ତା' ସହିତ ବ୍ୟଭିଚାର କରିସାରିଛି।" ଏବଂ ହୋଇପାରେ ଯେ ସେହି ସ୍ତ୍ରୀଲୋକଟି...

49 ଦେଖନ୍ତୁ, ସେ "ଉଲଗ୍ନ," ବାଇବଲ କୁହେ, "ଏବଂ ଏହା ଜାଣେ ନାହିଁ।" ସେହି ଆତ୍ମା ଯାହାକି ତାଙ୍କୁ ଏପରି କାର୍ଯ୍ୟ କରିବାକୁ ଅଭିଷେକ କରେ ତାହା ହେଉଛି ଏକ ମନ୍ଦ, ବେଶ୍ୟାର ଆତ୍ମା। ତା'ର ବାହ୍ୟ ଶରୀର, ତା'ର ଶାରୀରିକ ଦେହ, ତା'ର ମାଂସ, ସେ ପରିଷ୍କାର ହୋଇପାରେ। ସେ କୌଣସି ବ୍ୟଭିଚାର କରି ନ ଥାଇପାରେ, ଏବଂ ପରମେଶ୍ୱରଙ୍କ ନିକଟରେ ଶପଥ କରିପାରେ ଓ ସଚ୍ଚୋଟ ହୋଇପାରେ, ଯେ ସେ କେବେ କରି ନାହିଁ, କିନ୍ତୁ ତାହାର ଆତ୍ମା ଏକ ବେଶ୍ୟା ଆତ୍ମା ଅଟେ। ସେ ଏହି ଫ୍ୟାଶନ ଜଗତର ଈଶ୍ୱର ଦ୍ୱାରା ଏତେ ଅନ୍ଧ କରାଯାଇଛି; ଯେ ସେ ନିଜକୁ କାମୁକ ଭାବରେ ବସ୍ତ୍ରାନ୍ୱିତ କଲା ଓ ସେଠାକୁ ବାହାରି ଗଲା।

50 ଅନ୍ୟ ଏକ ଦିନ, ଭାଇ ଉଡ୍ ଏବଂ ମୁଁ ଆମର ଡଙ୍ଗାକୁ ନଦୀରେ ରଖୁଥିଲୁ। ମୋତେ ଘରୁ କିଛି ମିନିଟ୍ ବାହାରି ଯାଇ, ନଦୀ ଉପରକୁ ଯିବାର ଥିଲା। ଏବଂ ଆପଣ ଯେଉଁଆଡକୁ ବି ଯାଆନ୍ତୁ, ମହିଳାମାନେ ଏହି ଛୋଟ ଜିନିଷ ସହିତ ଥାଆନ୍ତି...'କିନିସ୍ ବା ସେପରି କିଛି କୁହାଯାଏ, ଯାହା ସେମାନଙ୍କ ଚାରିପାଖରେ ପିନ୍ଧନ୍ତି। ତାହା ଏକ ଲଜ୍ଜାର ବିଷୟ ଅଟେ। ଜଣେ ମହିଳା ତାଙ୍କ ସଠିକ୍ ମସ୍ତିଷ୍କରେ ରହି ସେପରି କିଛି ପରିଧାନ କରିପାରିବ ନାହିଁ। ସେ ଏକ ବେଶ୍ୟା ଆତ୍ମାରେ ଆବିଷ୍ଟ ଅଟେ। ବର୍ତ୍ତମାନ, ହେ ମହିଳା, ଆପଣ ତାହା ପରମେଶ୍ୱରଙ୍କ ସହିତରେ ସମାଧାନ କରନ୍ତୁ, କାରଣ ଆପଣ ଦିନେ ଜାଣିବାକୁ ପାଇବେ ଯେ ତାହା ସତ୍ୟ ଅଟେ।

51 କିପରି ଆପଣ, ଜଣେ ମହିଳା ଭାବରେ, ଏହା ଜାଣି ଯେ ଆପଣଙ୍କର ଶରୀର ଅତ୍ୟନ୍ତ ପବିତ୍ର ଅଟେ, ଆଉ ଏହାକୁ ଆଜିର ଦିନରେ ରାସ୍ତାରେ ଗମନାଗମନ କରୁଥିବାର ଏହି କାମାସକ୍ତ, ପାପୀ ଶୟତାନମାନଙ୍କ ନିକଟରେ ଉଲଗ୍ନ ଭାବେ ପ୍ରକାଶ କରନ୍ତି? ଯଦି ପରମେଶ୍ୱରଙ୍କ ପୁତ୍ରମାନେ ସମସ୍ତେ ଏବେ ସୁଦ୍ଧା ପରମେଶ୍ୱରଙ୍କ ପୁତ୍ରଗଣ ହୋଇ ରହିଥା'ନ୍ତେ, ତେବେ ଆପଣଙ୍କର ସ୍ୱାମୀ ପରମେଶ୍ୱରଙ୍କ ଜଣେ ପୁତ୍ର ହୋଇଥା'ନ୍ତେ, ସେ ଆପଣଙ୍କୁ ପୋଷାକ ପିନ୍ଧାଇ ଥା'ନ୍ତେ ନତୁବା ଆପଣଙ୍କୁ ପରିତ୍ୟାଗ କରିଦିଅନ୍ତେ। ଯଦି ଜଣେ ପିଲା ପରମେଶ୍ୱରଙ୍କ ଏକ ପୁତ୍ର ହୋଇଥା'ନ୍ତା, ତେବେ ସେ କେବେବି ଏପରି ବିଷୟକୁ ବିବାହ କରି ନ ଥାଆନ୍ତା। ବୁଝିଲେ?

ଆପଣ କୁହନ୍ତି, "ଆପଣ କରୁ-..." ନା।

ମୁଁ ଆପଣଙ୍କୁ ସତ୍ୟ କହୁଛି, ଏବଂ ଦିନେ ଆପଣ ଏହାକୁ ସାକ୍ଷାତ କରିବେ। "ଉଲଗ୍ନ, ବ୍ୟଭିଚାରୀ; ଏହା ଜାଣେ ନାହିଁ।"

52 "ଓଃ, ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ମୋ' ସ୍ୱାମୀଙ୍କ ସହିତ ନେଇଥିବା ଶପଥଗୁଡିକୁ କେବେ ବି ଖଣ୍ଡନ କରି ନାହିଁ।" ଯଦି ଆପଣ ତାହା କରିଛନ୍ତି ତେବେ ତାହା ପାଇଁ ଆପଣଙ୍କର ସ୍ୱାମୀ ଆପଣଙ୍କୁ ବିଚାର କରିବେ। ମାତ୍ର ଆପଣଙ୍କ ଭିତରେ କି ପ୍ରକାର ଆତ୍ମା ଅଛି ପରମେଶ୍ୱର ଆପଣଙ୍କୁ ତାହା ଦ୍ୱାରା ବିଚାର କରିବେ; ଆପଣଙ୍କ ଶରୀର ଦ୍ୱାରା ନୁହେଁ, ବରଂ ଆପଣଙ୍କ ଆତ୍ମା ଦ୍ୱାରା, ସେହି ଆନ୍ତରିକ ମନୁଷ୍ୟ ଦ୍ୱାରା ବିଚାର କରିବେ।

53 ବାହ୍ୟ ମନୁଷ୍ୟ ହେଉଛି ଏକ ଶାରୀରିକ ପ୍ରାଣୀ ଯାହାକି ଛଅଟି ଇନ୍ଦ୍ରିୟ ଦ୍ୱାରା ନିୟନ୍ତ୍ରିତ ଅଟେ...କିମ୍ବା ପାଞ୍ଚଟି ଇନ୍ଦ୍ରିୟ, ବରଂ। ଆନ୍ତରିକ ମନୁଷ୍ୟ ହେଉଛି ଏକ ଆତ୍ମା ମଣିଷ ଯାହାକି ପାଞ୍ଚଟି ଇନ୍ଦ୍ରିୟ ଦ୍ୱାରା ନିୟନ୍ତ୍ରିତ ଅଟେ; ବିବେକ, ଏବଂ ପ୍ରେମ, ଇତ୍ୟାଦି। ବାହ୍ୟ ମନୁଷ୍ୟ; ଦୃଷ୍ଟି, ସ୍ୱାଦ, ଅନୁଭବ, ଗନ୍ଧ, ଶ୍ରବଣ।

କିନ୍ତୁ ସେହି ଆତ୍ମାର ଭିତରେ ଏକ ପ୍ରାଣ ଅଛି, ଏବଂ ଏହା ଗୋଟିଏ ବିଷୟ ଦ୍ୱାରା ନିୟନ୍ତ୍ରିତ ଅଟେ, ଆପଣଙ୍କର ସ୍ୱାଧୀନ ଇଚ୍ଛା। ଆପଣ ତାହା ଗ୍ରହଣ କରିପାରନ୍ତି ଯାହା ଶୟତାନ କୁହେ କିମ୍ବା ତାହା ଗ୍ରହଣ କରିପାରନ୍ତି ଯାହା ପରମେଶ୍ୱର କୁହନ୍ତି। ଏବଂ ତାହାହିଁ ନିର୍ଦ୍ଧାରିତ କରିବ ଯେ ସେଠାରେ କେଉଁ ଆତ୍ମା ଅଛି। ଯଦି ଏହା ପରମେଶ୍ୱରଙ୍କ ଆତ୍ମା ଅଟେ, ଏହା ପରମେଶ୍ୱରଙ୍କ ଜିନିଷଗୁଡ଼ିକ ଉପରେ ପ୍ରତିପୋଷିତ ହେବ, ଏବଂ ଏହା ଜଗତର କୌଣସି ବିଷୟବସ୍ତୁ ଉପରେ ପ୍ରତିପୋଷିତ ହେବ ନାହିଁ। ଯୀଶୁ କହିଲେ, "ଯଦି ତୁମେ ଜଗତ କିମ୍ବା ଜଗତର ବିଷୟଗୁଡିକୁ ପ୍ରେମ କର, ଏହାର କାରଣ ହେଉଛି ପରମେଶ୍ୱରଙ୍କ ପ୍ରେମ ଏବେ ସୁଦ୍ଧା ଏହି ଆଭ୍ୟନ୍ତରୀଣ ଅଂଶରେ ପ୍ରବେଶ କରିନାହିଁ।" ଶୟତାନ ଆପଣଙ୍କୁ ପ୍ରତାରିତ କରିଛି। "ଆଉ ମନୁଷ୍ୟ କେବଳ ରୋଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ।"

ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଆମେ ପାଉ ଯେ ସେ "ଉଲଗ୍ନ," ଅଶ୍ଳୀଳ ଏବଂ ନଗ୍ନ ଅଟେ।

54 ଏବଂ ଜଗତ ସବୁଠୁଁ ମନ୍ଦ ଯୁଗରେ ରହିଥିବା ପରି ମନେହୁଏ ଯାହାକି ଏହା କେବେ ରହିଥିଲା। କୌଣସି ଯୁଗରେ ମହିଳାମାନେ କେବେହେଲେ ଏହିପରି କାର୍ଯ୍ୟ କରିନାହାଁନ୍ତି, କେବେ ନୁହେଁ ବରଂ ଠିକ କେବଳ ନୋହଙ୍କ ଜଳପ୍ରଳୟ ସମୟରେ ଜଗତର ବିନାଶ ପୂର୍ବରୁ। ଏବଂ ଯୀଶୁ ଏହାକୁ ଉଦ୍ଧୃତ କରି କହିଥିଲେ। ଆମେ ଏହା ପାଖକୁ କିଛି ସମୟ ପରେ ଯିବା।

55 କଅଣ ପରମେଶ୍ୱର ନିୟନ୍ତ୍ରଣ ହରାଇ ଅଛନ୍ତି, ନା ସେ କେବଳ ଅନ୍ୟ ଏକ ସଂସ୍ଥାକୁ ନିୟନ୍ତ୍ରଣ କରିବାକୁ ଅନୁମତି ଦେଉଛନ୍ତି? ମୁଁ ଆଶ୍ଚର୍ଯ୍ୟ କରେ। ଏହି ପ୍ରଶ୍ନର ପ୍ରକୃତ ଉତ୍ତର ହେଉଛି, ମୋ' ମତରେ, ଆଜି ଜଗତରେ ଦୁଇଟି ବିରୋଧାତ୍ମକ ଆତ୍ମା, କାର୍ଯ୍ୟରତ ଅଛନ୍ତି। ତେବେ, ଦୁଇ, ଦୁଇଟି ପ୍ରଧାନରୁ ଅଧିକ ହୋଇପାରନ୍ତି ନାହିଁ। ଏବଂ ସେମାନଙ୍କ ମଧ୍ୟରୁ

ଗୋଟିଏ ହେଉଛି କାର୍ଯ୍ୟରେ ପବିତ୍ରଆତ୍ମା; ଅନ୍ୟଟି ହେଉଛି ଶୟତାନର ଆତ୍ମା, ଏବଂ, ଏହି ଶେଷ ଦିନରେ, ପ୍ରତାରଣାରେ କାର୍ଯ୍ୟ କରୁଅଛି ।

ତେବେ ମୁଁ ମୋ'ର ଚିନ୍ତାଧାରାକୁ ଠିକ ଏଠାରେ ମୋ'ର ବାକି ପାଠ୍ୟ ପାଇଁ ଆଧାର କରିବାକୁ ଯାଉଛି, ଆମର ବାର୍ତ୍ତାର...ବାକି ଅଂଶ ।

56 ସେହି ଦୁଇଟି ଆତ୍ମା । ସେମାନଙ୍କ ମଧ୍ୟରୁ ଜଣେ, ପରମେଶ୍ୱରଙ୍କ ପବିତ୍ରଆତ୍ମା; ଅନ୍ୟଟି, ଶୟତାନର ଆତ୍ମା, ପ୍ରତାରଣାରେ କାମ କରୁଥାଏ । ପୃଥିବୀର ଲୋକମାନେ ବର୍ତ୍ତମାନ ସେମାନଙ୍କର ପସନ୍ଦକୁ ଗ୍ରହଣ କରୁଛନ୍ତି ।

ପବିତ୍ରଆତ୍ମା ଏଠାରେ ଖ୍ରୀଷ୍ଟଙ୍କ ପାଇଁ ଏକ କନ୍ୟାକୁ ଡାକୁଛନ୍ତି । ସେ ଏହାକୁ ଏହି ଯୁଗ ପାଇଁ, ସେହି କନ୍ୟା ନିମନ୍ତେ ଥିବା ପ୍ରତିଜ୍ଞାତ ବାକ୍ୟକୁ ସୁପ୍ରମାଣ କରିବା ଦ୍ୱାରା ଏହା କରୁଛନ୍ତି, ଏହା ଦର୍ଶାଉଛନ୍ତି ଯେ ଏହା ଖ୍ରୀଷ୍ଟ ଅଟନ୍ତି ।

ଯଦି ଏହି ଯୁଗରେ ଆଙ୍ଗୁଠିକୁ ଗତି କରିବାକୁ ଥାଏ, ତେବେ ଆଙ୍ଗୁଠି ଗତି କରିବ । ଯଦି ଏହି ଯୁଗରେ ପାଦ ଗତି କରିବାକୁ ଥାଏ, ତେବେ ପାଦ ଗତି କରିବ । ଯଦି ଏହି ଯୁଗରେ ଆଖିକୁ ଦେଖିବାକୁ ଥାଏ, ତେବେ ଆଖି ଦେଖିବ । ବୁଝିଲେ?

ପରମେଶ୍ୱରଙ୍କ ଆତ୍ମା, ଯେତେବେଳେକି ଏହା ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ଆକୃତିରେ ବୃଦ୍ଧି ପାଇଅଛି, ସେହି ଯୁଗ ଅଟେ ଯେଉଁଥିରେକି ଆମେ ବର୍ତ୍ତମାନ ବାସ କରୁଅଛୁ । ପବିତ୍ରଆତ୍ମା ଏଠାରେ ଏହି ସମୟର ବାର୍ତ୍ତାକୁ ପ୍ରମାଣିତ କରୁଛନ୍ତି । ଏବଂ ପବିତ୍ରଆତ୍ମା ଏହା କରୁଛନ୍ତି, ଯେପରିକି ପରମେଶ୍ୱରଙ୍କୁ ବିଶ୍ୱାସ କରୁଥିବା ଲୋକମାନେ ଏହି ବିଶୃଙ୍ଖଳାରୁ ବାହାରକୁ ଡକାଯିବେ ।

ଶୟତାନର ଅପବିତ୍ର ଆତ୍ମା ଏଠାରେ, ପୂର୍ବପରି, ସେହି ତ୍ରୁଟି ଦ୍ୱାରା ତାହାର ମଣ୍ଡଳୀକୁ ଡାକୁଅଛି, ପରମେଶ୍ୱରଙ୍କ ବାକ୍ୟକୁ ବିକୃତ କରିବା ଦ୍ୱାରା, ଯେପରି ସେ ଆରମ୍ଭରେ କରିଥିଲା । କଅଣ ଏହାକୁ ପୁଣିଥରେ ଏଦନରୁ, ସେହି ବୀଜ ସମୟକୁ ଫେରି ଆସୁଥିବାର ଦେଖୁଛନ୍ତି କି? ଏଠାରେ ତାହା ପୁନର୍ବାର ଅଟେ ।

57 ବର୍ତ୍ତମାନ, ସେଠାରେ ସେହି ଯୁଗମାନ ଦେଇ, ଆପଣ ଥିଲେ-...ଅନ୍ୟ ଯୁଗଗୁଡିକରେ, ଆପଣ ନାମଧାରୀ ସଂସ୍ଥାଗୁଡିକରେ ସମ୍ପୃକ୍ତ ଥିଲେ, ଆପଣ *ଏହା, ତାହା,* କିମ୍ବା *ଅନ୍ୟ* ସହିତ ସମ୍ପୃକ୍ତ ଥିଲେ । ସେହି ନାମଧାରୀ ଡେଙ୍ଗ ସହିତ କ'ଣ ଘଟିଲା? ଏହା ଶୁଖିଯାଏ । ଆତ୍ମା ଛାଡ଼ି ଚାଲିଯା'ନ୍ତି ଓ ଆଗକୁ ବଢୁଥା'ନ୍ତି, ଏବଂ ଏହା ଉପରକୁ ଏକ ବୀଜରେ ଗତି କରେ । ଆପଣ ଦେଖୁଛନ୍ତି କି?

58 ଏବଂ ଉଭୟଙ୍କର, ସେହି ପ୍ରଲୋଭନ, ଠିକ ସେହି ସମାନ ଭାବରେ ପଛକୁ ଫେରିଯାଏ ଯେପରିକି ତାହା ଆରମ୍ଭରେ ହୋଇଥିଲା । ଧ୍ୟାନ ଦିଅନ୍ତୁ । କରନ୍ତୁ ନାହିଁ—କରନ୍ତୁ ନାହିଁ, ନା, ବର୍ତ୍ତମାନ ଏହାକୁ ଭୁଲନ୍ତୁ ନାହିଁ ।

ଯେପରି ଯୋହନ, ପ୍ରଥମ ଯୋହନ 4:5 ଏବଂ 6, ଯଦି ଆପଣ ଏହାକୁ ଲେଖିବାକୁ ଚାହାଁନ୍ତି, ସେ ଏହାକୁ କୁହନ୍ତି, "ଭ୍ରାନ୍ତିପୂର୍ଣ୍ଣ ଆତ୍ମା।"

ହବା କଦାପି କେବଳ ସାଧାରଣ ଭାବରେ, ସ୍ବେଚ୍ଛାରେ, ବାହାରକୁ ବାହାରି, ଏହା କହିଲେ ନାହିଁ, "ମୁଁ ପରମେଶ୍ବରଙ୍କୁ ବିଶ୍ଵାସ କରେ ନାହିଁ।" ନା। ଏହା ତ ଏକ ତ୍ରୁଟି ଥିଲା ଯାହା ସେ ବିଶ୍ଵାସ କରିଥିଲେ।

59 ଶୟତାନ କେବେବି ବାହାରକୁ ଆସି କହିଲା ନାହିଁ, "ଓଃ, ଭଲ, ତାହା ତ ପରମେଶ୍ବରଙ୍କ ବାକ୍ୟ ସୁଦ୍ଧା ନୁହେଁ।" ସେ ଏହା ସ୍ବୀକାର କରିଥିଲା ଯେ ତାହା ପରମେଶ୍ବରଙ୍କ ବାକ୍ୟ ଥିଲା, କିନ୍ତୁ ସେ ଏଥିରେ ନିଜର ବ୍ୟାଖ୍ୟା ଯୋଗ କରିଥିଲା। ଯାହାକି, ପରମେଶ୍ବର ସେମାନଙ୍କୁ ତାହା ନ କରିବା ପାଇଁ ସ୍ପଷ୍ଟ ଭାବରେ କହିଥିଲେ।

ଏହା କ'ଣ କରେ? "ଏହା ଏକ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରେ, ଯେପରିକି ଲୋକମାନେ ଏକ ମିଥ୍ୟାରେ ବିଶ୍ଵାସ କରନ୍ତି, ଏବଂ ଏହା ଦ୍ଵାରା ଦଣ୍ଡର ପାତ୍ର ହୁଅନ୍ତି।" ବର୍ତ୍ତମାନ ଯଦି ଆପଣ ତାହା ପାଠ କରିବାକୁ ଚାହାଁନ୍ତି, ଦ୍ଵିତୀୟ ଥେସଲନୀକୀୟ 2:11।

60 ଯେପରିକି ମୋ' ପାଖରେ ପ୍ରାୟଃ, ଏଠାରେ ବହୁତ ଗୁଡ଼ିଏ ଶାସ୍ତ୍ରାଂଶ ଅଛି, ଏବଂ ଆମେ ସେଗୁଡ଼ିକ ସବୁକୁ ପାଠ କରିବାରେ ସମର୍ଥ ହେବୁ ନାହିଁ। ବର୍ତ୍ତମାନ ଗୋଟିଏ ଏବଂ ପରେ ଗୋଟିଏ, ମୁଁ ସେଗୁଡିକୁ ଆପଣମାନଙ୍କୁ ଦେବି। ଯେତେବେଳେକି ଏହା ବିଚିତ୍ର ମନେହୁଏ, ଯେ ଆପଣ ଏହାକୁ ପ୍ରଶ୍ନ କରନ୍ତି କିମ୍ବା ଅନ୍ୟକିଛି କରନ୍ତି, ଆଉ ଆମେ ଏହାକୁ ଲେଖିପାରୁ ଓ ଆପଣଙ୍କର ଲାଭ—ଲାଭ ପାଇଁ ପଢ଼ିପାରୁ।

61 "ଏକ ଭ୍ରାନ୍ତିଜନକ ଶକ୍ତି କରେ," ଯେପରିକି ବାଇବଲ କୁହେ ଯେ ତାହା କରିବ, ଦ୍ଵିତୀୟ ଥେସଲନୀକୀୟ। "ତେବେ, ଏହି ଅଧର୍ମର ପୁରୁଷ ଅସ୍ତିତ୍ଵକୁ ଆସିବ, ଏବଂ ପରମେଶ୍ବରଙ୍କ ମନ୍ଦିରରେ ବସି, ଆପଣାକୁ ପରମେଶ୍ବର ବୋଲି ଦେଖାଇବ, ଏବଂ ଲୋକମାନଙ୍କ ନିକଟକୁ ଏକ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରିବ, ଯେପରିକି ସେମାନେ ଏକ ମିଥ୍ୟାରେ ବିଶ୍ଵାସ କରନ୍ତି; ଏବଂ ଏହା ବିଶ୍ଵାସ କରିବା ଦ୍ଵାରା, ଦଣ୍ଡର ପାତ୍ର ହୁଅନ୍ତି।"

ହବା ସହିତ ସେ ଠିକ ସେହି ସମାନ କାର୍ଯ୍ୟ କରିଥିଲା। ହବାଙ୍କୁ ଦେଇଥିଲା...କଦାପି—କଦାପି ତାଙ୍କୁ ଏହା କହିଲା ନାହିଁ ଯେ ବାକ୍ୟ ଠିକ୍ ନୁହେଁ, ମାତ୍ର ତାଙ୍କୁ ଏକ ଭ୍ରାନ୍ତିଜନକ ଶକ୍ତି ପ୍ରଦାନ କଲା, ଯେ ସେ ଏକ ମିଥ୍ୟାକୁ ବିଶ୍ଵାସ କରିଥିଲେ।

62 ଭ୍ରାନ୍ତିଜନକ ଆତ୍ମା ଶୟତାନର ଅଟେ। "ଶୟତାନ ବର୍ତ୍ତମାନ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି।" କେଉଁ ବିଷୟ ପ୍ରତି ଅନାଜ୍ଞାବହ? ଏହି ଦିନର ସନ୍ତାନମାନେ କେଉଁ ବିଷୟ ପ୍ରତି ଅନାଜ୍ଞାବହ ଅଟନ୍ତି? ଯେପରିକି ହବା ଥିଲେ, ଆରମ୍ଭରେ, ପରମେଶ୍ବରଙ୍କ ପ୍ରକୃତ ବାକ୍ୟ ପ୍ରତି। ତାହା ଠିକ୍। ବର୍ତ୍ତମାନ ଯଦି ଆପଣ ତାହା ପାଇବାକୁ ଚାହାଁନ୍ତି...

ଆସନ୍ତୁ, ଏଫିସୀୟ 2 କୁ ଯିବା, ମାତ୍ର ଗୋଟିଏ ମିନିଟ୍, 'କାରଣ ଏହା ଭଲ ଲାଗେ ଯେ ଆମେ...ମୁଁ ମାତ୍ର ଗୋଟିଏ ମିନିଟ୍ ଅଟକିବି, ଯଦି ଆପଣ କୌଣସି ତରତରରେ ନାହାଁନ୍ତି, ଏବଂ ଏଥିରୁ କିଛି ପାଠ କରିବା। ଏଫିସୀୟ 2:1ରୁ 2।

*ଏହି ସଂସାରର ଭାବ ଅନୁସାରେ, ପୁଣି ଆକାଶମଣ୍ଡଳ ରାଜ୍ୟର ଅଧିପତି:*

*ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି, ଅପରାଧ ଓ ପାପରେ ମୃତ ଥିଲ:*

63 "ଅନାଜ୍ଞାବହର ସନ୍ତାନମାନେ।" ଏବଂ ଯଦି ସେହି ଖ୍ରୀଷ୍ଟବିରୋଧୀ, ସେଠାରେ ସେହି ଅନାଜ୍ଞାବହର ଶୈଶବ ପ୍ରାବସ୍ଥାଠୁଁ ଆରମ୍ଭ ହେଉଅଛି, ସେତେବେଳେ କ'ଣ ହେବ ଯେତେବେଳେ ଏହା ଉପରକୁ ଖ୍ରୀଷ୍ଟବିରୋଧୀର ମସ୍ତିଷ୍କକୁ ଆସେ? ଏହା କେତେ ପ୍ରତାରଣାକାରୀ ହେବ! ପ୍ରତାରଣାର କେତେ ଅଧିକ ଶକ୍ତି ଜଣେ—ଜଣେ ବୟସ୍କ ବ୍ୟକ୍ତି, ଏକ ଶିଶୁ ଅପେକ୍ଷା ଜଗତକୁ ଦେଇପାରେ! ଆଉ ସେ କହିଲେ, "ଭ୍ରାନ୍ତିଜନକ—ଜନକ ଆତ୍ମା ବର୍ତ୍ତମାନ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ କରୁଅଛି," ବାକ୍ୟ ପ୍ରତି ଅନାଜ୍ଞାବହତା। ଧ୍ୟାନ ଦିଅନ୍ତୁ। ତେବେ ମୁଁ ଏହା ଉପରେ ମାତ୍ର ଗୋଟିଏ ମିନିଟ୍ ପାଇଁ ରହିବାକୁ ଚାହେଁ, "ଅନାଜ୍ଞାବହର ସନ୍ତାନଗଣ," ଏକ ଶିଶୁ।

64 କଅଣ ଆପଣ ଜାଣିଛନ୍ତି ଯେ, ଆପଣ, ଆପଣଙ୍କର ଆରମ୍ଭ, ମୁଁ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଏହା ପ୍ରମାଣ କରିପାରେ ଯେ ଆପଣ, ଏଠାରେ ଥିବା ଯେକୌଣସି ବ୍ୟକ୍ତି, ନିଜର ସାଆଁନ୍ତ-ଜେଜେବାପାରେ ଜୀବିତ ରହିଥିଲେ। ଏବଂ ଆପଣଙ୍କର ସାଆଁନ୍ତ-ଜେଜେବାପା, ଆପଣ ନିଜର ଜେଜେବାପାଠାରେ ଉତ୍ପନ୍ନ ହୋଇଥିଲେ, ତା'ପରେ ନିଜର ପିତାଙ୍କଠାରେ, ଏବଂ ତା'ପରେ ନିଜଠାରେ ହେଲେ। କଅଣ ଆପଣ ତାହା ଜାଣିଛନ୍ତି?

ବାଇବଲ କୁହେ, ମୁଁ ବିଶ୍ୱାସ କରେ ଏହା ଏବ୍ରୀ 7 ଅଟେ, ଯେ, ମଲକୀଷେଦକ, ଯେତେବେଳେ ଅବ୍ରହାମ ରାଜାମାନଙ୍କ ସଂହାରରୁ ଫେରିଥିଲେ, "ଅବ୍ରହାମ ସମସ୍ତ ଲୁଟିତ ଦ୍ରବ୍ୟର ଦଶମାଂଶ ଦେଇଥିଲେ।" ଆଉ ଏଠାରେ ବର୍ତ୍ତମାନ ପାଉଲ କହୁଛନ୍ତି, ଯେ, "ଲେବୀ, ଯିଏ ଦଶମାଂଶ ଗ୍ରହଣ କରିଥିଲେ, ଏବେ ସୁଦ୍ଧା ଥିଲେ...ସେ ଦଶମାଂଶ ଦେଇଥିଲେ, ଯେତେବେଳେକି ସେ ମଲକୀଷେଦକଙ୍କୁ ଭେଟିବା ସମୟରେ ଅବ୍ରହାମଙ୍କ ଔରସରେ ଥିଲେ।" ତେଣୁ ଅବ୍ରହାମ ଯାହାକିଛି ବି କରିଥିଲେ, ତେବେ ଆମେ ପାଉ ଯେ ଲେବୀ ସେତେବେଳେ ଅବ୍ରହାମଙ୍କଠାରେ ଥିଲେ, ଯିଏକି ତାଙ୍କର ଜେଜେବାପା ଥିଲେ। ଅବ୍ରହାମ ଇସହାକଙ୍କୁ ଜନ୍ମ କଲେ। ଇସହାକ ଯାକୁବଙ୍କୁ ଜନ୍ମ କଲେ; ଯାକୁବ ପିତୃପୁରୁଷ, ଲେବୀଙ୍କୁ ଜନ୍ମ କଲେ।

ବର୍ତ୍ତମାନ, ତେବେ, ଆପଣ ଦେଖନ୍ତୁ, ଏଠାରେ ସଂପୂର୍ଣ୍ଣ ଦୃଶ୍ୟ, ପୂର୍ବନିରୂପଣକୁ ଆସୁଅଛି।

65 ବର୍ତ୍ତମାନ, ଏହି ବାର୍ତ୍ତାଗୁଡ଼ିକରେ, ମୁଁ ସେହି ବିଷୟଗୁଡ଼ିକୁ—କୁ—କୁ ଗୁରୁତ୍ୱ ଦେବାକୁ ଚାହେଁ ଯାହା ମୁଁ ଆପଣମାନଙ୍କୁ ବାର୍ତ୍ତାରେ କହିଅଛି, ଏହି ସନ୍ଧ୍ୟାକାଳିନ ଦୀପ୍ତି ବିଷୟରେ ଯାହା ପରମେଶ୍ୱର କହିଥିଲେ ଯେ ପୃଥିବୀକୁ ଆସିବ ।

66 ଏବଂ ଧ୍ୟାନ ଦିଅନ୍ତୁ, ତା'ପରେ, "ସେହି ପଶୁ ଯାହାକି ପୃଥିବୀକୁ ଆସିବାର ଥିଲା, ସେସମସ୍ତଙ୍କୁ ପ୍ରତାରଣା କରିବ ଯାହାଙ୍କର ନାମଗୁଡିକ ଜଗତ ପତ୍ତନାବଧି ପୂର୍ବରୁ ହତ୍ୟା କରାଯାଇଥିବା, ମେଷଶାବକଙ୍କ ଜୀବନ ପୁସ୍ତକରେ ରଖାଯାଇ ନାହିଁ ।"

67 ପରମେଶ୍ୱରଙ୍କ ନିଜ ଚିନ୍ତାଧାରାରେ; ପରମେଶ୍ୱର, ସେହି ମହାନ ଆତ୍ମା । ଆଦ୍ୟରେ, ଏହା ପୂର୍ବରୁ କି ଏକ ଆରମ୍ଭ ଥିଲା, ସେ ପରମେଶ୍ୱର ଥିଲେ, ଏବଂ କଅଣ ଆପଣ ଜାଣିଛନ୍ତି ଯେ ଆପଣ ସେତେବେଳେ ତାହାଙ୍କଠାରେ ଥିଲେ? ଯଦି ଆପଣ ବର୍ତ୍ତମାନ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ତେବେ ଆପଣ ସେତେବେଳେ ତାହାଙ୍କଠାରେ ଥିଲେ ।

ଆଉ ତେବେ, ଯଦି ତାହା ସେହିପରି ଅଟେ, ତାହାହେଲେ ସମଗ୍ର ପରମେଶ୍ୱରତ୍ତ୍ୱ ଶାରୀରିକ ଭାବରେ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ଗଢି ଉଠିଥିଲା । ଏବଂ ତା'ପରେ ଯେତେବେଳେ ଯୀଶୁ କ୍ରୁଶରେ ମୃତ୍ୟୁବରଣ କଲେ, ମୁଁ ତାହାଙ୍କ ସହିତ ମରିଥିଲି, କାରଣ ମୁଁ ସେତେବେଳେ ତାହାଙ୍କଠାରେ ଥିଲି; କାରଣ ସେ ବାକ୍ୟର ପରିପୂର୍ଣ୍ଣତା ଥିଲେ, ପ୍ରକାଶିତ ହୋଇଥିଲେ, ଏହା ଜାଣିଥିଲେ ଯେ ଆମେ ପରେ ପ୍ରକାଶ ପାଇବୁ । ଏବଂ ଆମେ ତାହାଙ୍କ ସହିତ କାଲବରୀରେ ଥିଲୁ । ଆମେ ତାହାଙ୍କ ସହିତ କବରକୁ ଗଲୁ । ଏବଂ ଆମେ ତାହାଙ୍କ ଓ ତାହାଙ୍କର ପୁନରୁତ୍‌ଥାନ ସହିତରେ ଉଠିଲୁ । ଏବଂ ବର୍ତ୍ତମାନ ଆମେ, ତାହାଙ୍କର ଆତ୍ମା ଦ୍ୱାରା, ଅନୁଗ୍ରହର ସିଂହାସନକୁ ଆରୋହଣ କରିଅଛୁ, ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ଏକାଠି ବସିଅଛୁ । ସର୍ବଦା!

68 ଯେପରି ପ୍ରାକୃତିକ ଜୀବନର ଜୀବାଣୁ ତଳକୁ ଅଣା ଯାଇଥିଲା, ପିତାଙ୍କଠାରୁ ପିତା, ପିତା, ପିତାଙ୍କ ପର୍ଯ୍ୟନ୍ତ ଜୀବନ ଧାରଣ କରିଥିଲା, ସେହିପରି ଖ୍ରୀଷ୍ଟଙ୍କ ଜୀବନ ଧାରଣ କରି ଚାଲିଥାଏ ।

ସେହି କାରଣରୁ ପରମେଶ୍ୱର ଏଲିୟଙ୍କର ଆତ୍ମାକୁ ପାଞ୍ଚ ଥର ଭିନ୍ନ ଭାବରେ ବ୍ୟବହାର କରନ୍ତି । ଏହା କଅଣ ଅଟେ? ଏହା ତ ହସ୍ତାନ୍ତର କରିବା ଅଟେ ।

69 ଠିକ ଯେପରି ଆପଣଙ୍କର ପ୍ରାକୃତିକ ଜୀବନ ଏବଂ ଗୁଣସକଳ ଆପଣଙ୍କର ପିତାଙ୍କ ପ୍ରାକୃତିକ ପ୍ରଜନନରୁ ହସ୍ତାନ୍ତର ହୋଇଥିଲା, ଠିକ ସେହିପରି ପରମେଶ୍ୱରଙ୍କ ଆତ୍ମା ଅଟେ, ଯାହାକି ଜଗତର ପତ୍ତନାବଧି ପୂର୍ବନିରୂପିତ ହୋଇଥିଲା ।

ଏବଂ ଯେତେବେଳେ ପରମେଶ୍ୱରଙ୍କ ସମଗ୍ର ବାକ୍ୟ, ସଂପୂର୍ଣ୍ଣ ଭାବରେ, ଯୀଶୁ ଖ୍ରୀଷ୍ଟ ନାମକ ଏକ ମାନବ ଶରୀରରେ ଆରୋହଣ କଲା, ସେଠାରେ, ତାହାଙ୍କଠାରେ ପରମେଶ୍ୱର ମୋ'ର ପାପର ମୂଲ୍ୟ ମୋତେ ପରିଶୋଧ କରାଇଲେ । ତା'ପରେ ସେ ମୋତେ ଉତଥାପିତ କଲେ, ପୁନରୁତ୍ଥାନରେ, ମୋତେ ତାହାଙ୍କ ସହିତରେ ଉଠାଇଲେ । ଏବଂ ବର୍ତ୍ତମାନ ଆମେ

ପ୍ରତ୍ୟେକ ଶୟତାନ ଉପରେ ଶକ୍ତି ଏବଂ ଅଧିକାର ରଖି, ତାହାଙ୍କ ସହିତରେ ବସିଅଛୁ। ଓଃ, ଯଦି ଆପଣ କେବଳ ତାହା ବିଶ୍ୱାସ କରିପାରନ୍ତେ ଯାହା ପରମେଶ୍ୱର ଦେଇଛନ୍ତି! କିନ୍ତୁ ଯଦି ଆପଣ ସେଠାରେ ବସି ନାହାଁନ୍ତି, ଆପଣଙ୍କ ପାଖରେ ତାହା ନାହିଁ। ଆଉ ଯଦି ଆପଣ ସେଠାରେ ବସିଛନ୍ତି, ଏବଂ ଏହାକୁ ବିଶ୍ୱାସ କରୁ ନାହାଁନ୍ତି, ଏବଂ ଘୁଞ୍ଚିବାକୁ ଭୟ କରୁଛନ୍ତି, ତେବେ ଆପଣ ଏହାକୁ କେବେବି ବ୍ୟବହାର କରିବେ ନାହିଁ। ମାତ୍ର ଯଦି ଆପଣ ସେଠାରେ ବସିଛନ୍ତି, ଆପଣ ଏହାକୁ ବ୍ୟବହାର କରିବେ, କାରଣ ଆପଣ ଯାହା କରୁଛନ୍ତି ତାହା କରିବା ପାଇଁ ଆପଣଙ୍କୁ ନିଯୁକ୍ତ କରାହୋଇଛି।

70 "ଫାରୋ," ଅନ୍ୟ ପକ୍ଷରେ, "ଏହି ଉଦ୍ଦେଶ୍ୟରେ ହିଁ ଉଠାଯାଇଥିଲେ," ବାଇବଲ କୁହେ, ଫାରୋ ହେବା ନିମନ୍ତେ। "ଯିହୂଦା ଇସ୍କାରିୟୋତି ବିନାଶର ପୁତ୍ର ହେବା ପାଇଁ ଉଠାଯାଇଥିଲେ।"

ତେବେ ଏହି ମହାନ ସତ୍ୟତାଗୁଡିକୁ ଧ୍ୟାନ ଦିଅନ୍ତୁ ଯାହା ପାଖକୁ ଆମେ ଆସୁଅଛୁ।

71 ବର୍ତ୍ତମାନ ଆମେ ଦେଖୁ ଯେ ମଣ୍ଡଳୀ ନିଜ ଉପରେ ଶାସନ କରିବା ପାଇଁ ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରିବାକୁ ମନା କରିଦେଲା ଏବଂ ତାହା ବଦଳରେ ବାରବ୍ବାଙ୍କୁ ଗ୍ରହଣ କରି ନେଲା। ତେବେ, ଯଦି ଆପଣ ଏହା ଉପରେ ଶାସ୍ତ୍ର ଚାହୁଁଛନ୍ତି, ଏହା ମାଥିଉ 27:15 ରୁ 23 ଅଟେ। ଏହା କଅଣ କରିଥିଲା? ଏହା କେଉଁ ପଦବୀ ଗ୍ରହଣ କରିଥିଲା? ତେବେ ଏହା ବିଷୟରେ ଚିନ୍ତା କରନ୍ତୁ। ଯେତେବେଳେ ମଣ୍ଡଳୀ ଜଗତ, ତାହାର ଧାର୍ମିକ, ପବିତ୍ର ପୁରୁଷମାନଙ୍କ ସଂଗଠିତ ଜୀବନରେ, ଯେପରିକି ସେମାନେ ଥିଲେ ବୋଲି, ଏବଂ ମନୁଷ୍ୟମାନଙ୍କ ଦୃଷ୍ଟିରେ ଥିଲେ ବୋଲି ଭାବୁଥିଲେ, ସେମାନେ ଯୀଶୁଙ୍କୁ କ୍ରୁଶାର୍ପିତ କଲେ, ଓ କହିଲେ, "ଆମେ ଏହି ମନୁଷ୍ୟକୁ ଆମ ଉପରେ ଶାସନ କରିବାକୁ ଦେବା ନାହିଁ।" ଏବଂ ଯୀଶୁ ପରମେଶ୍ୱରଙ୍କ ବାକ୍ୟର ପରିପୂର୍ଣ୍ଣତା ଥିଲେ। ପ୍ରଥମ ଯୋହନ 1, ଏହାକୁ ପ୍ରକାଶ କରେ। ଆଉ ସେମାନେ କହିଲେ, "ଆମେ ପରମେଶ୍ୱରଙ୍କ ଏହି ବାକ୍ୟକୁ ଆମ ଉପରେ ଶାସନ କରିବାକୁ ଦେବା ନାହିଁ।" ତଥାପି, ସେ ବାକ୍ୟ ଥିଲେ, କିନ୍ତୁ ସେମାନଙ୍କର ଆଖି ତାହା ପ୍ରତି ଅନ୍ଧ ଥିଲା ଯାହା ସେ ଥିଲେ। କାରଣ ସେ ପ୍ରତ୍ୟେକ ଭବିଷ୍ୟଦ୍‌ବାଣୀର ପ୍ରତ୍ୟକ୍ଷ ଉତ୍ତର ଥିଲେ ଯାହାକି ତାହାଙ୍କଠାରେ ସଫଳ ହେବାକୁ ଥିଲା।

ବର୍ତ୍ତମାନ, ଆମେ ସମସ୍ତେ ତାହା ବିଶ୍ୱାସ କରୁ, କାରଣ ଏହା ଘଟୁଥିବାର ଦେଖିବା ପାଇଁ ଆମେ ପଛକୁ ଚାହିଁ ରହିଛୁ। ମାତ୍ର ଯଦି ଏହି ଜଗତ, ଯାହାକି ବର୍ତ୍ତମାନ ଅଛି, ଏହି ବର୍ତ୍ତମାନର ମନ୍ଦ ଯୁଗ, ତାହା ସେହି ପଶ୍ଚାତ ସମୟରେ ରହିଥା'ନ୍ତା, ସେମାନେ ସେହି ସମାନ କାର୍ଯ୍ୟ କରୁଥାଆନ୍ତେ ଯାହାକି ସେମାନେ ଆଜି କରୁଛନ୍ତି, କାରଣ ଏହା ସେହି ସମାନ ବାକ୍ୟ ଅଟେ, ଏହି ଯୁଗ ପାଇଁ, ପ୍ରକାଶିତ ହେଉଅଛି। ସେ ତାହା କରିବେ। ସେମାନେ ଅନ୍ୟ କିଛି କରିପାରନ୍ତି ନାହିଁ। "ସେମାନେ ଅନାଜ୍ଞାବହର ସନ୍ତାନ ଅଟନ୍ତି।" "ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରେ, ଯେପରିକି ଏକ ମିଥ୍ୟାରେ ବିଶ୍ୱାସ କରନ୍ତି, ଏବଂ ଏହା ଦ୍ୱାରା ଦଣ୍ଡର ପାତ୍ର ହୁଅନ୍ତି।"

72 ଧ୍ୟାନ ଦିଅନ୍ତୁ ଯେତେବେଳେ ମଣ୍ଡଳୀ ଜଗତ ଯୀଶୁଙ୍କୁ ଗ୍ରହଣ କରନ୍ତି ନାହିଁ, ଯାହାକି ସେହି ଦିନର ପ୍ରକାଶିତ, ସେହି ବାକ୍ୟ ଅଟନ୍ତି, କାରଣ (କାହିଁକି?) ସେମାନେ ଏହାକୁ ଅନ୍ୟ ଉପାୟରେ ବ୍ୟାଖ୍ୟା କରି ନେଇଥିଲେ । କିନ୍ତୁ ସେମାନଙ୍କୁ ଏହା ଜାଣିବା ଉଚିତ୍ ଥିଲା ଯେ ସେ ସେହି ବାକ୍ୟ ଥିଲେ, କାରଣ ସେ ଯାହା କରିବେ ବୋଲି ପରମେଶ୍ୱର କହିଥିଲେ, ସେ ତାହା କଲେ । ଆଉ ସେ ସେମାନଙ୍କୁ କହିଲେ, "ଏହି ସମୟ ନିମନ୍ତେ ଶାସ୍ତ୍ର ଅନୁସନ୍ଧାନ କର; ଏବଂ ଯଦି ମୁଁ ସେହି ଯୋଗ୍ୟତାକୁ ପୂରଣ କରେ ନାହିଁ ଯାହା ମୁଁ କରିବି ବୋଲି ମୋ' ବିଷୟରେ କୁହାଯାଇଥିଲା, ତେବେ ମୋତେ ବିଶ୍ୱାସ କର ନାହିଁ ।"

ସେମାନେ କହିଲେ, "ଆମେ ମୋଶାଙ୍କୁ ବିଶ୍ୱାସ କରୁ ।"

73 ସେ କହିଲେ, "ଯଦି ତୁମେ ମୋଶାଙ୍କୁ ବିଶ୍ୱାସ କରିଥା'ନ୍ତ, ତୁମେ ମୋତେ ବିଶ୍ୱାସ କରିଥା'ନ୍ତ, କାରଣ ମୋଶା ମୋ' ବିଷୟରେ କହିଥିଲେ ।" ଏବଂ ତଥାପି ସେମାନେ ତାହା ଦେଖି ନ ଥିଲେ । ଠିକ ସ୍ୱର୍ଗର ପରମେଶ୍ୱର କ୍ରୁଶରେ ମୃତ୍ୟୁବରଣ କରୁଥିଲେ, ଏବଂ ସେହି ସମାନ ଶବ୍ଦଗୁଡିକୁ କହୁଥିଲେ ଯାହାକି ସେ କହିବେ ବୋଲି ଭବିଷ୍ୟଦ୍‌ବକ୍ତା କହିଥଲେ, ଏବଂ ତଥାପି ସେମାନେ ତାହା ଦେଖି ନ ଥିଲେ । ବୁଝିଲେ?

ସେମାନେ ତାହାଙ୍କର ପରି ନ ଥିଲେ । ସେମାନେ ବାକ୍ୟ ନ ଥିଲେ, ବାକ୍ୟ ନ ଥିଲେ; ଏବଂ ସେମାନେ, ତଥାପି, ସେମାନେ ବହୁତ ଧାର୍ମିକ ଥିଲେ—ଥିଲେ । ମାତ୍ର ସେମାନେ ବାକ୍ୟ ନ ଥିଲେ, କାରଣ ଏହା—ଏହା ସେହି ସମୟ ପାଇଁ ତାହାର ସ୍ଥାନକୁ ଚିହ୍ନିତ କରି ନେଇଥା'ନ୍ତା ।

74 ଧ୍ୟାନ ଦିଅନ୍ତୁ ଯେ କିପରି ପ୍ରତ୍ୟେକ ଯୁଗରେ ଶାସ୍ତ୍ରଗୁଡ଼ିକ ନିଜକୁ କେତେ ସୁନ୍ଦର ଭାବରେ ବାନ୍ଧି ରଖିଥାଏ । ତେବେ ଧ୍ୟାନ ଦିଅନ୍ତୁ ।

ଏବଂ ମଣ୍ଡଳୀ ଯେତେବେଳେ ତା' ନିଜ ଉପରେ ଶାସନ କରିବା ପାଇଁ ପରମେଶ୍ୱରଙ୍କ ବାକ୍ୟକୁ ରଖିଲା ନାହିଁ, ସେମାନେ ବାରବ୍ବା, ନାମକ ଜଣେ ହତ୍ୟାକାରୀକୁ ଗ୍ରହଣ କଲେ । ଏହା କ'ଣ କଲା? ଏହା ଏହି ମନ୍ଦ ଯୁଗର ଈଶ୍ୱର, ଶୟତାନକୁ ସେହି ସ୍ଥାନକୁ ଉନ୍ନୀତ କରିଥିଲା, ଯେଉଁ ସ୍ଥାନକି ସେ ସର୍ବଦା ଚାହୁଁଥିଲା ।

ତେବେ ଶୁଣନ୍ତୁ । କାରଣ, ଶୟତାନକୁ ଅନ୍ୟ କୌଣସି ଯୁଗର ଈଶ୍ୱର ଭାବରେ କୁହାଯାଇ ନ ଥିଲା କିନ୍ତୁ ଏହି ଯୁଗରେ । ସେ ନୋହଙ୍କ ଯୁଗର ଈଶ୍ୱର ବୋଲି କୁହାଯାଇ ନ ଥିଲା । ସେ ମୋଶାଙ୍କ ଯୁଗର—ର ଈଶ୍ୱର ବୋଲି କୁହାଯାଇ ନ ଥିଲା, ଏଲିୟଙ୍କ ଯୁଗର ଈଶ୍ୱର ବୋଲି କୁହାଯାଇ ନ ଥିଲା । କିନ୍ତୁ, ଏହି ମନ୍ଦ ଯୁଗ, ସେ ହେଉଛି…ଓଃ, ଏହାକୁ ହାତଛଡା କରନ୍ତୁ ନାହିଁ! ସେ ଏହି ମନ୍ଦ ଯୁଗର ଈଶ୍ୱର ଅଟେ, ଲକ୍ଷ ଲକ୍ଷ ଏବଂ କୋଟି କୋଟି ଲୋକମାନଙ୍କ ଦ୍ୱାରା ଉପାସନା କରାଯାଏ, ଏବଂ ସେମାନେ ତାହା ଜାଣନ୍ତି ନାହିଁ । ମାତ୍ର ଆସନ୍ତୁ ଆଜି ସକାଳେ ଶାସ୍ତ୍ର ତା'କୁ ଉନ୍ମୋଚିତ କରୁ, ଏବଂ ଆସନ୍ତୁ ଆମେ ଦେଖିବା, ତା'ପରେ ଆପଣ ଜାଣିଯିବେ । ହେବାକୁ ଦିଅ ଯେ ଶାସ୍ତ୍ର…

75 ହୃଦୟର କଥାଗୁଡିକୁ ଜାଣିପାରିବାର ସଭାଗୁଡ଼ିକରେ ଯେପରି, ଯେତେବେଳେକି ପବିତ୍ରଆତ୍ମା ତାହାଙ୍କ ବାକ୍ୟ ମଧ୍ୟରେ ଆସନ୍ତି ଓ ସେ ଏହି ବ୍ୟକ୍ତିଙ୍କୁ ଡାକନ୍ତି ଏବଂ କୁହନ୍ତି, "ଏହି ଅନ୍ୟ ମହିଳାଙ୍କ ସହିତ ଆପଣଙ୍କର ରହିବାର କୌଣସି ବେପାର ନାହିଁ। ଦଶ ବର୍ଷ ପୂର୍ବେ, ଯେତେବେଳେ ଆପଣ ସେହି ପୁରୁଷର ସ୍ତ୍ରୀ ସହିତ ପଳାୟନ କରିଥିଲେ, ଆପଣ ତାହା କଅଣ ପାଇଁ କରିଥିଲେ?" ସେ କଅଣ କରୁଛନ୍ତି? ତା'କୁ ଉନ୍ମୋଚିତ କରୁଛନ୍ତି, ଶୟତାନକୁ ପ୍ରକଟ କରୁଛନ୍ତି, ଯାହାକି ସେହି ପୁରୁଷକୁ ବାନ୍ଧି ରଖିଛି, କିଅବା କୌଣସି ମହିଳା ଅନ୍ୟ ଜଣେ ମହିଳାଙ୍କ ସ୍ୱାମୀ ସହିତ ରହୁଅଛି, କିମ୍ବା ସେହି ପାପ ଯାହା ସେମାନେ କରିଛନ୍ତି, ସେହି ବିଷୟମାନ ଯାହା ସେମାନେ କରିଛନ୍ତି। ଏହା କ'ଣ କରେ? ତା'କୁ ଲୋକଲୋଚନରେ ପ୍ରକାଶିତ କରେ।

76 ଡାକ୍ତରମାନେ ଯନ୍ତ୍ରପାତି ନିଅନ୍ତି ଏବଂ ଭୁଲ୍ କଅଣ ଖୋଜିବାକୁ ଚେଷ୍ଟା କରନ୍ତି। ସେମାନେ ତାହା କରିପାରନ୍ତି ନାହିଁ। ଆମେ କହିପାରିବା ନାହିଁ। ମାତ୍ର ତେବେ ପବିତ୍ରଆତ୍ମା ଆସନ୍ତି ଓ ସେ କ'ଣ ଅଟେ ତାହା ପ୍ରକାଶ କରନ୍ତି, ଏବଂ ତା'କୁ ପ୍ରକଟ କରନ୍ତି। ବୁଝିଲେ? ତାହାହିଁ ଅଟେ ଯାହାକି ପରମେଶ୍ୱରଙ୍କ ବାକ୍ୟ ଅଟେ। ଏହା ତ ଏକ ଆଲୋକ ଅଟେ ଯାହା ଅନ୍ଧକାରରେ ଚମକି ଉଠେ।

ଏବଂ ଯେତେବେଳେ ଆପଣ କୋଠରୀରେ ଏକ ଧ୍ୱନିଶବ୍ଦକୁ ନିଅନ୍ତି, ଏହା ରହସ୍ୟମୟ ଲାଗେ; କିଛି ଗୋଟାଏ ସମୂହରେ କାମ କରୁଥିବା ପରି ଅଟେ, ଏବଂ ତାହା କ'ଣ ଅଟେ ଆପଣ ଜାଣନ୍ତି ନାହିଁ। ଶୀଘ୍ର, ଆଲୋକ ଜଳାଇ ଦିଅନ୍ତୁ...ପୋକ, ଅସରପା, ସେଗୁଡ଼ିକ—ସେଗୁଡ଼ିକ ଅନ୍ଧକାରର ସନ୍ତାନ ଅଟନ୍ତି। ଏବଂ ଯେତେବେଳେ ଆଲୋକ ପ୍ରଜ୍ୱଳିତ ହୁଏ, ସେମାନେ ଛିନ୍ନଛତ୍ର ହୁଅନ୍ତି।

"ସେମାନେ ଆମଠାରୁ ବାହାରି ଗଲେ କାରଣ ସେମାନେ ଆମ ମଧ୍ୟରୁ ନ ଥିଲେ," ବାଇବଲ ବ୍ୟକ୍ତ କରେ। ବୁଝିଲେ? ସେମାନେ ଜଗତର ଆଲୋକରେ ରହିପାରିବେ ନାହିଁ... କାରଣ, ସ୍ୱର୍ଗର ପରମେଶ୍ୱର ଏହି ଶେଷ ଦିନରେ ତାହାଙ୍କର ଆଲୋକକୁ ପଠାଇ ଅଛନ୍ତି, ଯେପରି ସେ ନିଜର ସନ୍ତାନମାନଙ୍କ ପାଇଁ ପଥକୁ ଆଲୋକମୟ କରିପାରନ୍ତି, ଯେ ସେମାନେ ଯେପରି ଅନ୍ଧକାରରେ ଚାଲି ଝୁଣ୍ଟି ନ ପଡ଼ନ୍ତି, ମାତ୍ର ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ଚମକପ୍ରଦ ଆଲୋକରେ ଚାଲିପାରନ୍ତି, ଯିଏକି ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ଆମେନ୍!

77 ଧ୍ୟାନ ଦିଅନ୍ତୁ, ଶୟତାନକୁ ଅନ୍ୟ କୌଣସି ଯୁଗର ଈଶ୍ୱର ବୋଲି କୁହାଗଲା ନାହିଁ ବରଂ ଏହି ଯୁଗର କୁହାଗଲା। ଆରମ୍ଭରୁ ହିଁ, ପରମେଶ୍ୱରଙ୍କ ପରି ହେବା ଏହା ତା'ର ଇଚ୍ଛା ଥିଲା।

ଆସନ୍ତୁ ତାହା ପାଠ କରିବା। ଆମେ କେବଳ ଆମର ସମୟ ନେବା। ଆସନ୍ତୁ ଫେରିଯାଉ...ଦେଖନ୍ତୁ, ମୁଁ ଏହା ଲେଖି ରଖିଛି, ଯିଶାଇୟ 14। ଆସନ୍ତୁ ଏଠାରେ ଯିଶାଇୟ

14 କୁ ଫେରିଯାଉ, ମାତ୍ର ଗୋଟିଏ ମିନିଟ୍, ଏବଂ ଦେଖୁ ଯେ ପରମେଶ୍ୱର କଅଣ କହିଛନ୍ତି । "ଈଶ୍ୱର," ଶୟତାନ ଯାହା କଲା । ଯିଶାଇୟ 14:12 ଏବଂ 14 । ଧ୍ୟାନ ଦିଅନ୍ତୁ ।

*ହେ ଲୁଶିଫର୍, ପ୍ରତ୍ୟୁଷର ପୁତ୍ର, ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ! ଗୋଷ୍ଠୀଗଣକୁ ତୁମ୍ଭେ ଯେ ନତ କରିଥିଲ, ତୁମ୍ଭେ କିପରି ଭୂମିରେ ନିକ୍ଷିପ୍ତ ହେଲ!*

*ପୁଣି ତୁମ୍ଭେ ମନେ ମନେ କହିଥିଲ, ଆମ୍ଭେ ସ୍ୱର୍ଗାରୋହଣ କରିବା, ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରଗଣର ଊର୍ଦ୍ଧ୍ୱରେ ଆପଣା ସିଂହାସନ ଉଚ୍ଚୀକୃତ କରିବା* (ବର୍ତ୍ତମାନ, ପରମେଶ୍ୱରଙ୍କ ପୁତ୍ରଗଣ): ଏବଂ *ଆମ୍ଭେ ଉତ୍ତର ଦିଗର ପ୍ରାନ୍ତସ୍ଥିତ, ସମାଗମ ପର୍ବତରେ ଉପବିଷ୍ଟ ହେବା:*

78 ପରମେଶ୍ୱରଙ୍କ ପରି ଉପାସନା ପାଇବା ଏହା ଶୟତାନର ଇଚ୍ଛା ଥିଲା । ସେ ଦୁଇ-ତୃତୀୟାଂଶ, ସ୍ୱର୍ଗର ନକ୍ଷତ୍ରଗଣର ଦୁଇ-ତୃତୀୟାଂଶ ନେଇ ଯାଇଥିଲା । ସେହି ନକ୍ଷତ୍ରଗଣର ଉପରେ ନିଜକୁ ଆରୋହଣ କରାଇ, ସେମାନଙ୍କୁ ପ୍ରଚାର କଲା, ଏବଂ ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶକୁ ପ୍ରତାରଣା କଲା । କଅଣ ଆପଣ ଏହା ଦେଖୁଛନ୍ତି? ଠିକ୍ ଅଛି । ଧ୍ୟାନ ଦିଅନ୍ତୁ, ତାହା ତା'ର ଉଚ୍ଚାଭିଳାଷ ଅଟେ ।

ଆଉ ବର୍ତ୍ତମାନ ସେ ପ୍ରସ୍ତୁତ ଅଟେ, ନିଜର ଯତ୍ନ ସହକାରେ ମନୋନୀତ ହୋଇଥିବା, ନିଜ ଜ୍ଞାନ ଦ୍ୱାରା ଶିକ୍ଷିତ କନ୍ୟା ସହିତରେ, ଦେଖନ୍ତୁ, ସର୍ବ ପ୍ରକାର ପ୍ରତାରଣାରେ, ବଡ଼ ବଡ଼ ଭବନମାନ ଏବଂ ବଡ ବଡ଼ ନାମଧାରୀ ସଂସ୍ଥାମାନରେ ଚିତ୍ରିତ, ଏବଂ ଜ୍ଞାନ ଓ ଈଶ୍ୱର ତତ୍ତ୍ୱବିଦର, ପୁଣି ତୀକ୍ଷଣ ବୁଦ୍ଧି ଏବଂ ବୌଦ୍ଧିକ ଜ୍ଞାନ, ଏବଂ ଶିକ୍ଷିତ ହେବାର ରଙ୍ଗରେ ଚିତ୍ରିତ ହୋଇଥାଏ, ଯେପରିକି ସମଗ୍ର ବିଶ୍ୱକୁ ପ୍ରତାରଣା କରେ, ଏବଂ ଏକ "ଈଶ୍ୱର" ହୋଇଯାଏ । ତାହାହିଁ ଅଟେ ଯାହା ସେ କରିଛି । ସମସ୍ତ କିଛି ମିଶି ଖ୍ରୀଷ୍ଟବିରୋଧୀର ବ୍ୟକ୍ତି ନିକଟକୁ ଗତି କରୁଛି, ଯାହାକୁ ପୂର୍ବରୁ "ପରମେଶ୍ୱରଙ୍କ ବଦଳରେ" ରୂପେ ମୁକୁଟାଭିଷେକ କରାଯାଇଛି, ତାହାର ସାଂସାରିକ-ପ୍ରେମୀ, ବୈଜ୍ଞାନିକ କନ୍ୟା ଦ୍ୱାରା, ଯେଉଁମାନେ ସମସ୍ତେ ବୌଦ୍ଧିକ, ଧାର୍ମିକ ଶିକ୍ଷାର ଖ୍ୟାତିରେ ବସ୍ତ୍ରାନ୍ୱିତ ହୋଇଛନ୍ତି । ସେହି କନ୍ୟା ତାହା ପରି ଧାର୍ମିକ କରାଯାଇଅଛି, ଏବଂ ପରମେଶ୍ୱରଙ୍କ ବାକ୍ୟର ନିଜସ୍ୱ ବ୍ୟାଖ୍ୟା ଦ୍ୱାରା ଯେପରିକି ସେ ହବାଙ୍କ ସହିତରେ କରିଥିଲା, ଆଉ ଯେପରି ତା'ର ପୁତ୍ର କୟିନ କରିଥିଲା ।

ତେବେ ଆପଣ କହିଲେ, "ଶୟତାନର ପୁତ୍ର?"

79 ମୋତେ ବାଇବଲରେ ଗୋଟିଏ ସ୍ଥାନରେ ଦେଖାଇ ଦିଅନ୍ତୁ ଯେ କୟିନଙ୍କୁ କେବେ ଆଦମଙ୍କ ପୁତ୍ର କୁହାଯାଇଥିଲା । ବାଇବଲ ବ୍ୟକ୍ତ କରେ ଯେ ସେ "ସେହି ମନ୍ଦ ଜଣକର ପୁତ୍ର," ସର୍ପବଂଶ ଥିଲା । ନା, ବର୍ତ୍ତମାନ ସେହି ଆବରଣଟି କାଢି ନିଆଯାଇଛି, ଭାଇ । ପିରାମିଡ୍ ଖୋଲା ଯାଇଅଛି, ଯେପରିକି ପ୍ରକାଶନ ଦେଖାଇ ଥିଲା ।

80 ଧ୍ୟାନ ଦିଅନ୍ତୁ ଯେ ସେ କ'ଣ କରିବ, ତା'ର ଚିନ୍ତାଧାରା କଅଣ ଅଟେ । ସେ ଭାବୁଥିଲା ଯେ ପରମେଶ୍ୱର ସାଂସାରିକ ସୌନ୍ଦର୍ଯ୍ୟରେ ବାସ କରନ୍ତି । ସେ ସ୍ୱର୍ଗରେ ତାହା କରିଥିଲା ।

ପାପ କେବେବି ଏଦନର ଉଦ୍ୟାନରେ ଆରମ୍ଭ ହୋଇ ନ ଥିଲା; ଏହା ସ୍ୱର୍ଗରେ ଆରମ୍ଭ ହୋଇଥିଲା, ଯେତେବେଳେ ପ୍ରତ୍ୟୁଷର ପୁତ୍ର, ଲୁଶିଫର୍, ନିଜକୁ ସୌନ୍ଦର୍ଯ୍ୟରେ ଉନ୍ନତ କଲା, ଏବଂ ମୀଖାୟେଲଙ୍କ ଅପେକ୍ଷା ଏକ ଅଧିକ ସୁନ୍ଦର ରାଜ୍ୟ ଚାହିଁଥିଲା । ଏବଂ ସେ ଭାବିଲା ଯେ ପରମେଶ୍ୱର ସୌନ୍ଦର୍ଯ୍ୟରେ ବାସ କରନ୍ତି ।

81 ଆଉ କୟିନକୁ ଧ୍ୟାନ ଦିଅନ୍ତୁ । ସେ କୌଣସି ରକ୍ତ ବଳିଦାନ ଚାହିଁ ନ ଥିଲା । ସେ ସେଠାକୁ ଆସି ଫଳ ଅର୍ପଣ କଲା, କିମ୍ବା—କିମ୍ବା ତା'ର ଯଜ୍ଞବେଦି ଉପରେ ସୌନ୍ଦର୍ଯ୍ୟର କ୍ଷେତ୍ର ଅର୍ପଣ କଲା । ଅତ୍ୟଧିକ ଧାର୍ମିକ, ସବୁକିଛି କଲା, ଯାହାକି, ଠିକ ଯେପରିକି ଅବିକଳ ହେବଲ କରିଥିଲେ; ଏକ ବଳି ଉତ୍ସର୍ଗ କରିଥିଲା, ପରମେଶ୍ୱରଙ୍କ ସମ୍ମୁଖରେ ଉପସନାରେ ନତ ମସ୍ତକ ହୋଇପଡ଼ିଲା, ପ୍ରତ୍ୟେକ କ୍ଷେତ୍ରରେ ଆଜ୍ଞାବହ ହେଲା, ମାତ୍ର ବାକ୍ୟର ପ୍ରକାଶନ ବିନା ।

ଏବଂ ଆରମ୍ଭରୁ ହିଁ, ପରମେଶ୍ୱରଙ୍କର ଯୋଜନା, ସେହି ବାକ୍ୟ ଥିଲା । ମାତ୍ର ପରମେଶ୍ୱର, ପ୍ରକାଶନ ଦ୍ୱାରା ଠିକ ସେହି ବିଷୟକୁ ପ୍ରକାଶ କଲେ, ଯାହା ସେ ସୁପ୍ରମାଣିତ କଲେ ଏବଂ ତାହା ଠିକ୍ ଅଟେ ବୋଲି ସପକ୍ଷବାଦୀ ହେଲେ । ଧର୍ମ ନୁହେଁ, ଏକ ବେଦୀ ନୁହେଁ, କୌଣସି ମଣ୍ଡଳୀରେ ସମ୍ପୃକ୍ତ ହେବା ନୁହେଁ, ବଳିଦାନ ଉତ୍ସର୍ଗ କରିବା ନୁହେଁ, ନିଷ୍ଠାବାନ ହେବା ନୁହେଁ; ବରଂ ପରମେଶ୍ୱରଙ୍କ ବାକ୍ୟର ପ୍ରକାଶନ ଦ୍ୱାରା ଅଟେ । ପରମେଶ୍ୱର ତାହାଙ୍କୁ ପ୍ରକାଶ କରୁଥିଲେ ଯେ ତାହା...

ତାଙ୍କ ମାଆ କୌଣସି ସେଉ ନେଇ ନ ଥିଲେ ଯାହା ସର୍ପ ତାଙ୍କୁ ଦେଇଥିଲା, କିନ୍ତୁ ସେ ଶୟତାନର ବ୍ୟକ୍ତିତ୍ୱ ସହ ଯୌନ ସମ୍ପର୍କ କରିଥିଲେ, ଯାହାକି ପଶୁ ରୂପରେ ଥିଲା; କୌଣସି ସରୀସୃପ ନୁହେଁ, କିନ୍ତୁ କ୍ଷେତ୍ରର ସବୁ ପ୍ରାଣୀମାନଙ୍କଠାରୁ ସବୁଠୁଁ ଚତୁର, ଖଳ ଥିଲା, ମନୁଷ୍ୟର ପ୍ରତିମୂର୍ତ୍ତିରେ ଥିଲା, ସେହି ଏକମାତ୍ର ବିଷୟ ଯେଉଁଥିରେକି ତା'ର ବୀଜ ମିଶ୍ରିତ ହୋଇପାରିଥିଲା । ତେବେ ବିଜ୍ଞାନ ତା'କୁ ଖୋଜିବାକୁ ଚେଷ୍ଟା କରୁଛି । ଏବଂ ସେମାନେ ତା'କୁ କେବେବି ପାଇବେ ନାହିଁ, କାରଣ ତା'ର ଶରୀରରେ ଥିବା ପ୍ରତ୍ୟେକ ଅସ୍ଥି ବଦଳିଯାଇଛି । ମାତ୍ର ବାଇବଲ ତାହା ଅଟେ ବୋଲି ଘୋଷଣା କରେ ।

82 ଧ୍ୟାନ ଦିଅନ୍ତୁ ଯେ ଏହି ବ୍ୟକ୍ତି ବର୍ତ୍ତମାନ କଅଣ କରିବ । ଏହି ବ୍ୟକ୍ତିଜଣକ, "ସେ ପରମେଶ୍ୱରଙ୍କ ମନ୍ଦିରରେ ବସି," ଯାହା ହେଉଛି, ମଣ୍ଡଳୀ, "ଆପଣାକୁ ଈଶ୍ୱର ବୋଲି ଦେଖାଇବ ।" ତେବେ ଯଦି ଆପଣ ତାହା ପାଠ କରିବାକୁ ଚାହାଁନ୍ତି, ତାହା ଦ୍ୱିତୀୟ ଥେସଲନୀକୀୟ 2:3 ଏବଂ 4 ଅଟେ, ଆଉ ପ୍ରକାଶିତ ବାକ୍ୟ 13:4, 11 ଏବଂ 12 ଅଟେ; ଯେଉଁଠାରେକି, ସେହି ଦୁଇ ଭବିଷ୍ୟଦ୍‌ବକ୍ତା, ଉଭୟ ଯୋହନ ଏବଂ ପାଉଲ କହିଥିଲେ, ଯେ ସେହି ଶେଷ ଦିନରେ ସେ କ'ଣ ହେବ । ତେବେ ଆପଣ ଏହାକୁ ପାଠ କରନ୍ତୁ, କାରଣ ମୁଁ ତାହାକୁ ଏଠାରେ ଲେଖି ରଖିଛି । କିନ୍ତୁ ମୁଁ...ବର୍ତ୍ତମାନ ସମୟ ରକ୍ଷା କରିବାକୁ ଯାଇ ।

83 ଯେଉଁ ଦିନରେ ଆମେମାନେ ରହୁଅଛୁ, ବାଇବଲରେ ତାହାକୁ, "ମନୁଷ୍ୟର ଦିନ" ବୋଲି କୁହାଯାଏ, ମନୁଷ୍ୟର ଦିନ । ଏହା ପରମେଶ୍ୱରଙ୍କ ଦିନ ନୁହେଁ । ପରମେଶ୍ୱର ଏହି ପୃଥିବୀର

ଈଶ୍ୱର ନୁହଁନ୍ତି; ବାଇବଲ କୁହେ ଯେ ସେ ନୁହଁନ୍ତି । ସେ ସ୍ୱର୍ଗର ପରମେଶ୍ୱର । ମାତ୍ର ଏହା ପରମେଶ୍ୱରଙ୍କ ଦିନ ନୁହେଁ ।

ଏହା ତ ମନୋନୟନର ଦିନ ଅଟେ । ଆଜି ପାଇଁ ବଞ୍ଚନ୍ତୁ, ଓ ମରି ଯାଆନ୍ତୁ; କିମ୍ବା, ପରମେଶ୍ୱରଙ୍କୁ ବାଛନ୍ତୁ ଏବଂ ଜୀବିତ ରୁହନ୍ତୁ । ଏବଂ ପରମେଶ୍ୱର ବାକ୍ୟ ଅଟନ୍ତି, ଆଉ ବାକ୍ୟ ହେଉଛି ଏହି ସମୟ ଏବଂ ଦିନ ପାଇଁ ପ୍ରକଟିତ ବାକ୍ୟ ।

84 ଧ୍ୟାନ ଦିଅନ୍ତୁ, "ମନୁଷ୍ୟର ଦିନ ।" ଯଦି ଆପଣ ଏହାକୁ ଲେଖିବାକୁ ଚାହାଁନ୍ତି, ମୁଁ ଏହାକୁ ପଢ଼ିବାକୁ ଯାଉଥିଲି । ମାତ୍ର ପ୍ରଥମ କରିନ୍ଥୀୟ 5:1-5…ପ୍ରଥମ କରିନ୍ଥୀୟ 4:1-5, ମୋତେ କ୍ଷମା କରନ୍ତୁ, ପ୍ରଥମ କରିନ୍ଥୀୟ 4:1 ଏବଂ 5, ପାଉଲ ମନୁଷ୍ୟର ଦିନରେ, ମନୁଷ୍ୟ ଦ୍ୱାରା ବିଚାର କରାଯିବା ବିଷୟରେ କହୁଛନ୍ତି ।

85 "ସେହି ଦିନ, ଆପଣ ଏହାକୁ ମନୁଷ୍ୟର ଦିନ ବୋଲି କାହିଁକି କୁହନ୍ତି?" ଆପଣ କହିବେ । ଏହା ସେହି ଦିନ ଅଟେ ଯେଉଁଥିରେ ମନୁଷ୍ୟର ଜ୍ଞାନ ଦ୍ୱାରା କୃତ କାର୍ଯ୍ୟଗୁଡ଼ିକ ଗୌରବାନ୍ୱିତ ହୁଏ ।

ଦେଖନ୍ତୁ ଯେ କଅଣ, ସାମ୍ୟବାଦମାନଙ୍କର ସମସ୍ତ ଗର୍ବ, କେହି ଜଣେ କାହାରିକୁ ଚନ୍ଦ୍ରକୁ ନେଇଯିବାକୁ ଚେଷ୍ଟା କରୁଅଛି । ପରମେଶ୍ୱର କାହାରିକୁ ସ୍ୱର୍ଗକୁ ନେଇଯିବାକୁ ଚେଷ୍ଟା କରୁଛନ୍ତି । ବୁଝିଲେ? ମାତ୍ର ଦେଖନ୍ତୁ ସେମାନେ କିପରି ଅପଚୟ ପ୍ରୟାସରେ, ଲକ୍ଷ ଲକ୍ଷ ଏବଂ କୋଟି କୋଟି ଓ ଅୟୁତ ଅୟୁତ ଡଲାର ଖର୍ଚ୍ଚ କରୁଛନ୍ତି । ଯେତେବେଳେ ସେମାନେ ସେଠାରେ ପହଞ୍ଚିବେ, ସେମାନେ କିଛି ପାଇବାକୁ ଯାଉ ନାହାଁନ୍ତି । ସେମାନଙ୍କ ସହିତ ମାମଲା କ'ଣ ଅଟେ?

ମୁଁ ଚନ୍ଦ୍ର ବିଷୟରେ ଚିନ୍ତା କରେ ନାହିଁ । ମୁଁ ତ ଚନ୍ଦ୍ରକୁ ଏତେ ଶୀଘ୍ର ଅତିକ୍ରମ କରିବାକୁ ଚାହେଁ ଯେ ଏପରିକି ମୁଁ ଏହାକୁ ଦେଖେ ସୁଦ୍ଧା ନାହିଁ; କେବଳ ଉଚ୍ଚକୁ ବଢିଯିବାକୁ ଚାହେଁ । ମୁଁ ଆକାଶ ଗଙ୍ଗା ନକ୍ଷତ୍ରପୁଞ୍ଜକୁ ଅତିକ୍ରମ କରିବାକୁ ଚାହେଁ, ଚାଲିଯିବାକୁ ଚାହେଁ, କେବଳ ବଢି ଚାଲିଯିବାକୁ ଚାହେଁ । ହଁ!

86 ଏବଂ ଜଗତ ଆଜି ଶୟତାନ ଦ୍ୱାରା ଆସିଥିବା ଜ୍ଞାନ ନିକଟରେ ଆପଣାକୁ ଉତ୍ସର୍ଗ କରୁଅଛି । ଆଉ ମନୁଷ୍ୟର ଦିନ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ନୁହେଁ, ବରଂ ତା' ନିଜ ପାଖରେ ଥିବା ଜ୍ଞାନ ଦ୍ୱାରା, ଗୌରବାନ୍ୱିତ ହେଉଅଛି ।

ତେବେ ଚିନ୍ତା କରନ୍ତୁ । ଏହାକୁ ମଜ୍ଜି ଯିବାକୁ ଦିଅନ୍ତୁ । ଏବଂ ଯେତେବେଳେ ଆପଣ ଏହି ଟେପ୍ କୁ ପୁନର୍ବାର ଚଲାଇବେ, ଏଠାରେ ଏହି ସ୍ଥାନରେ, କିଛି ସମୟ ପାଇଁ ଅଟକି ଯିବେ ଓ ଚିନ୍ତା କରିବେ ।

ତା'ର କାର୍ଯ୍ୟଗୁଡ଼ିକ ପରମେଶ୍ୱରଙ୍କ ବାକ୍ୟ ଏବଂ ପ୍ରକଟିତ କାର୍ଯ୍ୟଗୁଡ଼ିକଠାରୁ ଉଚ୍ଚୀକୃତ ଅଟେ; ଶୟତାନର ସେହି ଜ୍ଞାନ, ଯାହା ସେ ଆରମ୍ଭରେ ହବାଙ୍କୁ ଦେଇଥିଲା । ତେବେ ଶୁଣନ୍ତୁ; ଏହାକୁ ଭୁଲନ୍ତୁ ନାହିଁ । ଶୟତାନର ଜ୍ଞାନ ଏହି ସମୟ ପାଇଁ ପରମେଶ୍ୱରଙ୍କ ସୁପ୍ରମାଣିତ

ବାକ୍ୟଠାରୁ ଉଚ୍ଚରେ, ମନୁଷ୍ୟଠାରେ, ଉପାସନର ସିଂହାସନକୁ ଉଚ୍ଚୀକୃତ ହୋଇଅଛି। ଆମର ମଣ୍ଡଳୀଗୁଡ଼ିକ ସେମାନଙ୍କର—ସେମାନଙ୍କର ସେମିନାରୀ, ଶିକ୍ଷଣ ବିଦ୍ୟାଳୟଗୁଡିକ ଦ୍ୱାରା ତାହାକୁ ପ୍ରମାଣ କରନ୍ତି, ସେମାନେ ଭାବନ୍ତି, ଯେ ସେହି ବିଷୟରେ ପରମେଶ୍ୱରଙ୍କ ବାକ୍ୟଠାରୁ ସେମାନେ ଅଧିକ ଜାଣନ୍ତି। ଏବଂ ସେଠାରେ, ଡାକ୍ତର *ଅମୁକ-ଓ-ଅମୁକ,* ଏବଂ ଶିକ୍ଷକ *ଅମୁକ-ଓ-ଅମୁକ,* ଏବଂ ପ୍ରଫେସର *ଅମୁକ-ଓ-ଅମୁକ* ସେମାନଙ୍କର ନିଜର ଜ୍ଞାନକୁ, ତଥାକଥିତ (ଶୟତାନଠାରୁ) ସତ୍ୟକୁ, ପରମେଶ୍ୱରଙ୍କ ସୁପ୍ରମାଣିତ ପ୍ରତିଜ୍ଞା ଉପରେ ଉନ୍ନତ କରିଛନ୍ତି, ଯାହାକି ସେମାନଙ୍କ ସମ୍ମୁଖରେ ଠିକ ସ୍ପଷ୍ଟ କରାଯାଇଅଛି। ଆଉ ମଣିଷ ତାହାର ଫାନ୍ଦରେ ପଡ଼ିଯାଏ। ବୁଝିଲେ?

୮୭ ତା'ର ବୈଜ୍ଞାନିକ ସଫଳତାମାନ, ପରମେଶ୍ୱରଙ୍କ ବାକ୍ୟକୁ ଭୁଲ ପ୍ରମାଣ କରିବାକୁ ଚେଷ୍ଟା କରୁଅଛି। କେବଳ ତାହା ବିଷୟରେ ଚିନ୍ତା କରନ୍ତୁ। ସେ, ତା'ର, ଅର୍ଥାତ୍, ମନୁଷ୍ୟର ଧର୍ମଶାସ୍ତ୍ରୀୟ ଜ୍ଞାନ, ଲୋକମାନଙ୍କୁ ପରମେଶ୍ୱରଙ୍କ ବାକ୍ୟ ବୁଝାଇଥାଏ, ଏବଂ ଏହାକୁ ପୁନର୍ବାର ପ୍ରଭାବହୀନ କରି ଦିଏ, ଯେପରିକି ତା' ପାଖରେ ନାମଧାରୀ ଯୁଗରେ ଏହା ରହିଥିଲା ଯେତେବେଳେ ଯୀଶୁ ପୃଥିବୀରେ ଦେଖା ଦେଇଥିଲେ। ଯୀଶୁ କହିଲେ, "ହେ କପଟୀମାନେ! ତୁମେମାନେ, ତୁମର ପରମ୍ପରା ଦ୍ୱାରା," ତାହା ହେଉଛି ସେମାନଙ୍କର ବ୍ୟାଖ୍ୟା, "ପରମେଶ୍ୱରଙ୍କ ବାକ୍ୟକୁ ନେଇଛ ଓ ଏହାକୁ ଲୋକମାନଙ୍କଠାରେ ପ୍ରଭାବହୀନ କରି ଦେଇଛ।" ଏବଂ ତାହାହିଁ ସେହି ସମାନ ବିଷୟ ଅଟେ ଯାହାକି ସେମାନେ ଆଜି କରିଛନ୍ତି। ଏହାର କୌଣସି ପ୍ରଭାବ ନାହିଁ।

୮୮ ଧ୍ୟାନ ଦିଅନ୍ତୁ, "ସେମାନେ," ସେହି ଲୋକମାନେ, "ସେସମସ୍ତ ବିଷୟ ଉପରେ ଯାହାକୁ ପରମେଶ୍ୱର କୁହାଯାଏ ଆପଣାକୁ ଉଚ୍ଚୀକୃତ କରନ୍ତି।" କଅଣ ଦ୍ୱିତୀୟ ଥେସଲନୀକୀୟ ଏହା କୁହେ ନାହିଁ ଯେ ସେମାନେ ତାହା କରିବେ? ଏବଂ ଏକ ନାମଧାରୀ ମଣ୍ଡଳୀର ପ୍ରାଧିକରଣ, ଲୋକମାନେ ସେହି ନାମଧାରୀ ସଂସ୍ଥାକୁ ତା'ଠାରୁ ଅଧିକ ବିଶ୍ୱାସ କରନ୍ତି ଯେତିକି ସେମାନେ ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି। ଏବଂ ପରମେଶ୍ୱର ହେଉଛନ୍ତି ବାକ୍ୟ। ସେମାନେ ବାକ୍ୟ ଉର୍ଦ୍ଧ୍ୱରେ ସେମାନଙ୍କର ନାମଧାରୀ ମତବାଦକୁ ବିଶ୍ୱାସ କରିବେ, ଯାହାକି "ସେସମସ୍ତ ବିଷୟ ଉପରେ ଯାହାକୁ ପରମେଶ୍ୱର କୁହାଯାଏ ଆପଣାକୁ ଉଚ୍ଚୀକୃତ କରେ।" ଏବଂ କେବଳ ଜଣେ ହିଁ ପରମେଶ୍ୱର ଅଛନ୍ତି, ଏବଂ ତାହା ହେଉଛି ବାକ୍ୟ।

"ସେସମସ୍ତ ବିଷୟ ଯାହାକୁ ପରମେଶ୍ୱର କୁହାଯାଏ; ତେଣୁ ସେ ପରମେଶ୍ୱର ହୋଇ ପରମେଶ୍ୱରଙ୍କ ମଣ୍ଡଳୀରେ ବସି, ଏହା ପ୍ରମାଣ କରେ ଯେ ସେ ପରମେଶ୍ୱର ଅଟେ," କାରଣ ତା' ପାଖରେ ତା'କୁ ଉପାସନା କରୁଥିବା ଲୋକମାନେ ଅଛନ୍ତି। ପରମେଶ୍ୱର ବାକ୍ୟ ଅଟନ୍ତି। ଏବଂ ସେ ନିଜକୁ ସେସମସ୍ତ ବିଷୟ ଉପରେ ଯାହାକୁ ପରମେଶ୍ୱର କୁହାଯାଏ ଉଚ୍ଚୀକୃତ କରେ। ଏବଂ କେବଳ ଜଣେ ପରମେଶ୍ୱର ଅଛନ୍ତି, ଏବଂ ସେହି ପରମେଶ୍ୱର ହେଉଛନ୍ତି ବାକ୍ୟ। ବୁଝିଲେ? "ଏବଂ ସେସମସ୍ତ ବିଷୟ ଯାହାକୁ ପରମେଶ୍ୱର କୁହାଯାଏ," ତାହା ହେଉଛି, ଏହି ଯୁଗର ଈଶ୍ୱର ଯିଏକି ନିଜକୁ ପରମେଶ୍ୱରଙ୍କ ପ୍ରକୃତ, ସୁପ୍ରମାଣିତ ବାକ୍ୟ ଉର୍ଦ୍ଧ୍ୱରେ

ଉନ୍ନତ କରିଅଛି । ତାହା ସାଧୁ ଯୋହନ 1 ଅଟେ । ବୁଝିଲେ? "ସେସମସ୍ତ ବିଷୟ ଉପରେ ଯାହାକୁ ପରମେଶ୍ୱର କୁହାଯାଏ, ଯେପରିକି ସେ ପରମେଶ୍ୱର ହୋଇ ପରମେଶ୍ୱରଙ୍କ ମନ୍ଦିରରେ ବସିଥାଏ," ଅଧିକାର ସହିତ ।

ଦେଖନ୍ତୁ, ଏବଂ ସେ ଏଥିପାଇଁ ପ୍ରଶଂସିତ ହୋଇଥାଏ! ଓଃ, ଏହା ହେଉ ଯେ, ପରମେଶ୍ୱର, ଲୋକମାନେ ସେହି ପ୍ରତାରଣାକୁ ଦେଖନ୍ତୁ! ସେ ଏଥିପାଇଁ ପ୍ରଶଂସିତ ହୋଇଥାଏ, ଏବଂ ଏହି ମନ୍ଦ ଯୁଗର ଲୋକମାନଙ୍କ ଦ୍ୱାରା ନିଷ୍ପାପର ଭାବରେ ବିଶ୍ୱାସ କରାଯାଇଥାଏ । ତେବେ କଅଣ ଆପଣ ଏହି ମନ୍ଦ ଯୁଗର ଈଶ୍ୱର ଏବଂ ତା'ର ସେବକମାନଙ୍କୁ ଦେଖୁଛନ୍ତି କି?

89 ତେବେ ଆସନ୍ତୁ ଆମେ ଏହାକୁ ପ୍ରକାଶିତ ହେଉଥିବାର ଦେଖିବା । ସେ କୁହେ ଯେ ପରମେଶ୍ୱରଙ୍କ କଦାପି-ବିଫଳ ନ ହେଉଥିବା ବାକ୍ୟ ବ୍ୟତୀତ ତା'ର ନିଜର ଜ୍ଞାନ ଦ୍ୱାରା, ସେ ସେମାନଙ୍କର ରହିବା ପାଇଁ ଏକ ଅଧିକ ଉନ୍ନତ ଜଗତ ନିର୍ମାଣ କରୁଅଛି । ମାତ୍ର ନାମଧାରୀ ସଂସ୍ଥାରେ, ଏବଂ ଧର୍ମମତରେ, ଓ ବୌଦ୍ଧିକ ଜ୍ଞାନରେ, ଆଉ ବୈଜ୍ଞାନିକ ଜ୍ଞାନରେ, ଏବଂ ପ୍ରଭୃତିରେ, ତା'ର ଏକାଠି ଆସିବା ଦ୍ୱାରା, ସେ ମନୁଷ୍ୟର ରହିବା ପାଇଁ ଏକ ଅଧିକ ଉନ୍ନତ ଜଗତ ନିର୍ମାଣ କରୁଅଛି, ଏବଂ ପରମେଶ୍ୱରଙ୍କର ଏହି ପ୍ରତିଜ୍ଞାକୁ ଅବମାନନା କରୁଅଛି, ଯେ ଏକମାତ୍ର ସମୟ ଯେଉଁଥିରେ ଜଗତ ରହିବା ନିମନ୍ତେ ଯୋଗ୍ୟ ହେବ ତାହା ସହସ୍ରାବ୍ଦୀରେ ଅଟେ । ଆପଣ ଜାଣନ୍ତି, ମୋ'ର ମତରେ, ସେ ରହିବା ପରିବର୍ତ୍ତେ ପାପ କରିବା ପାଇଁ ଏକ ଅଧିକ ଉନ୍ନତ ଜଗତ ନିର୍ମାଣ କରୁଅଛି ।

90 ଧ୍ୟାନ ଦିଅନ୍ତୁ । କଅଣ ସେ ଏହା କଲା କି? ସେ ପାପକୁ ଆଇନଗତ କଲା । ସେ ହ୍ୱିସ୍କି ମଦ ପିଇବା, ସିଗାରେଟ୍ ଧୂମପାନକୁ ଆଇନଗତ କଲା । ଏବଂ ମଣ୍ଡଳୀଗୁଡିକରେ, ଏହା ଆଇନଗତ କଲା ଯେ ଜଣେ ମହିଳା ଛୋଟ କେଶ ରଖି ମଧ୍ୟ, ମଣ୍ଡଳୀର ସଦସ୍ୟ ହୋଇପାରିବ । ତେବେ ଆପଣ ମାତ୍ର ଗୋଟିଏ ମିନିଟ୍ ଅଟକି ପାରନ୍ତି ।

91 ସେହି ସ୍ତ୍ରୀଲୋକ ଛୋଟ ପେଣ୍ଟ ପିନ୍ଧି ପାରିବ, ସୌନ୍ଦର୍ଯ୍ୟ ପ୍ରସାଧନ ଲଗାଇ ପାରିବ, ଏବଂ ତଥାପି ତା'ର ଧାର୍ମିକ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇପାରିବ, ଯାହାକି ପରମେଶ୍ୱରଙ୍କ ବାକ୍ୟର ସମ୍ପୂର୍ଣ୍ଣ ବିପରୀତ ଅଟେ । ସେ କୁହେ ଯେ ତାହା ଠିକ୍ ଅଟେ । କଅଣ ତା'ର ଜ୍ଞାନ ଦେଖୁଛନ୍ତି କି? "ଜଣେ ସ୍ତ୍ରୀଲୋକ ସହିତ ତା'ର କି କାରବାର ଅଟେ?" ଠିକ ସେହି ନିଷେଧ ଫଳ ଗ୍ରହଣ କରିବା ସହିତ ସମାନ, କିଅବା ସେହି ନିଷେଧ ଫଳ ଗ୍ରହଣ କରିବା ନୁହେଁ, ତାହା ହିଁ ଯାହାକି ଏହା ଅଟେ । ପରମେଶ୍ୱର ଏହା କରିବାକୁ ନାସ୍ତି କରିଥିଲେ, ମାତ୍ର ସେ ତାହା କଲା ।

92 ଏବଂ ସେହି ସ୍ତ୍ରୀ ତା'କୁ ବିଶ୍ୱାସ କରେ, ଏବଂ ଏଥିପାଇଁ ସେ ତା'କୁ ଭଲ ପାଏ । ସେ ପରମେଶ୍ୱରଙ୍କୁ ଘୃଣା କରେ । ତାହାର ନିଜର କାର୍ଯ୍ୟକଳାପଗୁଡିକ ପ୍ରମାଣ କରେ ଯେ ସେ ତାହା କରେ । ସେହି ସ୍ତ୍ରୀ କୁହେ ଯେ ସେ ତାହାଙ୍କୁ ଭଲ ପାଏ, କିନ୍ତୁ ସେ ଶୟତାନକୁ ଭଲ ପାଏ । ସେ ଫ୍ୟାଶନର ଦେବତା, ଜଗତର ଈଶ୍ୱର, ହଲିଉଡ ସିନେମା ଜଗତର ଦେବୀମାନଙ୍କୁ ପୂଜା

କରେ । ସେ ତା'କୁ ଭଲ ପାଏ, ମାତ୍ର ସେ ପରମେଶ୍ୱରଙ୍କ ପ୍ରକୃତ ବାକ୍ୟକୁ ଘୃଣା କରେ, ଯିଏକି ସେଠାରେ ଥିବା ଏକମାତ୍ର ପ୍ରକୃତ ପରମେଶ୍ୱର ଅଟନ୍ତି ।

ଏହାକୁ ମଣ୍ଡଳୀରେ ଆଇନଗତ କରେ । "କୌଣସି କ୍ଷତି ନାହିଁ । ଆମର ମହିଳାମାନେ *ଏହା, ତାହା*, କିମ୍ବା *ଅନ୍ୟକିଛି* କରିପାରିବେ ।" କିନ୍ତୁ ଜୀବନ୍ତ ପରମେଶ୍ୱରଙ୍କ ଉପସ୍ଥିତିରେ, ସେ ଆସିବାକୁ ମଧ୍ୟ ଅନୁମତି ପାଏ ନାହିଁ, 'ଯେପର୍ଯ୍ୟନ୍ତ ସେ ଅନୁତାପ ନ କରେ ।

93 ଦେଖନ୍ତୁ, ସେ ସାଂସାରିକ ସୌନ୍ଦର୍ଯ୍ୟର ଈଶ୍ୱର ଅଟେ, ସେ ଅଟେ । ସେହି ସ୍ତ୍ରୀ ସୁନ୍ଦର ଦେଖାଯିବାକୁ ଚାହେଁ । ଏବଂ ସେ ଆରମ୍ଭରୁ, ସୌନ୍ଦର୍ଯ୍ୟର ଈଶ୍ୱର ଅଟେ । ସେ ବିଜ୍ଞାନ ଏବଂ ସାମଗ୍ରୀରେ ତା'ର ଜ୍ଞାନ ଦ୍ୱାରା, ନିଜ ପାଇଁ ସୌନ୍ଦର୍ଯ୍ୟ ହାସଲକୁ କରିପାରେ, ଏବଂ ହାସଲ କରିଅଛି, ଏହି ମଡେଲ୍ ଯୁଗ...ଏହି ଆଧୁନିକ ଯୁଗ, ବରଂ ମନ୍ଦର ଅଟେ । ଏହା ସୌନ୍ଦର୍ଯ୍ୟରେ ତିଆରି ହୋଇଛି ।

94 ଧ୍ୟାନ ଦିଅନ୍ତୁ । ଏହା ଧ୍ୟାନ ଦେବା ନିମନ୍ତେ ଉଲ୍ଲେଖନୀୟ ଅଟେ । ଆରମ୍ଭରେ, ଶେଥ୍ ଏବଂ ତାହାର ସନ୍ତାନମାନେ କେବେବି ବୈଜ୍ଞାନିକ ମାର୍ଗରେ ଗଲେ ନାହିଁ ।

ବର୍ତ୍ତମାନ ଆମେ ବିଜ୍ଞାନ ବିଷୟରେ କିଛି ମିନିଟ୍ ପାଇଁ କଥାବାର୍ତ୍ତା ହେବାକୁ ଯାଉଅଛୁ । ଯଦି ମୁଁ ଏହା କହୁଛି, ମୋ'ର ଅଜ୍ଞତାକୁ କ୍ଷମା ନ କରି; ମାତ୍ର, ନିର୍ବୋଧମାନଙ୍କର ଏକ ଗୋଷ୍ଠୀ, ଯେଉଁମାନେକି ପରମେଶ୍ୱରଙ୍କ ଯାହାକିଛି ବାକ୍ୟକୁ ଅସ୍ୱୀକାର କରିବେ । ବୁଝିଲେ? ନିଶ୍ଚିତ ।

ଏହା ଉଲ୍ଲେଖନୀୟ ଅଟେ । ଏହାକୁ ଦେଖନ୍ତୁ । ଶେଥଙ୍କ ସନ୍ତାନମାନେ କେବେବି ବୈଜ୍ଞାନିକ ମାର୍ଗରେ ଗଲେ ନାହିଁ । ସେମାନେ ନମ୍ର ପଶୁପାଳକ, କୃଷକ, ଏବଂ ପ୍ରଭୃତି ଥିଲେ ।

କିନ୍ତୁ କୟିନର ସନ୍ତାନମାନେ ତାହା କଲେ । କାହିଁକି? ସେମାନଙ୍କ ବାପା, ଶୟତାନ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । କୟିନ, ତା'ର ପିତା, ଶୟତାନ ଦ୍ୱାରା ଅନୁପ୍ରାଣିତ ହୋଇଥିଲା, ଏବଂ ସେହି ବୀଜ ଦ୍ୱାରା ଅନୁପ୍ରାଣିତ ହୋଇ ଏମାନେ ପରେ ଆସିଲେ ।

95 ପରମେଶ୍ୱରଙ୍କ ବୀଜକୁ ପ୍ରତ୍ୟେକ ଯୁଗ ଦେଇ ଆସୁଥିବାର ଦେଖନ୍ତୁ, ଏବଂ ଆଜି ଏହା କେଉଁ ଆଡକୁ ଗତି କରୁଛି ତାହା ଦେଖନ୍ତୁ । ଖ୍ରୀଷ୍ଟିଆନମାନେ, ପ୍ରକୃତ ଖ୍ରୀଷ୍ଟିଆନମାନେ, ସମସ୍ତେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ସାମଗ୍ରୀ ବିଷୟରେ ନୁହଁନ୍ତି । ନା । ମାତ୍ର ଗୋଟିଏ ମିନିଟ୍, ଆମେ ସେହି ବିଷୟ ନିକଟକୁ ଯିବା ।

କିନ୍ତୁ କୟିନ କଲା, ସେମାନଙ୍କର ପିତା, ଶୟତାନର ପ୍ରକୃତି ଅନୁସାରେ, ସାଂସାରିକ ଜ୍ଞାନ, ସୌନ୍ଦର୍ଯ୍ୟ, ଏବଂ ବିଜ୍ଞାନ, ଇତ୍ୟାଦିରେ ପରିପୂର୍ଣ୍ଣ ହୋଇଥିଲା । କୟିନର ସନ୍ତାନମାନେ ବୈଜ୍ଞାନିକ ଚରିତ୍ରବିଶିଷ୍ଟ ଥିଲେ । ସେମାନେ ଶିକ୍ଷିତ ଥିଲେ । ସେମାନେ ସଂଗୀତ—ସଂଗୀତ ବାଦ୍ୟଯନ୍ତ୍ରର ବାଦକ ଥିଲେ; ଏକ ଆଧୁନିକ ଏଲଭିସ୍ ପ୍ରେସ୍ଲି, ଏହିପରି କିଛି ବିଷୟ ଯାହାକି ବିଦ୍ୟାଳୟ ବୋର୍ଡ ପ୍ରତ୍ୟେକ ଶନିବାର ରାତିରେ ଏଠାରେ ଏହି ଗଳିପଥରେ ଆୟୋଜନ କରିବାକୁ ଦେଇଥାଏ । ସହରର ନିର୍ମାଣକାରୀମାନେ, ବ୍ୟକ୍ତିଗତ ଅଭିଳାଷ ପାଇଁ ମହିଳାମାନଙ୍କର ସୌନ୍ଦର୍ଯ୍ୟକରଣ କରୁଛନ୍ତି, ଯେପରି ଶୟତାନ ମହିଳାମାନଙ୍କୁ ରଙ୍ଗ

ପ୍ରସାଧନ ଦେଇଅଛି, ଏବଂ ସେମାନଙ୍କର କେଶକୁ କାଟିବାକୁ ଦେଇଅଛି, ଓ ସେମାନଙ୍କୁ ଛୋଟ ଛୋଟ ପେଣ୍ଟ ପିନ୍ଧିବାକୁ ଦେଇଅଛି, ଆଉ ସେପରି ବିଷୟ କରିଅଛି । ସେମାନେ, ଏହା ତାଙ୍କର ନିଜର ମନ୍ଦ ଅଭିଳାଷ ପାଇଁ ଅଟେ । ତାହା ଅତି ସ୍ୱଷ୍ଟ ଅଟେ, ମାତ୍ର ମୁଁ ଏହାକୁ କହିବାର ଅନ୍ୟ କୌଣସି ଉପାୟ ଜାଣେ ନାହିଁ ।

96 ବର୍ତ୍ତମାନ, ଆମେ ଜାଣୁ ଯେ ଶୟତାନର ସୁସମାଚାର ହେଉଛି ବିଜ୍ଞାନ ଏବଂ ପ୍ରଗତିର ସୁସମାଚାର । ସେ ଏଦନରେ ଏହାକୁ ପ୍ରଚାର କରିଥିଲା; ପରମେଶ୍ୱର ନୁହଁନ୍ତି; ଶୟତାନ କରିଥିଲା, ପ୍ରଗତିର ବିଜ୍ଞାନ । ବିଜ୍ଞାନ ଏବଂ ପ୍ରଗତି ଶୟତାନର ସୁସମାଚାର ଅଟେ । ଦେଖନ୍ତୁ ଯେ ସେ ଏହା ସହିତରେ, ଆଜି ଆମକୁ କେଉଁ ଆଡକୁ କଢାଇ ନେଇଅଛି । ବୁଝିଲେ?

97 ଧ୍ୟାନ ଦିଅନ୍ତୁ, ସେ ଏହାକୁ ଏଦନରେ ପ୍ରଚାର କରିଥିଲା, କାହାକୁ? ଆଦମଙ୍କର କନ୍ୟାକୁ । ଆଉ ସେ ତାହାର ପ୍ରଲୋଭନରେ ପଡ଼ିଗଲା । ସେ ପରମେଶ୍ୱରଙ୍କର ଗୋଟିଏ ବାକ୍ୟ ଉପରେ ପ୍ରଶ୍ନ କରିବା ନେଇ ହବାଙ୍କୁ ପ୍ରତାରଣା କରିଥିଲା । ଆସନ୍ତୁ ଦେଖିବା ଯେ ସେ କ'ଣ କହିଥିବ । ସେ ନିଶ୍ଚୟ କହିଥିବ, "ଏହି ପବିତ୍ର ମଣ୍ଡଳୀରେ, ମୃତ୍ୟୁବରଣ କରିବା ବିଜ୍ଞାନସଙ୍ଗତ ନୁହେଁ ।" କିମ୍ବା, "ଆପଣଙ୍କୁ ମୃତ୍ୟୁ ଭଳି ଏପରି ଅଯୁକ୍ତିକର ବିଷୟଗୁଡିକୁ ବିଶ୍ୱାସ ନ କରିବା ପାଇଁ, ଶିକ୍ଷା ଦିଆଯିବ ଓ ଶିକ୍ଷିତ କରାଯିବ । ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ପରମେଶ୍ୱରଙ୍କ ବାକ୍ୟ ଏହା କହିଥାଏ; ଏହା ଅଯୁକ୍ତିକର ଅଟେ ।"

98 ଓଃ, ଆଜି ତା'କୁ ଦେଖନ୍ତୁ । "ପରମେଶ୍ୱର ଜଣେ ଉତ୍ତମ ପରମେଶ୍ୱର ଅଟନ୍ତି । ଆପଣ ତାହାଙ୍କର ପବିତ୍ର ମଣ୍ଡଳୀରେ ଅଛନ୍ତି; କାହିଁକି, ଆପଣ ମରିପାରନ୍ତି ନାହିଁ ।" ମାତ୍ର ପରମେଶ୍ୱର କହିଥିଲେ ଯେ ତୁମେ କରିବ, ଆଉ ଏହା ତାହାକୁ ସମାଧାନ କରେ । କଅଣ ଆଜି ତା'କୁ ଦେଖୁଛନ୍ତି? "ଓଃ, କେବଳ ମଣ୍ଡଳୀରେ ସମ୍ପୃକ୍ତ ହୁଅନ୍ତୁ । ଏହା ତାହା ନୁହେଁ ଯାହା ଆପଣ କରନ୍ତି, କିମ୍ବା *ଏହା, ତାହା,* କିଅବା *ଅନ୍ୟକିଛି ।* କେବଳ ମଣ୍ଡଳୀକୁ ଆସନ୍ତୁ ଏବଂ ଜଣେ ଭଲ ସଦସ୍ୟ ହୁଅନ୍ତୁ । ନିଜର କେଶ କାଟିବା, ତାହା ନିରର୍ଥକ ଅଟେ । ଏବଂ ଛୋଟ ପେଣ୍ଟ ପିନ୍ଧିବା, ଆଉ ରଙ୍ଗ ପ୍ରସାଧନ ଲଗାଇବା, ଓ ନାଚକୁ ଯିବା, ଏବଂ ଥରେ କେବେ କେମିତି ଟିକେ ବିୟର ପିଇଦେବା, ଆପଣଙ୍କୁ କ୍ଷତି ପହଞ୍ଚାଇବ ନାହିଁ, ଯେପର୍ଯ୍ୟନ୍ତକି ଆପଣ ଏଥିରେ ସମ୍ପୂର୍ଣ୍ଣ ସଂଲଗ୍ନ ନ ହୁଅନ୍ତି । ସତ କହିବାକୁ ଗଲେ, ମୁଁ ଇଚ୍ଛା କରେ ଯେ ତୁମେ ପିଲାମାନେ ଏହାକୁ ନିଅ, ଯେପରିକି ସେମାନେ ଏହା ଶିଖିପାରିବେ ଯେ ସେମାନେ ତାହା ପସନ୍ଦ କରନ୍ତି କି ନାହିଁ ।" ସେଠାରେ ସେ, ଏହି ମନ୍ଦ ଯୁଗର, ଏହି ଯୁଗର ଈଶ୍ୱର ଅଟେ ।

99 "ପରମେଶ୍ୱର ଜଣେ ଉତ୍ତମ ପରମେଶ୍ୱର ଅଟନ୍ତି ।" ମୁଁ ତାହା ଏତେ ଅଧିକ ଶୁଣିଛି ଯେ ମୋତେ ଜ୍ୱର ହୋଇଯାଏ । ପରମେଶ୍ୱର ମଧ୍ୟ ଜଣେ ନ୍ୟାୟର ପରମେଶ୍ୱର ଅଟନ୍ତି । ସେ ଜଣେ ପୁରୁଣା ଥୁରୁଥୁରିଆ ଜେଜେବାପା ନୁହଁନ୍ତି ଯାହାଙ୍କୁ ଏଆଡେ ସେଆଡେ ଠେଲି ଦିଆ ଯାଇପାରେ, ଏବଂ ତାହାଙ୍କର ନାତିନାତୁଣୀମାନଙ୍କର କୌଣସି ପାପ ନାହିଁ । ସେ ନ୍ୟାୟ ଏବଂ ପବିତ୍ରତାର ପରମେଶ୍ୱର ଅଟନ୍ତି । ସେ ଏହାକୁ ଏଦନ ଉଦ୍ୟାନରେ, ତାହାଙ୍କର ପ୍ରଥମ ସନ୍ତାନମାନଙ୍କ ଦ୍ୱାରା ପ୍ରମାଣିତ କରିଥିଲେ । ଆପଣ ତାହାଙ୍କର ବାକ୍ୟ ମଧ୍ୟରୁ ଗୋଟିଏର,

ସେହି ରେଖାକୁ ଅତିକ୍ରମ କରନ୍ତୁ, ଆପଣ ମୃତ ଅଟନ୍ତି । ଆଜି ସେହି ସମାନ ବିଷୟ ପ୍ରଯୁଜ୍ୟ ଅଟେ ।

100 ଏବଂ ଧ୍ୟାନ ଦିଅନ୍ତୁ, ସେ ହବାଙ୍କୁ ସେହି ପ୍ରକାରର ଏକ ବୈଜ୍ଞାନିକ, ସାମାଜିକ, ଶିକ୍ଷିତ, ପ୍ରଗତିଶୀଳ ସୁସମାଚାର ପ୍ରଚାର କରିଥିଲା, ଏବଂ ଆଦମଙ୍କର କନ୍ୟା ଏହାକୁ ବିଶ୍ୱାସ କରିଥିଲେ । ଆଉ ସେ ଖ୍ରୀଷ୍ଟଙ୍କର ତଥା-କଥିତ କନ୍ୟା, ଦ୍ୱିତୀୟ ଆଦମଙ୍କର ସେହି ମଣ୍ଡଳୀ ଭିତରେ ସେହି ସମାନ ଯୁକ୍ତି ତର୍କଗୁଡିକୁ, ଭରି ଦେବାରେ ସଫଳ ହୋଇଅଛି । ତାହା ଠିକ୍ ଅଟେ ।

101 "ଓଃ, ଏହା ନୁହେଁ—ଏହା ନୁହେଁ ପରମେଶ୍ୱରଙ୍କ ପାଇଁ; ପରମେଶ୍ୱର ଏହା କରିବା ହେତୁ ବହୁତ ଭଲ ଅଟନ୍ତି । କାହିଁକି, ଯେପର୍ଯ୍ୟନ୍ତ ଆପଣ ମଣ୍ଡଳୀକୁ ଯାଉଥାଆନ୍ତି । 'ଯଦି ତୁମେ ବିଶ୍ୱାସ କର ।'" ଶୟତାନ ବିଶ୍ୱାସ କରେ; କୃତ୍ରିମ-ବିଶ୍ୱାସ ନୁହେଁ, ମାତ୍ର ସେ ପ୍ରକୃତରେ ବିଶ୍ୱାସ କରେ । ସେ ପରିତ୍ରାଣ ପାଇ ନାହିଁ । "'ଯଦି ତୁମେ ବିଶ୍ୱାସ କର ।'" ହୁଁ!

102 ସେ ଦ୍ୱିତୀୟ କନ୍ୟାକୁ, କିମ୍ବା ଦ୍ୱିତୀୟ ଆଦମଙ୍କର କନ୍ୟାକୁ କୁହେ, ଠିକ ଯେପରି ସେ ପ୍ରଥମକୁ କହିଥିଲା । ଯଥା, "ତେବେ, ଈଶ୍ୱରୀୟ ଆରୋଗ୍ୟତା, ସେପରି କୌଣସି ବିଷୟ ନାହିଁ। ଆମେ ତାହା ପ୍ରମାଣ କରିପାରୁ । କୌଣସି ଗୋଟିଏ ମାମଲା ସୁଦ୍ଧା ପ୍ରମାଣିତ ହୋଇନାହିଁ ।" "ଆଉ ଯୀଶୁଙ୍କ ନାମରେ ଏହି ବାପ୍ତିସ୍ମ, ତେବେ ଆପଣ କଅଣ ଅନୁଭବ କରୁ ନାହାଁନ୍ତି ଯେ ମୋ' ପାଖରେ ମଣ୍ଡଳୀର ଅଧିକାର ଅଛି?" ସେ କୁହେ । "ଆମେ ତାହାକୁ ନାଇସିଆ, ରୋମ୍‌ରେ ସ୍ଥିର କରି ସାରିଛୁ," ଯେତେବେଳେ ସେହି ତିନୋଟି ଅଶୁଚି ଆତ୍ମା ସେହି ସାପରୁ ବାହାରିଥିଲେ, ସେହି ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନ, ଏବଂ ପ୍ରଭୃତି । "ଆମେ ବିଶ୍ୱାସ କରୁ ଯେ ପରମେଶ୍ୱରଙ୍କର ଏକ ତ୍ରିଏକତା ଅଛି ।" ଓଃ, ପରମେଶ୍ୱରଙ୍କ ନିମନ୍ତେ! ତାହା ତ ସେତିକି ପ୍ରତିମାପୂଜା ଅଟେ ଯେତିକି ହୋଇପାରେ । ଆପଣ କଦାପି ପରମେଶ୍ୱରଙ୍କ ସମ୍ମୁଖକୁ ସେହିପରି ଏକ ବିଷୟ ସହିତ ଆସନ୍ତୁ ନାହିଁ, ତାହାଙ୍କ ଉପସ୍ଥିତିରେ ଛିଡ଼ା ହେବାକୁ ଚେଷ୍ଟା କରନ୍ତୁ ନାହିଁ । "ଓଃ, ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣ 'ପିତା, ପୁତ୍ର, ପବିତ୍ରଆତ୍ମା' ର ଉପାଧିଗୁଡିକରେ ବାପ୍ତିଜିତ ହୋଇଛନ୍ତି । ଏଥିରେ କ'ଣ ଫରକ୍ ପଡ଼େ?"

103 ଏହା ଏତେ ଅଧିକ ଫରକ୍ ପକାଇଲା, ଯେ ଏପରିକି ପାଉଲ ବାପ୍‌ଟିଷ୍ଟମାନଙ୍କର ଏକ ଦଳକୁ ଆଦେଶ ଦେଲେ ଯେ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପୁନଃବାପ୍ତିଜିତ ହେବାକୁ ପଡ଼ିଲା ଏହା ପୂର୍ବେକି ପବିତ୍ରଆତ୍ମା କେବେ ସେମାନଙ୍କ ଉପରକୁ ଆସନ୍ତେ । ଏବଂ ସେହି ପ୍ରେରିତଙ୍କୁ ଚିତ୍କାର କରିବାକୁ ବାଧ୍ୟ କଲା, ଓ କୁହାଇଲା, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ଅନ୍ୟ କିଛି ପ୍ରଚାର କରନ୍ତି, ତେବେ ସେ ଅଭିଶପ୍ତ ହେଉ ।" ନିଶ୍ଚିତରେ, ଏହା ଏକ ଫରକ୍ ଆଣିଥାଏ । ଓଃ, ମୋ'ର ପ୍ରଭୁ!

104 "ଏହି ଦିନମାନଙ୍କରେ ପବିତ୍ରଆତ୍ମାର ବାପ୍ତିସ୍ମ ଭଳି କୌଣସି ବିଷୟ ନାହିଁ। ତାହା ତ କେବଳ ପ୍ରେରିତମାନଙ୍କ ପାଇଁ ଥିଲା। ଏହା ବିଗତ ହୋଇଯାଇଛି। ଆଉ

ଭବିଷ୍ୟଦ୍‌ବକ୍ତାମାନଙ୍କ ଭଳି କୌଣସି ଏକ ବିଷୟ ହିଁ ନାହିଁ? ଏହା ବିଷୟରେ ତ କେହି ଜାଣନ୍ତି ସୁଦ୍ଧା ନାହିଁ। ଚମତ୍କାରମାନ? ସେଗୁଡିକ ଅବୈଜ୍ଞାନିକ ଅଟେ। ମଲାଖି 4? ତାହା ତ ଅନ୍ୟ ଏକ ଯୁଗ ପାଇଁ ଥିଲା। ଯୋହନ 14:12? ଓଃ, ଯୀଶୁଙ୍କର ପ୍ରକୃତରେ ତାହା ଅର୍ଥ ନ ଥିଲା। ଲୂକ 17:30? ଓଃ, ତାହା ତ କେବଳ ଏକ ପୌରାଣିକ ବିଷୟ ଥିଲା। ଦେଖନ୍ତୁ, ଏହା—ଏହା ଭୁଲ ବ୍ୟାଖ୍ୟା କରାଯାଇଛି; ଏହା ମୂଳରେ ନ ଥିଲା।" ଏହିପରି ବାଜେ କଥା!

ଯେତେବେଳେ ସର୍ବଶକ୍ତିମାନ ପରମେଶ୍ୱର ଆମ ମଧ୍ୟରେ ଓହ୍ଲାଇ ଆସି ଏହାକୁ ପ୍ରମାଣ କରୁଛନ୍ତି। ଯେତେବେଳେ ସେ କୁହନ୍ତି, ଯେ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି," ସେ ତାହାକୁ ସେହିପରି ଅଟେ ବୋଲି ପ୍ରମାଣ କରନ୍ତି। ମୋ'ର କିଛି ଫରକ୍ ପଡ଼େ ନାହିଁ ଯେ ଏହା ବିଷୟରେ କିଏ କହୁ ନାହାଁନ୍ତି; ପରମେଶ୍ୱର ଆପଣା ବାକ୍ୟର ବ୍ୟାଖ୍ୟା ସ୍ୱୟଂ କରନ୍ତି। ସେ କହିଛନ୍ତି ଯେ ଏହି ଶେଷ ଦିନରେ ସେ ଏହି କାର୍ଯ୍ୟ କରିବେ। "ସନ୍ଧ୍ୟା ସମୟରେ ଦୀପ୍ତି ହେବ।" ଆଉ ପରମେଶ୍ୱରଙ୍କ ପୁତ୍ରଙ୍କର ପ୍ରକଟୀକରଣ ସକାଶେ, ସେଠାରେ ଆଲୋକ ଅଛି।

105 ସେହି ସମାନ ସୂର୍ଯ୍ୟ ଯାହା ପୂର୍ବ ଦିଗରେ ଉଦୟ ହୁଏ ତାହାହିଁ ସେହି ସମାନ ସୂର୍ଯ୍ୟ ଅଟେ ଯାହା ପଶ୍ଚିମ ଦିଗରେ ଅସ୍ତ ହୁଏ। ଭବିଷ୍ୟଦ୍‌ବକ୍ତା କହିଲେ, "ଏପରି ଏକ ଦିନ ଆସିବ ଯାହାକୁ ଦିନ କିମ୍ବା ରାତି କୁହାଯାଇପାରିବ ନାହିଁ।" ଏହା ଅନ୍ଧକାରମୟ ହେବ, ଯେପରିକି ସୂର୍ଯ୍ୟକୁ ମେଘଗୁଡାକ, ଆଚ୍ଛାଦିତ କରିଥାଏ। କିନ୍ତୁ କହିଲେ, "ସନ୍ଧ୍ୟା ସମୟରେ ଏହା ପୁନର୍ବାର ଆଲୋକ ଆସିବ।" ସେହି ସମାନ ପୁତ୍ର! ସେ ଆଲଫା ଏବଂ ଓମେଗା ଅଟନ୍ତି। ପୂର୍ବରେ ଉଦୟ ହୋଇଥିବା ସେହି ସମାନ ପୁତ୍ରକୁ, ଏହି ଶେଷ ଦିନରେ, ପଶ୍ଚିମରେ ପୁନର୍ବାର ଉଦୟ ହେବାର ପୂର୍ବାନୁମାନ କରାଯାଇଥିଲା, ଠିକ ସେହି ଦିନ ଶେଷ ହେବା ପୂର୍ବରୁ। ମୁଁ ଜାଣେ ନାହିଁ ଯେ ସେମାନେ ଏହାକୁ କିପରି ବ୍ୟାଖ୍ୟା କରନ୍ତି; ପରମେଶ୍ୱର ତାହାଙ୍କର ବାକ୍ୟକୁ ନିଜେ ବ୍ୟାଖ୍ୟା କରନ୍ତି। ସେ ଏହାକୁ ପ୍ରମାଣ କରନ୍ତି। ଏହା ସନ୍ଧ୍ୟା ସମୟ ଅଟେ।

106 ଏହା ଦୁଃଖଦ ଅଟେ, ମାତ୍ର ସେ ନିଶ୍ଚିତରେ ଏହା ପାଇଁ ପୁନର୍ବାର ପତିତ ହେଲା। ଖ୍ରୀଷ୍ଟଙ୍କର କନ୍ୟା ଏହା ପାଇଁ ପତିତ ହେଲା, ଏବଂ କୌଣସି ସେମିନାରୀ ପ୍ରଚାରକଙ୍କର ବୌଦ୍ଧିକ ଜ୍ଞାନକୁ ପରମେଶ୍ୱରଙ୍କ ବିଶୁଦ୍ଧ, ସୁପ୍ରମାଣିତ ବାକ୍ୟ ବିଶ୍ୱାସ କରିବା ପରିବର୍ତ୍ତେ ଗ୍ରହଣ କରିନେଲା।

107 ତେବେ ଆପଣ ସେବକଗଣ ଯେଉଁମାନେକି ବାହାରେ ଦେଶର ଭିନ୍ନ ପ୍ରାନ୍ତରେ ଅଛନ୍ତି, ଆପଣ ହୁଏତ ଏଥିରେ ଅସହମତ ହୋଇପାରନ୍ତି। ମୁଁ ଆପଣମାନଙ୍କୁ ଦୁଃଖ ଦେଉନାହିଁ। ମୁଁ କେବଳ ଚେଷ୍ଟା କରୁଛି-...ମୁଁ ମୋ'ର ନିଜ ଗୋଷ୍ଠୀ ସହିତ କଥାବାର୍ତ୍ତା କରୁଛି। ମୁଁ କେବଳ ଚେଷ୍ଟା କରୁଛି...ଯଦି ଆପଣ ବସିବାକୁ ଚାହାଁନ୍ତି, ମୁଁ ନିଶ୍ଚିତରେ ଆପଣ ଏହା ଶୁଣନ୍ତୁ ବୋଲି ଖୁସି ହେବି। ଏବଂ ତା'ପରେ ଆପଣ ଏହା ଶୁଣନ୍ତୁ। ବୁଝିଲେ? ମାତ୍ର ମୁଁ କେବଳ ସେମାନଙ୍କୁ

ତାହା କହୁଅଛି ଯାହା ସେମାନେ—ଯାହା ସେମାନେ ଦେଖିଛନ୍ତି, ଓ ସେମାନଙ୍କୁ ତାହା ଦେଖାଉଅଛି; ପରମେଶ୍ୱର ଏହା ପ୍ରମାଣ କରୁଛନ୍ତି, ଯେ ଏହା ଠିକ୍ ଅଟେ । ବୁଝିଲେ?

ଏହା ସେହି ସମୟ ଅଟେ । ତାହାକୁ ବ୍ୟାଖ୍ୟା କରିବା ପାଇଁ କାହାରିର ଆବଶ୍ୟକତା ନାହିଁ । ଆପଣଙ୍କର ସାଂସାରିକ ଜ୍ଞାନରେ କିଛି ହେଲେ ନାହିଁ...ଆପଣଙ୍କର ଏକ ବି.ଏ., ଡି.ଡି., ଏ.ଡି., ଥାଇପାରେ କିମ୍ବା ଏହା ଯାହାକିଛି ବି ହୋଇପାରେ; ଏହାର ଗୋଟିଏ ହେଲେ ଅର୍ଥ ନୁହେଁ । ପରମେଶ୍ୱର ଆପଣା, ନିଜେ ତାହାଙ୍କର ବାକ୍ୟକୁ ବ୍ୟାଖ୍ୟା କରନ୍ତି । ସେ ଏହାର ପ୍ରତିଜ୍ଞା କରିଥିଲେ, ଏବଂ ତାହା ଏଠାରେ ଅଛି ।

108 କିନ୍ତୁ ସେମିନାରୀର ଜ୍ଞାନ, ନାମଧାରୀ ସଂସ୍ଥାର ପ୍ରଚାର ଦ୍ୱାରା, "ସମଗ୍ର ବିଶ୍ୱକୁ ସେହି ପଶୁ ବିଷୟକ ଆଶ୍ଚର୍ଯ୍ୟରେ ପକାଇଲା ଯାହାର ମାରାତ୍ମକ କ୍ଷତ ଭଲ ହୋଇ ଯାଇଥିଲା," ପ୍ରତିମାପୂଜା ପାଗାନ୍‌ଠାରୁ ପୋପ୍ ସମ୍ବନ୍ଧୀୟ ପାପାଲ୍ କୁ ପରିଣତ ହୋଇଥିଲା । ଦେଖନ୍ତୁ ଯେ ସେ କେଉଁ ଆଡେ ମୁହାଁଉ ଅଛି? ସେ ଏହାକୁ ବିଶ୍ୱାସ କରେ । ସେ ସେହି ଜ୍ଞାନରେ ବିଶ୍ୱାସ କରେ ଯାହା ସେ ତାହାକୁ କୁହେ ।

109 ଏହା ତ, ତେବେ ଦେଖନ୍ତୁ, ଏହା ତ ତାହା ଅଟେ ଯେ ଦୁହିଁ ନିର୍ବନ୍ଧିତ କନ୍ୟାମାନେ ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ଶୟତାନର ଜ୍ଞାନକୁ ବିଶ୍ୱାସ କରିଥିଲେ । ଆଦମଙ୍କର କନ୍ୟା ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ଶୟତାନର ଜ୍ଞାନକୁ ବିଶ୍ୱାସ କରିଥିଲା, ଏବଂ ଖ୍ରୀଷ୍ଟଙ୍କର କନ୍ୟା, ଏହି ବୌଦ୍ଧିକ ମନ୍ଦ ଯୁଗରେ, ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ, ଶୟତାନର ଜ୍ଞାନକୁ ବିଶ୍ୱାସ କରିଅଛି ।

ଏବଂ ଧ୍ୟାନ ଦିଅନ୍ତୁ । ହବା, ପ୍ରାକୃତିକ ଭାବରେ, ଏହାକୁ ବିଶ୍ୱାସ କରିଥିଲା, ଏବଂ ସମଗ୍ର ମାନବ ଜାତିକୁ ମୃତ୍ୟୁ ମୁଖରେ ପକାଇଥିଲା । ପ୍ରାକୃତିକ କନ୍ୟା! ଆଦମ, ପୃଥିବୀର ପ୍ରାକୃତିକ ମଣିଷ; ତାଙ୍କର କନ୍ୟା, ଏହା ପୂର୍ବେକି ସେ ତାହାକୁ, ସ୍ତ୍ରୀ ରୂପରେ ପ୍ରାପ୍ତ କରନ୍ତେ, ସମଗ୍ର ମାନବ ଜାତିକୁ ମୃତ୍ୟୁମୁଖରେ ପକାଇଲା । ଏହା ବୈଜ୍ଞାନିକ ହେଉ କିମ୍ବା ନ ହେଉ, ଆମେ ସମାନ ଭାବରେ ମରିବା, କାରଣ ଆମେ ତାହା ସେପରି ହେବୁ ବୋଲି ପରମେଶ୍ୱର କହିଥିଲେ ।

ଆପଣ ପବିତ୍ର ଏଦନରେ, କିମ୍ବା ପବିତ୍ର ମଣ୍ଡଳୀରେ, କିମ୍ବା ପବିତ୍ର ନାମଧାରୀ ସଂସ୍ଥାରେ, କିଅବା ଏହା ଯାହାକିଛି ବି ହୋଇପାରେ, ଆପଣ ସେହି ଦିନ ମରିଯିବେ ଯେଉଁ ଦିନ ଆପଣ ପରମେଶ୍ୱରଙ୍କ ବାକ୍ୟର ଗୋଟିଏ ବାକ୍ୟକୁ ସତ୍ୟ ବୋଲି ଅବିଶ୍ୱାସ କରିବେ, ଯେତେବେଳେକି ଏହା ଆପଣଙ୍କଠାରେ ସୁପ୍ରମାଣିତ ଓ ସିଦ୍ଧ କରାଯାଇଥାଏ । ସେହି ଦିନ ଆପଣ ନିଜକୁ ପରମେଶ୍ୱରଙ୍କଠାରୁ ପୃଥକ କରି ଦିଅନ୍ତି । କେବଳ ସମଗ୍ର ବାକ୍ୟ ନୁହେଁ; ଗୋଟିଏ ବାକ୍ୟ । "ଯେକେହି ଗୋଟିଏ ଶବ୍ଦ ଯୋଗ କରିବେ, କିମ୍ବା ଗୋଟିଏ ଲୋପ କରିବେ," ସେହି ଦିନ ଆପଣ ମରିଯିବେ ।

110 ଧ୍ୟାନ ଦିଅନ୍ତୁ, ଆଦମଙ୍କର କନ୍ୟା ତାହାର ଜାତି, ମାନବ ଜାତି ପାଇଁ ପ୍ରାକୃତିକ ମୃତ୍ୟୁ ଘଟାଇଥିଲା ।

ଏବଂ ଦ୍ୱିତୀୟ ଆଦମଙ୍କର କନ୍ୟା, ଖ୍ରୀଷ୍ଟଙ୍କ ନିର୍ବନ୍ଧିତ କନ୍ୟା, ସମଗ୍ର ମଣ୍ଡଳୀକୁ ଏକ ନାମଧାରୀ ମୃତ୍ୟୁମୁଖକୁ ପକାଇ ଦେଇଅଛି, ବୈଜ୍ଞାନିକ, ବୌଦ୍ଧିକ, ବଡ଼ ବଡ଼ ନାମଧାରୀ ସଂସ୍ଥାମାନଙ୍କ ଦ୍ୱାରା, ପଶୁର ଚିହ୍ନକୁ ନେବା ପାଇଁ। "ଆମେ ବାପ୍‌ଟିଷ୍ଟ ଅଟୁ। ଆମେ ପ୍ରେସ୍‌ବିଟେରିଆନ୍ ଅଟୁ। ଆମେ ପେଣ୍ଟିକଷ୍ଟାଲ୍ ଅଟୁ," ଏବଂ ପ୍ରଭୃତି। "ଆମ ପାଖରେ *ଏହା* ଅଛି, ଏବଂ ଆମର ଅଧିକ ସମ୍ପତ୍ତି ଅଛି। ଆମେ, ଆମେ ସରକାରଙ୍କ ଦ୍ୱାରା ଉଲ୍ଲେଖ କରାଯାଇଅଛୁ। ଆମେ ସମଗ୍ର ବିଶ୍ୱରେ ବ୍ୟାପ୍ତ ଅଟୁ," ଏବଂ ଏହିପରି ସମସ୍ତ ବିଷୟ। "ଏବଂ ସବୁଠୁ ସର୍ବୋତ୍ତମ, ଓ ନଗରର ମେୟର, ଆଉ ଇତ୍ୟାଦି, ଆମ ପାଖକୁ ଆସନ୍ତି। ଏପରିକି ରାଷ୍ଟ୍ରପତି ଆମ ସହିତ ମାସ୍ ପର୍ବ ଗ୍ରହଣ କରିବାକୁ ଆସନ୍ତି, ଏବଂ ଆମେ *ଏହା*, *ତାହା*, କିମ୍ବା *ଅନ୍ୟକୁ* ଆସିଥାଉ।" ସମଗ୍ର ବିଶ୍ୱ ଏକ ଆତ୍ମିକ, ନାମଧାରୀ ମୃତ୍ୟୁମୁଖରେ ପକାଯାଇ ଅଛନ୍ତି; ସମଗ୍ର ମଣ୍ଡଳୀ। ସେ ମରିଯାଇଛି!

ଆପଣ କୁହନ୍ତି, "ଆପଣ ଅନେକ ଗୁଡିଏ ସ୍ଥାନ ଅଧିଗ୍ରହଣ କରୁଛନ୍ତି।"

111 ଯୀଶୁ କହିଲେ, "ଯେପରି ନୋହଙ୍କ ଦିନରେ, ଆଠ ଜଣ ପ୍ରାଣ ରକ୍ଷା ପାଇଥିଲେ, ମନୁଷ୍ୟପୁତ୍ର ଆସିବା ସମୟରେ ଠିକ ସେହିପରି ହିଁ ହେବ।" "ଲୋଟଙ୍କ ଦିନରେ, ଯେଉଁଠାରେ ତିନିଜଣଙ୍କୁ ସଦୋମରୁ ବାହାର କରାଯାଇଥିଲା, ସେହି ଦିନରେ..." ବର୍ତ୍ତମାନ ସେଠାରେ ପୂର୍ବରୁ ଏକ ଗୋଷ୍ଠୀ ଆଗରୁ ବାହାରେ ଅଛି, ମନେରଖନ୍ତୁ। "କିନ୍ତୁ, ଯେପରି ତାହା ସେହି ଦିନ ଥିଲା, ଯେତେବେଳେ ମନୁଷ୍ୟପୁତ୍ର ପ୍ରକାଶ ପାଇବେ।" ଦେଖନ୍ତୁ କିପ୍ରକାର ଏକ ଦିନ, ଦେଖନ୍ତୁ ଯେ ଆମେ କେଉଁଠାରେ ରହୁଅଛୁ!

112 ତେବେ ସେ ସମଗ୍ର ବିଶ୍ୱକୁ ଶିକ୍ଷାଗତ କାର୍ଯ୍ୟକ୍ରମର ବୈଜ୍ଞାନିକ ନେତୃତ୍ୱକୁ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇ ଅଛି ଯାହାକି ଶୟତାନ ତା'କୁ ଏକ ଶିକ୍ଷାଗତ, ବୈଜ୍ଞାନିକ କାର୍ଯ୍ୟକ୍ରମର ନେତୃତ୍ୱରେ, ଏକ ମଣ୍ଡଳୀର ନାମରେ ଦେଇଅଛି। ମୁଁ ଆପଣଙ୍କଠାରେ ଏହି ଜଗତର ଈଶ୍ୱରକୁ ଚିତ୍ରିତ କରୁଅଛି।

ଯେତେବେଳେ ସେ, ହବା ଭଳି, ତାଙ୍କର ହାତରେ ପରମେଶ୍ୱରଙ୍କ ବାକ୍ୟର ପୂର୍ଣ୍ଣତା ଥିଲା, ସେ ପରମେଶ୍ୱରଙ୍କ ବାକ୍ୟ ନେଇ ପାରିଥାନ୍ତେ। ମାତ୍ର ସେ ତାହା ସହିତ କଅଣ କଲା? ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ, ସେ ବିଜ୍ଞାନକୁ ତା'କୁ ଏହା ପ୍ରମାଣ କରିବାକୁ ଅନୁମତି ଦେଲା ଯେ ପବିତ୍ରଆତ୍ମା କେବଳ ଶିଷ୍ୟମାନଙ୍କ ପାଇଁ ଥିଲା।

ଈଶ୍ୱରୀୟ ଆରୋଗ୍ୟତାକୁ କ୍ରିୟାରେ ବଜାୟ ରଖିବା ପରିବର୍ତ୍ତେ, ଯେତେବେଳେକି ସେ ବର୍ତ୍ତମାନ ମୃତମାନଙ୍କୁ ପୁନରୁତ୍ଥିତ କରିବା ଏବଂ ବଡ଼ ବଡ଼ ଚମତ୍କାରମାନ କରିବା ଉଚିତ୍; ସେ ଶୟତାନକୁ, ତା'ର ଧାର୍ମିକ ବ୍ୟକ୍ତିଙ୍କ ନେତୃତ୍ୱରେ ଅନୁମତି ଦେଇଅଛି, ଯେ ପରମେଶ୍ୱରଙ୍କ ବାକ୍ୟକୁ ନିଏ ଏବଂ ଏହା କହିବାକୁ ଚେଷ୍ଟା କରେ ଯେ ଏହା ଅନ୍ୟ ଯୁଗ ପାଇଁ ଥିଲା। ଏବଂ ସେ ଏହାକୁ ବିଶ୍ୱାସ କରିଛି।

113 ଯେତେବେଳେକି, ବାଇବଲ କୁହେ, "ମୁଁ ଯେଉଁ ବିଷୟଗୁଡିକ କରେ, ତୁମେ ମଧ୍ୟ ତାହା କରିବ ।" ଯୀଶୁ ତାହା କହିଥିଲେ । "ତୁମେ ସମସ୍ତ ଜଗତକୁ ଯାଅ ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର ।" ଆମେ ଏବେ ମଧ୍ୟ ପ୍ରାଣୀ ଅଟୁ । "ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ପ୍ରତ୍ୟେକଙ୍କର ଅନୁବର୍ତ୍ତୀ ହେବ ।" ସେ ଏହାର ପ୍ରତ୍ୟେକଟିକୁ ଅସ୍ୱୀକାର କରେ ।

114 ସେ ସମସ୍ତ ଅଲୌକିକ ବିଷୟକୁ ଅସ୍ୱୀକାର କରେ, ଏବଂ ସେ ଏହାକୁ ବାଇବଲର ବୌଦ୍ଧିକ ଧାରଣା ପାଇଁ ବଦଳାଇ ଦେଲା; ଯେଉଁଠାରେକି ପୁରୋହିତ, ଏବଂ ପବିତ୍ର ପିତା, ତଥା-କଥିତ, ଯେଉଁଠାରେ ବିଶପ୍, ଆର୍କବିଶପ୍, ଯେଉଁଠାରେ ଜିଲ୍ଲା ଅଧ୍ୟକ୍ଷ, ସାଧାରଣ ତତ୍ତ୍ୱାବଧାରକ, ଏବଂ ପ୍ରଭୃତିମାନେ, ଏଥିରେ ସେମାନଙ୍କର ନିଜସ୍ୱ ବ୍ୟାଖ୍ୟାକୁ ଯୋଗ କରିଛନ୍ତି । ଏବଂ ପରମେଶ୍ୱର ସେମାନଙ୍କୁ ଛାଡି ଦେଇଛନ୍ତି, ଓ ସେମାନେ ସେଠାରେ ବାର ବାଜିଥିବା ସଦୃଶ ମୃତ, ଭାବରେ ପଡ଼ି ରହିଛନ୍ତି ।

ଶେଷ ଦିନରେ କେବଳ ଯେଉଁ ବିଷୟଗୁଡିକ ବାକି ଅଛି ତାହା ହେଉଛି ଏକ ସଂଗୀତର ଗଣ୍ଡିଲି ସହିତ ପେଣ୍ଟିକଷ୍ଟାଲମାନଙ୍କର ଏକ ଛୋଟ ଗୋଷ୍ଠୀ ଯେଉଁମାନେକି ଯେତେ ପାରନ୍ତି ସେତେ ଅଧିକ ସେମାନେ ଡିଆଁ ମାରନ୍ତି, ଭୂମିରେ ଉପର-ଓ-ତଳକୁ ଦୌଡନ୍ତି, ବିଭିନ୍ନ ପରଭାଷାରେ କଥାବାର୍ତ୍ତା କରନ୍ତି ଏବଂ ପାଟିତୁଣ୍ଡ କରନ୍ତି, "ଏବଂ ଈଶ୍ୱରପରାୟଣତାର ଏକ ଭେଖ ଧରିଥା'ନ୍ତି, ମାତ୍ର ବାକ୍ୟକୁ ଅସ୍ୱୀକାର କରନ୍ତି ।" ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ କୁହନ୍ତୁ; ଆପଣଙ୍କ ମୁହଁରେ ହସି ଦେବେ । ମାତ୍ର, ତାହା, ପରମେଶ୍ୱର ଏହାକୁ ଠିକ୍ ସେହି ସମାନ ଭାବରେ କରି ଚାଲିଥା'ନ୍ତି, ତାହାଙ୍କର ବାକ୍ୟ ଠିକ୍ ଅଟେ ବୋଲି ପ୍ରମାଣ କରି ଚାଲିଥା'ନ୍ତି ।

115 ଧ୍ୟାନ ଦିଅନ୍ତୁ, ଯେ ଶୟତାନ ହବାକୁ ଯେଉଁ ଗଛରୁ ଭୋଜନ କରାଇଥିଲା, ତାହା ଥିଲା "ଭଲ ଓ ମନ୍ଦର ବୃକ୍ଷ ।" ଏହା ଏକ ମିଶ୍ରିତ ଗଛ ଥିଲା ।

ବର୍ତ୍ତମାନ ଆମେ ବାସ କରୁଥିବା ଏହି ଦିନକୁ ଦେଖନ୍ତୁ, ଯେତେବେଳେ ସେ ଏକ କନ୍ୟାକୁ ଡାକୁଛନ୍ତି । ତା'ର ଏକ ମଣ୍ଡଳୀ ଅଛି ଯାହାକି ଭଲ କରୁଅଛି ବୋଲି ଦାବୀ କରିଥାଏ, ଯେତେବେଳେକି ଏହା ବାକ୍ୟକୁ ଅସ୍ୱୀକାର କରିବା ଦ୍ୱାରା, ମନ୍ଦ କରୁଥାଏ । ଏକ ମିଶ୍ରିତ ଗଛ । ଓଃ, କୁହେ, "ସେମାନଙ୍କର—ସେମାନଙ୍କର ମହାନ ସମାଜଗୁଡିକ ଅଛି । ସେମାନେ—ସେମାନେ—ସେମାନେ—ସେମାନେ *ଏହା*କୁ ସାହାଯ୍ୟ କରନ୍ତି । ଏବଂ ରେଡ୍ କ୍ରସ୍ ସଂସ୍ଥା ଏହାକୁ ସମର୍ଥନ କରେ । ଏବଂ ସମସ୍ତ ବିଦ୍ୟାଳୟମାନ, ସେମାନେ…ଏଠାରେ ଦେଖନ୍ତୁ!"

ଓଃ, ମାତ୍ର କେବଳ ଗୋଟିଏ ବାକ୍ୟକୁ ଅସ୍ୱୀକାର କରନ୍ତୁ, ତାହାହିଁ ସବୁକିଛି ଯାହାକି ଆପଣଙ୍କୁ ମରିବା ପାଇଁ କରିବାକୁ ଥାଏ; ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କେତେ ବୌଦ୍ଧିକ ଅଟେ, ଏହା କେତେ ଭଲ ଅଟେ । ଯୀଶୁ କହିଲେ, "ଟିକିଏ ଖମୀର ସମ୍ପୂର୍ଣ୍ଣ ଖଣ୍ଡକୁ ଖମୀରମୟ କରିଦିଏ ।" ଖମୀରର ଗୋଟିଏ ଅଂଶ ସମ୍ପୂର୍ଣ୍ଣ ଖଣ୍ଡକୁ ନଷ୍ଟ କରିଦିଏ । ପରମେଶ୍ୱରଙ୍କ ଗୋଟିଏ ବାକ୍ୟ, ବିସ୍ଥାପିତ କରିବା, ସମଗ୍ର ଚିତ୍ରକୁ ନଷ୍ଟ କରିଦିଏ । କଅଣ

ହେବ ଯଦି ମୋ'ର ବାହୁ ସେଠାରେ ରହିବ ଯେଉଁଠାରେକି ମୋ'ର ପାଦ ରହିବା ଉଚିତ୍? ବୁଝିଲେ? କଅଣ ହେବ ଯଦି ମୋ'ର କାନ ଏଠାରେ ତଳେ ରହିଥା'ନ୍ତା, ଯେଉଁଠାରେ ମୋ'ର ହାତ ରହିବା ଉଚିତ୍? "ଟିକିଏ ଖମୀର ସମ୍ପୂର୍ଣ୍ଣ ଖଣ୍ଡକୁ ଖମୀରମୟ କରିଦିଏ ।"

କହିବେ, "ଆପଣ କିପରି ଜାଣନ୍ତି ଯେ ଏହା ଠିକ୍ ଅଟେ?" ପରମେଶ୍ୱର ଏହାକୁ ଠିକ୍ ବୋଲି ପ୍ରମାଣ କରନ୍ତି । ସେ ଏହାକୁ ସୁପ୍ରମାଣିତ କରନ୍ତି । ସେ ଏହାକୁ ଏଠାରେ ବାକ୍ୟରେ କହିଲେ, ତା'ପରେ ସେ ଏହାକୁ ପ୍ରମାଣ କରନ୍ତି । ସେହିପରି ଭାବରେ ଆମେ ଜାଣୁ ଯେ ଏହା ଠିକ୍ କି ନୁହେଁ ।

କେବଳ ଗୋଟିଏ ବାକ୍ୟକୁ ଅସ୍ୱୀକାର କରିବା ହିଁ ସବୁକିଛି ଅଟେ ଯାହାକି ମରିବା ପାଇଁ ଦରକାର । ଏହି ମନ୍ଦ ଯୁଗରେ, ଏହା ସେହି ସମାନ ପରିଣାମଗୁଡିକୁ ନେଇ ଆସିଥିଲା, ଆତ୍ମିକ ମୃତ୍ୟୁ, ଯେପରିକି ଏହା ସମଗ୍ର ମାନବ ଜାତି ପାଇଁ ଶାରୀରିକ ମୃତ୍ୟୁକୁ ଆଣିଥିଲା ।

116 ଧ୍ୟାନ ଦିଅନ୍ତୁ ଯେ ଶୟତାନ କିପରି ନୋହଙ୍କ ଦିନର, ସେହି ବୈଜ୍ଞାନିକ ଯୁଗକୁ ସେଠାରେ ପଛରେ, ସେମାନଙ୍କର ବୁଝାମଣା ଉପରେ ନିର୍ଭର କରିବାକୁ ପ୍ରବର୍ତ୍ତାଇଥିଲା । ହୁଁ! ହିତୋପଦେଶରେ, ବାଇବଲ ଆମକୁ କୁହେ, "ଆପଣାର ନିଜ ବୁଝାମଣା ଉପରେ ନିର୍ଭର କରନ୍ତୁ ନାହିଁ ।" ଆଉ, "ପ୍ରତ୍ୟେକ ମନୁଷ୍ୟର ବାକ୍ୟ ମିଥ୍ୟା ହେଉ, ଏବଂ ପରମେଶ୍ୱରଙ୍କ ସତ୍ୟ ହେଉ ।" କିନ୍ତୁ ଶୟତାନ, ତା'ର ଜ୍ଞାନ ଦ୍ୱାରା, ଆରମ୍ଭରୁ ଏଦନ ଉଦ୍ୟାନଠାରେ, ଲୋକମାନଙ୍କୁ ସେମାନଙ୍କର ନିଜ ବୁଝାମଣା ଉପରେ ନିର୍ଭର କରିବାକୁ ପ୍ରବର୍ତ୍ତାଇଥିଲା । ଏବଂ, ଆପଣ ଜାଣନ୍ତି, ତା'ର ମହାନ ମ୍ୟାକ୍ସ ଫ୍ୟାକ୍ଟରର କାର୍ଯ୍ୟଗୁଡିକ ମାଧ୍ୟମରେ ଯାହାକି ତା' ପାଖରେ ସେଠାରେ ପଛରେ ଥିଲା, ସେ ସ୍ତ୍ରୀଲୋକମାନଙ୍କୁ ଏତେ ସୁନ୍ଦର କଲା ଯେ ଏହା ମନୁଷ୍ୟର ପୁତ୍ରମାନଙ୍କୁ...ପରମେଶ୍ୱରଙ୍କ ପୁତ୍ରମାନଙ୍କୁ କଲା, ବରଂ, ପାପରେ ପକାଇଲା ଏବଂ ସେମାନଙ୍କୁ ବିବାହ କରାଇଲା । ଠିକ୍ । ସେ...ସ୍ତ୍ରୀଲୋକମାନେ ଏତେ ସୁନ୍ଦର, ବହୁତ ସୁନ୍ଦର ଥିଲେ ।

117 ତେବେ ଆପଣ ଆଜି ସାଧାରଣ ସ୍ତ୍ରୀଲୋକମାନଙ୍କୁ ରାସ୍ତାରେ ଯାଉଥିବାର ନିଅନ୍ତୁ । ଆପଣମାନଙ୍କ ମଧ୍ୟରୁ ଅନେକେ ସେହି କାହାଣୀ ପଢ଼ିଛନ୍ତି; ଆପଣ ଏହା କେବେ ଶୁଣି ନ ଥିବେ, 'କାରଣ ତାହା ମୋ'ର ଦିନଗୁଡିକର ପୂର୍ବରୁ ଥିଲା । ପର୍ଲ୍ ଓ'ବ୍ରାୟନ୍, କେତେଜଣ ତାଙ୍କ ବିଷୟରେ ଶୁଣିଛନ୍ତି? ନିଶ୍ଚିତରେ । ସେ ଦୁନିଆର ସବୁଠାରୁ ସୁନ୍ଦର ମହିଳା ବୋଲି ମନେ କରାଯାଉଥିଲା । କାହିଁକି, ଆଜି ସ୍କୁଲ ହାଉସ ଯାଉଥିବା ଏପରି କୌଣସି ସ୍କୁଲ ପିଲା ନାହିଁ ମାତ୍ର ଯିଏକି ତାହା ତୁଳନାରେ ଦୁଇଗୁଣ ସୁନ୍ଦର ଅଟନ୍ତି । ଏହା କାହିଁକି ଅଟେ? ନାରୀମାନଙ୍କର ସୌନ୍ଦର୍ଯ୍ୟ ଏହି ଶେଷ ଦିନରେ ହେବାକୁ ଅଛି ।

ସେମାନେ ସେମାନଙ୍କର କେଶ କାଟିଅଛନ୍ତି । ସେମାନେ ସେମାନଙ୍କୁ ସାନ ଝିଅମାନଙ୍କର ପୋଷାକ ପିନ୍ଧାଇ ଅଛନ୍ତି । ସେମାନେ ସେମାନଙ୍କୁ ସାନ ସାନ ପେଣ୍ଟ, ଏବଂ ସ୍ନାନ ବସ୍ତ୍ର ବିକିନି, ଏବଂ ଆପଣ ତାହାକୁ ଯାହା ବି କୁହନ୍ତି, ସେଗୁଡ଼ିକ ପିନ୍ଧାଇଛନ୍ତି । ସେମାନେ

ରଙ୍ଗ, ଓ ସୌନ୍ଦର୍ଯ୍ୟ ପ୍ରସାଧନ, ଏବଂ ଏହି ସବୁ ପ୍ରକାରର ଜିନିଷ ଲଗାଇଥା'ନ୍ତି, ସେମାନଙ୍କୁ ଏପରି କିଛି କରିବା ପାଇଁ ଯାହାକି ସେମାନେ ନୁହଁନ୍ତି । ବୁଝିଲେ? ମାତ୍ର ବୈଜ୍ଞାନିକ ଜ୍ଞାନ ଜରିଆରେ ସେମାନେ ଏହା ହାସଲ କରିବାକୁ ସକ୍ଷମ ହୋଇଛନ୍ତି । କଅଣ ଆପଣ ଜାଣନ୍ତି ଯେ ଯୁକ୍ତରାଷ୍ଟ୍ରରେ, ମହିଳାମାନଙ୍କ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ପାଇଁ, ଯେତିକି ଖର୍ଚ୍ଚ ହୁଏ, ଏହା ଖାଦ୍ୟ ପଦାର୍ଥରେ ଖର୍ଚ୍ଚ ହେଉଥିବାଠାରୁ, ଦୁଇ କିମ୍ବା ତିନି ଗୁଣ ଅଧିକ ଅଟେ? ତାହା ପ୍ରମାଣିତ ଅଟେ, ପ୍ରସାଧନ ସାମଗ୍ରୀ ପାଇଁ, ତାହା ଠିକ ଅଟେ ।

118 ଧ୍ୟାନ ଦିଅନ୍ତୁ, "ପରମେଶ୍ୱରଙ୍କ ପୁତ୍ରଗଣ ମନୁଷ୍ୟର କନ୍ୟାଗଣଙ୍କୁ ଦେଖିଲେ," ପରମେଶ୍ୱରଙ୍କର କନ୍ୟାଗଣକୁ ନୁହେଁ, "ମନୁଷ୍ୟର କନ୍ୟାଗଣକୁ, ଯେ ସେମାନେ ସୁନ୍ଦର ଥିଲେ," ଏବଂ ଏହା ପରମେଶ୍ୱରଙ୍କ ପୁତ୍ରଗଣଙ୍କୁ ଏହି ଭ୍ରାନ୍ତିରେ ପକାଇଥିଲା । "ଏବଂ ସେହି ପ୍ରକାରର ସ୍ତ୍ରୀଲୋକମାନଙ୍କୁ ଗ୍ରହଣ କରି ନେଇ ସେମାନଙ୍କୁ ବିବାହ କଲେ," ଏବଂ ଏହା ବେଶ୍ୟାବୃତ୍ତିର ଏକ ଯୁଗକୁ ଆଣିଲା, ଯେପରିକି ଏହା ଆଜି ଅଛି; ଯେପରିକି ଏହା ସଦୋମରେ ଥିଲା, ଯେପରିକି ତାହା ଆଜି ହେବ ବୋଲି ପୂର୍ବାନୁମାନ କରାଯାଇଅଛି ।

ଯେ, ଯେତେବେଳେ ଏହି ଦିନର ପୁରୁଷ ଏବଂ ସ୍ତ୍ରୀମାନେ ପତ୍ନୀ ଅଦଳବଦଳ କରନ୍ତି । ଯଦି ସେମାନେ ଏହି ପତ୍ନୀଙ୍କୁ ପସନ୍ଦ କରନ୍ତି ନାହିଁ, ସେମାନେ—ସେମାନେ ରେନୋ, ନେଭାଡାକୁ ଯାଆନ୍ତି, ଓ ବିବାହ ହୋଇଯାଆନ୍ତି; ଏବଂ, କିମ୍ବା ସେହି ଜଣକଠୁଁ, ଏକ ଛାଡପତ୍ର ନେଇ ନିଅନ୍ତି, ଆଉ ପନ୍ଦର ମିନିଟରେ ପୁନର୍ବାର ବିବାହ କରି ନିଅନ୍ତି । ଏବଂ ମହିଳାମାନେ ଏତେ ସୁନ୍ଦର ଥାଆନ୍ତି ଯେ ସେମାନେ ପ୍ରାୟଃ ଅସମ୍ଭାଳ ହୋଇଯା'ନ୍ତି । ଆଉ ଏହା କ'ଣ ଅଟେ? ସେହି ଶୟତାନ! କଅଣ ଶୟତାନକୁ ଏବେବି ସୌନ୍ଦର୍ଯ୍ୟରେ ଥିବାର ଦେଖନ୍ତି କି? ଧ୍ୟାନ ଦିଅନ୍ତୁ ।

119 ଧ୍ୟାନ ଦିଅନ୍ତୁ, ସେହି ପାପ ସେମାନଙ୍କୁ କେବେ କ୍ଷମା କରାଯାଇ ନ ଥିଲା । ସେହି ସୁନ୍ଦର, ବୈଜ୍ଞାନିକ ଯୁଗ ହିଁ ସେହି ଅତ୍ୟନ୍ତ ମନ୍ଦ ଯୁଗ ଥିଲା ଯାହାକୁ ପରମେଶ୍ୱର ପୃଥିବୀ ପୃଷ୍ଠରୁ ନଷ୍ଟ କରି ଦେଇଥିଲେ; ସେହି ସୁନ୍ଦର, ବୈଜ୍ଞାନିକ ଯୁଗ । ଯୀଶୁ କହିଲେ ଯେ ମନୁଷ୍ୟପୁତ୍ରଙ୍କର ଠିକ ଆଗମନ ପୂର୍ବରୁ ଏହା ପୁନର୍ବାର ସେହିପରି ହେବ । କଅଣ ତାହା ଠିକ୍? ଧ୍ୟାନ ଦିଅନ୍ତୁ, ଯୀଶୁ କହିଥିଲେ, "ନୋହଙ୍କ ସମୟରେ ଯେପରି ହୋଇଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ଠିକ ତାହାହିଁ ହେବ," ଯେତେବେଳେ ସେମାନେ ସମସ୍ତେ ବିବାହ କରିବାକୁ ଚେଷ୍ଟା କରିଥିଲେ... ତେବେ ଦେଖନ୍ତୁ, "ପରମେଶ୍ୱରଙ୍କ ପୁତ୍ରମାନେ ମନୁଷ୍ୟଗଣର ସୁନ୍ଦର ଝିଅମାନଙ୍କୁ ବିବାହ କଲେ," ଆଉ ପରମେଶ୍ୱର ସେମାନଙ୍କୁ ତାହା ପାଇଁ କଦାପି କ୍ଷମା କଲେ ନାହିଁ ।

120 ଠିକ ବିଲିୟାମଙ୍କ ଶିକ୍ଷା ପରି ସମାନ ଅଟେ, ଯେତେବେଳେ ସେ ମୋୟାବର ସୁନ୍ଦର, ବୌଦ୍ଧିକ, ବୈଜ୍ଞାନିକ ସ୍ତ୍ରୀଲୋକମାନଙ୍କୁ ପ୍ରବର୍ତ୍ତାଇଥିଲା ଯେ...ସେମାନଙ୍କର ପ୍ରେମ ଛଳନାର ଆଖିଗୁଡିକ, ତାହାର ରଙ୍ଗ ପ୍ରସାଧନ ଏବଂ ପାଉଡର, ତା'ର ଅତି ଉତ୍ତମ ସୁଗନ୍ଧିତ ଦ୍ରବ୍ୟ ସହିତ, ପରମେଶ୍ୱରଙ୍କ ପୁତ୍ରମାନଙ୍କୁ ପ୍ରଲୋଭିତ କରିଥିଲେ; ସେମାନଙ୍କର ଇସ୍ରାଏଲୀୟ

ସ୍ତ୍ରୀଲୋକମାନଙ୍କ ବିରୁଦ୍ଧରେ, ଯେଉଁମାନେକି କୌଣସି ରଙ୍ଗ ମେକଅପ୍ ନ ଲଗାଇ, କାମ କରୁଥିଲେ ଏବଂ ସେମାନଙ୍କ ହାତରେ ଗଣ୍ଠି ପଡ଼ି ଯାଇଥିଲା । ସେମାନଙ୍କୁ ଆକର୍ଷିତ କରିଥିଲେ, ଏବଂ, "ଆସୁ ଆମେ ପରସ୍ପରକୁ ବିବାହ କରିବା, କାରଣ ଆମେ ସମସ୍ତେ ସେହି ସମାନ ଲୋକ ଅଟୁ ।" ତାହା ଏକ ମିଥ୍ୟା ଥିଲା! ଏହା ଏକ—ଏକ ମିଥ୍ୟା ଥିଲା, ଏବଂ ଶୟତାନର ଏକ ସଫଳତା ଥିଲା, ଯେ ସେ ପରମେଶ୍ୱରଙ୍କ ପୁତ୍ରଗଣଙ୍କୁ ମନୁଷ୍ୟର ସେହି—ସେହି କନ୍ୟାଗଣଙ୍କ ସହିତ ବିବାହ କରାଇଲା ।

ଏହା ସେହି ଭଣ୍ଡ ଭବିଷ୍ୟଦ୍‌ବକ୍ତା, ବିଲିୟାମ ପାଇଁ, ଶୟତାନର ମିଥ୍ୟା ଥିଲା, ଯେ ସେ ମୋଶାଙ୍କ ବିରୁଦ୍ଧରେ ଭବିଷ୍ୟତବାଣୀ କରିବାକୁ ଚେଷ୍ଟା କରିଥିଲା ଯିଏକି ଜାତିକୁ ଏକାଠି ଧରି ରଖିବାକୁ ଚେଷ୍ଟା କରିଥିଲା; ଏହା କହି, "ତେବେ, ଆମେ ସମାନ ପରମେଶ୍ୱରଙ୍କୁ ବିଶ୍ୱାସ କରୁ । ଆମେ ସମାନ ନୈବେଦ୍ୟ ଅର୍ପଣ କରୁ । ଆମର ସମାନ ବଳିଦାନ ଅଛି । ଆମେ ସବୁକିଛି ସମାନ ଭାବରେ କରିଥାଉ ।"

"ଏତେ ଅଧିକ ସମାନ ଯେ ଯଦି ସମ୍ଭବ ହୁଏ ତେବେ ମନୋନୀତମାନଙ୍କୁ ସୁଦ୍ଧା ପ୍ରତାରିତ କରି ପକାଇବ ।" ବୁଝିଲେ? [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।] ବୁଝିଲେ? ଲୋକମାନେ, ତାହାଠାରୁ ଦୂରେଇ ଯାଅ! ଆପଣଙ୍କର ତାହା ସହିତ କିଛି କାମ ନାହିଁ!

121 ଧ୍ୟାନ ଦିଅନ୍ତୁ, ଏହା ଏପରି ଦିଶୁ ନ ଥିଲା ଯେ ପରମେଶ୍ୱର ତାହାଙ୍କର ବାକ୍ୟକୁ କୟିନଙ୍କର ମନ୍ଦ ପୀଢୀକୁ ବ୍ୟାଖ୍ୟା କରିବେ । ନା । ପରମେଶ୍ୱର ତାହାଙ୍କର ବାକ୍ୟକୁ ସେମାନଙ୍କଠାରେ ବ୍ୟାଖ୍ୟା କରିବେ ନାହିଁ । ଧ୍ୟାନ ଦିଅନ୍ତୁ... [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।]

ପରମେଶ୍ୱର, ଏକ ଜଗତକୁ ଏତେ ସୁନ୍ଦର ଏବଂ ବୈଜ୍ଞାନିକ ଓ ପାପମୟ କରିବା ପାଇଁ ସେହି ଜ୍ଞାନକୁ, କଅଣ ତାହାଙ୍କୁ ଏହାକୁ ନଷ୍ଟ କରିବାକୁ ପଡିଲା କି? କଅଣ ପରମେଶ୍ୱର ତାହା କରିବେ କି, ଏକ ଜଗତକୁ ଏତେ ସୁନ୍ଦର କରିବେ; ଏଠାରେ ଦେଖନ୍ତୁ, ପରମେଶ୍ୱର ତାହାଙ୍କର କନ୍ୟାମାନଙ୍କୁ ଏତେ ସୁନ୍ଦର କରିବେ, ଓ ସେମାନଙ୍କୁ ଏତେ କାମାସକ୍ତ ଭାବେ ବସ୍ତ୍ର ପରିଧାନ କରାଇବେ, ଯେ ତାହାଙ୍କର ପୁତ୍ରମାନେ ସେମାନଙ୍କ ପ୍ରତି କାମ ବାସନାରେ ଲୋଭ କରିବେ ଆଉ ବ୍ୟଭିଚାର କରିବେ? କଅଣ? କଅଣ ପରମେଶ୍ୱର ସେପରି କିଛି କରିବେ କି?

ଏହି ଉଲଗ୍ନ, ବସ୍ତ୍ରବିହୀନ ଲାଅଦିକୀଆର ସମୂହ, ସେମାନଙ୍କର ନୈତିକତା, ଏବଂ ଶିକ୍ଷା, ଓ ଚାତୁରୀତା, ଆଉ ସୁନ୍ଦରତା ମାଧ୍ୟମରେ, ଏହି ଜଗତର ଈଶ୍ୱରକୁ ପୂଜା କରୁଅଛି! "ତାହା ମଧ୍ୟରୁ ବାହାରି ଆସ," ବାଇବଲ କୁହେ, "ତା'ର ପାପର ଅଂଶୀଦାର ହୁଅ ନାହିଁ, ଏବଂ ତା'ର ମହାମାରୀସବୁକୁ ଗ୍ରହଣ କର ନାହିଁ ।" ପରମେଶ୍ୱର ଦିନେ ଆକାଶରୁ କୁଆପଥର ବର୍ଷା କରିବେ, ଗୋଟିଏ ଗୋଟିଏ ଖଣ୍ଡ ଶହେ ପାଉଣ୍ଡ ଓଜନ ସଦୃଶ ହେବ, ଏବଂ ତାହା ବର୍ଷା କରିବା ଦ୍ୱାରା ତା'କୁ ନଷ୍ଟ କରିଦେବେ; ଯେପରିକି ତାହାଙ୍କର ବାକ୍ୟ ସର୍ବଦା କହିଅଛି ଯେ ସେ ତାହାଙ୍କର ନିୟମ, ପାଳନ କରିଥା'ନ୍ତି ।

ତେବେ, ଯଦି ପରମେଶ୍ୱର ସେପରି କିଛି ଏକ ବିଷୟ କରନ୍ତି, ତାହାଙ୍କର ବାକ୍ୟକୁ ସେହିପରି ଏକ ଲୋକମାନଙ୍କ ପାଖରେ ପ୍ରକାଶ କରନ୍ତି, ତେବେ ସେ ତାହାଙ୍କର ନିଜର ଉଦ୍ଦେଶ୍ୟକୁ ପରାସ୍ତ କରିବେ—କରିବେ। ପରମେଶ୍ୱର ମୂର୍ଖ ନୁହଁନ୍ତି। ସେ ତ ସମସ୍ତ ଜ୍ଞାନର ଉତ୍ସ ଅଟନ୍ତି।

ତେବେ କଅଣ ଆପଣ ଦେଖୁଛନ୍ତି ଯେ ସେହି ବିଷୟ କେଉଁଠାରୁ ଆସେ? ଏହା ଶୟତାନଠାରୁ ଆସେ, ଏବଂ ଏହା ଏବେ ମଧ୍ୟ ଶୟତାନର ଅଟେ। ଏବଂ ମଣ୍ଡଳୀ ଏହାକୁ ବିଶ୍ୱାସ କରିଅଛି।

122 ତେବେ ଆପଣ ଦେଖନ୍ତୁ, ସ୍ତ୍ରୀଲୋକମାନେ, ମୁଁ ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟ ଦେଖାଇବାକୁ ଶତ ଚେଷ୍ଟା କରୁଅଛି। ବାଇବଲ କୁହେ, "ଯଦି ଜଣେ ସ୍ତ୍ରୀଲୋକ କେଶ କାଟନ୍ତି, ସେ ତାଙ୍କର ମସ୍ତକକୁ ଅପମାନିତ କରନ୍ତି," ଯାହାକି ତା'ର ସ୍ୱାମୀ ଅଟେ। ଏବଂ ତା'ର ସ୍ୱାମୀ ପରମେଶ୍ୱରଙ୍କ ସହିତରେ, ସେହି ମସ୍ତକ ଅଟନ୍ତି, ତେଣୁ ସେ ପରମେଶ୍ୱର ଏବଂ ତା'ର ସ୍ୱାମୀଙ୍କୁ ଅପମାନିତ କରନ୍ତି।

123 ତେବେ ଏହା ଦର୍ଶାଏ ଯେ ଏହି ଜଗତର ମାଣ୍ଡଳିକ ବ୍ୟବସ୍ଥାର ମୁଖ୍ୟ କିଏ? ତାହା ଦର୍ଶାଏ ଯେ ଏହାର ମୁଖ୍ୟ କିଏ ଅଟେ। ଏହା ଶୟତାନ, ଜଣେ ସର୍ବୋତ୍କୃଷ୍ଟ ମଣିଷ, ଜ୍ଞାନର, ଏକ ସର୍ବୋତ୍କୃଷ୍ଟ ଜ୍ଞାନର ବ୍ୟକ୍ତି ଭାବରେ ଅଟେ। ସେ ଅବଶିଷ୍ଟ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣିଥାଏ। ଏଥିରେ କିଛି ଯାଏ ଆସେ ନାହିଁ ଯେ ବାକ୍ୟ କଅଣ କୁହେ, ତାହା—ତାହା ପାଖରେ ତ ଏହାର ନିଜର ବ୍ୟାଖ୍ୟା ରହିଥାଏ, ଦେଖନ୍ତୁ, ଏହି ମନ୍ଦ ଯୁଗ ନିମନ୍ତେ ବ୍ୟାଖ୍ୟା।

124 ଧ୍ୟାନ ଦିଅନ୍ତୁ ଏକ ସର୍ବୋତ୍କୃଷ୍ଟ ନାମଧାରୀ ମଣ୍ଡଳୀ, ବିଶ୍ୱ ଗୀର୍ଜା ପରିଷଦର ଗଠନ ପାଇଁ ତା'ର ଯୋଜନାଗୁଡିକୁ, ଦେଖନ୍ତୁ, ଏକ ସର୍ବୋତ୍କୃଷ୍ଟ ନାମଧାରୀ ସଂସ୍ଥା, ଯେପରିକି ସମଗ୍ର ବିଶ୍ୱ ତା'କୁ, ସେହି ପଶୁକୁ, ମିଳିତ ଖ୍ରୀଷ୍ଟିଆନ ନାମରେ ଉପାସନା କରିବେ। କଅଣ ଆପଣ ତାହା ବାଇବଲରେ ପାଠ କରିବାକୁ ଚାହୁଁଛନ୍ତି? ପ୍ରକାଶିତ ବାକ୍ୟ 13:6 ଏବଂ 8। ଏହା ବାବିଲର ଏକ ଆଧୁନିକ ଗଡ଼ ଅଟେ।

125 କଅଣ ଆପଣମାନଙ୍କର ମନେ ନାହିଁ ଯେ କିପରି ନିମ୍ରୋଦ, ସେହି କପଟୀ, ଏହି ବଡ ଗଡ଼କୁ ନିର୍ମାଣ କରିଥିଲା ଏବଂ ଅନ୍ୟ ସମସ୍ତ ଛୋଟ ନଗରଗୁଡିକୁ ଏହାକୁ କର ଦେବା ପାଇଁ ବାଧ୍ୟ କରିଥିଲା? ବାବଲ୍ ଏବଂ ବାବିଲ୍ ସେହି ସମାନ ବିଷୟ ଅଟେ। ଏହା କେବଳ ଏହାର ନାମଗୁଡିକୁ ପରିବର୍ତ୍ତନ କରିଥାଏ, ଏବଂ, ଯେତେବେଳେ ଏହା ଉପରକୁ ଆସିଥାଏ। ଏହା ହେଉଛି, ବର୍ତ୍ତମାନ ରୋମ ବାବିଲ ଅଟେ। ଏବଂ ସମଗ୍ର ଜଗତ ବାବିଲନ ନିକଟକୁ ଅଣାଯାଇଛି, ଏବଂ ଏହା ବିଶ୍ୱ ଗୀର୍ଜା ପରିଷଦ ଦ୍ୱାରା ଅଣାଯାଇଅଛି ଯାହାକି ସେହି ପ୍ରତ୍ୟେକଙ୍କୁ ତା'କୁ ପ୍ରଣାମ କରିବାକୁ ବାଧ୍ୟ କରିବ। ଏବଂ ଆପଣ ପଶୁର ଚିହ୍ନ ନେଇଛନ୍ତି, ଏହା ନ ଜାଣି ଯେ ଆପଣ କ'ଣ କରୁଛନ୍ତି। କାରଣ...

ମାତ୍ର ଯେଉଁମାନେ ମନୋନୀତ ଅଟନ୍ତି ସେମାନେ ବାକ୍ୟ ଶୁଣିବେ ଏବଂ ଏଥିରୁ ବାହାରି ଆସିବେ ।

126 ନାମଧାରୀ ସଂସ୍ଥା ପରମେଶ୍ୱରଙ୍କ ବାକ୍ୟର କେତେ ବିପରୀତ ଅଟେ! ତାହାଙ୍କର କଦାପି ଗୋଟିଏ ନ ଥିଲା, କେବେ ବି ଜଣକାରେ ବ୍ୟବହାର କରି ନ ଥିଲେ, କିମ୍ବା କେବେ ବି ଜଣକା ସହିତ ବ୍ୟବହାର କରି ନ ଥିଲେ । ମୁଁ ଚାହେଁ ଯେ କୌଣସି ଇତିହାସକାର ମୋତେ ଏହା ଦେଖାନ୍ତୁ ଯେ କେଉଁଠାରେ କେବେ ଜଣେ ଭବିଷ୍ୟଦ୍‌ବକ୍ତା ମଣ୍ଡଳୀରୁ ଆସିଥିଲେ । ମୋତେ ଦେଖାନ୍ତୁ ଯେ କେଉଁଠାରେ କେବେ ପରମେଶ୍ୱର ଏକ ମଣ୍ଡଳୀକୁ ତାହା ସଂଗଠିତ ହେବା ପରେ…ଆଶୀର୍ବାଦ କରିଥିଲେ । ସେ ଶୟତାନର ନେତାମାନଙ୍କ ଦ୍ୱାରା, ତା'ର ବୌଦ୍ଧିକ ଜ୍ଞାନ ସହିତ, ହ୍ରାସ ପାଇ ମରି ଯାଇଥିଲା, ଏବଂ ପରମେଶ୍ୱରଙ୍କ ବାକ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲା ଯେତେବେଳେକି ଏହା ଖ୍ରୀଷ୍ଟଙ୍କ ସିଦ୍ଧ ଆକାରରେ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଏହା ମସ୍ତକରେ ଅଛି । କେତେ ବିପରୀତ!

ହେ ସନ୍ଧ୍ୟାକାଳୀନ ଦୀପ୍ତିର ସନ୍ତାନମାନେ, ସେହି ଅବିଶ୍ୱାସୀ ହବାଠାରୁ ପୃଥକ ହୁଅ!

127 ଶୟତାନ, ଏହି ଯୁଗର ଈଶ୍ୱର, ତା'ର ଜ୍ଞାନ ଦ୍ୱାରା, ଲୋକମାନଙ୍କୁ ତାହାର ଭଲ ଏବଂ ମନ୍ଦର ମିଶ୍ରିତ ଗଛରୁ ଖାଇବାକୁ ପ୍ରବର୍ତ୍ତାଉ ଅଛି । ଧ୍ୟାନ ଦିଅନ୍ତୁ, ଶୟତାନ, ତା'ର ଜ୍ଞାନ ଦ୍ୱାରା, ଏହି ମନ୍ଦ ଯୁଗର ଲୋକମାନଙ୍କୁ ତାହାର ଭଲ ଏବଂ ମନ୍ଦ ଗଛରୁ ଖାଇବାକୁ ବାଧ୍ୟ କରୁଅଛି । ସେ କହୁଅଛି ଯେ ତାହାର ଭଲ ଏବଂ ମନ୍ଦର ଜ୍ଞାନ ଦ୍ୱାରା, ସେ ଏକ ଅଧିକ ମହାନ ଖ୍ରୀଷ୍ଟିଆନ ସଭ୍ୟତା ନିର୍ମାଣ କରୁଅଛି, ଏକ ଅଧିକ ମହାନ ଖ୍ରୀଷ୍ଟିଆନ ସଭ୍ୟତା ।

128 ମାତ୍ର ଖ୍ରୀଷ୍ଟଙ୍କ ଛୋଟ କୁମାରୀ, ବାକ୍ୟ, ପଲ, କନ୍ୟା, ତା'ର ଜ୍ଞାନକୁ ଖାତିର କରେ ନାହିଁ । ସେ ନିଜକୁ ତା'ଠାରୁ ମୁକ୍ତ ରଖେ । କଅଣ…ତେବେ ଆସନ୍ତୁ ସେହି କନ୍ୟା ବିଷୟରେ, ଏକ ମିନିଟ୍ ଆଲୋଚନା କରିବା । ସେ ତାହାର ପ୍ରଭୁ ଏବଂ ତାହାର ସହସ୍ରାବ୍ଦୀ ମଧୁଚନ୍ଦ୍ରିକା ନିମନ୍ତେ ଅପେକ୍ଷା କରେ, ଠିକ୍ ଅଛି, ତାହାର ବାକ୍ୟ ବର ସହିତ, ଯେହେତୁ ସେ ବାକ୍ୟ କନ୍ୟା ଅଟେ ।

129 ଜ୍ଞାନ ଏବଂ ସଭ୍ୟତା, ଓ ପ୍ରକୃତ ଖ୍ରୀଷ୍ଟିଆନ ଧର୍ମ ମଧ୍ୟରେ, କିଛି ହେଲେ ସମାନ ନାହିଁ । ସଭ୍ୟତା, ଏବଂ ପ୍ରକୃତ ଖ୍ରୀଷ୍ଟିଆନ ଧର୍ମ ମଧ୍ୟରେ, ଗୋଟିଏ ହେଲେ ବିଷୟ ସମାନ ନାହିଁ ।

ସଭ୍ୟତା ଜ୍ଞାନ ଦ୍ୱାରା ଆସେ । ଆମେ ସମସ୍ତେ ତାହା ଜାଣୁ । ଏବଂ ଜ୍ଞାନ ଏଦନରୁ ଅଟେ, ଏଦନରେ ସେ ଯାହା ପ୍ରଚାର କରିଥିଲା, ତାହା ଦ୍ୱାରା ଏହା ପ୍ରମାଣିତ ହୋଇଅଛି । ଏବଂ ଜ୍ଞାନ ମୃତ୍ୟୁର କାରଣ ହୋଇଥାଏ । କଅଣ ଏହା ଠିକ୍ କି? ଏଦନ ଉଦ୍ୟାନରେ ମୃତ୍ୟୁର କାରଣ କଅଣ ହୋଇଥିଲା? ଜ୍ଞାନ । ମାତ୍ର ପରମେଶ୍ୱରଙ୍କଠାରୁ ତାହା ହୋଇପାରେ ନାହିଁ, ତେଣୁ ଏହା ଶୟତାନର ଅଟେ । ହ୍ୟୁ, ତାହା ଏକ ଉତ୍ତମ ଥିଲା! ଜ୍ଞାନ, ବିଜ୍ଞାନ, ଶିକ୍ଷା, ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ ଯାହାକି କେବେ ପରମେଶ୍ୱରଙ୍କର ଥିଲା । ଏହା ଶୟତାନର ଅଟେ ।

ତେବେ ମୁଁ ସେଥିରେ କିଛି ଚିଠି ପାଇବି, ମୁଁ ଜାଣେ । ମୁଁ ସେଗୁଡିକ ପାଇଁ ଅପେକ୍ଷା କରୁଅଛି ।

130 ଦେଖନ୍ତୁ ବର୍ତ୍ତମାନ ସଂସ୍କୃତି ଆମକୁ କେଉଁ ଆଡକୁ ନେଇ ଆସିଛି । ବୁଝିଲେ? ଦେଖନ୍ତୁ ଯେ ଏହା କଅଣ କରିଅଛି । ଆମେ କେଉଁଠାରେ ଅଛୁ? ଆମେ ଆମର ବିଜ୍ଞାନ ଦ୍ୱାରା ଆମର ନିଜ ବୁଝାମଣା ମାଧ୍ୟମରେ, ସେହି ବିଷୟଗୁଡ଼ିକ ଉପରେ ନିର୍ଭରଶୀଳ ହୋଇଅଛୁ ।

ଆପଣ କୁହନ୍ତି, "ପରମେଶ୍ୱରଙ୍କ ବିଷୟରେ କ'ଣ ଅଟେ, କଅଣ ଆପଣ ଭାବୁଛନ୍ତି ଯେ ସେ ଅଜ୍ଞ ଅଟନ୍ତି?" ଓଃ, ନା ।

ପରମେଶ୍ୱର ପୃଥିବୀ ଉପରେ ନିଜର ଏକ ପ୍ରକାର ସଭ୍ୟତା ସ୍ଥାପନ କରିବେ, ଯେତେବେଳେ ସେ ଏହାକୁ ଅଧିକାର କରିନେବେ । ଏହା ଶୟତାନର ଜଗତ ଅଟେ; ସେ ବର୍ତ୍ତମାନ ତା'ର ସାଂସାରିକ ବୈଜ୍ଞାନିକ ଜ୍ଞାନର ଈଶ୍ୱର ଅଟେ । ମାତ୍ର ପରମେଶ୍ୱର ନିଜର ଏକ ପ୍ରକାର ସଭ୍ୟତା ସ୍ଥାପନ କରିବେ । ଏହା ଏହିପରି ଏକ ସଭ୍ୟତା ହେବ ନାହିଁ । ଆପଣ କେବଳ ତାହା ମନେ ରଖନ୍ତୁ । ତାହା ସେପ୍ରକାର ସଭ୍ୟତା ହେବ ନାହିଁ ଯାହା ଆଜି ଆମେ ପାଇଅଛୁ । ନା, ନା । ଏହା ତ ତାହାଙ୍କର ବାକ୍ୟ ଏବଂ ଉଦ୍ଦେଶ୍ୟ ଅନୁଯାୟୀ ହେବ । କାରଣ, ଏହି ବର୍ତ୍ତମାନର ମନ୍ଦ ଯୁଗର ଈଶ୍ୱର, ଏବଂ ତାହା ସହିତ ତା'ର ରାଜ୍ୟ ବିନଷ୍ଟ କରାହେବ ।

131 ଏହି ଆଧୁନିକ ଜ୍ଞାନ-ପ୍ରେମୀ ଯୁଗଠାରେ ସେହି ଜଣକାଠାରୁ ଅଧିକ ଭଲ ନେତା ହୋଇପାରିବ ନାହିଁ, ଯାହାକି ସେମାନେ ପାଇଛନ୍ତି, ଯାହାକି ଶୟତାନ ଅଟେ, ପରମେଶ୍ୱରଙ୍କ ବାକ୍ୟର ଜଣେ ବିକୃତକାରୀ, ଯେପରିକି ସେ ଏଦନ ଉଦ୍ୟାନରେ ଆରମ୍ଭ କରିଥିଲା, ମାତ୍ର ଜଣେ ଧାର୍ମିକ ବ୍ୟକ୍ତି ଯିଏକି ତା'ର ନିଜର ବୁଝାମଣା ଉପରେ ନିର୍ଭର କରେ ।

ଯେପରିକି ମୁଁ ପୂର୍ବରୁ କହିଅଛି, ହିତୋପଦେଶ 3:5, ଯେ, "ଆମକୁ ଆମର ନିଜ ବୁଝାମଣା ଉପରେ ନିର୍ଭର କରିବାର ନାହିଁ ।"

ସେମାନଙ୍କର ଜଣେ ଈଶ୍ୱର ରହିବା ଆବଶ୍ୟକ, କାରଣ ସେମାନେ ମଣିଷ ଅଟନ୍ତି । ତଥାପି, ସେମାନେ ଯାହା ଚାହାଁନ୍ତି ସେ ସେମାନଙ୍କୁ ତାହା କରିଦିଏ । ଜଣେ ମଣିଷ ହୋଇଥିବାରୁ, ସର୍ବଦା, ସମସ୍ତ ମଣିଷ...ଯେତେବେଳେ ଆମେ ଏଠାକୁ ଆସିଲୁ, ଆମେ ଭାରତୀୟମାନଙ୍କୁ ଏପରିକି ମୂର୍ତ୍ତି, ଆଉ ସୂର୍ଯ୍ୟ, ଏବଂ ସବୁକିଛିକୁ ପୂଜା କରୁଥିବାର ପାଇଲୁ । ଜଣେ ମଣିଷ ଭାବରେ, ସେମାନଙ୍କର ଏକ ଈଶ୍ୱର ରହିବା ଆବଶ୍ୟକ । ତେଣୁ ଏହି ମହାନ ବୌଦ୍ଧିକ ଯୁଗର ଏକ ଈଶ୍ୱର ରହିବା ଆବଶ୍ୟକ ଅଟେ, ତେଣୁ ଏହା ହୋଇଗଲା... ଏହି ଜଗତର ଈଶ୍ୱର ଜ୍ଞାନ ହୋଇଯାଇଛି, ନାମଧାରୀ ସଂସ୍ଥା, ବିଜ୍ଞାନ ହୋଇଯାଇଅଛି, "ଈଶ୍ୱରପରାୟଣତାର ଏକ ଭେଖ ଧରିଅଛି, ମାତ୍ର ଏହାର ଶକ୍ତିକୁ ଅସ୍ୱୀକାର କରୁଅଛି ।"

132 ଧ୍ୟାନ ଦିଅନ୍ତୁ, ସେମାନଙ୍କର ଈଶ୍ୱର ସେମାନଙ୍କୁ ତାହା କରିଦିଏ ଯାହା ସେମାନେ ଚାହାଁନ୍ତି । ସେମାନେ କାମାଭିଳାଷ ପାଇଁ ଆତୁର ହୁଅନ୍ତି, ଏବଂ ତାହାହିଁ ଅଟେ ଯାହା ସେ ସେମାନଙ୍କୁ ଦେଇଥାଏ । "ସେମାନେ ସ୍ନାନ ବସ୍ତ୍ର ବିକିନି ପିନ୍ଧିବାକୁ ଚାହାଁନ୍ତି । ସେମାନଙ୍କୁ ଏହାକୁ ପିନ୍ଧିବାକୁ ଦିଏ । ବୁଝିଲେ? ଯଦି ସେମାନେ *ଏହା* କିମ୍ବା *ତାହା* କରିବାକୁ ଚାହାଁନ୍ତି, ସେମାନଙ୍କୁ ତାହା କରିବାକୁ ଦେଇଥାଏ । ଏଥିରେ କୌଣସି କ୍ଷତି ହେବ ନାହିଁ; ସେମାନେ ଗୀର୍ଜାକୁ

ଯାଆନ୍ତି । ସେମାନଙ୍କର ମାତା ମେଥୋଡିଷ୍ଟ, ବାପ୍ଟିଷ୍ଟ, ପେଣ୍ଟିକଷ୍ଟାଲ, ପ୍ରେସ୍‌ବିଟେରିଆନ୍ ଥିଲେ । ସେମାନଙ୍କୁ କେବଳ ଏକାକୀ ଛାଡିଦିଅନ୍ତୁ ।"

ତାହାହିଁ ଏହି ଯୁଗର ଈଶ୍ୱର ଅଟେ; ଚତୁର, ଜ୍ଞାନୀ, ବୈଜ୍ଞାନିକ । ଏହା କୌଣସି ବିଶ୍ୱାସକୁ ଆବଶ୍ୟକ କରେ ନାହିଁ । ଏହାକୁ କିଛି ପ୍ରମାଣ କରିବାର ଦରକାର ନାହିଁ । ଏହା ତ ସେମାନଙ୍କର ଜ୍ଞାନ ଦ୍ୱାରା, ପୂର୍ବରୁ ପ୍ରମାଣିତ ହୋଇସାରିଛି । "ତେବେ, ଆମେ ସହରରେ ଥିବା ସବୁଠାରୁ ବଡ ମଣ୍ଡଳୀ ଅଟୁ," ସେମାନଙ୍କର ଜ୍ଞାନ । "ଆମ ପାଳକ ଏକ ଡି.ଡି., ପିଏଚ୍.ଡି. ଉପାଧି ପାଇଛନ୍ତି ।" ଦେଖନ୍ତୁ, କୌଣସି ବିଶ୍ୱାସର ଆବଶ୍ୟକତା ନାହିଁ; ଜ୍ଞାନ ଉପରେ ନିର୍ଭର କରନ୍ତି । ଯେପର୍ଯ୍ୟନ୍ତ ସେମାନେ ସେମାନଙ୍କର ନାମଧାରୀ ସଂସ୍ଥା ଏବଂ ଧର୍ମମତ ଦ୍ୱାରା ତା'କୁ ଉପାସନା କରିବାକୁ ଆସନ୍ତି, ସେମାନେ ଯେକୌଣସି ଉପାୟରେ ବି ରୁହନ୍ତୁ ଯାଏ ଆସେ ନାହିଁ । ସେଠାରେ ଏକ ବଡ଼ କଳା ଆଖିଟିଏ ଅଛି, ମାତ୍ର ଏହାକୁ ଦେଖନ୍ତୁ ।

ପରମେଶ୍ୱରଙ୍କ ବାକ୍ୟରେ ହସିଥାଏ, ବାକ୍ୟର ବିପରୀତ କଥାଗୁଡିକ କହିଥାଏ; ଏବଂ ସେମାନଙ୍କର ଜ୍ଞାନ ଦ୍ୱାରା, ଏହା ବୈଜ୍ଞାନିକ ଭାବରେ ପ୍ରମାଣ କରିବାକୁ ଚେଷ୍ଟା କରେ ଯେ, ବାକ୍ୟ ସତ୍ୟ ନୁହେଁ । ଓଃ, ଆମେ କେଉଁ ଏକ ଯୁଗରେ ବାସ କରୁଅଛୁ! କଅଣ ଏହି ଯୁଗର ଈଶ୍ୱରକୁ ଦେଖୁଛନ୍ତି?

133 ଧ୍ୟାନ ଦିଅନ୍ତୁ, ମାତ୍ର ପରମେଶ୍ୱର ଅପେକ୍ଷା କରିଛନ୍ତି ଯେପର୍ଯ୍ୟନ୍ତକି ଏହି ଆଧୁନିକ ଅମୋରୀୟମାନଙ୍କର ଅଧର୍ମ ପରିପୂର୍ଣ୍ଣ ନ ହୋଇଯାଇଅଛି । ଚିନ୍ତା କରନ୍ତୁ ନାହିଁ, ସେ ସେହି ସମୟ ପର୍ଯ୍ୟନ୍ତ ତାହାଙ୍କର ମୋଶାଙ୍କୁ ପ୍ରସ୍ତୁତ କରିଦେବେ । କୌଣସି ଦିନେ, ପ୍ରତିଜ୍ଞାତ ଦେଶକୁ, ଏକ ପ୍ରସ୍ଥାନ ହେବ । ସେଠାରେ ଜଣେ ମୋଶା ଆସିବେ, ଯିଏକି ଡାକ ପକାଇବେ, "ସନ୍ତାନମାନଙ୍କର ବିଶ୍ୱାସକୁ ପିତାଙ୍କ ନିକଟକୁ ପୁନଃସ୍ଥାପିତ କର ।" ଏହା ଆସିବ, ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ । କଅଣ...

ଆପଣ କୁହନ୍ତି, "ତେବେ, ଦେଖନ୍ତୁ ଆମେ କିପରି ପ୍ରଗତି କରୁଅଛୁ ।"

ନିଶ୍ଚିତରେ, ଅମୋରୀୟମାନଙ୍କର ଅଧର୍ମ ଏଯାଏଁ ପରିପୂର୍ଣ୍ଣ ହୋଇନାହିଁ । ଏହା ଆସିବ, ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ । ସେମାନେ ନିଜେ ନିଜକୁ ନଷ୍ଟ କରନ୍ତୁ ।

134 ସଭ୍ୟତା, ଜ୍ଞାନ, ନିଜ ସ୍ୱାଦ ଅନୁଯାୟୀ ପରମେଶ୍ୱରଙ୍କ ବାକ୍ୟକୁ ବିକୃତ କରେ । ପ୍ରତ୍ୟେକ ନାମଧାରୀ ସଂସ୍ଥା ସେହି ସମାନ କାର୍ଯ୍ୟ ହିଁ କରେ । ଶୟତାନ ତା'ପରେ ନିଜ ମଣ୍ଡଳୀରେ ତା'ର ନିଜର ଜ୍ଞାନର ସୁସମାଚାରକୁ ପ୍ରଚାର କରେ ।

135 ନୂତନ ନିୟମରେ କେବଳ ଦୁଇଟି ଶ୍ରେଣୀର ଲୋକମାନଙ୍କ ବିଷୟରେ କୁହାଯାଇଅଛି । "ପରମେଶ୍ୱରଙ୍କ ସନ୍ତାନ, ଏବଂ ଶୟତାନର ସନ୍ତାନ ।" କଅଣ ଆପଣ ତାହା ଜାଣିଛନ୍ତି? କଅଣ ଆପଣ ଏଥିପାଇଁ ଏକ ଶାସ୍ତ୍ରାଂଶ ଲେଖିବାକୁ ଚାହୁଁଛନ୍ତି? ପ୍ରଥମ ଯୋହନ ୩:୧୦, ଯଦି ଆପଣ ଶାସ୍ତ୍ର ଚାହୁଁଛନ୍ତି । ମୁଁ ଏହାକୁ ଠିକ ଏଠାରେ ପାଠ କରୁଅଛି, ଏହାକୁ ଲେଖି ରଖିଛି । ଠିକ୍ ଅଛି । ଠିକ୍ ଅଛି ।

136 ଏଫିସୀୟ 2:2 ରେ, ସେମାନଙ୍କୁ କୁହାଯାଏ, "ଅନାଜ୍ଞାବହର ସନ୍ତାନ।" ଯେପରିକି ହବା ଥିଲେ, ପରମେଶ୍ୱରଙ୍କ ବାକ୍ୟ ପ୍ରତି ଅନାଜ୍ଞାବହ ହୋଇଥିଲେ। ଆଜ୍ଞାବହର, ଏବଂ ଅନାଜ୍ଞାବହର ସନ୍ତାନମାନଙ୍କ ମଧ୍ୟରେ, କିଛି ସମାନତା ନାହିଁ।

ତାହାହେଲେ ଖ୍ରୀଷ୍ଟଙ୍କ କନ୍ୟା କିପରି ଏକ ନାମଧାରୀ ସଂସ୍ଥାରେ ସହଭାଗୀ ହୋଇପାରିବ, ଯେତେବେଳେକି ଜଣେ ଅନାଜ୍ଞାବହ ଏବଂ ଅନ୍ୟଟି ଆଜ୍ଞାବହ ଅଟେ? କିପରି ଭାବରେ ଜଣେ, ବାକ୍ୟ ହୋଇପାରେ; ଏବଂ ଅନ୍ୟଟି, ବିକୃତ ବାକ୍ୟ ହୋଇପାରେ? କିପରି ଜଣେ ବେଶ୍ୟା ଏବଂ ଜଣେ କୁଳୀନା ନାରୀ ଏକମତ ହୋଇ ଏକାଠି ଚାଲିପାରନ୍ତି? ସେମାନେ ତାହା କରିପାରନ୍ତି ନାହିଁ। ସେମାନଙ୍କର ଆଦୌ କୌଣସି ସହଭାଗୀତା ନାହିଁ। "ସେମାନଙ୍କ ମଧ୍ୟରୁ ବାହାରି ଆସ!" ଏହା ଶୟତାନର ଅଟେ। ଏହା ପଶୁର ଚିହ୍ନ ଅଟେ। ବର୍ତ୍ତମାନ ଏହା ମଧ୍ୟକୁ ସମ୍ମିଳିତ ହେଉଅଛନ୍ତି; ସମସ୍ତ ନାମଧାରୀ ସଂସ୍ଥାମାନ। ମୋ'ର ଫରକ୍ ପଡ଼େ ନାହିଁ ଯେ ଏହା କାହାର ଅଟେ।

ପରମେଶ୍ୱର ଗ୍ରହଣ କରୁଛନ୍ତି, ଏକ ନାମଧାରୀ ସଂସ୍ଥାକୁ ନୁହେଁ, "ତାହାଙ୍କର ନାମ ନିମନ୍ତେ ଏକ ଲୋକଙ୍କୁ।" ଏକ ନାମଧାରୀ ସଂସ୍ଥା ଏହି ସତ୍ୟଗୁଡିକୁ ଗ୍ରହଣ କରିବ ନାହିଁ। ଏହା ତ ଜଣେ ଏକ ବ୍ୟକ୍ତିବିଶେଷଙ୍କୁ ଗ୍ରହଣ କରିବ ଯିଏକି ପରମେଶ୍ୱରଙ୍କୁ ଦେଖିପାରନ୍ତି, ତାହାଙ୍କର ବାକ୍ୟକୁ ଦେଖିପାରନ୍ତି ଓ ଏହାକୁ ବିଶ୍ୱାସ କରିପାରନ୍ତି, ଏବଂ କୌଣସି ସଂସ୍ଥାରେ ସମ୍ପୃକ୍ତ ହୁଅନ୍ତି ନାହିଁ; ବରଂ ପରମେଶ୍ୱରଙ୍କ ପାଇଁ ଜୀବିତ ରୁହନ୍ତି, ତାଙ୍କର ସଂଗଠନ ପାଇଁ ନୁହେଁ, କୌଣସି ବିଶପ୍‌ର ବୌଦ୍ଧିକ ଜ୍ଞାନ ଅବା କେହି ଜଣେ ତାହା ଶିକ୍ଷା ଦେଇଥିବା ଉପରେ ନୁହେଁ। ତାହା ଠିକ୍ ଅଟେ।

137 ଅନାଜ୍ଞାବହର ସନ୍ତାନ, ଏବଂ ଆଜ୍ଞାବହର ସନ୍ତାନମାନଙ୍କର ମଧ୍ୟରେ, କୌଣସି ସମାନତା ନାହିଁ। ସେ ଭିତରୁ ଜଣେ...ଦୀପ୍ତିମୟ ଦିନର ଅଟେ; ଅନ୍ୟଟି, ରାତି ଏବଂ ଅନ୍ଧକାରର, ମନ୍ଦ ଯୁଗର, ଅନ୍ଧକାରର ଏହି ମନ୍ଦ ଯୁଗର ଅଟେ, ନିଶାଚାର ଗୋଷ୍ଠୀ, ନୃତ୍ୟର ଅଟେ, ତଥାପି ମଣ୍ଡଳୀର ସମ୍ପୃକ୍ତ। ଏହା ସେମାନଙ୍କ ଈଶ୍ୱର ସହିତ ଠିକ ଅଛି। ଏହା ବିଷୟରେ ସେମାନଙ୍କର କୌଣସି ନିନ୍ଦା ନାହିଁ; କୌଣସି ବିଷୟ ସେମାନଙ୍କୁ ବ୍ୟସ୍ତ କରେ ନାହିଁ।

"କାହିଁକି, ଏହା ମୋତେ ମୋ'ର କେଶ କାଟିବା ପାଇଁ ନିନ୍ଦା କରେ ନାହିଁ," ଜଣେ ମହିଳା କହିଲେ। "ମୋ'ର ବିବେକକୁ ଆଘାତ କରେ ନାହିଁ।" ତାହା ପାଖରେ ସେତିକି ହିଁ ବିବେକ ଅଛି ଯେତିକି ସାପର ନିତମ୍ବ ଅଛି। ତାହା ଠିକ୍। ନିଶ୍ଚିତରେ ନୁହେଁ। ବିବେକ କ'ଣ ଅଟେ ସେ ତାହା ଜାଣେ ନାହିଁ। ଏହାକୁ ଏତେ ତନ୍ନ ତନ୍ନ କରି ଖୋଜା ଯାଇଥିଲା ଯେ ଏପରିକି ତାହା କ'ଣ ଅଟେ ସେ ଜାଣେ ସୁଦ୍ଧା ନାହିଁ। ତାହା ଠିକ୍।

138 ପରମେଶ୍ୱରଙ୍କ ବାକ୍ୟ ଉପରେ, ଚଲା ବୁଲା କରେ, କୁହେ, "କାହିଁକି, ତାହା ତ କୌଣସି ପୁରୁଣାକାଳିଆ ଧାରଣା ଅଟେ। ସେଠାରେ ଉପରକୁ ଯାଅ ନାହିଁ; ଯେକୌଣସି ପ୍ରକାରେ, ସେମାନେ ତ କେବଳ ଏକ ପାଟି ତୁଣ୍ଡ ଏବଂ ଉନ୍ମା-ଦିତ ଅଟନ୍ତି।" ହୁଁ! ପରମେଶ୍ୱରଙ୍କ

ବିଷୟରେ ତାହାଠୁଁ ଅଧିକ ଜାଣନ୍ତି ନାହିଁ ଯେତିକି ଜଣେ ହୋଟେଣ୍ଟଟ୍ ଜନଜାତିର ଲୋକ ମିସରର ରାତି ବିଷୟରେ ଜାଣିଥାଏ । ତାହା ଠିକ୍ । ଏହା ସତ୍ୟ ଅଟେ ।

"ଇଶ୍ୱରପରାୟଣତାର ଏକ ଭେଖ ଧରିବା, କିନ୍ତୁ ଏହାର ଶକ୍ତିକୁ ଅସ୍ୱୀକାର କରିବା; ଏହିପରିଙ୍କଠାରୁ ପୃଥକ ହୁଅ । କାରଣ ଏହିପରି ଲୋକ ହିଁ ହେଉଛନ୍ତି ଯେଉଁମାନେ କି ଘର ଘର ଯାଆନ୍ତି, ଏବଂ କାମାସକ୍ତ ସ୍ତ୍ରୀମାନଙ୍କୁ କୁମାର୍ଗରେ କଢାଇ ନିଅନ୍ତି ।"

"ହେ, ପ୍ରିୟ, ତୁମେ, ତୁମକୁ *ଏହା* କରିବା ଉଚିତ୍ । ହେ ପ୍ରିୟ, ମୁଁ ଭାବୁଛି ତୁମର ସେଠାରେ ଥିବା ପୁରୁଣାକାଳିଆ ପ୍ରଚାରକ, ଯଦି ତୁମେ କେବଳ...ଓଃ, ତୁମେ ଏକ ସ୍ନାନ ବସ୍ତ୍ର 'କିନି ରେ ସୁନ୍ଦର ଦେଖାଯିବ," କିମ୍ବା ସେହି ବିଷୟକୁ ଆପଣ ଯାହା ବି କୁହନ୍ତି । "ତୁମେ, ଯଦି ତୁମେ ସବୁ *ଏହା, ତାହା,* ଏବଂ *ଅନ୍ୟକିଛି* କରିବ । କାହିଁକି, ଏକ ଛୋଟ ସିଗାରେଟ୍ କାହାରିକୁ ଆଘାତ କରିବ ନାହିଁ । ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ, ଏବଂ ତୁମେ ଜାଣ ଯେ ଆମ ନାମଧାରୀ ସଂସ୍ଥାକୁ ଅନ୍ୟକୌଣସି ସଂସ୍ଥା ପରି ସମ୍ମାନର ସହ ଦେଖାଯାଏ ।" ଆପଣ ସେହି ପୁରୁଣା ଚିତ୍ରି-ତ ମିଥ୍ୟାବାଦୀକୁ ବିଶ୍ୱାସ କରନ୍ତୁ ନାହିଁ । ସେ ତୁମକୁ ମିଛ କହୁଛି । ତାହା ଠିକ୍ । ହଁ ଆଜ୍ଞା ।

139 ଏହା ସେମାନଙ୍କ ଇଶ୍ୱରଙ୍କ ସହିତ ଠିକ ଅଛି । ଓଃ, ସେ ଭାବେ ଯେ ଏହା ଅଦ୍ଭୁତ ଅଟେ, ଏବଂ ସେମାନେ କେବଳ ଏଥିପାଇଁ ତା'କୁ ଭଲ ପାଆନ୍ତି ।

ମୋ'ର ପ୍ରଭୁ, ସେମାନେ ଆପଣଙ୍କ ସହିତ ଯୁକ୍ତି କରିବେ । ସେମାନେ ଠିକ୍ ଛିଡା ହେବେ ଏବଂ ଏହା ବିଷୟରେ ଆପଣଙ୍କ ସହିତରେ ଝଗଡା କରିବେ । କାହିଁକି, ନିଶ୍ଚିତରେ, ଶୟତାନ ଠିକ, ସେହି ବାକ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ଛିଡା ହେଲା ଏବଂ କହିବାକୁ ଚେଷ୍ଟା କରିଥିଲା, "ଏହା ଲେଖା ଅଛି ।"

ଏବଂ ସେଠାରେ ସେ ଥିଲେ, ପରମେଶ୍ୱରଙ୍କ ସେହି ସୁପ୍ରମାଣିତ ବାକ୍ୟ । ସେ କହିଲେ, "ଦୂର ହୁଅ, ଶୟତାନ!" କେବଳ ଚାଲନ୍ତୁ ଏବଂ ସେହି ସମାନ କାର୍ଯ୍ୟ କରନ୍ତୁ ।

ଯେପରିକି ଜଣେ ବ୍ୟକ୍ତି ମୋତେ ଥରେ କହିଲେ, କହିଲେ, "ତେବେ, ଯଦି ଆପଣ ବିଶ୍ୱାସ କରନ୍ତି ଯେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଠିକ୍ ଅଟେ, ଏବଂ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ଏହା ପାଇଛନ୍ତି," କହିଲେ, "ବର୍ତ୍ତମାନ ଆପଣ ମୋତେ ଅନ୍ଧ କରିଦିଅନ୍ତୁ ।" ସେ ଜଣେ ପ୍ରଚାରକ ଥିଲେ । କହିଲେ, "ଆପଣ ମୋତେ ଅନ୍ଧ କରି ଦିଅନ୍ତୁ!" ସେ କହିଲେ, "ପାଉଲ ଦିନେ ଜଣେ—ଜଣେ ଲୋକକୁ ଅନ୍ଧ କରି ଦେଇଥିଲେ ।"

140 ମୁଁ କହିଲି, "ମହାଶୟ, ମୁଁ ଆପଣଙ୍କୁ କିପରି ଅନ୍ଧ କରିପାରେ ଯେତେବେଳେ ଆପଣ ଆଗରୁ ଅନ୍ଧ ଅଛନ୍ତି? ମୁଁ ଆପଣଙ୍କୁ କିପରି ମାରିପାରେ ଯେତେବେଳେ ଆପଣ ଆଗରୁ ମୃତ ଅଟନ୍ତି?" ଉ-ହୁଁ ।

ସେ କହିଲେ, "ମୁଁ, ମୋ'ର ଆଖି ତ କୋଡ଼ିଏ-କୋଡ଼ିଏ ଅଛି!"

ମୁଁ କହିଲି, "ଆପଣଙ୍କର ଶାରୀରିକ ଭାଗ; ମାତ୍ର ତଥାପି ଆପଣ ଅନ୍ଧ ଅଟନ୍ତି ।"

"ଏହା ଅସମ୍ଭବ! ବାଇବଲ ଜିନିଷଗୁଡିକର ବ୍ୟାଖ୍ୟା କରେ ନାହିଁ । ଆମେ ସେହିଠାରେ କଥା କହୁ ଯେଉଁଠାରେ ବାଇବଲ କଥା କୁହେ, ଏବଂ ସେଠାରେ ଚୁପ୍ ରହୁ ଯେଉଁଠାରେ ସେ ଚୁପ୍ ରୁହେ ।"

141 ମୁଁ କହିଲି, "ଠିକ୍ ଅଛି, ଯେତେବେଳେ ଏଲିୟ ତଳେ ଦୋଥାନରେ—ରେ ଥିଲେ, ଦେଖନ୍ତୁ, ଚତୁର୍ଦ୍ଦିଗରେ ସମଗ୍ର ଅରାମୀୟ ସୈନ୍ୟଦଳ ଆସିଥିଲା । ଆଉ ସେହି ଦାସ ଦୌଡ଼ି ଆସି କହିଲା, 'ହେ, ମୋ'ର ପିତା!' କହିଲା, 'ମୋ'ର ପିତା,' କହିଲା, 'ଅରାମୀୟମାନେ ଆମକୁ ଘେରି ରହିଛନ୍ତି ।'"

"ଏଲିୟ ନିଜର ଆଖି ଘଷିଲେ, ଉଠିଲେ ଏବଂ କହିଲେ, 'ସେମାନଙ୍କ ତୁଳନାରେ ଆମ ସହିତ କହିଁ ଅଧିକ ଅଛନ୍ତି ।'"

"ସେ କହିଲା, 'ମୁଁ ତ କାହାରିକୁ ଦେଖେ ନାହିଁ ।'"

"କହିଲେ, 'ହେ ପରମେଶ୍ୱର, ଏହାର ଆଖି ଖୋଲି ଦିଅ ।' ତେବେ, ସେ ଅନ୍ଧ ଥିଲା । ଆଉ ସେ ସେହି ପୁରୁଣା ଭବିଷ୍ୟଦ୍‌ବକ୍ତାର ଚତୁର୍ଦିଗରେ, ଏବଂ ପର୍ବତମାନଙ୍କ ଆଡ଼କୁ ଚାହିଁଲା; ତାହା ସ୍ୱର୍ଗଦୂତଗଣ, ଅଗ୍ନିମୟ ରଥ ଓ ଅଗ୍ନିମୟ ଅଶ୍ୱରେ ପରିପୂର୍ଣ୍ଣ ଥିଲା ।"

"ଏବଂ ଏଲିୟ ସେଠାକୁ ଚାଲିକରି ଗଲେ, ଆଉ ବାଇବଲ କୁହେ, 'ସେ ସେମାନଙ୍କୁ ଅନ୍ଧ କରିଦେଲେ ।' କାହା ପ୍ରତି ଅନ୍ଧ? ତାହାଙ୍କ ପ୍ରତି । ସେ ବାହାରକୁ ଯାଇ, କହିଲେ, 'କଅଣ ତୁମେମାନେ ଏଲିୟଙ୍କୁ ଖୋଜୁଅଛ?'"

"'ହଁ, ଆମେ ତାଙ୍କୁ ଖୋଜୁଅଛୁ ।'"

"କହିଲେ, 'ଆସ, ମୁଁ ତୁମମାନଙ୍କୁ ଦେଖାଇବି ଯେ ସେ କେଉଁଠାରେ ଅଛନ୍ତି ।' ଏଲିୟ ସେମାନଙ୍କୁ ଏଲିୟଙ୍କ ନିକଟକୁ କଢାଇ ନେଇଥିଲେ । ଅନ୍ଧ!"

ମୁଁ କହିଲି, "କଅଣ ଆପଣ ଜାଣିଛନ୍ତି ଯେ ମୁଁ ଆପଣଙ୍କୁ କ'ଣ କହିବାକୁ ଯାଉଛି? ଅବିକଳ ତାହା ଯାହା ମୋ'ର ପ୍ରଭୁ ଆପଣଙ୍କର ପିତାଙ୍କୁ କହିଥିଲେ, 'ଦୂର ହୁଅ ।'" ଉ-ହୁଁ । ଉ-ହୁଁ ।

142 ଧ୍ୟାନ ଦିଅନ୍ତୁ, ଆଜ୍ଞାବହର ଏବଂ ଅନାଜ୍ଞାବହର ସନ୍ତାନମାନଙ୍କ ମଧ୍ୟରେ, କୌଣସି ସମାନତା ନାହିଁ । ଅନାଜ୍ଞାବହମାନେ ସେମାନଙ୍କର ଈଶ୍ୱରଙ୍କୁ ପୂଜା କରନ୍ତି । "ଓଃ," ସେମାନେ କୁହନ୍ତି, "ଆମେ ବାଇବଲକୁ ବିଶ୍ୱାସ କରୁ ।" ହଁ, ଏହା ଏକ ମିଶ୍ରିତ ଗଛ ଅଟେ । ଦେଖନ୍ତୁ, ସେମାନେ ଏଥିରେ ଜଗତ ଏବଂ ଜ୍ଞାନକୁ ଯୋଗ କରନ୍ତି । ଶୟତାନର ଗଛ, ମିଶ୍ରିତ; ଦେଖନ୍ତୁ, ସେହି ସ୍ତ୍ରୀ ଶୟତାନର ଗଛରୁ, ଭଲ ଏବଂ ମନ୍ଦ ନେଲା । "ଓଃ, ଆମେ ବାକ୍ୟକୁ ବିଶ୍ୱାସ କରୁ ।" ନିଶ୍ଚିତରେ, କିନ୍ତୁ ଏହାର ସମସ୍ତକିଛିକୁ ନୁହଁ । ହବା ମଧ୍ୟ, ବାକ୍ୟକୁ ବିଶ୍ୱାସ କରିଥିଲା, ମାତ୍ର ହେବାକୁ ଦିଅନ୍ତୁ—ଦିଅନ୍ତୁ ଯେ ଶୟତାନ ତା'ର ଗଛକୁ ନେଉ ଓ ଅଳ୍ପ ଟିକେ ବିକୃତ କରି ଦେଉ । ତାହାହିଁ ହେଉଛି ଏହା ।

"ଯିଏ ଗୋଟିଏ ଶବ୍ଦ ଯୋଗ କରିବ, କିମ୍ବା ସେଥିରୁ ଗୋଟିଏ ଶବ୍ଦ ଲୋପ କରିବ।" ସେ ଏବେ ସୁଦ୍ଧା ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି! ଧ୍ୟାନ ଦିଅନ୍ତୁ। ଠିକ୍ ଅଛି।

143 ଏହି ମନ୍ଦ ଯୁଗ ଅନ୍ଧକାରର ଅଟେ, ତଥାପି ମଣ୍ଡଳୀରେ ସମ୍ପୃକ୍ତ। ସେମାନଙ୍କର ଈଶ୍ୱର, ସେମାନେ ଏହା ପାଇଁ ତା'କୁ ଭଲ ପାଆନ୍ତି, ଯେଉଁ ପ୍ରକାର ଭାବରେ ସେ ସେମାନଙ୍କୁ କରିବାକୁ ଅନୁମତି ଦେଇଥାଏ। ସେମାନଙ୍କର କୌଣସି ନିନ୍ଦା ନାହିଁ। ଯେପର୍ଯ୍ୟନ୍ତ ସେମାନେ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟନ୍ତି ସେପର୍ଯ୍ୟନ୍ତ କିଛି ବି ସେମାନଙ୍କୁ ବ୍ୟତିବ୍ୟସ୍ତ କରେ ନାହିଁ।

ବିଲିୟାମ ମଣ୍ଡଳୀକୁ ସେହି ସମାନ ଶିକ୍ଷା ଦେଇଥିଲେ। "ଆସନ୍ତୁ ଏକଜୁଟ ହେବା; ଆମେ ସମସ୍ତେ ସମାନ ଅଟୁ।" ଏହା ଥିଲା ସେହି ଶେଷ କୌଶଳ। ଏପରି ମିଥ୍ୟାକୁ ବିଶ୍ୱାସ କରିବା ଯୋଗୁଁ ପରମେଶ୍ୱର ସେମାନଙ୍କୁ କେବେ ବି କ୍ଷମା କଲେ ନାହିଁ।

144 ମନେରଖନ୍ତୁ, ଏହା ଏକ ଅକ୍ଷମଣୀୟ ପାପ ଥିଲା, ବାଇବଲରେ ତିନିଥର, ଯେକୌଣସି ବ୍ୟକ୍ତିଙ୍କ ପାଇଁ ପରମେଶ୍ୱରଙ୍କ ବାକ୍ୟରେ ତାହା ସତ୍ୟ ବୋଲି ସୁପ୍ରମାଣିତ ହୋଇସାରିବା ପରେ ସେଥିରେ ସେମାନଙ୍କର ବ୍ୟାଖ୍ୟାର ଗୋଟିଏ ହେଲେ ଶବ୍ଦକୁ ଯୋଗ କରିବା।

ଏଦନ ଉଦ୍ୟାନରେ, ଠିକ୍, ଏଦନର ଉଦ୍ୟାନରେ, ଗୋଟିଏ ଶବ୍ଦ ଯୋଗ କରାଯିବା ମୃତ୍ୟୁକୁ ଘଟାଇଥିଲା।

ଯେତେବେଳେ ବିଲିୟାମ ସେହି ଶବ୍ଦ ଯୋଗ କଲେ, ଯେ, "ଆମେ ସମସ୍ତେ ସମାନ ଅଟୁ," ସେମାନେ, ପରମେଶ୍ୱର ଇସ୍ରାଏଲକୁ ତାହା ପାଇଁ କେବେ ବି କ୍ଷମା କଲେ ନାହିଁ। ପରମେଶ୍ୱର ଆଣିଥିବା ସେହି ତିନିଜଣଙ୍କ ବ୍ୟତୀତ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ପ୍ରାନ୍ତରରେ ବିନଷ୍ଟ ହୋଇଗଲେ।

ଯୀଶୁ କହିଲେ, "ସେମାନେ, ପ୍ରତ୍ୟେକ ଜଣ, ମରି ଯାଇଥିଲେ," ଅର୍ଥାତ ଅନନ୍ତକାଳ ନିମନ୍ତେ ପୃଥକ ହୋଇଗଲେ। ସେମାନେ ସମସ୍ତେ ବିନଷ୍ଟ ହୋଇଗଲେ; କଦାପି କ୍ଷମା କରାଗଲେ ନାହିଁ। ଏହା ଏକ ଅକ୍ଷମଣୀୟ ପାପ ଅଟେ; ସେମାନଙ୍କୁ କଦାପି କ୍ଷମା କରାଗଲା ନାହିଁ। ଓଃ, ମୋ'ର ପ୍ରଭୁ!

ତାହାଠାରୁ ପଳାୟନ କର, ସନ୍ଧ୍ୟାକାଳୀନ ଦୀପ୍ତିର ସନ୍ତାନମାନେ!

145 ବର୍ତ୍ତମାନ ଦେଖନ୍ତୁ ଯେ ଏହି ଆଧୁନିକ, ଧାର୍ମିକ, ମନ୍ଦ ଯୁଗର ନେତା କିଏ ଅଟେ? ଏହା ହେଉଛି ଶୟତାନ, ଯିଏକି ଭଲ ଏବଂ ମନ୍ଦର ସେହି ଗଛକୁ ନେଉଅଛି, ଓ ସେଠାରେ ସ୍ଥାପନ କରୁଅଛି, ଧ୍ୟାନ ଦିଅନ୍ତୁ, ତା'ର ସୁନ୍ଦର ମଣ୍ଡଳୀ କନ୍ୟାକୁ ଏକ ବିବାହ ନିମନ୍ତେ ବିଶ୍ୱ ଗୀର୍ଜା ପରିଷଦକୁ ଆଣୁଅଛି। ତାହା ଏକ ଭଲ ଅଟେ। ତା'ର ସୁନ୍ଦର ବୈଜ୍ଞାନିକ ମଣ୍ଡଳୀ, ସମସ୍ତ ସେହି—ସେହି—ସେହି ଉପାଧିମାନ ସହିତ ଯାହା ପ୍ରାପ୍ତ କରାଯାଇପାରେ; ଚର୍ଚ୍ଚ ଅଫ୍ କ୍ରାଇଷ୍ଟରୁ ପିଏଚ.ଡିମାନ, ବାପ୍ତିଷ୍ଟରୁ, ପ୍ରେସ୍‌ବିଟେରିଆନ୍, ପେଣ୍ଟିକଷ୍ଟାଲ୍, ଏବଂ ସମସ୍ତଙ୍କଠାରୁ ପିଏଚ.ଡିମାନ। ସେସମସ୍ତଙ୍କୁ, ସେମାନଙ୍କର ସୁସଜ୍ଜିତ କାରୁକାର୍ଯ୍ୟ ଏବଂ ବଡ଼ ବଡ଼ ଗୀର୍ଜାଘର ସହିତରେ, ବିଶ୍ୱ ଗୀର୍ଜା ପରିଷଦକୁ ନେଇଆସୁଅଛି, "ଆମେ ଏକ ଅଟୁ।" ଏହା

ସେମାନଙ୍କୁ କଦାପି କ୍ଷମା କରାଯିବ ନାହିଁ । ଏକ ନାମଧାରୀ ସଂସ୍ଥା, ଏକ ନାମଧାରୀ ସଂସ୍ଥାର ଚିହ୍ନକୁ ଧାରଣ କରିବା ହେଉଛି, ସେହି ପଶୁର ଚିହ୍ନ । ଆମେ ତାହା କରିବା ହେତୁ; ଏଠାରେ ଏହା ଅତିକ୍ରମ କରିସାରିଛୁ । ତାହାଠାରୁ ପଳାୟନ କର, ପିଲାମାନେ, ତାହାଠାରୁ ପଳାୟନ କର! ବୁଝିଲେ? ମହାନ, ସୁନ୍ଦର ମଣ୍ଡଳୀମାନେ ବିଶ୍ୱ ଗୀର୍ଜା ପ୍ରତି ସେହି ଚିହ୍ନ, ତାହାର ଚିହ୍ନକୁ ଧାରଣ କରିଅଛନ୍ତି!

ଛୋଟ ପେଣ୍ଟ, ନିଶ୍ଚିତରେ, ସାଂସାରିକ ପୋଷାକ, କାମାତୁର, ରଙ୍ଗ ପ୍ରସାଧନ, ପରମେଶ୍ୱରଙ୍କ ପୁତ୍ରମାନଙ୍କୁ ଧରିବା ପାଇଁ, ପ୍ରକୃତରେ ଶୟତାନର ଭଲ ଶିଷ୍ୟମାନେ; ଜଣେ ଉତ୍ତମ ପୂର୍ଣ୍ଣ-ବୟସ୍କ ବାଳକକୁ ସେହିଭଳି କୌଣସି ପୁରୁଣା ବିଶ୍ୱାସଚ୍ୟୁତ ସହିତ ବିବାହ କରିଦେବା । ତାହା ଠିକ୍ ଅଟେ । କି ଏକ...

146 ଆପଣ କୁହନ୍ତି, "କେଶ କାଟିବା, ତାହା ସହିତ କି ମାମଲା ଅଟେ?"

ଭାଇ, ଆସନ୍ତୁ ଏଠାରେ ମାତ୍ର ଏକ ମିନିଟ୍ ଅଟକି ଯିବା । ମୁଁ ଠିକ ଅନୁଭବ କରୁଛି ଯେ କେହିଜଣେ ଏଥିରେ ବିରକ୍ତ ହେଲେ । ହୋଇପାରେ ଟେଲିଫୋନ୍ ସଂଯୋଗରେ କୌଣସିଠାରେ କିଏ ହୋଇଥିବେ ।

ଶୁଣନ୍ତୁ । ଜଣେ ସ୍ତ୍ରୀଲୋକ ପାଇଁ କେଶ ହେଉଛି ଏକ ନାଜରିତୀୟ ଶପଥ । ଶାମ୍ଶୋନ୍ଙ୍କ ପାଇଁ କେଶ ଏକ ନାଜରିତୀୟ ଶପଥ ଥିଲା । ଆଉ ଯେତେବେଳେ ଜଣେ ସ୍ତ୍ରୀଲୋକ ତା'ର କେଶ କାଟେ, ସେ—ସେ ଏହି ନାଜରିତୀୟ ଶପଥକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରେ ଯେ ସେ ଖ୍ରୀଷ୍ଟଙ୍କ ପାଇଁ ଏକ କନ୍ୟା ଅଟେ । କାରଣ, ସେଠାରେ, ସେହି ଗୋଟିଏ ଜିନିଷ, ସେ ସମ୍ପୂର୍ଣ୍ଣ ଚିତ୍ରକୁ ନଷ୍ଟ କରିଦିଏ । ସଠିକ୍ ଭାବରେ! ଏକ *ନାଜରିତୀୟ* ହେଉଛି "ଜଣେ ଯିଏକି ଏକ ଉଦ୍ଦେଶ୍ୟ ପାଇଁ ଉତ୍ସର୍ଗୀକୃତ ଅଟେ ।" କଅଣ ଏହା ଠିକ୍ କି? ଶାମଶୋନ୍ ଏକ ଯୁଗ ଏବଂ ଏକ ଉଦ୍ଦେଶ୍ୟ ପ୍ରତି ଉତ୍ସର୍ଗୀକୃତ ହୋଇଥିଲେ, ସେଇଥିପାଇଁ ତାଙ୍କର ଲମ୍ବା କେଶ ଥିଲା । ସେହି ସ୍ତ୍ରୀଲୋକ ଯିଏକି ପରମେଶ୍ୱରଙ୍କ ଜଣେ ସନ୍ତାନ ଅଟେ, ତା'ର କେଶକୁ ବଢ଼ିବାକୁ ଦିଏ, ଏହା ଦେଖାଇବା ପାଇଁ ଯେ ସେ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ପ୍ରତି ଉତ୍ସର୍ଗୀକୃତ ଅଟେ ।

147 ଯଦି ସେ ଏହାକୁ କାଟିଦିଏ, ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କେତେ ଅଧିକ ନାଚେ, ଗାଏ, ଗାୟନମଣ୍ଡଳୀରେ ସମ୍ପୃକ୍ତ ଥାଏ, ପରଭାଷାରେ କଥା କୁହେ, ଉପର-ଓ-ତଳ ଦୌଡିଥାଏ, କିମ୍ବା ସମସ୍ତ ପ୍ରକାରର ସହାୟତା ସମାଜର ସଦସ୍ୟ ଥାଏ, ସେ ମୃତ ଅଟେ । ତାହା ହେଉଛି **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ, ପରମେଶ୍ୱରଙ୍କ ବାକ୍ୟ । ପ୍ରଥମ କରିନ୍ଥୀୟ 14 । ହଁ । ସେ ନିଜର ନାଜରିତୀୟ ଶପଥକୁ ଅସ୍ୱୀକାର କରିଦେଇଛି ଓ ଏହି ଆଧୁନିକ ଯୁଗର ଈଶ୍ୱରଙ୍କ ପ୍ରତି ବିକ୍ରୟ ହୋଇଯାଇଛି । ସେ ଏହା କରନ୍ତି । ତେବେ, ମହିଳା, କିମ୍ବା ସ୍ତ୍ରୀ, ଆପଣଙ୍କ ପାଇଁ ଲଜ୍ଜାର ବିଷୟ ଅଟେ!

148 ପ୍ରକୃତରେ ପରମେଶ୍ୱରଙ୍କ ପୁତ୍ରମାନଙ୍କର ଧରାଳିମାନେ, ଯେପରିକି ତାହା ଥିଲା । ଯେପରିକି ଯୀଶୁ କହିଥିଲେ, "ଯେପରି ନୋହଙ୍କ ଦିନରେ ହୋଇଥିଲା, ସ୍ତ୍ରୀଲୋକମାନେ

ସୁନ୍ଦର ଦିଶୁଥିଲେ, ଏବଂ ପରମେଶ୍ୱରଙ୍କ ପୁତ୍ରମାନେ ସେମାନଙ୍କ ମଧ୍ୟରେ ବିବାହ କରିବା ଆରମ୍ଭ କଲେ, ମନୁଷ୍ୟପୁତ୍ରର ଫେରିବା ସମୟରେ ମଧ୍ୟ ଠିକ ତାହାହିଁ ହେବ।" ଏବଂ ସେମାନଙ୍କର ଈଶ୍ୱର ଭାବନ୍ତି ଯେ ଏହା ମହାନ, ଏବଂ ସୁନ୍ଦର, ଓ ବୈଜ୍ଞାନିକ, ଜ୍ଞାନ ଅଟେ; ତା'ର ନିଜ ଦୋକାନରେ ଷ୍ଟାଇଲ୍ ହୋଇଥିବା, ହଲିଉଡ୍ ସିନେମା ଜଗତର ଫ୍ୟାଶନ୍, ନିଶ୍ଚିତରେ, ଏହିସବୁ ନରମ ଓ ଅଠାଳିଆ ବସ୍ତୁମାନ, ଆପଣ ଜାଣନ୍ତି।

149 ଏବଂ ସେ, ତା'ର ମଣ୍ଡଳୀ, ଏହାକୁ ଅତି ଭଲ ପାଆନ୍ତି! ଓଃ, ମୋ'ର ପ୍ରଭୁ! "ମୁଁ ତୁମକୁ ବୁଝାଉଅଛି, ଯେ ମୁଁ ମେଥୋଡିଷ୍ଟ ଅଟେ। ମୁଁ ପ୍ରେସବିଟେରିଆନ୍ ଅଟେ। ସେପରି କିଛି ଏକ ବିଷୟ କହିବା ଅପେକ୍ଷା ଆମ ପାଳକଙ୍କ ପାଖରେ ଅଧିକ ଉତ୍ତମ ଜ୍ଞାନ ଅଛି।" ତେବେ ପରମେଶ୍ୱର ଯାହା କୁହନ୍ତି ତାହା କହିବା ପାଇଁ ତାଙ୍କଠାରେ ଯଥେଷ୍ଟ ଜ୍ଞାନ ନାହିଁ। ବୁଝିଲେ?

150 ସେହି ସ୍ତ୍ରୀ, ମଣ୍ଡଳୀ, କେବଳ ଏହାକୁ ପୂଜା କରେ। ସେ ଏହାକୁ ଭଲ ପାଏ। ଠିକ ତାହା ଅଟେ ଯାହା ସେ ଚାହେଁ! ସେ କୌଣସି ବିଷୟରେ ଯୋଗ ଦେବ ନାହିଁ, ଭାଇ, କିମ୍ବା ଏପରି କୌଣସି ବିଷୟକୁ ଆସିବ ନାହିଁ ଯେଉଁଥିରେକି ତାହାକୁ ସେହି ବିଷୟଠାରୁ କିଛି ଭିନ୍ନ ଭାବରେ ଆଚରଣ କରିବାକୁ ପଡ଼େ ଯେପରିକି ଏହି ଆଧୁନିକ ଯିଜେବଲମାନେ ଅଟନ୍ତି, କାରଣ ଏହା ତ ସେହି ସ୍ୱଭାବ ତାହା ଭିତରେ ଅଛି।

ଆପଣ କିପରି ଅନ୍ୟ କୌଣସି ସ୍ୱଭାବର ହୋଇପାରନ୍ତି..."କିଏ ଚିନ୍ତା କରି ତା'ର ଅବସ୍ଥାରେ ଚାଖେଣ୍ଡେ ଯୋଗ କରିପାରେ?" ଯଦି ଆପଣ ପାଞ୍ଚ-ଫୁଟ ଉଚ୍ଚ ହେବା ପାଇଁ ଜନ୍ମ ହୋଇଛନ୍ତି, ଆପଣ ଛଅ ଫୁଟ ହେବେ ନାହିଁ। ଓଃ, ହଁ, ଯେପରିକି ବୁଥ୍-କ୍ଲିବର୍ନଙ୍କ ଟଣାଯିବାର ଯନ୍ତ୍ର "ଷ୍ଟ୍ରେଚିଂ ମେସିନ୍।"

151 ତେବେ, ହେ ମନୁଷ୍ୟ ଶୁଣ, ତୁମେ ଯେ ବାଳୁଙ୍ଗା ରିକିମାନଙ୍କର ସମୂହ! ଯଦି ତୁମେ ଜଣେ ପୁରୁଷ ହେବା ନିମନ୍ତେ ଜନ୍ମ ହୋଇଅଛ, ତେବେ ଜଣେ ପୁରୁଷ ପରି ଆଚରଣ କର। ତୁମ ମୁହଁରେ ଝୁଲୁଥିବା ଏହି ବେଣୀଗୁଡ଼ିକ, ଏବଂ କୌଣସି ଯୌନ ଆକର୍ଷଣ ପରି କୁଞ୍ଚିତ, କାହିଁକି, ତୁମେ ସାପର ବିକୃତ ପୀଢୀ! ଯାହା ବି ହେଉ, ତୁମ ସହିତ କି ମାମଲା ଅଟେ?

ମୋ'ର ପରମେଶ୍ୱର କୌଣସି ଦିନେ ଏହି ରାଷ୍ଟ୍ରକୁ ଅଗ୍ନିରେ ବିଚାର କରିବେ। ସେ ଏହାକୁ ସମୁଦ୍ରତଳେ ବୁଡ଼ାଇ ଦେବେ। ତାହାଙ୍କର ବିଚାରର ସମୟ ପାଖେଇ ଆସୁଛି। ସମଗ୍ର ବିଶ୍ୱ ନଷ୍ଟ ହୋଇଯିବ।

152 ଧାର୍ମିକ ବିଭ୍ରାଟ! ମାନବ ବିକୃତି; ଏପରିକି ପୁରୁଷମାନେ ଜାଣନ୍ତି ନାହିଁ ଯେ ସେମାନେ କେଉଁ ଲିଙ୍ଗର ଅଟନ୍ତି, କିମ୍ବା ସ୍ତ୍ରୀଲୋକମାନେ ମଧ୍ୟ ଜାଣନ୍ତି ନାହିଁ। ଏକ ଯୋଡି ପୁରୁଷର ଅଙ୍ଗରଖା ସହିତ, କିମ୍ବା ଏକ ଯୋଡି ପୁରୁଣା ଛୋଟ ପେଣ୍ଟ ସହିତ ଛିଡା ହୁଅନ୍ତି, ପୋଷାକ ଯାହାକି...ତାହାର ପ୍ରତ୍ୟେକ ଅଙ୍ଗୀଭଙ୍ଗୀ ଏବଂ ତା'ର ଶରୀରର ରୂପ, ଏବଂ ନିଜକୁ ଏକ ଖ୍ରୀଷ୍ଟିଆନ ବୋଲି କୁହାଇଥା'ନ୍ତି। ସେ ତ ଏପରିକି ଜଣେ ମହିଳା ସୁଦ୍ଧା ନୁହଁନ୍ତି, ଖ୍ରୀଷ୍ଟିଆନ ହେବା ବିଷୟ ତ ଛାଡି ଦିଅନ୍ତୁ। ସେ ପରମେଶ୍ୱରଙ୍କ ପୁତ୍ରମାନଙ୍କୁ ନର୍କକୁ ପଠାଇବା ପାଇଁ,

ଶୟତାନ ଦ୍ୱାରା ବ୍ୟବହୃତ, ଶୟତାନ ଦ୍ୱାରା ପ୍ରେରିତ ଏକ ଗଳି କଡ଼ର ବେଶ୍ୟା ଅଟେ, ଯେପରିକି ସେହି ବାକ୍ୟ ସଫଳ ହୁଏ ଯାହା ହେବ ବୋଲି ଯୀଶୁ ଖ୍ରୀଷ୍ଟ କହିଥିଲେ । ମୋ'ର ତାହା କହିବାର ଅଭିପ୍ରାୟ ନ ଥିଲା, ମାତ୍ର ଯାହା ବି ହେଉ, ସେ ଏହା କହିଥିଲେ । ଦେଖନ୍ତୁ ଯେ ଏହି ଧାର୍ମିକ ଆତ୍ମା କେଉଁଠାରୁ ଆସେ? ସେହି ମିଶ୍ରିତ ଗଛ ।

153 କୁହନ୍ତି, "ସେହି ଚିପା ପାଇଜାମାଗୁଡ଼ିକ ସହିତ କି ସମସ୍ୟା ଅଛି," କିମ୍ବା ସେମାନେ ତା'କୁ ଯାହା ବି ଡାକନ୍ତି, "ପେଡାଲ୍-ପୁଶର୍?" କିଅବା ଏହା ଯାହା କିଛି ବି ଅଟେ ।

ବାଇବଲ କୁହେ, ଯେ, "କୌଣସି ସ୍ତ୍ରୀ ଯିଏକି ଏକ ପୁରୁଷର ପୋଷାକ ପିନ୍ଧିବ, ପରମେଶ୍ୱରଙ୍କ ଦୃଷ୍ଟିରେ ଏହା ଘୃଣାର ବିଷୟ ଅଟେ ।" ତାହା **ବାଇବଲ ଏହି କଥା କୁହେ** ବାକ୍ୟ ଅଟେ ।

ଏବଂ ଜଣେ ସ୍ତ୍ରୀଲୋକ ଯିଏକି ନିଜର କେଶ କାଟିବେ, ତାଙ୍କ ମସ୍ତକକୁ ଅପମାନିତ କରିବେ । ଏବଂ ଏପରିକି ଏହା ମଧ୍ୟ ନୁହେଁ...ଜଣେ ସ୍ତ୍ରୀଲୋକଙ୍କ ପାଇଁ ଛୋଟ କେଶରେ ପ୍ରାର୍ଥନା କରିବା, ବାଇବଲ ଏହାହିଁ କୁହେ, ନିଜର ମସ୍ତକକୁ ଅନାଚ୍ଛାଦିତ କରି ସର୍ବସାଧାରଣରେ ପ୍ରାର୍ଥନା କରିବା ଏକ ପାପମୟ ବିଷୟ ଅଟେ । ଏବଂ ତାହାର...

ଓଃ, ଆପଣ କୁହନ୍ତି, "ମୁଁ ଏକ ଟୋପି ପିନ୍ଧେ ।"

154 କପଟୀ ଯେ ତୁମେମାନେ, ସେହି ମହିଳାମାନଙ୍କୁ ସେପରି ବିଷୟସବୁ ଶିଖାନ୍ତି! ଯେତେବେଳେକି, ବାଇବଲ କୁହେ, "ତା'ର କେଶ ତାଙ୍କୁ ଆଚ୍ଛାଦନ ପାଇଁ ଦିଆଯାଇଛି," ମନୁଷ୍ୟ-କୃତ କୌଣସି ଟୋପି ନୁହେଁ । ତାହାହିଁ ଅଟେ ଯାହାକି ବାଇବଲ କୁହେ । ମୁଁ ଦାୟୀ ନୁହେଁ; ମୁଁ ତ କେବଳ ସତ କହିବା ପାଇଁ ଦାୟୀ ଅଟେ । ଅସାଧୁ ହୁଅ ନାହିଁ, ବାଇବଲ ଯେପରି କୁହେ, "ପ୍ରତାରଣା ସହିତ ପରମେଶ୍ୱରଙ୍କ ବାକ୍ୟକୁ ପରିଚାଳନା କରିବା," ବାଳୁଙ୍ଗା ପିଲା ରିକେଟାମାନଙ୍କର ଏକ ସମୂହର ଅନୁରୋଧକୁ—କୁ ରକ୍ଷା କରିବା ପାଇଁ କିମ୍ବା—କିମ୍ବା ପୂରଣ କରିବା ପାଇଁ ।

155 ମୁଁ ଏଠାରେ *ମନ୍ଦ* ଶବ୍ଦ ପାଇଲି । ମୁଁ *ମନ୍ଦ* ବଦଳରେ "ଏଲଭିସ୍" ଲେଖିରଖିଛି । ଏହା ସବୁ ସମାନ ଅଟେ । *ଏଲଭିସ୍* ଶବ୍ଦର ଅର୍ଥ ହେଉଛି ଏକ "ବିଲେଇ," ଏବଂ *ରିକି* ଶବ୍ଦର ଅର୍ଥ ହେଉଛି ଏକ "ମୂଷା ।" ଯେତେବେଳେ ଆପଣ କୁହନ୍ତି "ଛୋଟ ରିକି," ତେବେ ଆପଣଙ୍କର କହିବାର ତାତ୍ପର୍ଯ୍ୟ, "ଛୋଟ ମୂଷା ।" ଆପଣ ତା'କୁ ଯାହା ବି ଡାକନ୍ତି, ତାହାହିଁ ସେ ଅଟେ । ଆପଣଙ୍କର ପିଲାଟିର ନାମ ତାହା ଅଟେ, ସୁସମାଚାର ପାଇଁ, ଏହାକୁ ଶୀଘ୍ର ବଦଳାଇ ଦିଅନ୍ତୁ । ଗୋଟିଏ ପିଲାଟିର ନାମ ଦିଅନ୍ତୁ ନାହିଁ...

ଆପଣ ବାଇବଲ ସମୟରେ, କିମ୍ବା ଅନ୍ୟ କୌଣସି ଯୁଗରେ ଏପରି ନାମଗୁଡ଼ିକ କେବେ ବି ଶୁଣି ନ ଥିବେ । ଏହା ତ ଏହି ଯୁଗ, ଏହି ଯୁଗ ପାଇଁ ନାମ ଅଟେ । ଯଦି କେବେ ବି ବିକୃତ ମୂଷା ଏବଂ ବିଲେଇ ଥିଲା, ତାହା ଏଠାରେ ଅଟେ ।

156 ଏହି ସବୁ...?...ଲକ୍ଷ ଲକ୍ଷ-ଡଲାରର ସଂଗୀତ ବାଜୁଥିବା ଡିସ୍କ ଜକି ଯନ୍ତ୍ର, ଏବଂ ଏହି ପିଲାମାନେ ଏଠାରେ ବାହାରକୁ ବାହାରନ୍ତି, ଏପରିକି କାନରେ କୌଣସି ଏକ ବିଷୟ ନ ଲଗାଇ ବିଦ୍ୟାଳୟକୁ—କୁ ସୁଦ୍ଧା ଯାଇପାରନ୍ତି ନାହିଁ, ଆଉ ସେମାନଙ୍କ ପକେଟରେ ଏକ ଛୋଟ ପୁରୁଣା ଟ୍ରାନଜିଷ୍ଟର ରେଡିଓ ଥାଏ, କେବଳ, "ବୁମ୍-ଡି-ବୁମ୍" କରୁଥାଏ ।

ଓଃ, ସେମାନେ ସେଠାରେ ଘରକୁ ଆସନ୍ତି, ଏବଂ ଆମେ କରିଥାଉ...ସେହି ପିଲାମାନେ ମୋର ଘରକୁ ସେଠାରେ ରଙ୍ଗ କରିବା ପାଇଁ ଚେଷ୍ଟା କରୁଥା'ନ୍ତି । ଆମେ କହିଲୁ, "ସେହି ଜିନିଷକୁ ଏଠାରୁ ବାହାର କର । ଯଦି ଆପଣ ଏହା ବିନା କାମ କରିପାରିବେ ନାହିଁ, ତେବେ ସେହି କାମରୁ ଓହରିଯାଅ । ମୋତେ ଏତେ ବିବ୍ରତ କରେ ଯେ ମୁଁ ଏଠାରେ ଆଖପାଖରେ ଛିଡ଼ା ହୋଇପାରେ ନାହିଁ । ଆମେ ଏହି ସ୍ଥାନକୁ ପରମେଶ୍ୱରଙ୍କ ପାଇଁ ଉତ୍ସର୍ଗ କରିଅଛୁ । ଆମେ ଏଠାରେ ଏହି ଶେଷ ଦିନର ସେହି ପ୍ରକାରର ବାଜେ ବୁଗି-ଉଗି ଚାହୁଁନାହୁଁ ।" ମୁଁ କହିଲି, "ଏହାକୁ ବନ୍ଦ କର ନଚେତ କାମ ଛାଡିଦିଅ!"

157 ଧ୍ୟାନ ଦିଅନ୍ତୁ, ଧାର୍ମିକ, ଯଦିଓ, ଓଃ, ନିଶ୍ଚିତରେ, ମଣ୍ଡଳୀକୁ ଯାଆନ୍ତି ଏବଂ ବାରଣ୍ଡାରେ ଛିଡ଼ା ହୋଇ, ବୁଗି-ଉଗି ସଂଗୀତ ଶୁଣୁଥା'ନ୍ତି ।

158 ଆହୁରି, ଧ୍ୟାନ ଦିଅନ୍ତୁ, ଖ୍ରୀଷ୍ଟଙ୍କ ବାକ୍ୟ-କନ୍ୟା, ମଧ୍ୟ ଉପରକୁ ଯାଉଅଛି । ଯେତେବେଳେ ଆମେ ଦେଖୁଛୁ ଯେ ଖ୍ରୀଷ୍ଟବିରୋଧୀ କେଉଁ ଆଡକୁ ଯାଉଅଛି, ସେଠାର ପଛରୁ ଆରମ୍ଭ ହୋଇ ଏବଂ ବର୍ତ୍ତମାନ ଏକ ମସ୍ତକକୁ ଆସୁଅଛି; ଏକ ବିଶ୍ୱ ଗୀର୍ଜା ପରିଷଦ ଏହାକୁ ଏକ ମାଣ୍ଡଳିକ ମସ୍ତକରେ ସ୍ଥାପନ କରିବ । ଏବଂ ସେହି ଛୋଟ ମଣ୍ଡଳୀ ଯାହାକି ମଧ୍ୟ, ସଙ୍ଗରେ ଆସୁଅଛି, ଖ୍ରୀଷ୍ଟଙ୍କ ବାକ୍ୟ-କନ୍ୟା ସେହି ଯୁଗ ଯୁଗ ଦେଇ, ଏକ ମସ୍ତକକୁ ଆସୁଅଛି, 'କାରଣ ସେ ନିଜ ସାଥୀ ସଙ୍ଗରେ ମିଶିଯିବାକୁ ଯାଉଅଛି । ସର୍ବଦା, ଠିକ୍ ଯେପରି ମଣ୍ଡଳୀ ଏବଂ ଅନ୍ୟାନ୍ୟ ସବୁ ବିଷୟ, ଏହାକୁ ଏକ ହେବାକୁ ଅଛି । ଗହମ, ଅନ୍ୟ ସବୁକିଛି, ଠିକ ତା'ର ମସ୍ତକ ନିକଟକୁ ଫେରି ଆସେ ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା; କୟିନ ଓ ହେବଲ ପରି । ବାକ୍ୟ-କନ୍ୟା ପରମେଶ୍ୱରଙ୍କ ବାକ୍ୟର ବ୍ୟକ୍ତି ବିଶେଷଠାରେ ପ୍ରକଟିତ ହେବା ନିମନ୍ତେ ଏହି ମନ୍ଦ ଯୁଗରେ ଉପରକୁ ବଢୁଅଛି ଯେଉଁଥିରେକି ଆମେମାନେ ବସବାସ କରୁଅଛୁ । ଦେଖନ୍ତୁ ଯେ ଏହା କେଉଁ ଆଡକୁ ଯାଉଅଛି?

159 ଏବଂ ଶୟତାନ ଖୁବ୍ ଶୀଘ୍ର ନିଜର ବୌଦ୍ଧିକ କନ୍ୟାକୁ ନେବ ଓ ଏହି ମହାନ ବ୍ୟକ୍ତିଙ୍କୁ ଉଚ୍ଚୀକୃତ କରିବ, ଯାହାକି ଖ୍ରୀଷ୍ଟବିରୋଧୀ ଅଟେ, ସେହି କ୍ରମାନୁଗତରେ, ଏବଂ ତା'କୁ ଏକ ସିଂହାସନରେ ବସାଇବ, "ଆଉ ସମଗ୍ର ଜଗତ ତାହା ବିଷୟରେ ଆଶ୍ଚର୍ଯ୍ୟ କରିବେ ।"

ଆଉ ତା'ପରେ ଖ୍ରୀଷ୍ଟ ଆସିବେ । ଏବଂ ଦୁଇଜଣ ଏକ ସମୟରେ ବିଦ୍ୟମାନ ରହିପାରିବେ ନାହିଁ । ଆଉ ତା'ର ରାଜ୍ୟ ନେଇ ନିଆଯିବ; ସେ ବିନାଶ କରାଯିବ ।

ଏବଂ ଖ୍ରୀଷ୍ଟ, ପରମେଶ୍ୱରଙ୍କ ସେହି ବାକ୍ୟ...ଯାହାକି, ସେହି ସ୍ତ୍ରୀ ସେହି ପୁରୁଷର ଶରୀରର ଏକ ଅଂଶ ଅଟେ । ସେମାନେ ଦୁଇ ନୁହଁନ୍ତି; ସେମାନେ ଏକ ଅଟନ୍ତି । ଏବଂ ସେହି

କନ୍ୟା, ମଣ୍ଡଳୀ, ବାକ୍ୟ, "ତାହାଙ୍କର ନାମ ସକାଶୁ, *ଏଠାରୁ ଓ ସେଠାରୁ* ଏକ ଲୋକଙ୍କୁ ଡକାଯାଇଅଛି," ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ଏକୀକୃତ ହେବେ ।

ଏବଂ ଖ୍ରୀଷ୍ଟବିରୋଧୀର ରାଜ୍ୟ ନେଇ ନିଆଯିବ ଏବଂ ଧ୍ୱଂସ କରାଯିବ । ଆଉ ଖ୍ରୀଷ୍ଟ ସିଂହାସନ ଗ୍ରହଣ କରିବେ, ଏବଂ ତାହାଙ୍କ ପିତା ଦାଉଦଙ୍କର ସିଂହାସନରେ ବସିବେ, ଓ ସହସ୍ର ବର୍ଷ ପାଇଁ ପୃଥିବୀ ଉପରେ ରାଜତ୍ୱ କରିବେ; ତାହାପରେ ପରମେଶ୍ୱରଙ୍କ ନିକଟରେ ମଣ୍ଡଳୀକୁ ଉପସ୍ଥାପନ କରିବେ, "କୌଣସି ଦାଗ କିମ୍ୱା ଦୋଷ ବିନା ।" ହଁ!

160 ବର୍ତ୍ତମାନ ତାହାର ଲମ୍ୱା କେଶକୁ ଧ୍ୟାନ ଦିଅନ୍ତୁ, ବାକ୍ୟ ପ୍ରତି ନାଜରିତୀୟ ଶପଥ । ମୁଁ ବର୍ତ୍ତମାନ ଖ୍ରୀଷ୍ଟଙ୍କ କନ୍ୟାକୁ ଚିତ୍ରିତ କରିବି । ଆମେ ଖ୍ରୀଷ୍ଟବିରୋଧୀକୁ ଚିତ୍ରିତ କରୁ, ଯେଉଁଠାରୁ ସେ ଅଛି, ଧାର୍ମିକ ଏବଂ ସବୁକିଛି, ବିଜ୍ଞାନ । ତେବେ ଖ୍ରୀଷ୍ଟଙ୍କ ସେହି ନମ୍ର ଛୋଟ କନ୍ୟା କେବଳ ସରଳ ଭାବେ ବାକ୍ୟକୁ ବିଶ୍ୱାସ କରେ, ସେ ଯିଏ କେହି ବି ହେଉ । ଏହା ବ୍ୟକ୍ତିଗତ ଅଟେ । ମୁଁ ଆଶା କରେ ଏବଂ ବିଶ୍ୱାସ କରେ ଯେ ସେଠାରେ ଅନେକେ ବର୍ତ୍ତମାନ ବସିଅଛନ୍ତି, ଅନେକେ ଶୁଣୁଅଛନ୍ତି । ଏବଂ ମୁଁ ଆଶା କରେ ଯେ ମୁଁ, ଏବଂ ଆପଣମାନେ ସମସ୍ତେ ପ୍ରତ୍ୟେକେ, ସେହି କନ୍ୟାର ଅଂଶ ଅଟୁ । ମୁଁ ଆଶା କରେ ଅନେକେ । ଏବଂ, ଏହା ହେବ, ସେସମସ୍ତେ ଯେଉଁମାନେକି ତାହା ପାଇଁ ନିଯୁକ୍ତ ହୋଇଅଛନ୍ତି ତାହା ହେବେ, କାରଣ ଏହା ସେମାନଙ୍କର ସ୍ୱଭାବ ଅଟେ । ସେମାନେ ଦେଖନ୍ତି । ବାକ୍ୟ କେବଳ ବାକ୍ୟକୁ ଚିହ୍ନିପାରେ । ଏହା ଏକ ନାମଧାରୀ ସଂସ୍ଥା କିମ୍ୱା ବିକୃତତାକୁ ଚିହ୍ନିପାରେ ନାହିଁ । ଏହା ଭଲ ଭାବେ ଜାଣେ; ଏହା ହେଉଛି ବାକ୍ୟ । ବୁଝିଲେ? ଏହା ଅନ୍ୟ କିଛି ଚିହ୍ନିପାରେ ନାହିଁ...

ଗୋଟିଏ ଗହମ ଏକ ଗହମ ଛଡା ଆଉ କିଛି ହୋଇପାରେ ନାହିଁ । ଏହା ଆରମ୍ଭ ହେଲା, ଏକ ଗହମରୁ; ଏହା ଏକ ଗହମରେ, ଉପରକୁ ଯିବ । ଏବଂ ଏକ ଜଙ୍ଗଲି ଘାସ କଦାପି ଗହମ ହୋଇପାରେ ନାହିଁ, ଯଦ୍ୟପି ଏହା ସେହି ସମାନ ଅଭିଷେକ ଦ୍ୱାରା ଜଳସେଚିତ ହୋଇଥାଏ । ବୁଝିଲେ? କିନ୍ତୁ ଏହା ଏକ ଗହମ ନୁହେଁ । ମୁଁ ଯେପରି ଅନ୍ୟ ଏକ ଦିନ କହିଥିଲି, ଗୋଟିଏ ଗଛ ବିଷୟରେ ଯେଉଁଥିରେ ଭିନ୍ନ ଭିନ୍ନ ଶାଖାମାନ ରହିଥିଲା ।

161 ତାହାର ଲମ୍ୱା କେଶ, ନାଜରିତୀୟ ଶପଥ, ଏହା ଦର୍ଶାଏ ଯେ ସେ ପରମେଶ୍ୱରଙ୍କ ନିକଟରେ ଶପଥ କରିଅଛି । ସେ ରହୁଥିବା ଏହି ଯୁଗ ପାଇଁ ତାହାଙ୍କର ପ୍ରତିଜ୍ଞାତ ବାକ୍ୟର ତାହାର ସୁନ୍ଦର ଗାଉନ୍ ବସ୍ତ୍ର, ତାହକୁ ଚାରିଆଡେ ଘୋଡାଇ ରଖିଥାଏ, ଆପଣାକୁ ତାହାଙ୍କ ସହିତ ସୁପ୍ରମାଣିତ କରେ, ଯାହାକି ଏବ୍ରୀ 13:8, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।" ଯେହେତୁ, ସେ ବାକ୍ୟ ବରର ଏକ ଅଂଶ ଅଟେ, ପ୍ରତ୍ୟେକ କ୍ଷେତ୍ରରେ ତାହାଙ୍କ ପ୍ରତି ସତ୍ୟ ଅଟେ ।

162 ତେବେ ଦେଖନ୍ତୁ । ଯଦି ଜଣେ ସ୍ତ୍ରୀଲୋକ ଏଠାକୁ ଯାଏ ଏବଂ ଜଣେ ପୁରୁଷକୁ ବିବାହ କରେ, ଆଉ ସେ ବାହାରକୁ ଯାଇ ଅନ୍ୟ ଜଣେ ପୁରୁଷ ସହିତ ପ୍ରେମଲୀଳା କରେ ଓ ତାହା ସହିତ ସମ୍ପର୍କ ରଖେ, ପୁଣି ତା'ର ସ୍ୱାମୀଙ୍କ ନିକଟକୁ ଫେରିଆସେ, ତାହାହେଲେ ତା'ର ସ୍ୱାମୀ

ତା'କୁ ଗୋଇଠା ମାରି ତଡି ଦେବା ଉଚିତ୍ । କଅଣ ଏହା ଠିକ୍ କି? ସେହି ସ୍ତ୍ରୀକୁ ନିଶ୍ଚୟ ତାହା ପ୍ରତି ସତ୍ୟ ରହିବାକୁ ହେବ, କାରଣ ସେ ତାହା ସହିତ ଶପଥ କରିଛି ।

ଏବଂ ଖ୍ରୀଷ୍ଟଙ୍କ କନ୍ୟା ଖ୍ରୀଷ୍ଟଙ୍କ ନିକଟରେ ଶପଥ କରିଛି; ଆଉ ସେ ବାକ୍ୟ ଅଟନ୍ତି ।

ଅନ୍ୟ ପାର୍ଶ୍ୱରେ ଆଖି ସୁଦ୍ଧା ମିଟିକାଇବା ନୁହେଁ, ଜଣେ ସ୍ତ୍ରୀଲୋକକୁ ଅନ୍ୟ ପୁରୁଷ ଉପରେ ଆଖି ମିଟିକାଇବା ଉଚିତ୍ ନୁହେଁ । ସେ ତାହା ଆଡେ କୌଣସି ଚିହ୍ନ, ଆଦୌ କୌଣସି ଭାବନା ରଖିବା ଉଚିତ୍ ନୁହେଁ, କାରଣ ସେ ସମ୍ପୂର୍ଣ୍ଣ ରୂପେ ଜଣେ ବରର ଏକ କନ୍ୟା ଅଟନ୍ତି ।

163 ଆମେ ତୁମର କୌଣସି ମିଶ୍ରିତ ଗଛ, ତୁମର କୌଣସି ନାମଧାରୀ ସଂସ୍ଥା ଚାହୁଁନାହୁଁ। ଖ୍ରୀଷ୍ଟଙ୍କ ପ୍ରତି, ସେହି ବାକ୍ୟ ପ୍ରତି ସଚ୍ଚୋଟ ରୁହନ୍ତୁ । ସେ ଏହାକୁ ସତ୍ୟ ବୋଲି ସୁପ୍ରମାଣିତ କରିବେ । ନା, ଆଜ୍ଞା, ତାହାଙ୍କୁ ପ୍ରେମ କରିବା ଦିଗରେ କୌଣସି ବିଷୟର କିଛି ସମ୍ବେଦନା ସୁଦ୍ଧା ନୁହେଁ, ତାହାଙ୍କ ପଦରେ କିମ୍ବା ଅନ୍ୟ କୌଣସି ଜିନିଷରେ ଯୋଗ ଦେବା ନୁହେଁ, କିଅବା ଆପଣଙ୍କୁ ତାହାଙ୍କ କୋଳରେ କିମ୍ବା ତାଙ୍କ ଯତ୍ନରେ ନେବା ପାଇଁ ତାହାଙ୍କୁ ଦେବା ନୁହେଁ, ଅବା—ଅବା *ଏପରି* ଭାବରେ, *ସେପରି* ଭାବରେ ଆପଣଙ୍କ ସହିତ କଥାବାର୍ତ୍ତା ହେବା ପାଇଁ ଦେବା ନୁହେଁ ।

ଆପଣ କେବଳ ଗୋଟିଏ ସ୍ୱରକୁ ଶୁଣନ୍ତୁ । "ମୋ'ର ମେଷ ମୋ'ର ସ୍ୱର ଜାଣନ୍ତି । ଜଣେ ଅପରିଚିତ ବ୍ୟକ୍ତି ପଛରେ ସେମାନେ ଯିବେ ନାହିଁ..." ତାହାଙ୍କର ସ୍ୱର କ'ଣ? ଯେକୌଣସି ମନୁଷ୍ୟର ସ୍ୱର ହେଉଛି ତା'ର ଶବ୍ଦ । ଏବଂ ଏହାହିଁ ତାହା ଅଟେ, ସେହି ବାଇବଲ, ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରାଯିବାକୁ ନାହିଁ କିମ୍ବା ଏଥିରୁ ନିଆଯିବାକୁ ନାହିଁ । କେବଳ ସେହି ସ୍ୱର ସହିତ ଠିକ୍ ଲାଗି ରୁହନ୍ତୁ । "ଜଣେ ଅପରିଚିତ ବ୍ୟକ୍ତିଙ୍କୁ ସେମାନେ ଅନୁସରଣ କରିବେ ନାହିଁ," ଏକ ନାମଧାରୀ ସଂସ୍ଥା ।

164 ଯେହେତୁ, ସେ ବରର ଏକ ଅଂଶ ଅଟେ, ତାହାଙ୍କ ପ୍ରତି ପ୍ରତ୍ୟେକ ବିଷୟରେ ସଚ୍ଚୋଟ ଥାଇ, ବିବାହକୁ ଅପେକ୍ଷା କରି ରହିଅଛି । ଏକୀକରଣ ହେଉଅଛି, ବିଶ୍ୱ ଗୀର୍ଜା ପରିଷଦରେ ନୁହେଁ; ମାତ୍ର ମଧ୍ୟ ଆକାଶରେ, ବିବାହ ଭୋଜରେ । ତା'କୁ ଦିଆଯାଇଛି...ଏହା ଆମର ନିଜ ମଣ୍ଡଳୀ ପାଇଁ ଅଟେ । ସେହି...ତା'କୁ ବାଇବଲର ସପ୍ତ-ମୁଦ୍ରାର ନିଗୁଢ ବିଷୟଗୁଡ଼ିକ, ଦିଆଯାଇଛି, ଏବଂ ତାହାଠାରେ ପ୍ରକାଶ କରାଯାଇଛି । ବୁଝିଲେ? ସେ ସେହି ପ୍ରତାରକର ମୂର୍ଖତାକୁ ଦେଖେ, ଯେ ତାହା ସତ୍ୟର ଅତି ନିକଟବର୍ତ୍ତୀ, ଏପରିକି ମନୋନୀତ ଲୋକଙ୍କୁ ସୁଦ୍ଧା ପ୍ରତାରଣା କରିଥାଏ । ସେ ଏହା ଦେଖିଥାଏ । ସେ...

165 ଏହି ମନ୍ଦ ଯୁଗରେ ସେହି ଦୁଇ ବିରୋଧୀ ଆତ୍ମାଙ୍କୁ କାର୍ଯ୍ୟ କରୁଥିବାର ଦେଖନ୍ତୁ? କଅଣ ଆପଣ ଏହାକୁ ଦେଖିପାରୁଛନ୍ତି? ପ୍ରତ୍ୟେକେ ଅତ୍ୟନ୍ତ ଧାର୍ମିକ, କୟିନ ଏବଂ ହେବଲ, ଆତ୍ମାଗୁଡିକ ପୁନର୍ବାର ସେମାନଙ୍କର ମସ୍ତକକୁ ଆସୁଛନ୍ତି, ଏବେ ମଧ୍ୟ ସେହି ସମାନ ଭାବରେ ଅଛନ୍ତି ଯେପରି ସେମାନେ ଆରମ୍ଭ କରିଥିଲେ । ଜଣେ, ସୌନ୍ଦର୍ଯ୍ୟ ଦ୍ୱାରା, ଏବଂ ଜ୍ଞାନ ଦ୍ୱାରା, ଓ ଶିକ୍ଷା ଦ୍ୱାରା, ଆଉ ବିଜ୍ଞାନ ଦ୍ୱାରା, ପୁଣି ନୈତିକତା ଦ୍ୱାରା ଉପାସନା କରିଥାଏ । ଏବଂ

ଅନ୍ୟ ଜଣେ, ପରମେଶ୍ୱରଙ୍କ ବାକ୍ୟର ପ୍ରକାଶନର ବିଶ୍ୱାସ ଦ୍ୱାରା । ସେମାନେ ଉଭୟେ ଆଜି ସକାଳେ ଏହି ଭବନରେ ଛିଡ଼ା ହୋଇଛନ୍ତି । ତାହା ଠିକ୍ ଅଟେ ।

166 ତାହାଙ୍କ ବାକ୍ୟରେ, ପ୍ରକାଶନ, ଅବା ବିଶ୍ୱାସ, ଜ୍ଞାନର କୌଣସି ଦାବି କରେ ନାହିଁ; ସେହି ପ୍ରକୃତ, ସଚ୍ଚୋଟ ଖ୍ରୀଷ୍ଟିଆନ ।

ସେମାନେ କୁହନ୍ତି, "କଅଣ ଆପଣ ଏକ—ଆପଣ ଏକ ଡାକ୍ତର ଉପାଧି ପାଇଛନ୍ତି କି?"

କୌଣସି ଦାବି କରେ ନାହିଁ । "ମୁଁ—ମୁଁ ତାହାଙ୍କର ବାକ୍ୟକୁ ବିଶ୍ୱାସ କରେ ।" ବୁଝିଲେ? କୌଣସି ଦାବି କରେ ନାହିଁ । ଶିକ୍ଷିତ ବୋଲି ଦାବି କରେ ନାହିଁ । କୌଣସି ନାମଧାରୀ ସଂସ୍ଥା, କୌଣସି ଦଳ, କୌଣସି ସମ୍ପ୍ରଦାୟର ସମ୍ପୃକ୍ତ ନୁହେଁ । ଏହା ଖ୍ରୀଷ୍ଟଙ୍କର ଅଟେ । ଏହା ତାହାଙ୍କର ପତ୍ନୀ ଅଟେ; ଏକ ମଣ୍ଡଳୀ ସ୍ତ୍ରୀ ନୁହେଁ ।

ସେ ତ ଜଣେ ବେଶ୍ୟା ଅଟେ । ବାଇବଲ କୁହେ ଯେ ସେ ଏକ "ବେଶ୍ୟା," ଏବଂ, "**ବେଶ୍ୟାମାନଙ୍କର ମାତା ଅଟେ**," ଆଉ ସେମାନେ ସମସ୍ତେ ଏକାଠି ଆସନ୍ତି ଓ ସେହି ସମାନ ବେଶ୍ୟାକୁ ଗଢ଼ନ୍ତି । ଏବଂ ସେହି ପ୍ରକାରର ଜଣେ ସ୍ତ୍ରୀଲୋକ ହେଉଛି ଏପରି ଜଣେ ଯିଏକି ତା'ର ସ୍ୱାମୀ ପ୍ରତି ଅସତ୍ୟ ରୁହେ; ଏବଂ ଖ୍ରୀଷ୍ଟଙ୍କୁ ତା'ର ସ୍ୱାମୀ ବୋଲି ଦାବି କରିଥାଏ, ଆଉ ଏକ ନାମଧାରୀ ସଂସ୍ଥାରେ ସମ୍ପୃକ୍ତ ହୋଇଥାଏ । ଏପରି ନିର୍ବୋଧ ବିଷୟ! ଆମେ ଖ୍ରୀଷ୍ଟଙ୍କର ସମ୍ପୃକ୍ତ ଅଟୁ ।

167 କିନ୍ତୁ, ଆଜ୍ଞାବହତାରେ, ଏହି ଛୋଟ ବିଶ୍ୱାସ ସ୍ତ୍ରୀଲୋକ, ଯିଏକି ବିଶ୍ୱାସ ଦ୍ୱାରା ଜୀବିତ ରୁହେ, ସେହି କନ୍ୟା; ସେହି ବ୍ୟକ୍ତି *ଏଠାରେ*, *ସେଠାରେ*; ଏଠାରେ, ଅନ୍ୟ କୌଣସି ସ୍ଥାନରେ, ଅନ୍ୟ କୌଣସି ମଣ୍ଡଳୀ, ଅନ୍ୟ କୌଣସି ନାମଧାରୀ ସଂସ୍ଥା, ସେ ଯାହାକିଛି ବି ହେଉ, କେତେକ ବିଷୟରେ ନୁହେଁ...ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରି, ସେହି ଯୁଗର ପ୍ରତିଜ୍ଞା ସୁନିଶ୍ଚିତ ହେବ ବୋଲି ଆଜ୍ଞାକାରୀତାରେ, ପ୍ରେମରେ ଅପେକ୍ଷା କରିଥାଏ । ସେ ଏହାର ବାଟ ଦେଖୁଅଛି । ସେ ସେହି ବାକ୍ୟର ଅଂଶ ଅଟେ, ଏବଂ ସେ ତା'ର ଜୀବନ ଦ୍ୱାରା ସେହି ବାକ୍ୟକୁ ପ୍ରକଟିତ କରିବା ନିମନ୍ତେ ଅପେକ୍ଷା କରୁଅଛି ।

ଭାଇମାନେ, କଅଣ ଆପଣ ତାହା ଦେଖି ପାରୁନାହାଁନ୍ତି? ମୁଁ ଆଶା କରେ ତାହା ଆପଣମାନଙ୍କ ଉପରୁ ଚାଲିଯାଏ ନାହିଁ ।

ଶରୀର (ଯାହାକି ବାକ୍ୟ ଅଟେ) ଅପେକ୍ଷା କରି ରହିଛି, ଜୀବନ (ଯାହାକି ଆତ୍ମା ଅଟେ) ନିମନ୍ତେ ଅପେକ୍ଷା କରି ରହିଛି ଯେ ଏହାକୁ ସୁନିଶ୍ଚିତ କରେ କିମ୍ବା ଜୀବନ୍ତ କରେ । ତାହାହିଁ ଅଟେ ଯାହା ପାଇଁ ସେ ଅପେକ୍ଷା କରି ରହିଛି । ଅନ୍ୟ କୌଣସି ଜୀବନ ତାହାଠାରେ କାମ କରିବ ନାହିଁ । ସେ ଅନ୍ୟ କୌଣସି ଉପାୟରେ ଜୀବନ୍ତ ହୋଇପାରିବ ନାହିଁ । ତଥାପି, ସେ ଏହାକୁ ସେଠାରେ ଅନୁଭବ କରେ, ଏବଂ ସେ ଜାଣେ ଯେ ଏହା ଘଟିବାକୁ ଯାଉଅଛି; ତେବେ ତାହା ଏଠାରେ ଘଟେ, ତା'ପରେ ସେ ଜାଗ୍ରତ ହୁଏ । ପରମେଶ୍ୱର କହିଲେ, "ସେଠାରେ ହେଉ," ଆଉ ସେ ବାହାରି ଆସିଲା ଯେପରିକି ପ୍ରଥମଟି ବାହାରି ଆସିଥିଲା ।

168 "ଅନାଜ୍ଞାବହର ସନ୍ତାନମାନେ" ଅର୍ଥ ଆଜ୍ଞା... *ଅନାଜ୍ଞାବହର* ଅର୍ଥ ହେଉଛି "ବିଦ୍ରୋହ।" ସୁନିଶ୍ଚିତ ହେବା ପାଇଁ ମୁଁ ଏହାକୁ ଶବ୍ଦକୋଷରେ ଦେଖିଲି। ବିଦ୍ରୋହ, ବିଦ୍ରୋହ କରିବା (କାହା ବିରୁଦ୍ଧରେ?) ପରମେଶ୍ୱରଙ୍କ ପ୍ରକାଶିତ ବାକ୍ୟ ବିରୁଦ୍ଧରେ। ଯେପରି କୟିନ ପ୍ରକାଶ କରିଥିଲା...ହେବଲଙ୍କ ପ୍ରକଟିତ ପ୍ରକାଶନ ବିରୁଦ୍ଧରେ ବିଦ୍ରୋହ କଲା, ଯାହାକି ପରମେଶ୍ୱରଙ୍କ ଦ୍ୱାରା ସୁପ୍ରମାଣିତ ହୋଇଥିଲା ଯେ ଏହା ଧାର୍ମିକ ଅଟେ। କୟିନ ଏହା ବିରୁଦ୍ଧରେ ବିଦ୍ରୋହ କରି, ନିଜର ଭାଇକୁ ହତ୍ୟା କଲା।

ଫାରୂଶୀମାନେ, ସେମାନଙ୍କର ନିଜସ୍ୱ ନାମଧାରୀ ଜ୍ଞାନ ସହିତ ଯେ ପରମେଶ୍ୱରଙ୍କ ବାକ୍ୟ କ'ଣ ଥିଲା, କେତେକ ହାତ-ବଛା ଲୋକମାନଙ୍କୁ ମନୋନୀତ କରିଥିଲେ, ସେହି ଦିନ ପାଇଁ ପ୍ରକଟିତ ହୋଇଥିବା ପରମେଶ୍ୱରଙ୍କ ସୁପ୍ରମାଣିତ ବାକ୍ୟ ବିରୁଦ୍ଧରେ ବିଦ୍ରୋହ କରିଥିଲେ, ଯାହାକି ଯୀଶୁ ଖ୍ରୀଷ୍ଟ ଥିଲେ, ଏବଂ ତାହାଙ୍କୁ ହତ୍ୟା କଲେ। କଅଣ ତାହା ଠିକ୍?

ତାହାହିଁ ହେଉଛି ଯାହାକି "ଅନାଜ୍ଞାବହର ସନ୍ତାନ" ଅଟେ, ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ବିଦ୍ରୋହ କରିବା।

ତେବେ କଅଣ ଆପଣମାନେ ଦେଖିଲେ ଯେ ସେମାନେ କେଉଁଠାରେ ଅଛନ୍ତି? "ଓଃ, ଆଶ୍ଚର୍ଯ୍ୟକର୍ମର ଦିନ ଅତିବାହିତ ହୋଇଯାଇଛି। ଯୀଶୁ ଖ୍ରୀଷ୍ଟ ଏଯାଏଁ ସମାନ ନୁହଁନ୍ତି। ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଭଳି ଏପରି କୌଣସି ବିଷୟ ନାହିଁ। ସେହି ସମସ୍ତ ବିଷୟ ନିର୍ବୋଧ ଅଟେ!" ଦେଖନ୍ତୁ, ବିଦ୍ରୋହ! ସେମାନଙ୍କୁ ଦୁଇଟି କଥା କହିବାକୁ ପଡ଼େ ନାହିଁ; କେବଳ ଗୋଟିଏ କହିବାକୁ ପଡିଥାଏ, ତାହାହିଁ ସବୁକିଛି ଅଟେ। ତାହା ଠିକ୍ ସେଠାରେ, ବିଦ୍ରୋହ ଅଟେ। ସେମାନେ ଏହା କହିପାରିବେ ନାହିଁ ଯେ ଆପଣଙ୍କର ଆଖି ନାହିଁ, ଆପଣଙ୍କର କାନ ନାହିଁ; ଆପଣଙ୍କୁ ତ ସମଗ୍ର ଶରୀର, ସମଗ୍ର ବାକ୍ୟକୁ ନେବାକୁ ପଡିବ। ବୁଝିଲେ?

ପବିତ୍ରଆତ୍ମା ଡାକ ଦିଅନ୍ତି, "ତାହା ଭିତରୁ ବାହାରି ଆସ, ତା'ର ନାମଧାରୀ ମତବାଦର ଅଂଶୀଦାର ହୁଅ ନାହିଁ," ଯେତେବେଳେ ସେ ଏହି ଦିନର ପରମେଶ୍ୱରଙ୍କ ବାକ୍ୟ ଉପରେ ହସିଥାଏ ଏବଂ ପରିହାସ କରିଥାଏ।

"କାରଣ ପରମେଶ୍ୱର ଉପହାସର ପାତ୍ର ନୁହଁନ୍ତି," କେବଳ ମନେରଖନ୍ତୁ। ସେ ଏହାର ପରିଣାମ ଭୋଗିବ। ବ୍ୟସ୍ତ ହୁଅନ୍ତୁ ନାହିଁ। ସେ ଏହାର ପରିଣାମ ଭୋଗିବ। ବାଇବଲ, ଏଫିସୀୟ 4:30 ରେ, ଯଦି ଆପଣ ଏହାକୁ ତଳେ ଲେଖିବାକୁ ଚାହୁଁଛନ୍ତି, ଏଫିସୀୟ 4:30, କୁହେ। "ପରମେଶ୍ୱର ଉପହାସର ପାତ୍ର ନୁହଁନ୍ତି। ମନୁଷ୍ୟ ଯାହାକିଛି ବୁଣେ, ସେ ଅମଳ ମଧ୍ୟ ତାହାହିଁ କରିବ।" ସେମାନେ ଥଟ୍ଟା ଓ ପରିହାସ କରିପାରନ୍ତି ନାହିଁ, ଏବଂ ଏହିସବୁ ବିଷୟ କହିପାରନ୍ତି ନାହିଁ, ଆଉ ଏହା ସହିତ ରକ୍ଷା ପାଇପାରନ୍ତି ନାହିଁ। "ପାଣି ଉପରେ ଭକ୍ଷ ପକାଇଲା ପରି, ଏହା ଫେରି ଆସିବ।"

169 ସେ ଶୟତାନର କନ୍ୟା ଅଟେ, ଯିଏକି ଆପଣଙ୍କୁ ପ୍ରତାରିତ କରିବା ପାଇଁ, ଏହି ବର୍ତ୍ତମାନ ମନ୍ଦ ଯୁଗର ତାହାର ଧାର୍ମିକ, ପାପ-ପ୍ରେମୀ ଜ୍ଞାନରେ ଆବୃତ ହୋଇଥାଏ। ଓଃ, ମୋ'ର ପ୍ରଭୁ!

ବୈଜ୍ଞାନିକ ଜ୍ଞାନ ଏବଂ ଏକ ଆଧୁନିକ ସଭ୍ୟତା ଦ୍ୱାରା, ପ୍ରଲୋଭିତ କରୁଥିବା ଆତ୍ମାମାନଙ୍କର ଏକ ସମ୍ପୂର୍ଣ୍ଣ ଗୋଷ୍ଠୀ ବା ନାମଧାରୀ ସଂସ୍ଥା! ଦାବି କରୁଛି…

ଆମେ ଅଳ୍ପ କିଛି ମିନିଟରେ ବନ୍ଦ କରିବାକୁ ଯାଉଛୁ। ମୋତେ ଅଟକି ଯିବାକୁ ପଡିବ, କାରଣ ମୁଁ ଏହା ସବୁ ନେଇପାରିବି ନାହିଁ, ଦେଖନ୍ତୁ।

ଦାବି କରୁଅଛି ଯେ ସେ ଆପଣମାନଙ୍କ ନିମନ୍ତେ ରହିବା ପାଇଁ ଏକ ମହାନ ଜଗତକୁ ନିର୍ମାଣ କରୁଅଛି। ସେ ଦାବି କରେ, ଯେ, ତା'ର ସଭ୍ୟତାରେ, ପରମେଶ୍ୱରଙ୍କ ବାକ୍ୟ ବିନା, ସେ ଉତ୍ତମ ଗୀର୍ଜାଘରମାନ, ମହାବିଦ୍ୟାଳୟମାନ, ବିଦ୍ୟାଳୟମାନ, ଡାକ୍ତରଖାନା, ଗ୍ରନ୍ଥାଳୟମାନ, ଏବଂ ମନୁଷ୍ୟ ପାଇଁ ଅସ୍ଥାୟୀ ସାହାଯ୍ୟ ନିର୍ମାଣ କରିଅଛି। ସେ ଏହା କରିଅଛି। ସେ ଏହା ପ୍ରମାଣ କରିଅଛି ଯେ ସେ ଏହା କରିପାରିବ। ଏବଂ ଲୋକମାନେ ଏହାର ଲୋଭରେ ପଡ଼ିଛନ୍ତି; ହଁ, ଆଜ୍ଞା; ବିଦ୍ୟାଳୟମାନ, ନାମଧାରୀ ସଂସ୍ଥାମାନ, ସଂସ୍କୃତି, ଉତ୍ତମ-ପୋଷାକଧାରୀ ଲୋକ, ଉତ୍ତମ-ଖାଉଥିବା ଲୋକ।

ମୁଁ ତ ବରଂ ଏକ ରୁଟି ଧାଡିରେ ରହିବି, ଏବଂ ପରମେଶ୍ୱରଙ୍କ ସହିତରେ ସଠିକ୍ ରହିବି; ଏହା ପରିବର୍ତ୍ତେ ଯେ ଦିନକୁ ତିନିଥର କୁକୁଡା ମାଂସ ଭଜା ଖାଏ, ଓ ସେହି ପରି ଏକ ବେଶ୍ୟା ସହିତ ସମ୍ପୃକ୍ତ ରହିବାକୁ ହୁଏ।

170 ମନେରଖନ୍ତୁ, ଯେତେବେଳେ ସେହି ଚିହ୍ନ ଆସିବ ସମୟ ସନ୍ନିକଟ ଅଟେ। ଆପଣ ଏହା ଭିତରେ ରହିବେ କିମ୍ବା ଏହାର ବାହାରେ ରହିବେ। ଏହା ରାତିରେ ଏକ ଚୋର ପରି ଆସିବ। ଏହା ଆପଣଙ୍କୁ ଠିକ ସେଠାରେ ଧରି ପକାଇବ, ଏବଂ ଆପଣ ସେଠାରେ ଥିବେ। ତେବେ ସେଠାରୁ ବାହାରି ଆସିବାର କୌଣସି ଉପାୟ ନାହିଁ; ଆପଣ ତାହା କରି ନେଇଛନ୍ତି। ବାହାରି ଆସନ୍ତୁ!

ଜଣେ ସ୍ୱର୍ଗଦୂତ ସ୍ୱର୍ଗରୁ ଓହ୍ଲାଇ ଆସିଲେ, ତାହାଙ୍କର ମୁଖମଣ୍ଡଳ ଚମକୁ ଥିଲା, ଓ ସେ ଲୋକମାନଙ୍କୁ ଚିତ୍କାର କରି କହିଲେ। ଏହା ପୃଥିବୀକୁ ହଲାଇ ଦେଇଥିଲା। "ବାବିଲରୁ ବାହାରି ଆସ, କାରଣ ସେ ଉତ୍ପାଟିତ ହୋଇଛି। ହେ ମୋହର ଲୋକମାନେ, ତା'ର ମହାମାରୀର ଅଂଶୀଦାର ହୁଅ ନାହିଁ।" ତା'ଠାରୁ ବାହାରି ଯାଅ। ବାହାରି ଯାଅ! କିଛି ସମୟ ପୂର୍ବରୁ, କଅଣ ଆମେ ଏହାକୁ ବାକ୍ୟରେ ପାଠ କରି ନାହୁଁ କି? ଜଣେ ଦୂତ ହେଉଛନ୍ତି "ବାର୍ତ୍ତାବହ," ଦେଖନ୍ତୁ, ତଳକୁ ଆସୁଛନ୍ତି। ପବିତ୍ରଆତ୍ମାଙ୍କୁ ଧ୍ୟାନ ଦିଅନ୍ତୁ, "ତାହାଠାରୁ ବାହାରି ଆସ, ଯେପରି ତୁମେ ଅଂଶୀଦାର ନ ହୁଅ।"

171 ତେବେ ସେ ଏହିସବୁ ବିଷୟ ନିର୍ମାଣ କରିଅଛି। ସେ ବିରାଟ ଗୀର୍ଜାଘରମାନ ନିର୍ମାଣ କରିଅଛି। ସେ ମହାବିଦ୍ୟାଳୟ, ବିଦ୍ୟାଳୟମାନ ନିର୍ମାଣ କରିଅଛି, ଲୋକଙ୍କୁ ନେଇ ସେମାନଙ୍କୁ ଏକ—ଏକ ଅଧିକ ଉତ୍ତମ, ତଥା-କଥିତ, ସଭ୍ୟତାର ବିଷୟ ଶିକ୍ଷା ଦେଉଅଛି। ଏବଂ ସେମାନେ ଜ୍ଞାନ ଦ୍ୱାରା ପରମେଶ୍ୱର ଏବଂ ତାହାଙ୍କର ବାକ୍ୟଠାରୁ ଦୂର, ସେମାନଙ୍କୁ ଏକ

ଆଧୁନିକ ସଭ୍ୟତା ଦ୍ୱାରା ଶିକ୍ଷିତ କରିଅଛନ୍ତି, ଯାହାକି ସେମାନଙ୍କୁ ମୃତ୍ୟୁର ଗର୍ତ୍ତ ନିକଟକୁ ନେଇ ଆସିଅଛି।

କଅଣ ଆପଣ ସମ୍ପୂର୍ଣ୍ଣ ଯୋଜନାକୁ ଦେଖୁ ନାହାଁନ୍ତି? ମଣ୍ଡଳୀ, କଅଣ ଆପଣ ତାହା ଦେଖୁଛନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ଆକାଶ ମଧ୍ୟରେ, ଯଦି ଆପଣ ଏହାକୁ ସେଠାରେ ନିଜ ନିଜର ମଣ୍ଡଳୀ ମଧ୍ୟରେ ଦେଖିଥା'ନ୍ତି, ତେବେ କୁହନ୍ତୁ "ଆମେନ୍," ତାହାହେଲେ ଅବଶିଷ୍ଟମାନେ ଜାଣିଯିବେ ଯେ ଆପଣ କେଉଁଠାରେ ଛିଡ଼ା ହୋଇଛନ୍ତି। ବୁଝିଲେ?

ସେ ଏହା କରିଅଛି। ସେ...ଏହା ଏହି ପୃଥିବୀର ଜଣେ ଈଶ୍ୱର ଅଟେ, ଏବଂ ସେ ମହାବିଦ୍ୟାଳୟମନ ନିର୍ମାଣ କରିଅଛି। ସେ ବିଶ୍ୱବିଦ୍ୟାଳୟମାନ ନିର୍ମାଣ କରିଅଛି। ସେ ଡାକ୍ତରଖାନାମାନ ନିର୍ମାଣ କରିଅଛି। ସେ ଗ୍ରନ୍ଥାଳୟମାନ ନିର୍ମାଣ କରିଅଛି। ସେ ଏହିସବୁ ବିଷୟ ମଣିଷର ଅସ୍ଥାୟୀ ସାହାଯ୍ୟ ପାଇଁ ନିର୍ମାଣ କରିଅଛି, ଯାହାକି ସେମାନଙ୍କୁ ପ୍ରତାରଣା କରିବା ପାଇଁ, ସେହି ବାକ୍ୟରୁ ଓହରାଇବା ପାଇଁ ଯଥେଷ୍ଟ ଅଟେ। ଏବଂ ସେ ସେମାନଙ୍କୁ କେଉଁ ଆଡକୁ କଢାଇ ନେଇଛି? ସମଗ୍ର ମଣ୍ଡଳୀ ଜଗତ ମୃତ୍ୟୁମୁଖକୁ ପକା ଯାଇଅଛି, କାରଣ ପରମେଶ୍ୱର କହିଥିଲେ ଯେ ସେ ସେହି ବେଶ୍ୟାକୁ, ଏବଂ ତା'ର ସନ୍ତାନମାନଙ୍କୁ, ଅନନ୍ତ ଅଗ୍ନିରେ ଦଗ୍ଧ କରି ଦେବେ।

ହେ ଲୋକମାନେ, ଏଥିରୁ ବାହାରି ଆସନ୍ତୁ! ଆପଣ ସେଠାରେ ଧରାଯାଆନ୍ତୁ ନାହିଁ। ଆପଣ ଯେତେ ଶୀଘ୍ର ପାରୁଛନ୍ତି ସେହି ବିଷୟଠାରୁ ଦୂରେଇ ଯାଆନ୍ତୁ!

ତା'ର ବୈଜ୍ଞାନିକ ଜ୍ଞାନ ଦ୍ୱାରା, ବର୍ତ୍ତମାନ ଦେଖନ୍ତୁ, ସେ ପରମେଶ୍ୱରଙ୍କ ବାକ୍ୟ ବିନା, ଏହା କରିବାକୁ ସକ୍ଷମ ହୋଇଅଛି।

172 ପରମେଶ୍ୱର ଆମକୁ କଦାପି ବାହାରକୁ ଯାଇ ବିଦ୍ୟାଳୟମାନ ନିର୍ମାଣ କରିବାକୁ ନିଯୁକ୍ତି ଦେଇ ନାହାଁନ୍ତି। ସେ କେବେ କରି ନାହାଁନ୍ତି। ସେ ଆମକୁ କେବେ ବି ଡାକ୍ତରଖାନା ନିର୍ମାଣ କରିବାକୁ କହି ନାହାଁନ୍ତି। ସେଗୁଡିକ ଭଲ ଅଟେ। ସେ ଆମକୁ କେବେ ବି ଗ୍ରନ୍ଥାଳୟ ନିର୍ମାଣ କରିବାକୁ କହି ନାହାଁନ୍ତି। ନା, ଆଜ୍ଞା। ସେ କେବେ କରି ନାହାଁନ୍ତି।

ସେ କହିଲେ, "ସୁସମାଚାର ପ୍ରଚାର କର।" ଏବଂ, ସୁସମାଚାର ହେଉଛି, ପବିତ୍ରଆତ୍ମାଙ୍କର ଶକ୍ତିକୁ ପ୍ରକଟିତ କରିବା, ପ୍ରଦର୍ଶନ କରିବା।

ପାଉଲ କହିଲେ, "ସୁସମାଚାର ଆମ ପାଖକୁ, କେବଳ ଶବ୍ଦ ମାଧ୍ୟମରେ ଆସି ନାହିଁ, ବରଂ ପବିତ୍ରଆତ୍ମାଙ୍କର ପ୍ରକଟିକରଣ ଏବଂ ପ୍ରଦର୍ଶନ ଦ୍ୱାରା ଆସିଅଛି।" ପାଉଲ କହିଲେ, "ମୁଁ ତୁମମାନଙ୍କ ପାଖକୁ କୌଣସି ଅମୁକ ଅମୁକ ଡାକ୍ତରଙ୍କ ଦ୍ୱାରା କୁହାଯାଇଥିବା ଜ୍ଞାନର ମହାନ ଶବ୍ଦ ସହିତ କେବେବି ଆସି ନାହିଁ, ମାତ୍ର ମୁଁ ପବିତ୍ରଆତ୍ମାଙ୍କ ଶକ୍ତି ଏବଂ ପ୍ରଦର୍ଶନରେ ତୁମମାନଙ୍କ ନିକଟକୁ ଆସିଅଛି; ଯେପରିକି ତୁମର ବିଶ୍ୱାସ ଏହି ଜଗତର ଲୋକମାନଙ୍କର ବୁଦ୍ଧି କିମ୍ବା ଜ୍ଞାନରେ ରୁହେ ନାହିଁ, ବରଂ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତିରେ ରୁହେ; କାରଣ

ସେ ଗତକାଲି, ଆଜି, ଏବଂ ଚିରଦିନ, ସମାନ ଭାବରେ ଜୀବିତ ରୁହନ୍ତି ।" ପରମେଶ୍ଵର ଆମକୁ ସେହି ସମାନ କଥା ବିଶ୍ଵାସ କରିବା ପାଇଁ ସାହାଯ୍ୟ କରନ୍ତୁ, ଏବଂ ପରମେଶ୍ଵର ସେହି ସମାନ ବିଷୟକୁ ସୁପ୍ରମାଣିତ କରନ୍ତୁ ଯେପରିକି ସେ କରି ଆସିଛନ୍ତି ।

173 ସେ ଆପଣଙ୍କୁ ଆଜି ପ୍ରକାଶିତ ଏବଂ ସୁପ୍ରମାଣିତ ହେଉଥିବା ପରମେଶ୍ଵରଙ୍କ ବାକ୍ୟର ସେହି ପ୍ରକୃତ ପ୍ରକାଶନ ଏବଂ ବିଶ୍ଵାସକୁ ଦେଖିବାରୁ, ତା'ର ବିଦ୍ୟାଳୟ, ଗ୍ରନ୍ଥାଳୟ, ସାହିତ୍ୟ, ଡାକ୍ତରଖାନା, ଓ ଇତ୍ୟାଦି ଦ୍ଵାରା ବଞ୍ଚିତ କରେ । ବୁଝିଲେ? ସେ ଆପଣଙ୍କୁ ଏଥିରୁ ବଞ୍ଚିତ ରଖେ । ସେ ବର୍ତ୍ତମାନ ବ୍ୟାଖ୍ୟା କରୁଅଛି, ଯେପରିକି ସେ ଫାରୋଙ୍କ ପ୍ରତି କରିଥିଲା, ଆପଣଙ୍କୁ ସନ୍ଧ୍ୟାକାଳୀନ ଦୀପ୍ତିରେ ତାହାଙ୍କର ପ୍ରତିଜ୍ଞାତ ଯୁଗର ସୁପ୍ରମାଣିତ ବାକ୍ୟର ଅର୍ଥ ଦେଖିବାରୁ ବଞ୍ଚିତ କରିବାକୁ ଚେଷ୍ଟା କରୁଅଛି, ଯାହାକି ସୁପ୍ରମାଣିତ ଏବଂ ସିଦ୍ଧ ଅଟେ । ସେ ତା'ର ଜ୍ଞାନ, ଏବଂ ବିଦ୍ୟାଳୟଗୁଡିକ, ଆଉ ଉନ୍ନତ ଶିକ୍ଷିତ ବ୍ୟକ୍ତି, ପୁଣି ନୈତିକତା, ଓ ଇତ୍ୟାଦି ଦ୍ଵାରା ଚେଷ୍ଟା କରିଅଛି, ଯେପରିକି ଆପଣ ତାହା ଦେଖିବାଠାରୁ ବଞ୍ଚିତ ରୁହନ୍ତି ।

ଯେକୌଣସି ବିଷୟ, ଯେପରିକି ଆପଣ ତାହାକୁ ଦେଖନ୍ତି ଆଉ ତାହା ଯୀଶୁ ଖ୍ରୀଷ୍ଟ ଅଟନ୍ତି ବୋଲି ଦେଖିବେ ନାହିଁ! ଆପଣ କିପରି ଜାଣନ୍ତି ଯେ ଏହା ଯୀଶୁ ଖ୍ରୀଷ୍ଟ ଅଟେ? ସେ ହେଉଛନ୍ତି ବାକ୍ୟ, ଏବଂ ସେ ଏହି ଯୁଗର ବାକ୍ୟ ଅଟନ୍ତି । ଏବଂ ଏହି ଯୁଗ, କୁହାଯାଇଛି ଯେ ଏହି ଯୁଗରେ ଏହା ଘଟିତ ହେବ, ଏବଂ ତାହା ଏଠାରେ ଘଟୁଅଛି । ବୁଝିଲେ? ବୁଝିଲେ? ସେ ଯଥାସମ୍ଭବ ଚେଷ୍ଟା କରୁଅଛି ଯେ ଆପଣ ଯେପରି ତାହା ଦେଖିବାରୁ ବଞ୍ଚିତ ହୁଅନ୍ତି ।

ସେ ଯଦି ପାରିବ ଯେକୌଣସି ମନ୍ଦ ନାମକୁ ତାହା ସହିତ ଯୋଡ଼ି ଦେବ । ବୁଝିଲେ? ସେ ଏହାକୁ "ପବିତ୍ର-ପାଖଣ୍ଡ" ଏବଂ ଅନ୍ୟ ସବୁକିଛି ଡାକିବ । ସେ ଯୀଶୁଙ୍କୁ "ବାଆଲଯିବୂଲ" ବୋଲି ଡାକିଲା । "ଏବଂ ସେମାନେ ଘରର ସ୍ଵାମୀଙ୍କୁ ବାଆଲଯିବୂଲ ବୋଲି ଡାକନ୍ତି, ତାହାହେଲେ ସେମାନେ ଶିଷ୍ୟମାନଙ୍କୁ ଆଉ କେତେ ଅଧିକ ଡାକିବାକୁ ଯାଉଛନ୍ତି?" ବୁଝିଲେ?

174 ଦେଖନ୍ତୁ, ଆପଣଙ୍କୁ ବାକ୍ୟର ପ୍ରକୃତ ଅର୍ଥ ଦେଖିବାରୁ ବଞ୍ଚିତ ରଖିବା ପାଇଁ ଚେଷ୍ଟା କରୁଅଛି । ଏହା ନୁହେଁ ଯାହାକି...ଦେଖନ୍ତୁ, ସେ ଏହାର ବ୍ୟାଖ୍ୟା କରି, ଏହା କହୁଅଛି ଯେ ତାହାର ଅର୍ଥ *ଏହା* ଅଟେ ।

ପରମେଶ୍ଵର କହିଲେ, "ମୁଁ ଶେଷ ଦିନରେ ପ୍ରତିଜ୍ଞା କରିଅଛି ଯେ ମୁଁ ତୁମ ନିକଟକୁ ମଲାଖି 4 ପ୍ରେରଣ କରିବି ।" ଏହାର ବ୍ୟାଖ୍ୟା କରିବାର କୌଣସି ପ୍ରୟୋଜନ ନାହିଁ; ସେ ତାହା କଲେ । ସେ କହିଲେ, "ଆଉ ଯେପରି ଏହା ଲୋଟଙ୍କ ଦିନରେ ଥିଲା, ଜଗତ ଏକ ସଦୋମ ଅବସ୍ଥାରେ ରହିବ; ଏବଂ ସେହି ସମୟରେ, ମୁଁ ତାହା ଦ୍ଵାରା ମନୁଷ୍ୟପୁତ୍ରଙ୍କୁ, ଅବିକଳ ଭାବେ ପ୍ରକାଶ କରିବି ।" ଆମ ପାଖରେ, ଏହାର ସମସ୍ତ ପ୍ରକାରର ନକଲ ଏବଂ ଅନ୍ୟାନ୍ୟ ସବୁ ବିଷୟ ରହିଛି, ମାତ୍ର ଆମ ପାଖରେ ପ୍ରକୃତ ବିଷୟ, ମଧ୍ୟ ରହିଛି । ବୁଝିଲେ? ସେ ଏହା କରିବେ ବୋଲି କହିଥିଲେ ।

ସେ କହିଥିଲେ ଯେ ଖ୍ରୀଷ୍ଟବିରୋଧୀ ଉଠିବ ଓ ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକମାନଙ୍କୁ ପ୍ରାୟଃ ପ୍ରତାରିତ କରିବ। ମାତ୍ର କହିଲେ, "ସେମାନଙ୍କୁ ଏକାକୀ ଛାଡିଦିଅ। ସେମାନଙ୍କୁ ଆଗକୁ ଯିବାକୁ ଦିଅ। ସେମାନଙ୍କର ମୂର୍ଖତା ପ୍ରକାଶ ପାଇବ।" କାହିଁକି? ବାକ୍ୟର ପରୀକ୍ଷା ଏହାକୁ ପ୍ରମାଣ କରେ। ବୁଝିଲେ?

ଯେତେବେଳେ ଏହା ସେହି ବାକ୍ୟକୁ ଆସେ, "ତାହା ତ ବିଗତ ସମୟରେ *ଏପରି* ଥିଲା, *ତାହା* ଥିଲା? ଓଃ, ମୁଁ ସର୍ପବଂଶରେ ବିଶ୍ୱାସ କରେ ନାହିଁ। ମୁଁ *ଏହା*, *ତାହା* ଏବଂ *ଅନ୍ୟ* ଉପରେ ବିଶ୍ୱାସ କରେ ନାହିଁ।" ଏହା କଦାପି ପ୍ରକାଶିତ ହୋଇନାହିଁ, ଦେଖନ୍ତୁ, ନା, କେବେ ନୁହେଁ। ଓଃ, ଭାଇ, କେବଳ ଦେଖନ୍ତୁ ଯେ କେଉଁଠାରେ...

ଆମକୁ ବନ୍ଦ କରିବାକୁ ପଡିବ, କାରଣ ଏହା ବାରଟା ବାଜିଲାଣି।

175 ଧ୍ୟାନ ଦିଅନ୍ତୁ, ଆପଣଙ୍କୁ ଏହି ଯୁଗର ବାକ୍ୟର ଅର୍ଥକୁ, ସନ୍ଧ୍ୟାକାଳୀନ ଦୀପ୍ତିର ବ୍ୟାଖ୍ୟା ହେଉଥିବା ବିଷୟକୁ ଦେଖିବାରୁ ବଞ୍ଚିତ କରିବା ପାଇଁ ଚେଷ୍ଟା କରୁଅଛି। ଏହା ହେଉଛି... ଏହାର ଅର୍ଥ କଅଣ? ଏହାର ଅର୍ଥ ପ୍ରସ୍ଥାନ କରିବାର ସମୟ ସନ୍ନିକଟ, ପରମେଶ୍ୱର ତାହା ପାଇଁ ଆସୁଛନ୍ତି, ଯେତିକି ସୁନିଶ୍ଚିତ ଜଗତ ଅଟେ। ବୁଝିଲେ?

176 ତେବେ ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ। ଯେତେବେଳେକି, ପାଞ୍ଚ ମିନିଟ୍ ପରେ, ଏହା ବର୍ତ୍ତମାନ ବାରଟା ବାଜିବ; ଏବଂ ଆମେ, ଆଜି ରାତିରେ ଯିବା। କଅଣ ଆପଣ ଏହି ଯୁଗର ଈଶ୍ୱରଙ୍କୁ ଦେଖନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? ["ଆମେନ୍।"] ଦେଖନ୍ତୁ ଯେ ଏହା କିପରି, ଏକ ମଣ୍ଡଳୀ, ବୌଦ୍ଧିକ, ବିଜ୍ଞାନ ଅଟେ?

ସମଗ୍ର ବିଶ୍ୱ ଏହାର ସମ୍ପୃକ୍ତ ଅଟେ, ଦେଖନ୍ତୁ, ସେହି ନାମଧାରୀ ସଂସ୍ଥାମାନ। ଏବଂ, ଆପଣ କୁହନ୍ତି, "ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ।" "ଆପଣ କେଉଁ ନାମଧାରୀ ସଂସ୍ଥାରୁ ସମ୍ପୃକ୍ତ ଅଟନ୍ତି?" ତେବେ, ଯଦି ମୁଁ ଏକ ନାମଧାରୀ ସଂସ୍ଥାରୁ ସମ୍ପୃକ୍ତ ଅଟେ, ମୁଁ ବିଶ୍ୱାସ କରେ ନାହିଁ ଯେ ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ। ତେବେ, ତାହା ଏକ ବଡ ଶବ୍ଦ ଅଟେ, କିନ୍ତୁ ତାହା ଠିକ୍ ଅଟେ।

ମୁଁ ବର୍ତ୍ତମାନ ହିଁ କେବଳ କହିଗଲି ଯେ ଜ୍ଞାନ ଏବଂ ବିଜ୍ଞାନ, ଏବଂ ଖ୍ରୀଷ୍ଟିଆନ ଧର୍ମର, ଆଦୌ କୌଣସି ସହଭାଗିତା ନାହିଁ। ଗୋଟିଏ ଶୟତାନର ଅଟେ, ଏବଂ ଅନ୍ୟଟି ପରମେଶ୍ୱରଙ୍କର ଅଟେ। କୌଣସି ବିଷୟ ଯାହା ପରମେଶ୍ୱରଙ୍କ ବାକ୍ୟକୁ ଅସ୍ୱୀକାର କରେ, ସେଥିରୁ ଦୂରେଇ ରୁହନ୍ତୁ। ବୁଝିଲେ? ନା, ଆଜ୍ଞା। ବାଇବଲ ଆହ୍ୱାନ କରେ, ଏହି ଶେଷ ଦିନ ପାଇଁ, ଯେ ଖ୍ରୀଷ୍ଟିଆନମାନେ ସେହି ବେଶ୍ୟାଠାରୁ ବାହାରି ଆସନ୍ତୁ, ଯାହାକି ଭଲ ଏବଂ ମନ୍ଦର ଗଛ ଅଟେ।

177 ନିଶ୍ଚିତ, ତାହା ପାଖରେ ଉତ୍ତମ ବିଷୟ ଅଛି। କଅଣ କେହି ଡାକ୍ତରଖାନା ବିଷୟରେ ଖରାପ କଥା କହିପାରିବେ କି? ନା, ଆଜ୍ଞା। ଗ୍ରନ୍ଥାଳୟ? ନା, ଆଜ୍ଞା। ଶିକ୍ଷା? ନା, ଆଜ୍ଞା। ମାତ୍ର, ଦେଖନ୍ତୁ, ସେମାନେ ତାହାସବୁ ବାକ୍ୟ ବିନା ସେମାନଙ୍କୁ ଦେଉଅଛନ୍ତି। ଦେଖନ୍ତୁ ଏହା

କେତେ ପ୍ରତାରଣାଦାୟକ ଅଟେ? ସେମାନଙ୍କୁ ଯିବା ପାଇଁ ଏକ ମଣ୍ଡଳୀ, ଉପାସନା ପାଇଁ ଏକ ଆରାଧନା, "ସିଂହାସନ ଉପରେ ବସିଥିବା ଜଣେ ଈଶ୍ୱର" କୁ ଦେଇଅଛି । ବାଇବଲ ଏହା ବିଷୟରେ ଭବିଷ୍ୟତବାଣୀ କରିଥିଲା ।

178 ତେବେ ଆପଣ ସେହି ଶରୀରମାନଙ୍କ ମଧ୍ୟରୁ ଗୋଟିକରେ ସମ୍ପୃକ୍ତ ଅଟନ୍ତି । ବର୍ତ୍ତମାନ ପୃଥିବୀରେ ସେମାନଙ୍କ ମଧ୍ୟରୁ କେବଳ ଦୁଇଜଣ ଅଛନ୍ତି, ସର୍ବଦା ରହିଆସିଛନ୍ତି, ଏବଂ ଯୀଶୁ ଆସିବା ପର୍ଯ୍ୟନ୍ତ ରହିବେ, ଆଉ ସେମାନଙ୍କ ମଧ୍ୟରୁ ଜଣେ ବିନଷ୍ଟ ହେବ । ତେବେ ଆପଣ ସେହି ଶରୀରମାନଙ୍କ ମଧ୍ୟରୁ ଗୋଟିଏରେ ସମ୍ପୃକ୍ତ ଅଟନ୍ତି । ସେଥି ମଧ୍ୟରୁ ଗୋଟିଏ, ଆପଣ ଯୋଗଦାନ କରିଛନ୍ତି; ଅନ୍ୟଟି, ଆପଣ ସେଥିରେ ଜନ୍ମ ହୋଇଛନ୍ତି । ବୁଝିଲେ?

ସେଥିମଧ୍ୟରୁ ଗୋଟିଏର, ଆପଣ ଏକ ଅଂଶ ଅଟନ୍ତି, କାରଣ ଆପଣ ସେଥିରେ ଜନ୍ମ ହୋଇଛନ୍ତି, ଆପଣଙ୍କୁ ଏହାର ଏକ ଅଂଶ ହେବାକୁ ଅଛି । ମୋ'ର ଗୋଟିଏ ବାହୁ ଅଛି ବୋଲି କଅଣ ମୁଁ ଅସ୍ୱୀକାର କରିପାରିବି? ସେହିପରି ଭାବରେ ମୁଁ ତାହା ସେତିକି ପରମେଶ୍ୱରଙ୍କ କୌଣସି ବାକ୍ୟକୁ ଅସ୍ୱୀକାର କରିପାରିବି ନାହିଁ ଯଦି ମୁଁ ପରମେଶ୍ୱରଙ୍କର ଅଂଶ ଅଟେ । ମୁଁ ୱିଲିୟମ୍ ବ୍ରାନହାମ୍ ର ଅଂଶ, ମୁଁ ଅଂଶ ଅଂଶରେ ଅଛି, ଏବଂ ପ୍ରତ୍ୟେକଟି ଅଂଶ ମୋ'ର ଏକ ଅଂଶ ଅଟେ । ଏବଂ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ମୋ' ଆତ୍ମା ସହିତ ମିଶିବାକୁ ଅଛି, ମୋ' ପ୍ରାଣ ସହିତ ମିଶିବାକୁ ଅଛି, ମୋ' ଜୀବନ ସହିତ ମିଶିବାକୁ ଅଛି, ଏହାକୁ ମୋ'ର ଧାରଣାଗୁଡିକ ସହିତ ମିଶିବାକୁ ଅଛି । ଯଦି ମୋ'ର ଧାରଣାଗୁଡିକ ତାହାର ବିପରୀତ ଅଟେ, ତେବେ ପରମେଶ୍ୱରଙ୍କ ଆତ୍ମା ମୋ'ଠାରେ ବାସ କରେ ନାହିଁ । ତାହା ଠିକ୍ । ଏହାର ଗୋଟିଏ ହେଲେ ବାକ୍ୟକୁ ଅସ୍ୱୀକାର କରିପାରିବି ନାହିଁ ।

179 ଆପଣ ସେହି ଶରୀରଗୁଡିକ ମଧ୍ୟରୁ ଗୋଟିଏରେ ସମ୍ପୃକ୍ତ ଅଟନ୍ତି । ହେବାକୁ ହିଁ ଥାଏ, ଏହାକୁ କେବଳ ହେବାକୁ ହିଁ ଅଟେ । ଏହା ତ ପରମେଶ୍ୱରଙ୍କ ଶରୀର, ଯାହାକି ବାକ୍ୟ ଦ୍ୱାରା ଅଟେ; ନଚେତ୍ ଶୟତାନର ଶରୀର, ମଣ୍ଡଳୀ ଦ୍ୱାରା ଅଟେ । ଏବଂ ସମଗ୍ର ବିଶ୍ୱକୁ କୌଣସି ମଣ୍ଡଳୀର ସମ୍ପୃକ୍ତ ହେବାକୁ ପଡ଼ିବ; ଏହା କୌଣସି ନା କୌଣସି ଈଶ୍ୱରଙ୍କୁ ପୂଜା କରେ । ଆପଣଙ୍କୁ ହୁଏତ ଜ୍ଞାନର ଈଶ୍ୱରଙ୍କୁ ଉପାସନା କରିବାକୁ ପଡିବ, ଆପଣ ଜ୍ଞାନ ଦ୍ୱାରା ଯାହା ଶୁଣନ୍ତି ଆପଣଙ୍କୁ ତାହା ଉପରେ ନିର୍ଭର କରିବାକୁ ହେବ, ଆପଣ *ଏହା*, କିମ୍ବା *ତାହା*, କିଅବା *ଅନ୍ୟ* ଉପରେ ନିର୍ଭର କରନ୍ତି; ନତୁବା ଆପଣ ବିଶ୍ୱାସ ଦ୍ୱାରା, ପରମେଶ୍ୱରଙ୍କ ବାକ୍ୟ ଉପରେ ନିର୍ଭର କରନ୍ତି, ଓ ଏହାକୁ ସୁପ୍ରମାଣିତ କରିବା ପାଇଁ ଏବଂ ଏହାକୁ ସତ୍ୟ ପ୍ରତିପାଦନ କରିବା ପାଇଁ ତାହାଙ୍କଠାରେ ଅପେକ୍ଷା କରନ୍ତି ।

> ପରମେଶ୍ୱରଙ୍କ ପ୍ରକୃତ ମଣ୍ଡଳୀ ସେହି ଆନନ୍ଦିତ ସହସ୍ରାବ୍ଦି ଦିନର
> ଆଗମନ ନିମନ୍ତେ ଅପେକ୍ଷା କରୁଅଛି,
> ଯେତେବେଳେ ଆମର ଆଶୀଷିତ ପ୍ରଭୁ ଆସିବେ ଓ ତାହାଙ୍କର
> ଅପେକ୍ଷା କରୁଥିବା କନ୍ୟାକୁ ନେଇଯିବେ;

ଓଃ! ମୁଁ ଯେତେବେଳେ ପରିଶ୍ରମ କରେ, ଅପେକ୍ଷା କରେ ଏବଂ
ପ୍ରାର୍ଥନା କରେ ମୋ'ର ହୃଦୟ ହର୍ଷୋଲ୍ଲାସରେ ପରିପୂର୍ଣ୍ଣ
ହୋଇଯାଏ,
କାରଣ ଆମର ପ୍ରଭୁ ପୁନର୍ବାର ପୃଥିବୀକୁ ଆସୁଛନ୍ତି।

ଓଃ! ଆମର ପ୍ରଭୁ ପୁନର୍ବାର ପୃଥିବୀକୁ ଆସୁଛନ୍ତି,
ଶୟତାନ ଏକ ହଜାର ବର୍ଷ ବନ୍ଧା ହେବ,
ଆମର ସେତେବେଳେ କୌଣସି ପ୍ରଲୋଭନକାରୀ ରହିବ ନାହିଁ,
ଯେତେବେଳେ ଯୀଶୁ ପୁନର୍ବାର ପୃଥିବୀକୁ ଆସିଯିବେ।

180 ଓଃ, ଏହି ଯୁକ୍ତରାଷ୍ଟ୍ରର ଲୋକମାନେ, ଯେଉଁଠାରେ ଏହି ବାର୍ତ୍ତା ବର୍ତ୍ତମାନ ଯାଉଅଛି, ଆମେ ରହୁଥିବା ଏହି ଜ୍ଞାନ, ବୈଜ୍ଞାନିକ ଯୁଗରୁ ଯେତେ କଷ୍ଟରେ ପାରୁଛନ୍ତି ପଳାୟନ କରନ୍ତୁ। ପରମେଶ୍ୱରଙ୍କ ବାକ୍ୟ ନିକଟକୁ ପଳାନ୍ତୁ!

ଆପଣ, ମୁଁ, କେହି କରିପାରିବା ନାହିଁ—ପାରିବା ନାହିଁ, ଏହାକୁ ଜାଣିପାରିବା ନାହିଁ। କେହି ଏହାକୁ ପ୍ରମାଣ କରିପାରନ୍ତି ନାହିଁ। ପରମେଶ୍ୱର ତାହାଙ୍କର ନିଜର ପ୍ରମାଣ କରନ୍ତି। ଏହାର ବ୍ୟାଖ୍ୟା କରିବାକୁ କାହାରିର ଅଧିକାର ନାହିଁ; ମୋ'ର, ଅନ୍ୟ କୌଣସି ବ୍ୟକ୍ତିର ଏକ ଅଧିକାର ନାହିଁ। ପରମେଶ୍ୱର ତାହାଙ୍କର ନିଜର ବ୍ୟାଖ୍ୟା କରନ୍ତି। ସେ ପ୍ରତିଜ୍ଞା କରିଛନ୍ତି। ସେ କହିଥିଲେ ଯେ ଶେଷ ଦିନରେ ସେ ଏହା କରିବେ।

ଆଉ ଏହି ଶେଷ ଦିନରେ ଏହି ମନ୍ଦ ଯୁଗର ଈଶ୍ୱର ଭଲ ଏବଂ ମନ୍ଦର ମିଶ୍ରିତ ଗଛ ଉପରେ, ତା'ର ବୌଦ୍ଧିକ ଜ୍ଞାନ ସହିତ, ଲୋକମାନଙ୍କର ଆଖିକୁ ଅନ୍ଧ କରି ପକାଇବ, ଏବେ ମଧ୍ୟ ତାହା ଲୋକମାନଙ୍କୁ ଦେଉଅଛି। ଏବଂ ଏଠାରେ ଆସେ, ସେହି ବିଷୟଟି ଉପରକୁ ଆସୁଅଛି, ସେହି ନାମଧାରୀ ସଂସ୍ଥାଟି ବିଗତ ସମୟର ଅନ୍ଧକାର ଯୁଗରୁ, ଏବଂ ଅନ୍ଧକାର ଯୁଗ ପୂର୍ବରୁ, ସମସ୍ତକିଛି ସେହି ଜଣେ ସର୍ବୋତ୍ତମ ପୁରୁଷ, ଶୟତାନଠାରେ ଆସି ଏକତ୍ର ହେଉଅଛି, ଯିଏକି କହୁଛି, "ମୁଁ ଆପଣାକୁ ପରମେଶ୍ୱରଙ୍କ ପୁତ୍ରମାନଙ୍କଠାରୁ ଉପରେ ଉଚ୍ଚୀକୃତ କରିବି, ଏବଂ ସେମାନେ ମୋ' କଥା ଶୁଣିବେ।" "ପୁଣି ସେ ଈଶ୍ୱର ହୋଇ ପରମେଶ୍ୱରଙ୍କ ମନ୍ଦିରରେ ବସିବ, ଏବଂ ପରମେଶ୍ୱରଙ୍କ ପୁତ୍ରଗଣ ତାହାକୁ ପ୍ରଣାମ କରିବେ।"

181 କାହିଁକି, ପରମେଶ୍ୱରଙ୍କ ପୁତ୍ର, କହିବେ, "ତେବେ, ମୋ' ପତ୍ନୀ, ଏହା ନୁହେଁ; ସେ ଜଣେ ଭଲ..." ଆଗକୁ ବଢନ୍ତୁ, କେବଳ ବଢି ଚାଲିନ୍ତୁ। ବୁଝିଲେ?

ଆପଣ କୁହନ୍ତି, "ତେବେ, ସେ କହିଛନ୍ତି 'ପରମେଶ୍ୱରଙ୍କ ପୁତ୍ରଗଣ।'" ହଁ, ଆଜ୍ଞା।

ମନୁଷ୍ୟ, ସେ ଯିଏକେହି ବି ହେଉ, ପରମେଶ୍ୱରଙ୍କ ଗୌରବ ନିମନ୍ତେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିଲା। ଏବଂ ଜଣେ ସ୍ତ୍ରୀଲୋକ ପୁରୁଷ ପାଇଁ ଏକ ଉପ-ଉତ୍ପାଦ ଅଟେ, ପରମେଶ୍ୱରଙ୍କର ନୁହେଁ। ଠିକ୍। "ଯେତେବେଳେ ପରମେଶ୍ୱରଙ୍କର ପୁତ୍ରଗଣ

ମନୁଷ୍ୟର କନ୍ୟାମାନଙ୍କୁ ସୁନ୍ଦର ଦେଖିଲେ, ସେମାନେ ସ୍ତ୍ରୀ ଭାବରେ ସେମାନଙ୍କୁ ଗ୍ରହଣ କରିନେଲେ।"

"ଆଉ ନୋହଙ୍କ ଦିନରେ ଯେପରି ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପରି ହେବ।"

ତେବେ ଦେଖନ୍ତୁ, ଯଦି ଆପଣ ଏହା ଜାଣିବାକୁ ଚାହୁଁଛନ୍ତି ଯେ ମଣ୍ଡଳୀଟି କେଉଁ ପ୍ରବସ୍ଥାରେ ଅଛି, ତାହାହେଲେ ଦେଖନ୍ତୁ ଯେ ସ୍ତ୍ରୀଲୋକମାନେ କେଉଁ ପ୍ରବସ୍ଥାରେ ଅଛନ୍ତି, ଦେଖନ୍ତୁ, କାରଣ ସେ ମଣ୍ଡଳୀ ଅଟେ। ଲକ୍ଷ୍ୟ କରନ୍ତୁ ଯେ ସେ କ'ଣ କରୁଅଛି, ଦେଖନ୍ତୁ, ଏବଂ ଏହି ମନ୍ଦ ବେଶ୍ୟା ଯୁଗରେ।

182 ଦେଖନ୍ତୁ, ଜଗତରେ ନାଜରିତ ଅପେକ୍ଷା, କୌଣସି ଅଧିକ ନୀଚ, ଦୁଷ୍ଟ, ନିମ୍ନ, ଦୁଷ୍କର୍ମକାରୀ ସହର ନ ଥିଲା, ଏବଂ ସେଠାରୁ ପରମେଶ୍ୱର ଜଣେ କୁମାରୀକୁ ବାଛିଲେ। "ନାଜରିତରୁ କଅଣ କୌଣସି ଉତ୍ତମ ବିଷୟ ଆସିପାରେ?"

ଏବଂ ଏହି ମନ୍ଦ ଯୁଗରୁ, ଯେଉଁଠାରେକି ଏହି ଯୁଗର ଈଶ୍ୱର ଲୋକମାନଙ୍କର ଆଖିଗୁଡିକୁ ସେମାନଙ୍କର ମତ ସିଦ୍ଧାନ୍ତ ଏବଂ ନାମଧାରୀ ସଂସ୍ଥାଗୁଡିକ ସହିତରେ, ଅନ୍ଧ କରିଦେଇଛି; ଠିକ ସେହି ଯୁଗରୁ, ପରମେଶ୍ୱର ତାହାଙ୍କର ନାମ ନିମନ୍ତେ ଏକ ଲୋକଙ୍କୁ ମନୋନୀତ କରୁଛନ୍ତି।

ଯଦିଓ ଏଠାରେ ଅବହେଳିତ ଏବଂ ଘୃଣିତ, ଦିନେ ପ୍ରଭୁ ଆଣିବେ
ତାହାଙ୍କର ମନୋନୀତ ଲୋକମାନଙ୍କୁ ଫାଟକ ଭିତରକୁ, ଏବଂ
ତାହାହିଁ ସବୁକିଛି ମୂଲ୍ୟବାନ ଅଟେ।

ତା'ପରେ ଆମେ ଗୀତ ଗାଇବା ଏବଂ ଚିତ୍କାର କରିବା ଓ ନାଚିବା,
ମେଷଶାବକ ଆମର ଲୁହକୁ ଶୁଖାଇ ଦେବେ;
ଆମର ଏକ ଆନନ୍ଦିତ ଗୃହ ପ୍ରତ୍ୟାବର୍ତ୍ତନ ସପ୍ତାହ ହେବ,
ସେହି ପ୍ରଥମ ଦଶ ହଜାର ବର୍ଷ। (ତାହା ଠିକ୍।)

ତାହାଙ୍କର ନାମ ନିମନ୍ତେ ଏକ ଆଶ୍ଚର୍ଯ୍ୟଜନକ ଲୋକ ଏବଂ
ସେମାନଙ୍କୁ ତାହାଙ୍କର କନ୍ୟା ବୋଲି କୁହାଯାଏ। (କଅଣ ଏହା
ଠିକ୍ କି?)
ଯଦିଓ ଅବହେଳିତ ଏବଂ ଘୃଣିତ, ଦିନେ ପ୍ରଭୁ ଆଣିବେ
ସେହି ମନୋନୀତ ଲୋକମାନଙ୍କୁ ଫାଟକ ଭିତରକୁ, (ପ୍ରସ୍ଥାନ
ଯାତ୍ରାରେ) ଏବଂ ମୋ' ପାଇଁ ତାହାହିଁ ସବୁକିଛି ମୂଲ୍ୟବାନ ଅଟେ।

183 ମୁଁ ଜଣେ ବୃଦ୍ଧ ଲୋକ ହେବାକୁ ଯାଉଅଛି। ଏବଂ ମୋ'ର ଦିନଗୁଡ଼ିକ ଶେଷ ହେବାକୁ ଯାଉଛି; ଏବଂ ମୋ'ର ଦୃଷ୍ଟିଶକ୍ତି ଦୁର୍ବଳ ହେବାକୁ ଯାଉଛି; ଏବଂ ମୋ'ର ଜୀବନର ଛୋଟ ଶିଖା ଧୀମେଇ ଧୀମେଇ ଜଳିବାକୁ ଯାଉଛି। ମୁଁ ଅନ୍ଧକାରକୁ ଭୟ କରେ ନାହିଁ। କାରଣ ମୁଁ ପାଉଲଙ୍କ ସହିତ, ଏହା କହିବାକୁ ଚାହେଁ, "ମୁଁ ତାହାଙ୍କୁ ତାହାଙ୍କର ପୁନରୁତ୍ଥାନର ସାମର୍ଥରେ ଜାଣେ।"

ସେମାନେ ମୋତେ କେଉଁଠାରେ ସମାଧି ଦିଅନ୍ତି ସେଥିରେ କିଛି ଯାଏ ଆସେ ନାହିଁ, ଯଦି ମୁଁ ସମୁଦ୍ରରେ ବୁଡ଼ିଯାଏ, କିମ୍ବା ଅଗ୍ନିରେ ଦଗ୍ଧ ହୋଇଯାଏ, କିମ୍ବା ସିଂହ ମୋତେ ଖାଇଯାଏ, ସେ ମୋ'ର ନାମ ଡାକିବେ, ଏବଂ ମୁଁ ଉତ୍ତର ଦେବି । ଆମେନ୍!

ଆସନ୍ତୁ ପ୍ରାର୍ଥନା କରିବା ।

184 ଯଦି ଏଠାରେ କେହି ଅଛନ୍ତି, କିମ୍ବା ସମଗ୍ର ଦେଶସାରା ଏହି ବାର୍ତ୍ତାର ଟେଲିଫୋନ ତାରରେ, ଆପଣଙ୍କର ଛୋଟ ମଣ୍ଡଳୀ ଏବଂ ଗୋଷ୍ଠୀ ଓ ହଲରେ, ଏବଂ ଆପଣ ଯେଉଁଠାରେ ବି ବସିଛନ୍ତି, ଯଦି ଏପରି କେହି ଜଣେ ଅଛନ୍ତି, ଓଃ, ମୋତେ ଆପଣଙ୍କୁ ମନାଇବାକୁ ଦିଅନ୍ତୁ; ମୋତେ ସୁସମାଚାରର ଜଣେ ସେବକ ଭାବରେ, ଅନୁରୋଧ କରିବାକୁ ଦିଅନ୍ତୁ; ମୋତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଅନୁରୋଧ କରିବାକୁ ଦିଅନ୍ତୁ; ଏହି ଦୁଷ୍ଟ ଯୁଗର କ୍ରୋଧରୁ ପଳାୟନ କରନ୍ତୁ! ଏହି ମନ୍ଦ ଯୁଗର ଈଶ୍ୱରର ସେବା କରନ୍ତୁ ନାହିଁ ।

ଓଃ, ମୁଁ ଜାଣେ ଯେ ଆପଣ କୁହନ୍ତି, "ଏହା ଭଲ ଅଟେ । ସେମାନେ ଭଲ ଅଟନ୍ତି ।" ପ୍ରକୃତରେ, ଏକ ମିଶ୍ରିତ ଗଛ । ଆପଣ ପରମେଶ୍ୱରଙ୍କ ବାକ୍ୟ ସହିତ ଜ୍ଞାନକୁ ମିଶ୍ରଣ କରିପାରନ୍ତି ନାହିଁ ।

ଏହା ଏକ ବାକ୍ୟ ଅଟେ ଯାହାକି ଜ୍ଞାନ ଦ୍ୱାରା ନୁହେଁ, ବିଶ୍ୱାସ ଦ୍ୱାରା ପ୍ରତ୍ୟୟ କରାଯିବାକୁ ଅଛି । ଆପଣ ଏହାକୁ ବୁଝନ୍ତି ନାହିଁ; ଆପଣ ଏହାକୁ ଗ୍ରହଣ କରନ୍ତି । ଆପଣ କୁହନ୍ତି ଯେ ଏହା ଠିକ୍ ଅଟେ, ଏବଂ ତା'ପରେ ଆପଣ ଏହା ଦ୍ୱାରା ଜୀବନ ଯାପନ କରନ୍ତି । ତାହାହିଁ ସବୁ କିଛି ଅଟେ ଯାହା ସେ ଆପଣଙ୍କୁ କରିବାକୁ କୁହନ୍ତି ।

ଯଦି ଆମର ଏଠି ସମୂହରେ କେହି ଉପସ୍ଥିତ ଅଛନ୍ତି, ଆମେ ଆପଣଙ୍କୁ ଏଠାରେ ଉପରକୁ ଆଣିବା ପାଇଁ ବେଦୀର ଡାକରା ଦେଇପାରିବୁ ନାହିଁ, କାରଣ ଏଠାରେ କୌଣସି ସ୍ଥାନ ନାହିଁ; କିମ୍ବା ଆକାଶ ତଳେ, ସେହି ଟେଲିଫୋନ୍ ଲାଇନ୍‌ରେ, ଯଦି ସେଠାରେ କେହି ଅଛନ୍ତି ଯିଏକି ତାହାଙ୍କୁ ଜାଣେ ନାହିଁ । କରନ୍ତୁ ନାହିଁ...

185 ହେ, ମହିଳାମାନେ, ମୁଁ ଆଜି ସକାଳେ, ଆପଣଙ୍କୁ କଟୁ କଥା କହିଅଛି, ମୁଁ ନୁହେଁ, ମୁଁ ତ କେବଳ ବାକ୍ୟ ଉଦ୍ଧୃତ କରିଅଛି । ଛୋଟ କେଶ, ସେହି ଛୋଟ ପୁରୁଣା ପୋଷାକ ପିନ୍ଧିବା, ନିଜକୁ ପ୍ରକୃତରେ କାମାସକ୍ତ-ଦେଖାଯିବା ପାଇଁ ବସ୍ତ୍ର ପିନ୍ଧିବା, କଅଣ ଆପଣ ଅନୁଭବ କରୁ ନାହାଁନ୍ତି ଯେ ସେହି ଆତ୍ମା ଯାହାକି...ହେ ଭଉଣୀ, ପ୍ରିୟ, ଆପଣ ପରିଷ୍କାର ହୋଇପାରନ୍ତି, ଯେତେବେଳେ ଏହା ଆପଣଙ୍କର ଶରୀର ବିଷୟ ଆସେ, ମାତ୍ର କ'ଣ ଆପଣ ନିଜ ପ୍ରାଣରେ ଏହା ଦେଖନ୍ତି ନାହିଁ ଯେ ଆପଣଙ୍କ ଉପରେ କଅଣ ଅଧିକାର କରି ରଖିଛି?

କଅଣ ପରମେଶ୍ୱର ତାହାଙ୍କର ପୁତ୍ରୀକୁ ଏତେ କାମାସକ୍ତ ଭାବରେ ଦେଖାଇବେ ଯେ ସେ ନିଜର ପୁତ୍ରକୁ ପ୍ରତାରିତ କରିବେ, ତାହା ପ୍ରତି ସେ କାମ ବାସନାରେ ଲୋଭ କରିବ, ଯେପରିକି ଉଭୟଙ୍କୁ ବ୍ୟଭିଚାରର ଉତ୍ତର ଦେବାକୁ ପଡ଼େ? ଭଉଣୀ, କଅଣ ସେ ଏହା କରିବେ

କି? ଆପଣ ନିଜକୁ ସେହି ପ୍ରଶ୍ନ ପଚାରନ୍ତୁ । ନା, ଦଶ ଲକ୍ଷ ମାଇଲ୍ ଦୂର ସୁଦ୍ଧା ନୁହେଁ । ତାହା ପରମେଶ୍ୱରଙ୍କ ଉପରେ ଲଦି ଦିଅନ୍ତୁ ନାହିଁ ।

186 ଭାଇ, କଅଣ ପରମେଶ୍ୱର ଆପଣଙ୍କୁ ଏହି ଜଗତର ଏକ ଆତ୍ମା ଦେଇଅଛନ୍ତି କି ଯେ ଆପଣ ତାହା ଦେଖି ପାରୁନାହାଁନ୍ତି ଯେ ତାହା ଭୁଲ୍ ଅଟେ? କଅଣ ସେ ଆପଣଙ୍କର ଆଖିକୁ ମଣ୍ଡଳୀର, ନାମଧାରୀ ସଂସ୍କାର, ନୈତିକତା, ଧର୍ମ ମତ, ଓ ଇତ୍ୟାଦି, ପ୍ରତି ଅନ୍ଧ କରିଦେଇଛନ୍ତି, ଯେ ଆପଣ ତାହା ଦେଖି ପାରୁନାହାଁନ୍ତି ଯେ ପରମେଶ୍ୱର ତାହାଙ୍କର ବାକ୍ୟକୁ ସୁପ୍ରମାଣିତ କରୁଅଛନ୍ତି ଏବଂ ତାହା ସେପରି ଅଟେ ବୋଲି ସିଦ୍ଧ କରୁଅଛନ୍ତି? କଅଣ ଆପଣଙ୍କର ଚାକିରୀ, ଆପଣଙ୍କର ମାଲିକ, ଆପଣଙ୍କର ପତ୍ନୀ, ଆପଣଙ୍କର ସନ୍ତାନ, ଆପଣଙ୍କର ମଣ୍ଡଳୀ, କିମ୍ବା ଅନ୍ୟ କିଛି, ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟରୁ ପୃଥକ କରିଅଛି, ଯାହାକି ଜୀବନର ଏକମାତ୍ର ଉତ୍ସ ଅଟେ? ହେ ଭାଇ, ତା'ଠାରୁ ଦୂରେଇ ଯାଆନ୍ତୁ! ମୁଁ ଆପଣଙ୍କୁ, ଈଶ୍ୱରୀୟ ପ୍ରେମରେ ପ୍ରେମ କରେ । ମୁଁ ମୋ'ର ଭାଇମାନଙ୍କ ମଧ୍ୟରୁ କୌଣସିକୁ ଆପଣମାନଙ୍କ ଉପରେ ସମ୍ମାନ କରେ ନାହିଁ, ଆଦୌ ନୁହେଁ । ଯଦି ମୁଁ ତାହା କରେ, ତେବେ ମୁଁ ମୂର୍ଖାପେକ୍ଷା କରେ । ମୁଁ ଏହିସବୁ ବିଷୟ ଆପଣଙ୍କୁ କ୍ରୋଧିତ କରାଇବା ପାଇଁ କହୁ ନାହିଁ । ମୁଁ ଦେଖାଉଅଛି, ଏହିସବୁ ବିଷୟ କହୁଅଛି କାରଣ ସେଗୁଡିକ ପରମେଶ୍ୱରଙ୍କ ବାକ୍ୟରେ ଅଛି । ଏବଂ ପରମେଶ୍ୱରଙ୍କ ଜଣେ ସେବକ ଭାବରେ, ଏବଂ ମୋ' ହୃଦୟରେ ପରମେଶ୍ୱରଙ୍କ ପ୍ରେମ ରହିଥିବାରୁ, ମୁଁ ଆପଣଙ୍କୁ ସେହି ବିଷୟଗୁଡିକ କହୁଅଛି ଯେପରିକି ଆପଣ ଦେଖିବେ ଓ ବୁଝିବେ । ହୋଇପାରେ ଆପଣ ତାହା ଜାଣିବେ ନାହିଁ ଯଦି ମୁଁ ଆପଣଙ୍କୁ ନ କୁହେ । କଅଣ ଆପଣ ଆଜି ଏଥିରୁ ପଳାଇବେ କି?

ବର୍ତ୍ତମାନ, ସମଗ୍ର ଦେଶରେ ସବୁଆଡେ, ଆସନ୍ତୁ ନିଜର ମସ୍ତକଗୁଡିକୁ ନତ କରିବା ।

187 ପ୍ରିୟ ପରମେଶ୍ୱର, ମୋ' ସମ୍ମୁଖରେ ରୁମାଲଗୁଡିକ ରଖାହୋଇଛି । ଲୋକମାନେ ଅସୁସ୍ଥ ଅଛନ୍ତି; ମୁଁ ସେଗୁଡିକ ଉପରେ ମୋ'ର ହାତ ରଖୁଅଛି, ଯେ ତୁମେ ସେମାନଙ୍କୁ ସୁସ୍ଥ କରିବ ।

188 ଏବଂ ପ୍ରଭୁ, ମୁଁ ବିଶ୍ୱାସ କରେ, ଯେ ଆଜି ରାତିରେ, ସେଠାରେ ଏକ ମହାନ ସେବା ହେବ, ଯେ ପରମେଶ୍ୱରଙ୍କ ଶକ୍ତି ଏଠାରେ ରହିବ, ବଡ଼ ବଡ଼ ଚିହ୍ନ ଏବଂ ଚମତ୍କାରମାନ ହେବ । ଯେତେବେଳେ ଆମେ ଏହି ବିଗତ କେତେକ ସଭାରୁ ପରିଣାମଗୁଡିକୁ ଶୁଣିଲୁ, କେତେ ଜବରଦସ୍ତ ଥିଲା, ଦେଖନ୍ତୁ ଯେ କ'ଣ ଘଟିତ ହୋଇଥିଲା! ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି, ଯେ ତୁମେ ଆଜି ରାତିରେ ଆମକୁ ଦୁଇଗୁଣ ଅଂଶ ପ୍ରଦାନ କରିବ । ପ୍ରଭୁ, ମୁଁ ଏହାକୁ ଏକ ନିଷ୍କପଟ ହୃଦୟ ସହିତରେ ପ୍ରାର୍ଥନା କରୁଛି, କାରଣ ଏହା ତୁମ ଏବଂ ତୁମର ବାକ୍ୟ, ଏବଂ ଏହି ଲୋକମାନଙ୍କ ପାଇଁ ମୋ'ର ପ୍ରେମ ଅଟେ । ପ୍ରିୟ ପରମେଶ୍ୱର, ଏହାକୁ ପ୍ରଦାନ କର ।

189 ଏବଂ ଯଦି ସମଗ୍ର ଦେଶରେ, କିମ୍ବା ଏପରିକି ବର୍ତ୍ତମାନ ଏଠାରେ ସୁଦ୍ଧା, ଯେ ଏପରି କେହି ଅଛନ୍ତି ଯେଉଁମାନେକି ଅସୁସ୍ଥ ଏବଂ ପୀଡିତ ଅଟନ୍ତି, ଏବଂ ଆଜି ରାତି ପାଇଁ ଚାଲିଯିବାକୁ ପଡିବ, ଏଠାରେ ରହିବେ ନାହିଁ, କିମ୍ବା ସେଠାରେ ବାହାରେ ଥିବା ମଣ୍ଡଳୀ କିମ୍ବା ସ୍ଥାନଗୁଡିକରେ ରହିଥିବେ ଯେଉଁଠାରେ ସେମାନଙ୍କ ସହ ସାକ୍ଷାତ କରାଯାଏ; ମୁଁ ପ୍ରାର୍ଥନା କରେ ଯେ ତୁମେ

ସେମାନଙ୍କୁ ସୁସ୍ଥ କର। ବର୍ତ୍ତମାନ, ପ୍ରଭୁ, ମାତ୍ର ସମସ୍ତ ଆରୋଗ୍ୟତାର ସର୍ବଶ୍ରେଷ୍ଠ ବିଷୟ ନିମନ୍ତେ! ଯଦି ତୁମେ ସେମାନଙ୍କର ପାର୍ଥିବ ଶରୀରକୁ କର୍କଟ, ଯକ୍ଷ୍ମା, ନିମୋନିଆ, ସେପରି କିଛିରୁ ସୁସ୍ଥ କର, ସେମାନେ ପୁନର୍ବାର ଅସୁସ୍ଥ ହେବେ, ଯଦି ସେମାନେ ବହୁତ ଦିନ ବଞ୍ଚନ୍ତି, ଏଥିରେ ସନ୍ଦେହ ନାହିଁ, କାରଣ ସେମାନଙ୍କର ଶରୀର ଏବେ ସୁଦ୍ଧା ପାପ, ସେହି ଅଭିଶାପ ତଳେ ଅଛି। ମାତ୍ର ସେମାନଙ୍କୁ ସେହି—ସେହି ପ୍ରକୃତ ଈଶ୍ୱରୀୟ ଆରୋଗ୍ୟତାକୁ, ପ୍ରାଣର ଆରୋଗ୍ୟତାକୁ ପ୍ରାପ୍ତ କରିବାକୁ ଦିଅନ୍ତୁ, ଯାହାକି ଏକ ନୂତନ ଜୀବକୁ ସୃଷ୍ଟି କରିଥାଏ, ମୃତ୍ୟୁରୁ ଜୀବନକୁ ଅତିକ୍ରମ କରିଯାଇଥାଏ, ଏବଂ ତା'ପରେ ଏହି ପୁରୁଣା ତମ୍ବୁରେ ପ୍ରାଣ ମୁକ୍ତ ହେବା ପରେ ଶରୀରର ମୁକ୍ତି ନିମନ୍ତେ ଅପେକ୍ଷା କରିଥାଏ। ହେ ପ୍ରଭୁ, ଏହା ପ୍ରଦାନ କର।

190 ଏହା ହେଉ ଯେ ସେମାନେ ସେହି ନାମଧାରୀ ସଂସ୍ଥାଗୁଡିକୁ ଏବଂ ଧର୍ମମତଗୁଡିକରୁ ପଳାୟନ କରନ୍ତୁ। ପରମେଶ୍ୱର, ସେଠାରେ ବାହାରେ ସେହି ମତବାଦଗୁଡିକରେ ଏବଂ ନାମଧାରୀ ସଂସ୍ଥାଗୁଡିକରେ ମୁଁ କେତେକ ସର୍ବୋତ୍ତମ ଭାଇମାନଙ୍କୁ ଭେଟିଅଛି। ଆଉ, ପରମେଶ୍ୱର, ମୁଁ ଏହା କିପରି କହିପାରେ ଯେ ସେମାନେ ତାହା ଦେଖିବେ, ଆଉ ସେମାନଙ୍କୁ ବାକ୍ୟ ଦେଖିବା ପାଇଁ ଦିଏ? ଏହା ମୋତେ ବ୍ୟତିବ୍ୟସ୍ତ କରେ। ମାତ୍ର ମୁଁ ଜାଣେ, ପୁଣିଥରେ, ଯେ ତୁମେ କହିଛ, "କୌଣସି ଲୋକ ଆସିପାରେ ନାହିଁ," ସେ ଯେତେ ଭଲ, ଯେତେ ନମ୍ର, ଯେତେ ଭଦ୍ର ହୋଇଥାଉ ନା କାହିଁକି, "ଯେପର୍ଯ୍ୟନ୍ତ ମୋ'ର ପିତା ତା'କୁ ଡାକନ୍ତି ନାହିଁ। ଏବଂ ଯେସମସ୍ତଙ୍କୁ ମୋ'ର ପିତା ମୋତେ ଦେଇଛନ୍ତି, ସେମାନେ ଆସିବେ।" ଏବଂ, ପ୍ରଭୁ, ମୁଁ ସତ୍ୟ କହିବା ନିମନ୍ତେ ମୋ'ର ଏକମାତ୍ର ଦାୟିତ୍ୱକୁ ଅନୁଭବ କରେ।

ଆଉ ଏପରି ନୁହେଁ ଯାହାକି ପାଉଲ କହିଥିଲେ, "ପରମେଶ୍ୱରଙ୍କ ବାକ୍ୟକୁ ପ୍ରତାରଣା ସହିତ ପରିଚାଳନା କର," ଏଥିରେ ନାମଧାରୀ ମତବାଦ ମିଶ୍ରିତ କରିବା ସହ, ଭଲ ଏବଂ ଜ୍ଞାନର, ଭଲ ଏବଂ ମନ୍ଦର ମିଶ୍ରଣର ବୃକ୍ଷ ସଦୃଶ; ବରଂ ଏକ ଖୋଲା ହୃଦୟ ଏବଂ ପବିତ୍ରଆତ୍ମା ସହିତ। ହେ ପରମେଶ୍ୱର, ଏହା ପ୍ରଦାନ କର। ପ୍ରତ୍ୟେକକୁ ରକ୍ଷା କର।

191 ତେବେ ଆମର ମସ୍ତକଗୁଡିକ ନତ କରି ଓ ଆଖିଗୁଡିକ ବନ୍ଦ କରି। ଏବଂ ମୋ ପାଇଁ ନୁହେଁ...ମୁଁ ଏହାକୁ ଏହିପରି ଭାବରେ କହିପାରେ ନାହିଁ, "ଏହା ମୋତେ କୌଣସି ଫରକ୍ ଆଣେ ନାହିଁ ଯେ ଆପଣ ତାହା କରନ୍ତି କି ନାହିଁ।" ଏହା ମୋତେ ଏକ ଫରକ୍ ଆଣିଥାଏ। ମୁଁ ଆପଣଙ୍କୁ ପ୍ରେମ କରେ। ଏବଂ ମୁଁ ଆଶା କରେ ଯେ ଆପଣ ଏହା ଭାବନ୍ତି ନାହିଁ କାରଣ ମୋତେ କଠୋର କଥା କହିବାକୁ ଥାଏ...ଯେପରିକି ପାଉଲ କହିଥିଲେ, "ମୁଁ ତୁମ ସହିତ ଉପସ୍ଥିତ ରହିବାକୁ ଚାହେଁ, ଏବଂ ମୁଁ ମୋ'ର ମନୋଭାବକୁ ପରିବର୍ତ୍ତନ କରିବି।" ଏହା ଏଇଥିପାଇଁ ନ ଥିଲା କାରଣ ସେ ସେମାନଙ୍କୁ ପସନ୍ଦ କରୁ ନ ଥିଲେ; ସେ ସେମାନଙ୍କୁ ପ୍ରେମ କରୁଥିଲେ। ନୁହେଁ...ଯେପରିକି ଯୀଶୁଙ୍କୁ ସେମାନଙ୍କୁ ଭର୍ତ୍ସନା କରିବାକୁ ପଡିଥିଲା, ଆଉ ପରେ ସେମାନଙ୍କ ପାଇଁ ମରିବାକୁ ପଡିଥିଲା। ଦେଖନ୍ତୁ, "ପିତା, ସେମାନଙ୍କୁ କ୍ଷମା କର; ସେମାନେ କ'ଣ କରୁଛନ୍ତି ତାହା ସୁଦ୍ଧା ଜାଣନ୍ତି ନାହିଁ।" ଭାବିବାକୁ ଗଲେ, ଜଣେ ମନୁଷ୍ୟ ଯିଏକି ଠିକ୍ ହେବାକୁ ଚାହେଁ,

ଏବଂ ଠିକ୍ ହେବାକୁ ଚେଷ୍ଟା କରେ, ଏବଂ ଦେଖେ ଯେ ସେହି ଶୟତାନ…ତାହାହିଁ ସେହି ଜଣକା ଅଟେ ଯାହା ବିରୁଦ୍ଧରେ ମୁଁ ଅଟେ, ଯିଏକି ଏହି ଲୋକମାନଙ୍କର ଆଖିକୁ ଅନ୍ଧ କରିଦେଇଛି ।

192 ଏହି ଜାତି ପରମେଶ୍ୱରଙ୍କ ଗୌରବରେ ଜଳିବା ଉଚିତ୍, ଏହା ଦେଖିବା ନିମନ୍ତେ ଯେ ଏହି ଶେଷ ଦିନରେ, ଏହି ଶେଷରେ ତାହା ମଧ୍ୟରେ କ'ଣ ଘଟିଥିଲା । ଏହି ଉଦ୍ଦୀପନାଗୁଡିକ ପୁରୁଣା ଦେଶକୁ କାହିଁକି ଆସିଲା ନାହିଁ? ଏହା ଏଠାରେ ପଶ୍ଚିମ ତଟ ଅଟେ, ଆପଣ ଆହୁରି ପଶ୍ଚିମକୁ ଯାଇପାରନ୍ତି । ତେବେ ସେହି ପାପର ପ୍ରତିବନ୍ଧକ ପୃଥିବୀ ତଳେ ଗର୍ଜନ କରିଛି, ଆଉ ସେ ବୁଡ଼ି ଯାଉଅଛି; ସ୍ଥାନଗୁଡିକ, ଏବଂ ଲସ୍ ଆଞ୍ଜେଲସ୍ ଏବଂ ହଲିଉଡ୍, ଘଣ୍ଟାକ ପ୍ରତି ଏତେ ଇଞ୍ଚ ବୁଡ଼ିଯାଉଅଛି, ଏହାକୁ ରୋକିବା ପାଇଁ କୌଣସି ଉପାୟ ନାହିଁ । ହଁ, ଆମେମାନେ ଏଠାରେ ଅଛୁ । ଅଧିକାଂଶ କୌଣସି ସମୟରେ ଆମେ ଉପଦେଶଗୁଡିକୁ ଶୁଣିବା । ଯଦି ଆପଣ ଏହା ଜାଣିଛନ୍ତି…

ବର୍ତ୍ତମାନ, କେହି ଦେଖନ୍ତୁ ନାହିଁ । କିନ୍ତୁ ଯଦି ଆପଣ ଜାଣିଛନ୍ତି, ଆପଣଙ୍କ ହୃଦୟରୁ… ମୁଁ ଆପଣଙ୍କୁ ପଚାରୁଛି । ମୁଁ ଆପଣଙ୍କ ହୃଦୟ ଜାଣିପାରେ ନାହିଁ, 'ଯେପର୍ଯ୍ୟନ୍ତ ପରମେଶ୍ୱର ଏହା ପ୍ରକାଶ ନ କରନ୍ତି । ମାତ୍ର ଆପଣଙ୍କ ହୃଦୟରୁ, ଯଦି ଆପଣ ଦେଖିପାରନ୍ତି ଯେ ଆପଣ ସେହିଠାରେ ନାହାଁନ୍ତି ଯେଉଁଠାରେ ଆପଣଙ୍କୁ ପରମେଶ୍ୱର ଏବଂ ତାହାଙ୍କର ବାକ୍ୟ ସହିତରେ, ବିଶ୍ୱାସରେ ରହିବା ଉଚିତ୍, କଅଣ ଆପଣ କେବଳ ତାହାଙ୍କ ପ୍ରତି ନିଜର ହାତକୁ ଉଠାଇବେ, ତାହାଙ୍କୁ କହିବେ, "ହେ ପ୍ରଭୁ, ତୁମେ ମୋତେ ସାହାଯ୍ୟ କର ।" ହେ ପରମେଶ୍ୱର! ଏହି ମଣ୍ଡଳୀରୁ, ସର୍ବତ୍ର, ଭିତରେ ଓ ବାହାରେ କାନ୍ଥ ଚାରିଆଡେ ଭୀଡ଼, ଭୀଡ଼ ରହିଛି, ଆକ୍ଷରିକ ଭାବେ ଶହ ଶହ ହାତ, ବୋଧହୁଏ ଦୁଇ ଶହ ହାତ ଉପରକୁ ଉଠିଅଛି । ଆପଣଙ୍କର ବିଶ୍ୱସ୍ତତା ପାଇଁ ଧନ୍ୟବାଦ ।

193 ପ୍ରିୟ ଯୀଶୁ, ସେମାନଙ୍କ ମଧ୍ୟରୁ ଜଣକାକୁ ବି ବିନଷ୍ଟ ହେବାକୁ ଦିଅ ନାହିଁ । ତୁମର ସେବକ ଭାବରେ, ଯିଏକି ଜୀବିତ ଏବଂ ମୃତମାନଙ୍କ ମଧ୍ୟରେ ଛିଡ଼ା ହୋଇଛି, ସେମାନଙ୍କୁ ଆଙ୍ଗୁଳି ଦ୍ୱାରା, ପରମେଶ୍ୱରଙ୍କ ବାକ୍ୟ ଆଡ଼କୁ, ଇଙ୍ଗିତ କରୁଅଛି । ହେ ପ୍ରଭୁ, ମୁଁ ସେମାନଙ୍କୁ ଉଦ୍ଧାର କରିପାରେ ନାହିଁ, କିନ୍ତୁ ସେମାନେ ପରିତ୍ରାଣ ପାଇବାକୁ ଚାହାଁନ୍ତି । ଏବଂ, ପିତା, ଯେପରି ମୁଁ ଅନେକ ଥର କହିଅଛି, ସୂର୍ଯ୍ୟ ସକାଳରେ ଉଦୟ ହୁଏ; ଆଉ ଯେତେବେଳେ ଏହା ପୃଥିବୀ ଉପରକୁ ଆସେ, ଏହାକୁ ପରମେଶ୍ୱରଙ୍କ ଦ୍ୱାରା ଶସ୍ୟକୁ ପରିପକ୍ୱ କରିବା ପାଇଁ, ପ୍ରାକୃତିକ ଜୀବନ ନିମନ୍ତେ ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ପଠାଯାଇଥାଏ । ମାତ୍ର, ହେ ପରମେଶ୍ୱର, ତୁମେ କହିଛ, "ଯେଉଁମାନେ ତାହାଙ୍କର ନାମକୁ ଭୟ କରନ୍ତି ଧାର୍ମିକତାର ସୂର୍ଯ୍ୟ ତାହାଙ୍କର ପକ୍ଷରେ ଆରୋଗ୍ୟତାକୁ ନେଇ ଉଦୟ ହେବ ।" ଧାର୍ମିକତାର ସୂର୍ଯ୍ୟ, ପରମେଶ୍ୱରଙ୍କ ବାକ୍ୟ, ଲୋକମାନଙ୍କର ହୃଦୟଗୁଡିକରେ ଉଦୟ ହେଉ, ଏବଂ ସେହି ବାକ୍ୟରେ ଥିବା ବିଶ୍ୱାସର ଆରୋଗ୍ୟକାରୀ କିରଣ ବାକ୍ୟର ସମସ୍ତ ଅନାଜ୍ଞାବହତାକୁ ଆରୋଗ୍ୟ କରୁ, ଏବଂ ସେମାନଙ୍କୁ ପରମେଶ୍ୱରଙ୍କ ପୁତ୍ର ଓ ପୁତ୍ରୀର ସମ୍ପୂର୍ଣ୍ଣତାରେ ଆଣୁ ।

ପ୍ରଭୁ, ସେମାନେ ତୁମର ଅଟନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉଭୟ ଏଠାରେ ଏବଂ ବାହାରେ ବାୟୁ ମଣ୍ଡଳରେ, ମୁଁ ସେମାନଙ୍କୁ ଉପସ୍ଥାପନ କରେ ଯେଉଁମାନେକି ସେମାନଙ୍କର ଆତ୍ମାର ପରିତ୍ରାଣ ନିମନ୍ତେ ତୁମ ନିକଟରେ ହାତ ଉଠାଇଛନ୍ତି । ଆମେନ୍ ।

ସେଠାରେ ମୋ'ର ଉଲ୍ଲସିତ ପ୍ରାଣ ପାଇବ (କେଉଁଠାରେ? ଏହି ବେଦୀରେ ।)
ବିଶ୍ରାମ ଅଶେଷ...(ବିଶ୍ୱାସ ଦ୍ୱାରା ମୁଁ ସେଠାକୁ ଦେଖେ ଯେଉଁଠାକୁ ମୁଁ ଯାଉଅଛି ।)

କ୍ରୁଶ ନିକଟରେ, (ତାହାହିଁ ଅଟେ ଯେଉଁଠାରେ ବାକ୍ୟ ଝୁଲୁଅଛି ।)... ସେହି କ୍ରୁଶ,
ମୋ'ର ଗୌରବ ସର୍ବଦା ହୋଇଥାଅ ।
ଯେପର୍ଯ୍ୟନ୍ତକି ମୋ'ର ଉଲ୍ଲସିତ ପ୍ରାଣ ପାଇବ
ନଦୀ ପାର୍ଶ୍ୱରେ ବିଶ୍ରାମ ଅଶେଷ ।

ହେ ଯୀଶୁ, ମୋତେ ରଖ...(ଯାହାକି, ତାହାଙ୍କ ସହିତ କ୍ରୁଶାର୍ପିତ ହୋଇ, ଏହି ଜଗତର କିଛି ହେଲେ ଚାହେଁ ନାହିଁ । "ମୋତେ କ୍ରୁଶାର୍ପିତ କରି ରଖ ।")
ସେଠାରେ ଏକ ବହୁମୂଲ୍ୟ ନିର୍ଝର ଅଛି,
ଏହା ସମସ୍ତଙ୍କ ପାଇଁ ମୁକ୍ତ, ଏକ ଆରୋଗ୍ୟକାରୀ ନିର୍ଝର,
କାଲବରୀର ନିର୍ଝରରୁ ପ୍ରବାହିତ ହୋଇଥାଏ ।

ସେହି କ୍ରୁଶରେ, ସେହି କ୍ରୁଶରେ,
ମୋ'ର ଗୌରବ ହୋଇଥାଅ...

ଆସନ୍ତୁ ନିଜର ହାତକୁ ଉଠାଇବା ।

...ସର୍ବଦା;
ଯେପର୍ଯ୍ୟନ୍ତକି ମୋ'ର ଉଲ୍ଲସିତ ପ୍ରାଣ ପାଇବ
ନଦୀ ପାର୍ଶ୍ୱରେ ବିଶ୍ରାମ ଅଶେଷ ।

194 *ମୁଁ ମୋ'ର ତ୍ରାଣକର୍ତ୍ତାଙ୍କୁ ଡାକୁଥିବାର ଶୁଣିପାରେ ।*

ଆଖପାଖରେ କାହାରି ହାତ ଧରନ୍ତୁ, ଏବଂ କୁହନ୍ତୁ, "ଖ୍ରୀଷ୍ଟିଆନ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।"

*ମୁଁ ମୋ'ର ତ୍ରାଣକର୍ତ୍ତାଙ୍କୁ ଡାକୁଥିବାର ଶୁଣିପାରେ ।* କଅଣ ଆପଣ ତାହାଙ୍କର ଉପସ୍ଥିତିକୁ ଅନୁଭବ କରୁଛନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।]

ସେଠାରେ ବାହାରେ ଫୋନ୍‌ର ତରଙ୍ଗ ଉପରେ, ଆପଣମାନେ ସମସ୍ତେ ସେଠାରେ ପରସ୍ପର ସହିତ ହାତ ମିଶାନ୍ତୁ, ଏବଂ କୁହନ୍ତୁ, "ଖ୍ରୀଷ୍ଟିଆନ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।"

195 ଆପଣ ଜାଣନ୍ତି, ଯେ ଏଠାରେ ପଛରେ ଏକ ଜଳକୁଣ୍ଡ ଅଛି । ସେ ଏପରି ଏକ ଲୋକଙ୍କୁ ନେଉଛନ୍ତି ଯିଏକି ତାହାଙ୍କର ନାମକୁ ଧାରଣ କରିଛନ୍ତି । ଆପଣ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇ ନାହାଁନ୍ତି, ସେଠାରେ ଏକ ଜଳକୁଣ୍ଡ ଅଛି, ସେଠାରେ ପୋଷାକମାନ ଅଛି, ସେଠାରେ ଜଣେ ବ୍ୟକ୍ତି ପ୍ରସ୍ତୁତ ଅଛନ୍ତି । ଆପଣଙ୍କୁ ସ୍ୱାଗତ ଅଛି, ଯଦି ଆପଣ ପ୍ରକୃତରେ ଯୀଶୁଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ ତାହା ସତ୍ୟ ଅଟେ ।

196 ମନେରଖନ୍ତୁ, ଯେ ବାଇବଲରେ ଏପରି କୌଣସି ଜଣେ ହେଲେ ବ୍ୟକ୍ତି ନ ଥିଲେ, କିଅବା କ୍ୟାଥୋଲିକ ମଣ୍ଡଳୀର ସଂସ୍ଥାଗତ ହେବା ପୂର୍ବରୁ କୌଣସି ସମୟ ନ ଥିଲା, ଯେତେବେଳେକି କେହି କେବେ ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ଅନ୍ୟ କୌଣସି ଉପାୟରେ ବାପ୍ତିଜିତ ହୋଇଥିଲେ । ଧର୍ମଶାସ୍ତ୍ରରେ, କିମ୍ବା ଇତିହାସରେ ଏପରି କୌଣସି ସ୍ଥାନ ନାହିଁ, ଯେ କୌଣସି ବ୍ୟକ୍ତି କେବେ ଜୀବିତ ପରମେଶ୍ୱରଙ୍କ ମଣ୍ଡଳୀରେ, "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ଉପାଧିଗୁଡିକର ନାମରେ, ବାପ୍ତିଜିତ ହୋଇଥିଲେ । ଏହା ତ ଏକ କ୍ୟାଥୋଲିକ୍ ମତବାଦ ଅଟେ, ଏବଂ କୌଣସି ବାଇବଲ ଶିକ୍ଷା ନୁହେଁ ।

197 ଜଣେ ପୁରୋହିତଙ୍କ ଦ୍ୱାରା ସାକ୍ଷାତକାର କରା ଯାଉଥିବା ବେଳେ, ମୁଁ ତାଙ୍କୁ ତାହା ପଚାରିଲି । ସେ କହିଲେ, "ତାହା ସତ୍ୟ ଅଟେ । ମାତ୍ର ଆମେମାନେ ମଣ୍ଡଳୀ ଅଟୁ; ଆମେ ଯାହା ଚାହିଁବୁ ତାହା ପରିବର୍ତ୍ତନ କରିପାରିବୁ । ଏହି ଔପଚାରିକତା ମଣ୍ଡଳୀରେ ଅଛି । ପରମେଶ୍ୱର ତାହାଙ୍କର ମଣ୍ଡଳୀରେ ଅଛନ୍ତି ।"

198 ମୁଁ କହିଲି, "ପରମେଶ୍ୱର ତାହାଙ୍କର ବାକ୍ୟରେ ଅଛନ୍ତି । ଏବଂ ଯଦି ମଣ୍ଡଳୀ ହେଉଛି…" ମୁଁ କହିଲି, "ପରମେଶ୍ୱର ହେଉଛନ୍ତି ବାକ୍ୟ । ଏବଂ ଯଦି ମଣ୍ଡଳୀ ବାକ୍ୟର ବିପରୀତ ଅଟେ, ତେବେ ମୁଁ ମଣ୍ଡଳୀକୁ ବିଶ୍ୱାସ କରେ ନାହିଁ ।"

ମୁଁ ଚାହେଁ ଯେ ପ୍ରତ୍ୟେକ ମନୁଷ୍ୟର ଶବ୍ଦ ମିଥ୍ୟା ହେଉ, ସେ ପୁରୋହିତ ହୁଅନ୍ତୁ, ପୋପ୍ ହୁଅନ୍ତୁ, ସେ ଯାହା କେହି ବି ହୁଅନ୍ତୁ, ଏବଂ ପରମେଶ୍ୱରଙ୍କ ବାକ୍ୟ ସତ୍ୟ ହେଉ ।

ଆଉ ପାଉଲ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବାଧ୍ୟ କଲେ, ଏଥିରେ ଯାଏ ଆସେ ନାହିଁ ଯେ ସେ କିପରି ବାପ୍ତିଜିତ ହୋଇଥିଲେ, ଯଦି ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇ ନ ଥିଲେ, ତେବେ ସେ ଆସି ପୁନର୍ବାର ବାପ୍ତିଜିତ ହେଉନ୍ତୁ ।

199 ଆଉ କେତେକେ ପବିତ୍ରଆତ୍ମା ଗ୍ରହଣ କରିସାରିବା ପରେ, ପିତର କହିଥିଲେ, "ଏମାନେ ପବିତ୍ରଆତ୍ମା ପ୍ରାପ୍ତ ହୋଇଅଛନ୍ତି ଦେଖି, କଅଣ ଆମେ ଜଳ ନିଷେଧ କରିପାରିବା କି?" ପ୍ରେରିତ 10:47, "ଏହି ଲୋକମାନେ ଆମ୍ଭମାନଙ୍କ ପରି ପବିତ୍ରଆତ୍ମା ପ୍ରାପ୍ତ ହୋଇଅଛନ୍ତି

ଦେଖି…" ଆଉ ସେ ସେମାନଙ୍କୁ ଆଦେଶ ଦେଲେ, "ଏହା ପୂର୍ବେକି ଆପଣମାନେ ଏହି ସ୍ଥାନ ଛାଡି ଯାଆନ୍ତି, ଯଦିଓ ଆପଣ ପବିତ୍ରଆତ୍ମା ପ୍ରାପ୍ତ ହୋଇଅଛନ୍ତି, ଆସନ୍ତୁ ଓ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ।"

କାରଣ, ପିତରଙ୍କୁ ରାଜ୍ୟର ଚାବି ଦିଆଯାଇଥିଲା, ଓ କୁହାଯାଇଥିଲା, "ତୁମେ ପୃଥିବୀରେ ଯାହାକିଛି ବାନ୍ଧିବ, ମୁଁ ତାହାକୁ ସ୍ୱର୍ଗରେ ବାନ୍ଧିବି।" ଏବଂ ଏକ ଚାବି କ'ଣ କରିଥାଏ? ଏହା କିଛି ବିଷୟକୁ, ସେହି ରହସ୍ୟକୁ ଖୋଲିଥାଏ।

200 ଆଉ ଯୀଶୁ ଯେତେବେଳେ କହିଲେ, "ଯାଅ, ସେମାନଙ୍କୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ," ଅବିଶ୍ୱାସୀମାନଙ୍କୁ ଅନ୍ଧ କରିଦେବା ପାଇଁ ସେଠାରେ ତାହା କରୁଥିଲେ।

ଧ୍ୟାନ ଦିଅନ୍ତୁ! ପିତର କାହିଁକି ତାହା ଅକ୍ଷର ଅକ୍ଷରରେ, କାର୍ଯ୍ୟକାରୀ କଲେ ନାହିଁ? ତାଙ୍କୁ କରିବାକୁ ହିଁ ପଡିଲା।

ଯଦି ଜଣେ ବ୍ୟକ୍ତି "ପିତା, ପୁତ୍ର, ପବିତ୍ରଆତ୍ମା" ଉପାଧିଗୁଡିକରେ ବାପ୍ତିଜିତ ହୋଇଥା'ନ୍ତି, ତେବେ ସେ ଆଦୌ ବାପ୍ତିଜିତ ହୋଇ ନାହାଁନ୍ତି; ତାଙ୍କର କୌଣସି ନାମ ହିଁ ନାହିଁ। *ପିତା* କୌଣସି ନାମ ନୁହେଁ, *ପୁତ୍ର* କୌଣସି ନାମ ନୁହେଁ, ଏବଂ *ପବିତ୍ରଆତ୍ମା* କୌଣସି ନାମ ନୁହେଁ। ପବିତ୍ରଆତ୍ମା ହେଉଛି ତାହା ଯାହାକି ଏହା ଅଟେ; ଯେପରି, ମୁଁ ଜଣେ ମଣିଷ ଅଟେ। ତାହା ପବିତ୍ରଆତ୍ମା ଅଟନ୍ତି।

*ପିତା* ଏକ ଆଖ୍ୟା ଅଟେ; ମୁଁ ଜଣେ ପିତା। *ପୁତ୍ର* ଏକ ଆଖ୍ୟା ଅଟେ; ମୁଁ ଜଣେ ପୁତ୍ର। *ମଣିଷ* ହେଉଛି ଏକ ଆଖ୍ୟା; ସେଇଟା ତାହା ଯାହାକି ମୁଁ ଅଟେ। ମାତ୍ର ମୋ'ର ନାମ ୱିଲିୟମ୍ ବ୍ରାନହାମ୍ ଅଟେ।

ଏବଂ ପିତା, ପୁତ୍ର, ପବିତ୍ରଆତ୍ମାଙ୍କର ନାମ "ଯୀଶୁ ଖ୍ରୀଷ୍ଟ" ନାମ ଅଟେ। ଯୀଶୁ କହିଲେ, "ମୁଁ ମୋ' ପିତାଙ୍କ ନାମରେ ଆସୁଅଛି।" ପିତାଙ୍କ ନାମ କ'ଣ? କୌଣସି ପୁଅ ତା'ର ପିତାଙ୍କ ନାମରେ ଆସେ। ଏବଂ ପିତାଙ୍କ ନାମ ହେଉଛି ଯୀଶୁ ଖ୍ରୀଷ୍ଟ। ବୁଝିଲେ? ମୁଁ କ'ଣ କହୁଛି ତାହା ଦେଖୁଛନ୍ତି କି?

201 ଯଦି ମୁଁ ଆପଣଙ୍କୁ କୁହେ ଯେ ତଳେ ସହରକୁ ଯାଇ, ସହରର ମେୟରଙ୍କ ନାମରେ ଏଠାରେ କାଉଣ୍ଟରରୁ କିଛି ନେଇ ଆସନ୍ତୁ। କେତେଜଣ ଜାଣନ୍ତି ଯେ ସହରର ମେୟର କିଏ? ମୋ'ର ଭଲ ବନ୍ଧୁ, ରିଚ୍ ଭିସିଙ୍ଗ୍। ତେବେ, ଆପଣ ସେଠାକୁ ଯାଇ ଏହା କହିବେ ନାହିଁ, "ସହରର ମେୟରଙ୍କ ନାମରେ।" ଆପଣ କହିବେ, "ରିଚାର୍ଡ ଭିସିଙ୍ଗଙ୍କ ନାମରେ।" ଜେଫର୍ସନଭିଲେରେ ଥିବା ଆପଣ ଲୋକମାନେ ଜାଣନ୍ତି ଯେ ସେ କିଏ ଅଟନ୍ତି।

ଏବଂ ସେହି କାରଣରୁ ହିଁ ସେ କହିଥିଲେ, "ପିତା, ପୁତ୍ର, ଏବଂ ପବିତ୍ରଆତ୍ମା।" ତାହାଙ୍କଠାରେ ଈଶ୍ୱରତ୍ତ୍ୱ, ଶାରୀରିକ ଭାବରେ ପରମେଶ୍ୱରତ୍ତ୍ୱର ସମ୍ପୂର୍ଣ୍ଣତା ବାସ କରେ। ସେ କହିଲେ, "ସେମାନଙ୍କୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କର।"

202 ପିତର ସେଠାରେ ସେହି ପ୍ରକାଶନ ସହିତରେ ଛିଡ଼ା ହୋଇଥିଲେ ସେ କିଏ ଥିଲେ, ଯାହାର ଉପରେ ସେ ମଣ୍ଡଳୀକୁ ନିର୍ମାଣ କରିଥିଲେ, ସେ କହିଲେ, "ତୁମ୍ଭେମାନେ ସମସ୍ତେ, ଅନୁତାପ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ।" ଆଉ କେବେ…ଚାବିଗୁଡ଼ିକ ସ୍ୱର୍ଗରେ ଏବଂ ପୃଥିବୀରେ ମୋଡି ଦିଆଗଲା। "ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଅନ୍ୟ କୌଣସି ନାମ ନାହିଁ ଯେଉଁଥିରେ ତୁମେ ପରିତ୍ରାଣ ପାଇବ।"

203 ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କାହିଁକି ବାପ୍ତିଜିତ ହୁଅନ୍ତି? ପାପ କ୍ଷମା ନିମନ୍ତେ। "ତୁମେ ଯାହାର ପାପ କ୍ଷମା କର, ସେମାନଙ୍କ ପ୍ରତି ସେଗୁଡିକ କ୍ଷମା କରାଯାଏ।" ବୁଝିଲେ? ମାତ୍ର ଯଦି ଆପଣ ଭାବନ୍ତି ନାହିଁ ଯେ ସେ ବାପ୍ତିଜିତ ହେବା ପାଇଁ ଯୋଗ୍ୟ ଏବଂ ପ୍ରସ୍ତୁତ ଅଟେ, ତାହାହେଲେ ଆପଣ ତାହା କରନ୍ତୁ ନାହିଁ। କାରଣ, ଯେତେବେଳେ ଆପଣ ଏହା କରନ୍ତି, ତାହା ଏହା କରିଥାଏ, ଦେଖନ୍ତୁ। କଅଣ ଆପଣ ତାହା ବୁଝୁଛନ୍ତି ଯାହା ମୁଁ କହୁଅଛି?

ମୁଁ ମୋ'ର ତ୍ରାଣକର୍ତ୍ତା (ବାକ୍ୟ) ଙ୍କୁ ଡାକୁଥିବାର ଶୁଣିପାରେ,
(ସେଠାରେ ତଳେ କବରକୁ ଡାକୁଥିବାର।)
ମୁଁ ପାରେ…

"କଅଣ ତୁମେ ମୋ' ସହିତ ମରିବ ନାହିଁକି, ଯେପରି ତୁମେ ମୋ' ସହିତ ଉଠି ପାର?"

…ତ୍ରାଣକର୍ତ୍ତାଙ୍କୁ ଡାକୁଥିବାର,
ମୁଁ ମୋ'ର ତ୍ରାଣକର୍ତ୍ତାଙ୍କୁ ଡାକୁଥିବାର ଶୁଣିପାରେ, (ଜଗତ କ'ଣ କହିବାକୁ ଯାଉଛି?)
"ନିଜର କ୍ରୁଶ ଘେନ, ଓ ଅନୁସରଣ କର, ଅନୁସରଣ କର…"

ତେବେ, ଯଦି ଆପଣ ହୋଇନାହାଁନ୍ତି:

ଯେଉଁଠାରେ ସେ (ସେ ହେଉଛନ୍ତି ବାକ୍ୟ।) ମୋତେ କଢାଇ ନିଅନ୍ତି…(ସେଠାରେ ଜଳକୁଣ୍ଡ ଅଛି।)
ଯେଉଁଠାରେ ସେ ମୋତେ କଢାଇ ନିଅନ୍ତି ମୁଁ ଅନୁସରଣ କରିବି,
ଯେଉଁଠାରେ ସେ ମୋତେ କଢାଇ ନିଅନ୍ତି ମୁଁ ଅନୁସରଣ କରିବି,
ମୁଁ ତାହାଙ୍କ ସହିତ, ତାହାଙ୍କ ସହିତ ସମସ୍ତ ମାର୍ଗକୁ ଯିବି।

ଆସନ୍ତୁ ଆମର ମସ୍ତକଗୁଡିକୁ ନତ କରିବା।

204 ପ୍ରିୟ ପରମେଶ୍ୱର, ଜଳକୁଣ୍ଡ ପ୍ରସ୍ତୁତ ଅଟେ। ତେବେ ହେ ପ୍ରଭୁ, ହୃଦୟଗୁଡିକ ସହିତ କଥା ହୁଅନ୍ତୁ। ଏହା ହେଉ ଯେ ସେମାନେ ଖ୍ରୀଷ୍ଟଙ୍କୁ, ସେହି ବାକ୍ୟକୁ, ସେମାନଙ୍କୁ ଡାକୁଥିବାର ଶୁଣନ୍ତୁ, ଏବଂ ତାହାଙ୍କର ସହିତ ସମସ୍ତ ମାର୍ଗରେ ଯାଆନ୍ତୁ।

"ମୁଁ ତାହାଙ୍କ ସହିତ ବଗିଚା ଦେଇ ଯିବି। ମୁଁ ତାହାଙ୍କ ସହିତ ଜଳକୁଣ୍ଡକୁ ଯିବି। ମୁଁ ତାହାଙ୍କର ନାମକୁ ଗ୍ରହଣ କରିବି। ମୁଁ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହେଁ ଯାହାକୁ ସେ ତାହାଙ୍କର ନାମ ନିମନ୍ତେ ଆହ୍ୱାନ କରୁଅଛନ୍ତି। ମୁଁ ତାହାଙ୍କର ବାକ୍ୟକୁ ବିଶ୍ୱାସ

କରିବି । ମୁଁ ଅନୁସରଣ କରିବି । ମୁଁ କଦାପି ଜଗତ ସହିତ ପ୍ରେମ ଛଳନା କରିବି ନାହିଁ । ମୁଁ ଜଣେ ସତ୍ୟ, ବାଗଦତ୍ତା କନ୍ୟା ହେବି । ମୁଁ ତାହାଙ୍କର ବାକ୍ୟରୁ ଗୋଟିଏ ବିନ୍ଦୁଟିଏ ବି ଛାଡିବି ନାହିଁ । ପ୍ରତ୍ୟେକ ଅନୁରୋଧ, ମୁଁ ଜଣେ ପ୍ରକୃତ, ବାସ୍ତବିକ କନ୍ୟା ହେବି । ସେ ମୋତେ ଯାହା କରିବାକୁ ଅନୁରୋଧ କରନ୍ତି, ମୁଁ ତାହା କରିବି ।

"ଯଦି ମୋ'ର ଆସୁଥିବା ସ୍ୱାମୀ ଚାହାଁନ୍ତି ଯେ ମୁଁ ମୋ'ର କେଶ ବଢିବାକୁ ଦିଏ, ମୁଁ ତାହା କରିବି । ଯଦି ସେ ଚାହାଁନ୍ତି ଯେ ମୁଁ ଏହି ସମସ୍ତ ମେକଅପ୍ ପ୍ରସାଧନ କାଢି ଦିଏ, ମୁଁ ତାହା କରିବି । ଯଦି ସେ ଚାହାଁନ୍ତି…ସେ ମୋତେ କୁହନ୍ତି ଯେ ଏହା ଏକ ମନ୍ଦ ଆତ୍ମା ଅଟେ, ମୁଁ ଏହି କାମାସକ୍ତ-ଦିଶୁଥିବା ପୋଷାକଗୁଡିକ ସହିତ, ସେହି ମନ୍ଦ ଜଣକା ସହିତ ପ୍ରେମ ଛଳନା କରୁଅଛି; ମୁଁ ତାହା କରିବି, ମୁଁ ସେଗୁଡ଼ିକୁ ବାହାର କରିଦେବି । ମୋ'ର ସେଥିରେ ଫରକ ପଡ଼େ ନାହିଁ ଯେ ଅନ୍ୟ କେହି କ'ଣ କୁହନ୍ତି, ମୁଁ ସେଗୁଡ଼ିକୁ କାଢିଦେବି ।

"ସେ ଚାହାଁନ୍ତି ଯେ ମୁଁ ଅବିଶ୍ୱାସୀମାନଙ୍କ, ସହିତରେ ଥିବା ସେହି ଗୋଷ୍ଠୀରୁ ବାହାରି ଆସେ, ମୁଁ ତାହା କରିବି; ଯଦିଓ ମୁଁ ମୋର ରୁଟି ତିଆରି କରେ, କିମ୍ବା ତାହା ଯାହାକିଛି ବି ହେଉ । ସେ ପ୍ରତିଜ୍ଞା କରିଛନ୍ତି ଯେ ସେ ମୋତେ କେବେ ଛାଡିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ । ମୁଁ—ମୁଁ ତାହା କରିବି । ମୁଁ ତାହାଙ୍କ ସହିତ ସମସ୍ତ ମାର୍ଗରେ ଯିବି । ସେ ଚାହାଁନ୍ତି ଯେ ମୁଁ ତାହାଙ୍କ ନାମରେ ବାପ୍ତିଜିତ ହୁଏ, ମୁଁ ତାହା କରିବି ।"

ପ୍ରଭୁ, ତୁମେ ଏଠାରେ ତୁମର ବାକ୍ୟରେ ପ୍ରତିଜ୍ଞା କରିଅଛ, ତାହାହିଁ ଅଟେ ଯାହା ତୁମେ ଚାହୁଁଛ । ପ୍ରଭୁ, ପ୍ରତ୍ୟେକ ବ୍ୟକ୍ତି ଏହାକୁ ଦେଖନ୍ତୁ, ଏବଂ ମଧୁର ଭାବରେ, ନମ୍ର ଭାବରେ ଏହାକୁ ପ୍ରଣାମ କରନ୍ତୁ । ଯୀଶୁଙ୍କ ନାମରେ ମୁଁ ପ୍ରାର୍ଥନା କରେ । ଆମେନ୍ ।

205 ଆପଣ ପରମେଶ୍ୱରଙ୍କର ଅଟନ୍ତି । ଏହା ହେଉ ଯେ ପରମେଶ୍ୱର ଛୋଟ ଭଙ୍ଗା ଶବ୍ଦଗୁଡ଼ିକୁ ନିଅନ୍ତୁ ଏବଂ ସେଗୁଡିକୁ ଆପଣଙ୍କ ପାଇଁ ବାସ୍ତବିକ କରି ଦିଅନ୍ତୁ, ଏହାହିଁ ମୋ'ର ଆନ୍ତରିକ ପ୍ରାର୍ଥନା ଅଟେ ।

ଜଳକୁଣ୍ଡ ପ୍ରସ୍ତୁତ ହୋଇଯିବ । ଯେକେହି ଆସିବାକୁ ଚାହାଁନ୍ତି, ସେମାନଙ୍କର ଅଛି… ସେବକ ଏହାକୁ ଟିକିଏ ପରେ ଘୋଷଣା କରିବେ । ଯେକେହି ଅନୁତାପ କରିଛନ୍ତି ଏବଂ ଯୀଶୁ ଖ୍ରୀଷ୍ଟଙ୍କର ନାମକୁ ବ୍ୟବହାର କରି, ବାପ୍ତିଜିତ ହେବାକୁ ଚାହାଁନ୍ତି, ଆପଣ ଠିକ୍ ଆଗକୁ ଆସିଯାଆନ୍ତୁ । ସବୁକିଛି ପ୍ରସ୍ତୁତ ଅଟେ । "ସମସ୍ତ ବିଷୟ ପ୍ରସ୍ତୁତ ଅଟେ ।" ପରମେଶ୍ୱରଙ୍କ ନିମନ୍ତେ ଜୀବିତ ରହିବାରେ ସାହାଯ୍ୟ କରିବା ହେତୁ ଆମେ ଯାହାକିଛି କରିପାରିବା, ଆମେ ତାହା କରିବା ପାଇଁ ଏଠାରେ ଅଛୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

206 ତେବେ ଆସନ୍ତୁ ଛିଡା ହୋଇଯିବା । ବର୍ତ୍ତମାନ ଆମର ଛୋଟ ଗୀତ, *ମୁଁ ତାହାଙ୍କୁ ପ୍ରେମ କରେ* । "ମୁଁ ତାହାଙ୍କୁ ପ୍ରେମ କରେ କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ ।" ଆସନ୍ତୁ ବର୍ତ୍ତମାନ ସମସ୍ତେ, ଆମେ ଏହାକୁ ଗାଇବା ।

ମୁଁ ତାହାଙ୍କୁ ପ୍ରେମ କରେ,…

ଆସନ୍ତୁ ଆମେ ଏହାକୁ ଗାଉଥିବାବେଳେ ନିଜର ହାତକୁ ଉଠାଇବା।

...ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ।

ତେବେ ଆମର ମସ୍ତକ ଓ ହୃଦୟ ନତ ଥିବା ଅବସ୍ଥାରେ, ଆସନ୍ତୁ ଆମେ ଏହାକୁ ତାହାଙ୍କ ନିମନ୍ତେ ଗୁଣୁ ଗୁଣେଇବା। [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ କରି ଗାଆନ୍ତି *ମୁଁ ତାହାଙ୍କୁ ପ୍ରେମ କରେ*—ଅନୁ।]

ମୁଁ ତାହାଙ୍କୁ ପ୍ରେମ କରେ।

ହେ ପରମେଶ୍ୱର, ଆମମାନଙ୍କର ପିତା, ଦରିଦ୍ର ପ୍ରାଣୀ ଯେ ଆମେମାନେ ପ୍ରଭୁ, ଆମମାନଙ୍କ ପ୍ରତି ଦୟା କର। ଆଗକୁ ରହିଥିବା କାର୍ଯ୍ୟ ପାଇଁ ଆମକୁ ଶକ୍ତିଯୁକ୍ତ କର। ମୋତେ ସାହାଯ୍ୟ କର, ହେ ପରମେଶ୍ୱର, ମୋତେ ସାହାଯ୍ୟ କର! ପିତା, ମୁଁ ଅନୁଭବ କରୁଛି ଯେ ଠିକ୍ ଏଠାରେ କିଛି ଗୋଟାଏ ବିଷୟ ରଖା ହୋଇଛି। ହେ ପରମେଶ୍ୱର, ମୋତେ ସତ୍ୟ ଜାଣିବାରେ, ସାହାଯ୍ୟ କର। ପ୍ରିୟ ପରମେଶ୍ୱର, ଏହି ଲୋକମାନଙ୍କୁ ଆଶୀର୍ବାଦ କର। ସେମାନଙ୍କୁ ମାର୍ଗଦର୍ଶନ କର, ଯୀଶୁଙ୍କ ନାମରେ, ମୁଁ ପ୍ରାର୍ଥନା କରେ।

207 ବର୍ତ୍ତମାନ ଯେତେବେଳେ ଆମେ ନିଜର ମସ୍ତକଗୁଡିକୁ ନୁଆଁଇଅଛୁ, ମୁଁ ଏଠାରେ ପାଳକ, ଆମର ମୂଲ୍ୟବାନ ଭାଇ, ଭାଇ ନେଭିଲଙ୍କୁ ପଚାରିବାକୁ ଯାଉଛି, ବର୍ତ୍ତମାନ ଏଠାରେ ଉପରକୁ ଆସି ଯାଆନ୍ତୁ ଏବଂ ସେ କଅଣ କରିବାକୁ ଯାଉଛନ୍ତି ତାହା କୁହନ୍ତୁ, କିପରି କରିବା ବିଷୟରେ... ବାପ୍ତିସ୍ମ ବିଷୟରେ। ମୁଁ ତାହା ଘୋଷଣା କରିପାରେ। ମୁଁ ଭାବୁଛି ଯେ ବୋଧହୁଏ, ଜଳକୁଣ୍ଡ ଖୋଲା ଅଛି।

***ଏହି ମନ୍ଦ ଯୁଗର ଈଶ୍ୱର*** ORI65-0801M

(The God Of This Evil Age)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ 1, ୧୯65, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org